ISSN-0971-8397

# ଯୋଜନା

ଜାନୁଆରୀ ୨୦୧୭ | ବିକାଶମୂଳକ ମାସିକ ପତ୍ରିକା | ୨୨ ଟଙ୍କା



## ବିପର୍ଯ୍ୟୟ ପରିଚାଳନା

ସେଣ୍ଡାଇ ଚୁକ୍ତି ପରବର୍ତ୍ତୀ ପ୍ରୟାସ ଓ ଭାରତ
କିରଣ ରିଜୁ

ଭାରତର ନିରନ୍ତର ବିକାଶ ପାଇଁ ଦୁର୍ବିପାକ ପରିଚାଳନା
ପି.ଜି. ଧର ଚକ୍ରବର୍ତ୍ତୀ

ବିପର୍ଯ୍ୟୟ ପରିଚାଳନା: ତାଲିମ୍ ଓ ଦକ୍ଷତା ନିର୍ମାଣ
ଆର୍.କେ. ଜୈନ୍, ଡକ୍ଟର ତିରଫୁଗଜ

ରାସାୟନିକ ଦୁର୍ଘଟଣା: କାରଣ, ନିରାକରଣ ଓ ପରବର୍ତ୍ତୀ ପରିଚାଳନା
ଏମ୍. ସୁରିୟାନାରାୟନନ୍






### ବିଶେଷ ପ୍ରବନ୍ଧ

ବିପର୍ଯ୍ୟୟ ପରିଚାଳନା: ଆହତଙ୍କୁ ତୁରନ୍ତ ଚିକିତ୍ସା ଓ ଯତ୍ନର ଗୁରୁତ୍ୱ
ଅମିତ୍ ଗୁପ୍ତ, ମହେଶ ଚନ୍ଦ୍ର ମିଶ୍ର

### ଫୋକସ୍

ବିକାଶ ଓ ବିପର୍ଯ୍ୟୟ ଭୟ ହ୍ରାସ
ସନ୍ତୋଷ କୁମାର

# ବିକାଶର ରୋଡ୍‌ମ୍ୟାପ୍

## ଗ୍ରାମାଂଚଳରେ "ସମସ୍ତଙ୍କ ପାଇଁ ଆବାସ"

ପ୍ରଧାନମନ୍ତ୍ରୀ ଗ୍ରାମାଂଚଳରେ ସମସ୍ତଙ୍କ ପାଇଁ ଆବାସ ଯୋଜନାର ଶୁଭାରମ୍ଭ କରିଛନ୍ତି। ଏହି ଯୋଜନାରେ ସରକାର ୨୦୨୨ ମସିହା ସୁଦ୍ଧା ସମସ୍ତ ଗ୍ରାମାଂଚଳ ପରିବାର ପାଇଁ ପରିବେଶ ଅନୁଯାୟୀ ସୁରକ୍ଷିତ ଓ ପକ୍କା ଘର ଯୋଗାଇଦେବାକୁ ଲକ୍ଷ୍ୟ ରଖିଛନ୍ତି। ଏହି ପ୍ରଧାନମନ୍ତ୍ରୀ ଆବାସ ଯୋଜନା (ଗ୍ରାମୀଣ)ର ପ୍ରଥମ ପର୍ଯ୍ୟାୟରେ ୨୦୧୯ ମାର୍ଚ୍ଚ ସୁଦ୍ଧା ଏକ କୋଟି ପକ୍କାଘର ନିର୍ମାଣ କାର୍ଯ୍ୟ ଶେଷ କରିବାକୁ ଲକ୍ଷ୍ୟ ରଖାଯାଇଛି। ଏହି ଘରଗୁଡ଼ିକର ନିର୍ମାଣ ମୂଲ୍ୟ ଆଶାତୀତ ଭାବେ ବୃଦ୍ଧି ପାଇଛି ଏବଂ ପ୍ରତି ଘର ପାଇଁ ୧.୫ ଲକ୍ଷରୁ ୧.୬ ଲକ୍ଷ ଟଙ୍କା ଲେଖାଏଁ ସର୍ବନିମ୍ନ ସହାୟତା ଦିଆଯିବାକୁ ସ୍ଥିର କରାଯାଇଛି। ଯଦି ହିତାଧିକାରୀ ଚାହାନ୍ତି ତେବେ ସେମାନେ ୭୦ ହଜାର ଟଙ୍କା ପର୍ଯ୍ୟନ୍ତ ବ୍ୟାଙ୍କ୍ ଋଣ ମଧ୍ୟ ପାଇପାରିବା ସୁଯୋଗ ରହିଛି। ୨୦୧୧ ସାମାଜିକ ଓ ଅର୍ଥନୈତିକ ଜନଗଣନା ତଥ୍ୟ ଆଧାରରେ ହିତାଧିକାରୀଙ୍କୁ ସମ୍ପୂର୍ଣ୍ଣ ସ୍ୱଚ୍ଛ ପ୍ରକ୍ରିୟାରେ ଚିହ୍ନଟ କରାଯାଉଛି ଏବଂ ଏହି ଚିହ୍ନଟ ପ୍ରକ୍ରିୟାକୁ ଗ୍ରାମସଭାରେ ଅନୁମୋଦନ କରାଯାଉଛି।

ସ୍କିଲ୍ ଇଣ୍ଡିଆ, ଡିଜିଟାଲ୍ ଇଣ୍ଡିଆ, ମେକ୍ ଇନ୍ ଇଣ୍ଡିଆ, ସିଧାସଳଖ ସୁବିଧା ହସ୍ତାନ୍ତର, ଆଧାର ପ୍ଲାଟଫର୍ମ ଏବଂ ପ୍ରଧାନମନ୍ତ୍ରୀ ଜନଧନ ଯୋଜନାକୁ ଆଗକୁ ବଢ଼ାଇବା ପାଇଁ ପ୍ରଧାନମନ୍ତ୍ରୀ ଆବାସ ଯୋଜନା (ଗ୍ରାମୀଣ) ଏକ ପ୍ରମୁଖ ପଦକ୍ଷେପ। ଏହି କାର୍ଯ୍ୟକ୍ରମ ମାଧ୍ୟମରେ ୨୦୧୯ ସୁଦ୍ଧା ୫ ଲକ୍ଷ ଗ୍ରାମୀଣ ରାଜମିସ୍ତ୍ରୀଙ୍କୁ ଦକ୍ଷ ତାଲିମ୍ ଦିଆଯିବା ସହିତ ଦେଶର ବିଭିନ୍ନ ସ୍ଥାନର ଘର ତିଆରି ପ୍ରଣାଳୀ, ପ୍ରାକୃତିକ ବିପର୍ଯ୍ୟୟ ଓ ପରିବାରର ଆବଶ୍ୟକତାକୁ ଦୃଷ୍ଟିରେ ରଖି ୨୦୦ ବିଭିନ୍ନ ପ୍ରକାରର ଘରର ଡିଜାଇନ୍ ଉପଲବ୍ଧ କରାଯାଉଛି। ଏଥିରେ ସ୍ଥାନୀୟ ଜିନିଷର ବ୍ୟବହାର ସହିତ ପ୍ରତି ଘରେ ରୋଷେଇ ପାଇଁ ସ୍ଥାନ, ବିଜୁଳି ବ୍ୟବସ୍ଥା, ରନ୍ଧନ ଗ୍ୟାସ୍, ପାଇଖାନା ଓ ଗାଧୁଆ ଘର, ପିଇବା ପାଣି ସୁବିଧା ଆଦି ଉପଲବ୍ଧ ହେବ। ଗରିବ ହିତାଧିକାରୀମାନେ ଏହି ସୁବିଧା ପାଇବା ପାଇଁ ଏହି କାର୍ଯ୍ୟକ୍ରମରେ ଲକ୍ଷ୍ୟ ରଖାଯାଇଛି ଏବଂ ସୂଚନା ଯୋଗାଯୋଗ ପ୍ରଯୁକ୍ତି ବିଦ୍ୟା ଓ ମହାକାଶ ପ୍ରଯୁକ୍ତିବିଦ୍ୟା ବ୍ୟବହାର କରାଯାଇ ସଠିକ୍ ହିତାଧିକାରୀ ଚୟନ ଓ କାର୍ଯ୍ୟର ଅଗ୍ରଗତି ସମ୍ପର୍କରେ ତଦାରଖ କରାଯାଉଛି। ଏଥିରେ ସମସ୍ତ କାରବାର ପାଇଁ ସିଧାସଳଖ ସୁବିଧା ହସ୍ତାନ୍ତର ପ୍ରକ୍ରିୟା ମାଧ୍ୟମରେ ବ୍ୟାଙ୍କ୍ ଆକାଉଟେଣ୍ଟସହ ଆଧାର ନମ୍ବର ସଂଯୋଗ କରାଯାଇଛି। ଏଥିସହ ହିତାଧିକାରୀମାନେ ସ୍ୱଚ୍ଛତା ଓ ଉତ୍ତରଦାୟିତ୍ୱ ରକ୍ଷା କରିବା ପାଇଁ କୁହାଯାଇଛି। ହିତାଧିକାରୀମାନଙ୍କୁ ମଧ୍ୟ ଆଲୋଚନା ମାଧ୍ୟମରେ ବୁଝାଇବା ବ୍ୟବସ୍ଥା ରହିଛି। ଗ୍ରାମୀଣ ରାଜମିସ୍ତ୍ରୀଙ୍କୁ ୪୫ ଦିନିଆ କାର୍ଯ୍ୟକ୍ଷେତ୍ରରେ ତାଲିମ୍ ପ୍ରଦାନ କରାଯାଉଛି । ଏହାଦ୍ୱାରା ସେମାନେ ଆହୁରି ସଫଳ ହୋଇପାରିବେ।

# ଯୋଜନା

**ଚତୁର୍ବିଂଶ ବର୍ଷ: ଚତୁର୍ଥ ସଂଖ୍ୟା : ଜାନୁୟାରୀ ୨୦୧୭**

## ଏ ସଂଖ୍ୟାରେ...


| କ୍ର.ସଂ. | ସୃଷ୍ଟି | ସ୍ରଷ୍ଟା | ପୃଷ୍ଠା |
|---|---|---|---|
| ୧. | ସଂପାଦକୀୟ | | ୪ |
| ୨. | ସେଣ୍ଡାଇ ଚୁକ୍ତି ପରବର୍ତ୍ତୀ ପ୍ରୟାସ ଓ ଭାରତ | କିରେନ ରିଜିଜୁ | ୫ |
| ୩. | ଭାରତର ନିରନ୍ତର ବିକାଶ ପାଇଁ ଦୁର୍ବିପାକ ପରିଚାଳନା | ଡକ୍ଟର ପି.ଜି. ଧର ଚକ୍ରବର୍ତ୍ତୀ | ୮ |
| ୪. | ବିପର୍ଯ୍ୟୟ ପରିଚାଳନା : ତାଲିମ ଓ ଦକ୍ଷତା ନିର୍ମାଣ | ଆର୍.କେ. ଜୈନ, ଡକ୍ଟର ତିରୁଫୁଗଜ | ୧୩ |
| ୫. | ମାନସିକ ଅବସାଦ ଓ ମନସ୍ତାତ୍ତ୍ୱିକ ପ୍ରାଥମିକ ସହାୟତା | ଡକ୍ଟର ହରିହରନ୍ ଓ ଅମ୍ରିନ ଖାଁ | ୧୭ |
| ୬. | ବିପର୍ଯ୍ୟୟ ପରିଚାଳନା : ଆହତଙ୍କୁ ତୁରନ୍ତ ଚିକିତ୍ସା ଓ ଯତ୍ନର ଗୁରୁତ୍ୱ | ଡକ୍ଟର ଅମିତ ଗୁପ୍ତ<br>ପ୍ରଫେସର ମହେଶ ଚନ୍ଦ୍ର ମିଶ୍ର | ୨୦ |
| ୭. | ଜୈବିକ ବିପର୍ଯ୍ୟୟର କାରଣ ଓ ନିରାକରଣ | ଡକ୍ଟର ଅର୍ଚ୍ଚନା ସୁଦ୍ | ୨୭ |
| ୮. | ରାସାୟନିକ ଦୁର୍ଘଟଣା: କାରଣ, ନିରାକରଣ ଓ ପରବର୍ତ୍ତୀ ପରିଚାଳନା | ଏମ୍. ସୁରିୟାନାରାୟନନ୍ | ୩୨ |
| ୯. | ଅନ୍ତର୍ଜାତୀୟ ସ୍ତରରେ ଦୁର୍ବିପାକ କ୍ଷୟକ୍ଷତି ପରିଚାଳନା | କମଲ୍ କିଶୋର | ୩୭ |
| ୧୦. | ବିପର୍ଯ୍ୟୟ ପରିଚାଳନାରେ ଗଣମାଧ୍ୟମ ଉପଯୋଗ | ଡକ୍ଟର ପ୍ରଦୀପ ମହାପାତ୍ର | ୪୨ |
| ୧୧. | ବିକାଶ ଓ ବିପର୍ଯ୍ୟୟ ଭୟ ହ୍ରାସ | ପ୍ରଫେସର ସନ୍ତୋଷ କୁମାର | ୪୬ |
| ୧୨. | ଦୁର୍ବିପାକ ପରିଚାଳନାରେ ଫଳପ୍ରଦ ଯୋଗାଯୋଗର ଭୂମିକା | ସି. କେ. ନାୟକ | ୫୦ |
| ୧୩. | ଇ-କାରବାର | | ୫୩ |
| ୧୪. | ଆପଣ ଜାଣନ୍ତି କି ? | | ୫୪ |



**ମୁଖ୍ୟ ସଂପାଦକ ଓ ନିର୍ଦ୍ଦେଶକ : ଦୀପିକା କଛଲ**
**ସଂପାଦକ ଓ ସହ ନିର୍ଦ୍ଦେଶକ : ଡକ୍ଟର ଗିରୀଶ ଚନ୍ଦ୍ର ଦାଶ**

**ଯୁଗ୍ମ ନିର୍ଦ୍ଦେଶକ (ଉତ୍ପାଦନ): ଭି. କେ. ମିନା**
**ବ୍ୟବସାୟ ପରିଚାଳନା : ସୂର୍ଯ୍ୟକାନ୍ତ ଶର୍ମା**



*Editor*
**YOJANA (ODIA)**
C/O : Assistant Director, (News)
Regional News Unit,
All India Radio,
Cantonment Road,
Cuttack-753001
Phone : 9437073438
Website :
www.publicationsdivision.nic.in
Email : odiayojana@gmail.com
Subscription & Business Queries :
pdjucir@yahoo.co.in
Ph. : 011-26100207


**ଯୋଜନାରେ ପ୍ରକାଶିତ ପ୍ରବନ୍ଧରେ ବ୍ୟକ୍ତ ବିଚାର ଲେଖକଙ୍କ ନିଜସ୍ୱ ଅଟେ । 'ଯୋଜନା' ହେଉଛି ପରିକଳ୍ପନା ଓ ଉନ୍ନୟନର ମାସିକ ମୁଖପତ୍ର । ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟ ପକ୍ଷରୁ ପ୍ରକାଶିତ ହେଉଥିଲେ ମଧ୍ୟ ଏହାର ପରିସର କେବଳ ସରକାରୀ ଦୃଷ୍ଟିକୋଣ ପ୍ରକାଶନରେ ସୀମାବଦ୍ଧ ନୁହେଁ ।**

# ସମ୍ପାଦକୀୟ

ଦୁର୍ବିପାକ, ଏହା ପ୍ରାକୃତିକ ହେଉ ବା ମନୁଷ୍ୟକୃତ, ସୃଷ୍ଟିର କେଉଁ ଆଦିମ କାଳରୁ ଏହା ମାନବ ସମାଜର ଏକ ଅଂଶ ହୋଇ ରହିଆସିଛି। ମାନବ ସମାଜ ସୃଷ୍ଟି ହେବା ପୂର୍ବରୁ ପୃଥିବୀପୃଷ୍ଠରେ ବିଚରଣ କରୁଥିବା ଡାଇନୋସର୍, ହାତୀ ଭଳି ଜୀବ, ସାଇବେରୀୟ ବାଘ ଆଦି ଜୀବଜନ୍ତୁ ପ୍ରାକୃତିକ ଦୁର୍ବିପାକ, ଜଳବାୟୁ ପରିବର୍ତ୍ତନ, ଖାଦ୍ୟ ଓ ବାସସ୍ଥାନ ଅଭାବ କିମ୍ବା ଉଲ୍‌କାପାତ ଯୋଗୁଁ ଲୋପ ପାଇଯାଇଥିବା ବିଶ୍ୱାସ କରାଯାଏ। ସିନ୍ଧୁ ସଭ୍ୟତାର ଲୋପ ପାଇବା କାରଣକୁ ମଧ୍ୟ ଐତିହାସିକମାନେ କୌଣସି ଦୁର୍ବିପାକ ଯେପରିକି ନଦୀର ଗତିପଥ ପରିବର୍ତ୍ତନ, ମରୁଡି ବା ମହାମାରୀକୁ ଦାୟୀ କରନ୍ତି। ବନ୍ୟା ପରି ପ୍ରାକୃତିକ ବିପର୍ଯ୍ୟୟରୁ ଜୀବଜନ୍ତୁମାନଙ୍କୁ ରକ୍ଷା କରିବା ପାଇଁ ନୋଆସ୍ ଆର୍କ ତିଆରି କରାଯାଇଥିଲା। ଭାରତ ଉପମହାଦେଶ ବିଶ୍ୱର ସବୁଠାରୁ ଅଧିକ ଦୁର୍ବିପାକ ପ୍ରବଣ ଅଂଚଳ ମଧ୍ୟରେ ଆସିଥାଏ। ଦେଶର ବର୍ତ୍ତମାନର ଭୂମିକମ୍ପ ଜୋନ୍ ମାନଚିତ୍ରରେ ଭାରତର ସ୍ଥଳଭାଗର ୫୯ ପ୍ରତିଶତରୁ ଅଧିକ ଅଂଚଳ ଭୂମିକମ୍ପ ଦ୍ୱାରା ସାମାନ୍ୟରୁ ବହୁଳଭାବେ ପ୍ରଭାବିତ ହେବା ଆଶଙ୍କା ରହିଛି। ଭାରତର ସମୁଦାୟ ୩୨୯ ମିଲିୟନ୍ ହେକ୍ଟର ଭୌଗୋଳିକ ଅଂଚଳରୁ ୪୦ ମିଲିୟନ୍ ହେକ୍ଟର ବନ୍ୟାପ୍ରବଣ ଭାବେ ଚିହ୍ନଟ ହୋଇଛି। ପ୍ରତିବର୍ଷ ବନ୍ୟାଦ୍ୱାରା ୭୫ ଲକ୍ଷ ହେକ୍ଟର ଜମି ପ୍ରଭାବିତ ହେବା ସହ ୧୬୦୦ ଜୀବନହାନୀ ଘଟୁଛି ଏବଂ ଫସଲ ହାନୀ, ଘର ଓ ସର୍ବସାଧାରଣ ସମ୍ପତ୍ତିକୁ ମିଶାଇ ୧୮୦୫ କୋଟି ଟଙ୍କାର କ୍ଷତି ହେଉଛି।

ଦୁର୍ବିପାକ ତେଣୁ ମନୁଷ୍ୟ ସମାଜ ପାଇଁ ନୂଆ ନୁହେଁ। ମରୁଡି, ବନ୍ୟା, ମହାମାରୀ, ଭୂମିକମ୍ପ, ସୁନାମୀ ଆଦି ମନୁଷ୍ୟ ସମାଜ ସବୁପ୍ରକାର ଦୁର୍ବିପାକର ସମ୍ମୁଖିନ ହେଉଛି। ଏବଂ ବର୍ତ୍ତମାନ ସୁଦ୍ଧା ସଂଘର୍ଷ କରି ବଂଚିରହିଛି। ଏହା ଆଶ୍ଚର୍ଯ୍ୟଜନକ ଯେ ମନୁଷ୍ୟ ଏସବୁ ସତ୍ତ୍ୱେ ବିଭିନ୍ନ କଷ୍ଟକର ସମୟକୁ ଅତିକ୍ରମ କରି ପରିସ୍ଥିତି ସହ ଖାପଖୁଆଇ ଚଳିପାରୁଛି। ନିକଟରେ ଚେନ୍ନାଇରେ ଘଟିଯାଇଥିବା ବନ୍ୟା ପରିସ୍ଥିତି ସମୟରେ ଲୋକମାନେ ମାନବିକତା ଦେଖାଇ ପରସ୍ପର ପରସ୍ପରକୁ ସାହାଯ୍ୟ କରିଥିଲେ। ତେବେ ବିପର୍ଯ୍ୟୟକୁ କେବଳ ମାନବିକ ଉଦ୍ୟମ ଦ୍ୱାରା ପ୍ରଶମିତ କରିହେବ ନାହିଁ। ସରକାର ଓ ସମାଜ ଦୁର୍ବିପାକ ପରିଚାଳନା କରିବା ପାଇଁ ପ୍ରସ୍ତୁତ ରହିବା ସହ ଯୋଜନା କରିବା ଆବଶ୍ୟକ। କାରଣ ଯେତେବେଳେ ଦୁର୍ବିପାକ ଆସିଥାଏ ସେତେବେଳେ ପ୍ରସ୍ତୁତ ହେବା ପାଇଁ ସମୟ ମିଳିନଥାଏ। ବାହାଘର ବେଳେ ବାଇଗଣ ରୋଇବା ଉଚିତ୍ ନୁହେଁ। ଜାତୀୟ ଦୁର୍ବିପାକ ପରିଚାଳନା ପ୍ରତିଷ୍ଠାନ ଓ ଜାତୀୟ ଦୁର୍ବିପାକ ପରିଚାଳନା ଅଥରିଟି ଦୁର୍ବିପାକ ପରିଚାଳନା ନେଇ ପୂର୍ବରୁ ଯୋଜନା ପ୍ରସ୍ତୁତ କରିଥାଆନ୍ତି। ପରିବେଶ ଅସନ୍ତୁଳନ, ଜନସଂଖ୍ୟା ବୃଦ୍ଧି, ସହରୀକରଣ ଯୋଗୁଁ ବିଶ୍ୱବ୍ୟାପୀ ଦୁର୍ବିପାକରେ ବ୍ୟାପକ ଧନଜୀବନ ହାନୀ ବୃଦ୍ଧି ପାଉଛି। ୧୯୮୪ ମସିହାର ଭୋପାଳ ଗ୍ୟାସ୍ ଦୁର୍ଘଟଣା, ୨୦୧୩ର ଉତ୍ତରାଖଣ୍ଡ ବନ୍ୟା ବିପ୍ରାତ, ୨୦୧୧ର ଫୁକୁସିମା ପରମାଣୁ ରିଆକ୍ଟର ଦୁର୍ଘଟଣା ଯୋଗୁଁ ବହୁ ଜୀବନହାନୀ ଘଟିବା ସହ ବ୍ୟାପକ କ୍ଷୟକ୍ଷତି ହୋଇଛି। ଏହିସବୁ ଦୁର୍ଘଟଣାଗୁଡ଼ିକ ମନୁଷ୍ୟକୃତ ଏବଂ ଏଗୁଡ଼ିକୁ ଏଡାଇ ଦିଆଯାଇ ପାରିଥାଆନ୍ତା।

ପ୍ରାକୃତିକ ଦୁର୍ବିପାକ କୌଣସି ପୂର୍ବ ସୂଚନା ନଦେଇ ଆସିଥାଏ। ଯେପରିକି ଭାରତ ମହାସାଗରରେ ହୋଇଥିବା ସୁନାମୀ। ଏହା ତତ୍‌କ୍ଷଣାତ୍ ଆସି ବହୁ ଲୋକଙ୍କ ମୃତ୍ୟୁ ଘଟାଇବା ସହ ବ୍ୟାପକ କ୍ଷତି ପହଂଚାଇଥିଲା। ଏହିସବୁ ଦୁର୍ବିପାକ ମାଧ୍ୟମରେ ପ୍ରକୃତି ମନୁଷ୍ୟ ସମାଜକୁ ନିଜର ଶକ୍ତି ପ୍ରଦର୍ଶିତ କରିଥାଏ। ଏଗୁଡ଼ିକୁ ମଧ୍ୟ ପରିଚାଳନା କରିବା ଆବଶ୍ୟକ। ଏଥିପାଇଁ ଦୁର୍ବିପାକ ପରବର୍ତ୍ତୀ ପରିଚାଳନା କରାଯିବା ଉଚିତ୍। କୌଣସି ଜରୁରୀକାଳୀନ ସ୍ଥିତିର ମୁକାବିଲା କରିବା ପାଇଁ ପ୍ରସ୍ତୁତ ହୋଇ ଦୁର୍ବିପାକ ସ୍ଥଳରେ ଶୀଘ୍ର ପହଂଚିପାରିବା ଭଳି ଏକ ଦୁର୍ବିପାକ ପ୍ରଶମନକାରୀ ଦଳର ଆବଶ୍ୟକତା ରହିଛି। ଭଙ୍ଗା କାନ୍ଥ ତଳୁ ଆର୍ତ୍ତଚିତ୍କାର କରୁଥିବା ଲୋକ ବା ଭୂମିତଳେ ପୋତି ହୋଇ ରହିଥିବା ଲୋକଙ୍କୁ ଶୀଘ୍ର ଉଦ୍ଧାର କରାଯିବା ଆବଶ୍ୟକ। ଜରୁରୀକାଳୀନ ସ୍ୱାସ୍ଥ୍ୟସେବା ଯୋଗାଇଦେବା ପାଇଁ ଏକ ସ୍ୱାସ୍ଥ୍ୟସେବା ଦଳ ଦୁର୍ଘଟଣା ସ୍ଥଳରେ ପହଂଚିବା ଜରୁରୀ। ଏଭଳି ଜୀବନ ମୃତ୍ୟୁର ସନ୍ଧିକ୍ଷଣରେ ମାନସିକ ଚିକିତ୍ସା ଯୋଗାଇଦେବା ଅପରିହାର୍ଯ୍ୟ। ଦୁର୍ଘଟଣାସ୍ଥଳରେ ନିଜ ପ୍ରିୟ ପରିଜନଙ୍କୁ ଠାବ କରିବା ପାଇଁ ଲୋକେ ବ୍ୟସ୍ତ ହେବା ଚିନ୍ତାର ଅନ୍ୟ ଏକ କାରଣ। ଏହିସବୁ ଆବଶ୍ୟକତାକୁ ପୂରଣ କରିବା ପାଇଁ ଜାତୀୟ ବିପର୍ଯ୍ୟୟ ପ୍ରଶମନ ବଳ ଗଠନ କରାଯାଇଥିଲା। ଲୋକଙ୍କୁ ସଚେତନ କରାଇବା ମଧ୍ୟ ସମାନଭାବେ ଗୁରୁତ୍ୱ ବହନ କରେ କାରଣ ବେଳେବେଳେ ସାମାନ୍ୟ ଜ୍ଞାନ ମଧ୍ୟ ଦୁର୍ବିପାକର ଭୟାବହ ପରିଣାମ ପ୍ରଶମନ କରିବାରେ ସାହାଯ୍ୟ କରିଥାଏ। ଦୁର୍ବିପାକ ପ୍ରବଣ ଅଂଚଳର ଲୋକଙ୍କୁ ଦୁର୍ବିପାକ ଆସିବା ପୂର୍ବରୁ ଜାଣିପାରିବା ଭଳି ତାଲିମ୍ ଦିଆଯିବା ସହ ଦୁର୍ବିପାକ ପରେ କିଭଳି କାର୍ଯ୍ୟକ୍ରମ ଗ୍ରହଣ କରିବେ ସେନେଇ ମଧ୍ୟ ଶିକ୍ଷା ଦିଆଯିବା ଆବଶ୍ୟକ। ଫଳପ୍ରଦ ଯୋଗାଯୋଗ ହେଉଛି ଏହି ସମୟରେ ସଫଳତା ପାଇବାର ଚାବିକାଠି। ଓଡିଶାରେ ନିକଟରେ ହୋଇଥିବା ବନ୍ୟା ସମୟରେ କରାଯାଇଥିବା ଯୋଗାଯୋଗ ରଣନୀତି ଦ୍ୱାରା ଦୁର୍ବିପାକ ପରିଚାଳନା ଏହାର ଏକ ସଫଳ ଉଦାହରଣ। କୌଣସି ସମୟରେ ଦୁର୍ବିପାକ ଘଟିପାରେ। ଆମେ ଏହାକୁ ବନ୍ଦ୍ କରିପାରିବା ନାହିଁ ମାତ୍ର ଆମର ଜ୍ଞାନ ଦ୍ୱାରା ଆମେ ଏହାକୁ ସୀମିତ କରିଦେଇପାରିବା। ଫଳରେ ବହୁ ଜୀବନ ହାନୀ ହେବାରୁ ରକ୍ଷା ପାଇଯିବ। ବେଞ୍ଜାମିନ୍ ଫ୍ରାଙ୍କ୍‌ଲିନ୍ ଯଥାର୍ଥରେ କହିଛନ୍ତି "ପ୍ରତିକାରଠାରୁ ସୁରକ୍ଷିତ ରହିବା ବେଶ୍ ଭଲ"।

# ସେଣ୍ଡାଇ ଚୁକ୍ତି ପରବର୍ତ୍ତୀ ପ୍ରୟାସ ଓ ଭାରତ

## କିରେନ ରିଜିଜୁ

୨୦୧୫ ମାର୍ଚ୍ଚ ୧୮ ଏକ ଐତିହାସିକ ଦିବସ। ଏହି ଦିନ ଭାରତ ସମେତ ମିଳିତ ଜାତିସଂଘର ୧୮୮ଟି ରାଷ୍ଟ୍ର ସେଣ୍ଡାଇ ଚୁକ୍ତିକୁ ଅନୁମୋଦନ କରିଥିଲେ। ବିପର୍ଯ୍ୟୟ ଭୟ ହ୍ରାସ ସଂକ୍ରାନ୍ତ ଜାତିସଂଘର ତୃତୀୟ ସମ୍ମିଳନୀ ଯାହା ଜାପାନର ସେଣ୍ଡାଇ ସହରରେ ୨୦୧୫ରେ ଅନୁଷ୍ଠିତ ହୋଇଥିଲା ସେଥିରେ ବିପର୍ଯ୍ୟୟର ମୁକାବିଲା, ପରିଚାଳନା, ପ୍ରକୋପହ୍ରାସ ଓ ଥଇଥାନ ତଥା ପୁନର୍ବାସ ସମ୍ପର୍କରେ ଏକ ୧୫ ବର୍ଷିଆ ଯୋଜନା ଢାଞ୍ଚା ପ୍ରସ୍ତୁତ କରାଯାଇଥିଲା। ସେହି ଢାଞ୍ଚାକୁ ଆଧାର କରି ୨୦୩୦ ପର୍ଯ୍ୟନ୍ତ ବିପର୍ଯ୍ୟୟ ପରିଚାଳନା ପାଇଁ ପଦକ୍ଷେପ ନେବାକୁ ସାରା ବିଶ୍ୱର ବିଭିନ୍ନ ରାଷ୍ଟ୍ରଙ୍କୁ ପରାମର୍ଶ ଦିଆଯାଇଥିଲା। ଏଥିରେ ସାତଟି ଲକ୍ଷ୍ୟ ଧାର୍ଯ୍ୟ ହୋଇଥିବାବେଳେ ୪ଟିକୁ ଅଗ୍ରାଧିକାର ପ୍ରଦାନ କରାଯାଇଥିଲା। ଏହି ୪ଟି ଅଗ୍ରାଧିକାର ବିଷୟ ହେଲା ୧) ସମ୍ଭାବ୍ୟ ବିପଦ ବା ବିପର୍ଯ୍ୟୟର ରୂପରେଖକୁ ବୁଝିବା, ୨) ବିପଦକାଳୀନ ପରିଚାଳନାକୁ ମଜବୁତ କରିବା, ୩) ବିପର୍ଯ୍ୟୟର ମୁକାବିଲା ସହିତ ସେଥିରୁ ମୁଣ୍ଡ ଟେକି ଥଇଥାନ ହେବା ପାଇଁ ବିଭିନ୍ନ ବ୍ୟବସ୍ଥାରେ ଆବଶ୍ୟକ ନିବେଶ କରିବା ଏବଂ ୪) ବିପର୍ଯ୍ୟୟର ମୁକାବିଲା ପାଇଁ ଦକ୍ଷତା ବା ସାମର୍ଥ୍ୟ ବୃଦ୍ଧି କରି ଏହା ପରେ ଅଧିକ ନିରାପତ୍ତା ବ୍ୟବସ୍ଥା ନିର୍ମାଣ କରିବା। ଏହି ଚୁକ୍ତିରେ ବିପର୍ଯ୍ୟୟରେ ଧନ ଜୀବନ ହାନିକୁ ଯଥାସାଧ୍ୟ ସୀମିତ କରିବା ଏବଂ ଆର୍ଥିକ ଓ ଅନ୍ୟାନ୍ୟ କ୍ଷୟକ୍ଷତି ଯେପରି କମ୍ ହୁଏ ସେଥିପାଇଁ ଆବଶ୍ୟକ ପଦକ୍ଷେପ ନେବାକୁ ଗୁରୁତ୍ୱ ଦିଆଯାଇଛି। ସେହିଭଳି ସ୍ଥାନୀୟ ଓ ଜାତୀୟ ସ୍ତରରେ ବିପର୍ଯ୍ୟୟର ମୁକାବିଲା ପାଇଁ ନୂଆ କୌଶଳ, ଉପାୟ ବାହାର କରିବା ସହ ଦକ୍ଷତା ନିର୍ମାଣ ମଧ୍ୟ ଅଗ୍ରାଧିକାର ପାଇଛି। ବିପର୍ଯ୍ୟୟ ପ୍ରଶମନ ଓ ମୁକାବିଲା କ୍ଷେତ୍ରରେ ଆଗୁଆ ସୂଚନା ଆନ୍ତର୍ଜାତିକ ସହଯୋଗ ଉପରେ ଏହି ଚୁକ୍ତି ଗୁରୁତ୍ୱ ଦେଇଛି। ୨୦୦୫ରେ ଏ ସଂକ୍ରାନ୍ତ ଯେଉଁ ହ୍ୟୋଗ ଚୁକ୍ତି ସମ୍ପନ୍ନ ହୋଇଥିଲା ସେଣ୍ଡାଇ ଚୁକ୍ତି ତା'ଠାରୁ ଅଧିକ ଉନ୍ନତ ଏବଂ ବ୍ୟାପକ। ଏଥିରେ ନିର୍ଦ୍ଦିଷ୍ଟ ଲକ୍ଷ୍ୟ ହାସଲ ପାଇଁ ସମୟ ସୀମା ଧାର୍ଯ୍ୟ ହୋଇଛି। ଏହି ଚୁକ୍ତିରେ ଭାରତ ସ୍ୱାକ୍ଷର କରିଥିବାରୁ ଏହାର ନୀତି ମୁତାବକ ନିଜର ବିପର୍ଯ୍ୟୟ ପରିଚାଳନା କାର୍ଯ୍ୟକ୍ରମକୁ ହାତକୁ ନେଇଛି। ସେଣ୍ଡାଇ ଚୁକ୍ତି ପରେ କେନ୍ଦ୍ର ସରକାର ଏ କ୍ଷେତ୍ରରେ ନେଇଥିବା ପଦକ୍ଷେପଗୁଡ଼ିକ ଉଲ୍ଲେଖଯୋଗ୍ୟ। ଇତିମଧ୍ୟରେ ଭାରତ ଏସୀୟ ରାଷ୍ଟ୍ରଗୁଡ଼ିକର ମନ୍ତ୍ରୀମାନଙ୍କର ଏକ ବୈଠକ ଗତ ନଭେମ୍ବରରେ ନୂଆଦିଲ୍ଲୀରେ ଆୟୋଜନ କରି ବିପର୍ଯ୍ୟୟର ମୁକାବିଲା ସମ୍ପର୍କରେ ମିଳିତ ପଦକ୍ଷେପ ଓ କୌଶଳ ନିର୍ମାଣ ସମ୍ପର୍କରେ କେତେକ ନିଷ୍ପତ୍ତି ନେଇଛି। ଏହି ବୈଠକ ବେଶ୍ ସଫଳତାର ସହ

**ବିପର୍ଯ୍ୟୟ ପରିଚାଳନା ପାଇଁ ପାଣ୍ଠିର ବିଶେଷ ଆବଶ୍ୟକତା ଥିବାରୁ ଚତୁର୍ଦ୍ଦଶ ଅର୍ଥ କମିଶନଙ୍କ ସୁପାରିସ ଆଧାରରେ କେନ୍ଦ୍ର ସରକାର ରାଜ୍ୟ ବିପର୍ଯ୍ୟୟ ମୁକାବିଲା ପାଣ୍ଠି ପାଇଁ ୬୧,୨୨୦ କୋଟି ଟଙ୍କା ଘୋଷଣାର ବ୍ୟବସ୍ଥା କରିଛନ୍ତି। ଏହି ଅର୍ଥ ମଧ୍ୟରୁ କେନ୍ଦ୍ରୀୟ ଅଂଶ ୪୭,୦୨୯ କୋଟି ହୋଇଥିବା ବେଳେ ଅବଶିଷ୍ଟ ରାଜ୍ୟ ସମୂହଙ୍କ ଅଂଶ। ୨୦୧୫-୧୬ରୁ ୧୯-୨୦ ଆର୍ଥିକ ବର୍ଷ ପାଇଁ ଏହି ଅର୍ଥ ବରାଦ ହୋଇଛି। ଏହା ତ୍ରୟୋଦଶ ଅର୍ଥ କମିଶନଙ୍କ ସୁପାରିସଠାରୁ ଯଥେଷ୍ଟ ଅଧିକ। ଏହାଛଡ଼ା ବଡ଼ବଡ଼ ପ୍ରାକୃତିକ ବିପର୍ଯ୍ୟୟ ସମୟରେ ରାଜ୍ୟଗୁଡ଼ିକର ଆବଶ୍ୟକତା ଓ କ୍ଷୟକ୍ଷତିକୁ ବିଚାରକୁ ନେଇ କେନ୍ଦ୍ର ସରକାର ଅତିରିକ୍ତ ସହାୟତା ରାଜ୍ୟଗୁଡ଼ିକୁ ଯୋଗାଇଥାନ୍ତି।**

ସମ୍ପନ୍ନ ହୋଇଛି। ଏସିଆ ଓ ପ୍ରଶାନ୍ତ ମହାସାଗର ଅଞ୍ଚଳର ରାଷ୍ଟ୍ରମାନେ, ଯେଉଁମାନେ ଏଥିରେ ଯୋଗ ଦେଇଥିଲେ, ସେମାନେ ମିଳିତ ଭାବେ ବିପର୍ଯ୍ୟୟ ମୁକାବିଲା ପାଇଁ ସେଣ୍ଡାଇ ଚୁକ୍ତି ଆଧାରରେ କାମ କରିବାକୁ ସମ୍ମତ ହୋଇଛନ୍ତି। ରାଷ୍ଟ୍ର-ରାଷ୍ଟ୍ର ମଧ୍ୟରେ ଆପତ୍‌କାଳୀନ ସହଯୋଗ ପାଇଁ ଏହା ଏକ ଭଲ ପ୍ରୟାସ। ଏଥିରେ ପ୍ରଧାନମନ୍ତ୍ରୀ ଏସିଆ-ପ୍ରଶାନ୍ତ କ୍ଷେତ୍ର ପାଇଁ ଯେଉଁ ୧୦ସୂତ୍ରୀ କାର୍ଯ୍ୟକ୍ରମ ଉପସ୍ଥାପନ କରିଥିଲେ ତାହା ଅନୁମୋଦିତ ହୋଇଛି।

ଦ୍ୱିତୀୟତଃ: ସେଣ୍ଡାଇ ଚୁକ୍ତି ଆଧାରରେ କେନ୍ଦ୍ର ସରକାର ସବୁ ପ୍ରାଦେଶିକ ସରକାରଙ୍କୁ ଏକ ୧୫ବର୍ଷିଆ (୨୦୧୫-୩୦) କାର୍ଯ୍ୟସୂଚୀ ଦେଇ ଏହାକୁ ଅଗ୍ରାଧିକାର ଭିତ୍ତିରେ କାର୍ଯ୍ୟକାରୀ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଏସୀୟ କ୍ଷେତ୍ରରେ ବିପର୍ଯ୍ୟୟ ପରିଚାଳନା ପାଇଁ ଭାରତ ମଧ୍ୟ ଜାତିସଂଘକୁ ଏକ ନିୟୁତ ଅମେରିକୀୟ ଡଲାର ଅନୁଦାନ ଆକାରରେ ଯୋଗାଇଛି।

ତୃତୀୟତଃ: ସେଣ୍ଡାଇ ଚୁକ୍ତିର ଚତୁର୍ଥ ଅଗ୍ରାଧିକାର ବିଷୟକୁ ପରିପାଳନ କରିବାକୁ ଯାଇ ଭାରତ ଜାତୀୟ ବିପର୍ଯ୍ୟୟ ମୁକାବିଲା ବାହିନୀ (ଏନ୍‌ଡିଆର୍‌ଏଫ୍)କୁ ଅଧିକ ସୁସଂହତ କରିଛି। କର୍ମଚାରୀଙ୍କୁ ଉତ୍ତମ ତାଲିମ ଓ ଅତ୍ୟାଧୁନିକ ଜ୍ଞାନକୌଶଳର ଉପଯୋଗ ଉଭୟ କ୍ଷେତ୍ରରେ ଯଥେଷ୍ଟ ଗୁଣାତ୍ମକ ସଫଳତା ହାସଲ କରାଯାଇଛି। ଫଳରେ ପ୍ରାକୃତିକ ବିପର୍ଯ୍ୟୟ କାଳରେ ଏକ ପେସାଦାର ବାହିନୀଭାବେ କାର୍ଯ୍ୟ କରିବାର ଦକ୍ଷତା ଏନ୍‌ଡିଆର୍‌ଏଫ୍‌କୁ ମିଳିଛି। ଏହା ସହିତ ଭାରତ ସରକାର ପ୍ରାକୃତିକ ବିପର୍ଯ୍ୟୟ ମୁକାବିଲା ସଂରକ୍ଷିତ (ରିଜର୍ଭ) ପାଣ୍ଠି (ଏନ୍‌ଡିଆର୍‌ଆର୍) ଗଠନ କରିବାକୁ ନିଷ୍ପତ୍ତି ନେଇଛନ୍ତି। ଏଥିପାଇଁ ୨୫୦ କୋଟି ଟଙ୍କାର ପାଣ୍ଠି ବରାଦ କରାଯାଇଛି। ଏହି ପାଣ୍ଠିରୁ ଏନ୍‌ଡିଆରଏଫ୍ ଅର୍ଥ ନେଇ ଜରୁରୀ ଆବଶ୍ୟକତା ଅନୁସାରେ ଖର୍ଚ୍ଚ କରିବ ଏବଂ ସରକାର ଖର୍ଚ୍ଚକୁ ଦେଖି ତାହାର ଭରଣା କରିବେ। ପାଣ୍ଠି ଗଠନର ମୂଳ ଲକ୍ଷ୍ୟ ହେଲା ଜରୁରୀ ଆବଶ୍ୟକତା ପାଇଁ ଅର୍ଥ ପ୍ରସ୍ତୁତ କରି ରଖିବା।

ଚତୁର୍ଥତଃ : ପ୍ରାକୃତିକ ବିପର୍ଯ୍ୟୟ କାଳରେ ପଡ଼ୋଶୀ ରାଷ୍ଟ୍ରଙ୍କୁ ସାହାଯ୍ୟ ସହଯୋଗ କରିବା। ସେଥିପାଇଁ ଦକ୍ଷିଣ ଏସିଆ ଆଞ୍ଚଳିକ ସହଯୋଗ ପରିଷଦ (ସାର୍କ) ବିପର୍ଯ୍ୟୟ ପରିଚାଳନା କେନ୍ଦ୍ର ଗଠନ ସମ୍ପର୍କରେ ଭାରତ ନିରନ୍ତର ଉଦ୍ୟମ କରୁଛି। ଏଥିପାଇଁ ସାର୍କ ରାଷ୍ଟ୍ରମାନଙ୍କର ଏକ ବୈଠକ ମଧ୍ୟ ଆୟୋଜିତ ହୋଇଛି। ଏଥିରେ ବିପର୍ଯ୍ୟୟ ମୁକାବିଲା ପାଇଁ ଦେଶଦେଶ ମଧ୍ୟରେ ଆନୁଷ୍ଠାନିକ ସହଯୋଗ ବୃଦ୍ଧି ଅଗ୍ରାଧିକାର ପାଇଛି। ସେହିଭଳି ହାଇଦରାବାଦସ୍ଥିତ ଜାତୀୟ ସାମୁଦ୍ରିକ ସୂଚନା ସେବା କେନ୍ଦ୍ର ଭାରତ ମହାସାଗର ତଟବର୍ତ୍ତୀ ୨୮ଟି ଦେଶକୁ ପ୍ରାକୃତିକ ବିପର୍ଯ୍ୟୟ ସମ୍ପର୍କରେ ନିୟମିତ ଆଗୁଆ ସତର୍କ ସୂଚନା ଯୋଗାଇ ଆସୁଛି।

ପଞ୍ଚମତଃ: ବିପର୍ଯ୍ୟୟ ପରିଚାଳନା କ୍ଷେତ୍ରରେ ଗବେଷଣା, ଅନୁସନ୍ଧାନ ଓ ଆନୁଷ୍ଠାନିକ ଦକ୍ଷତା ନିର୍ମାଣ ବୃଦ୍ଧି ନିମନ୍ତେ ଜାତୀୟ ବିପର୍ଯ୍ୟୟ ପରିଚାଳନା ପ୍ରତିଷ୍ଠାନ, ଜବାହରଲାଲ ନେହେରୁ ବିଶ୍ୱ ବିଦ୍ୟାଳୟ ସମେତ ଦେଶର କେତେକ ପ୍ରତିଷ୍ଠିତ ଶିକ୍ଷାନୁଷ୍ଠାନ ସହିତ ଚୁକ୍ତିବଦ୍ଧ ହୋଇଛି। ବିପର୍ଯ୍ୟୟ ପରିଚାଳନାରେ ତାଲିମ ଓ ପ୍ରଶିକ୍ଷଣ ପାଇଁ ନାଗପୁରସ୍ଥିତ ଜାତୀୟ ବେସାମରିକ ପ୍ରତିରକ୍ଷା କଲେଜରେ ଏକ ସ୍ୱତନ୍ତ୍ର ଏକାଡେମୀ ଗଠନ କରାଯାଇଛି। ସେହିଭଳି ଜାତୀୟ ଅଗ୍ନି ନିରାପତ୍ତା କଲେଜର ଆଧୁନୀକିକରଣ ସହ ଭିତ୍ତିଭୂମିକୁ ସୁଦୃଢ଼ କରିବା ପାଇଁ କେନ୍ଦ୍ର ସରକାର ୨୦୫ କୋଟି ଟଙ୍କା ଯୋଗାଇ ଦେଇଛନ୍ତି।

ବିପର୍ଯ୍ୟୟ ପରିଚାଳନା ପାଇଁ ପାଣ୍ଠିର ବିଶେଷ ଆବଶ୍ୟକତା ଥିବାରୁ ଚତୁର୍ଦ୍ଦଶ ଅର୍ଥ କମିଶନଙ୍କ ସୁପାରିସ ଆଧାରରେ କେନ୍ଦ୍ର ସରକାର ରାଜ୍ୟ ବିପର୍ଯ୍ୟୟ ମୁକାବିଲା ପାଣ୍ଠି ପାଇଁ ୬୧,୨୨୦ କୋଟି ଟଙ୍କା ଘୋଷଣାର ବ୍ୟବସ୍ଥା କରିଛନ୍ତି। ଏହି ଅର୍ଥ ମଧ୍ୟରୁ କେନ୍ଦ୍ରୀୟ ଅଂଶ ୪୭,୦୨୯ କୋଟି ହୋଇଥିବା ବେଳେ ଅବଶିଷ୍ଟ ରାଜ୍ୟ ସମୂହଙ୍କ ଅଂଶ। ୨୦୧୫-୧୬ରୁ ୧୯-୨୦ ଆର୍ଥିକ ବର୍ଷ ପାଇଁ ଏହି ଅର୍ଥ ବରାଦ ହୋଇଛି। ଏହା ତ୍ରୟୋଦଶ ଅର୍ଥ କମିଶନଙ୍କ ସୁପାରିସଠାରୁ ଯଥେଷ୍ଟ ଅଧିକ। ଏହାଛଡ଼ା ବଡ଼ବଡ଼ ପ୍ରାକୃତିକ ବିପର୍ଯ୍ୟୟ ସମୟରେ ରାଜ୍ୟଗୁଡ଼ିକର ଆବଶ୍ୟକତା ଓ କ୍ଷୟକ୍ଷତିକୁ ବିଚାରକୁ ନେଇ କେନ୍ଦ୍ର ସରକାର ଅତିରିକ୍ତ ସହାୟତା ରାଜ୍ୟଗୁଡ଼ିକୁ ଯୋଗାଇଥାନ୍ତି। ଗତ ଆର୍ଥିକ ବର୍ଷରେ ପ୍ରାକୃତିକ ବିପର୍ଯ୍ୟୟ ପରିଚାଳନା ବାବଦରେ କେନ୍ଦ୍ର ସରକାର ଏନ୍‌ଡିଆର୍‌ଏଫ୍ ଦେୟ ବାବଦରେ ୫୨୯୭ କୋଟି ଟଙ୍କା ସମେତ ମୋଟ୍ ୧୭,୭୪୯ କୋଟି ଟଙ୍କା ଯୋଗାଇ ଦେଇଛନ୍ତି।

ଅନ୍ତିମତଃ : ବିପର୍ଯ୍ୟୟ ପରିଚାଳନାରେ ସେଣ୍ଡାଇ ଚୁକ୍ତିର ନୀତି ନିୟମ ପାଳନ ରାଜ୍ୟଗୁଡ଼ିକ ପାଇଁ ଗୁରୁତ୍ୱପୂର୍ଣ୍ଣ ହୋଇଥିଲେ ହେଁ ଏଥିରେ ଅନ୍ୟାନ୍ୟ ସଂପୃକ୍ତ ପକ୍ଷମାନଙ୍କର ସଂପୃକ୍ତିକୁ ଗୁରୁତ୍ୱ

ଦିଆଯାଇଛି। ଏହି ସବୁ ପକ୍ଷ ବିପର୍ଯ୍ୟୟ ମୁକାବିଲାର ପ୍ରସ୍ତୁତି, ବିପର୍ଯ୍ୟୟ ପରିଚାଳନା ଓ ଦୁର୍ବିପାକ ପରବର୍ତ୍ତୀ ଥଇଥାନ ଏବଂ ପୁନଃନିର୍ମାଣ କାର୍ଯ୍ୟରେ ସଂପୃକ୍ତ ନ'ହେଲେ ସମୁଦାୟ ପରିଚାଳନା କାର୍ଯ୍ୟକ୍ରମ ସଫଳ ହୋଇପାରିବନି। ଭାରତ ସରକାର ବିପର୍ଯ୍ୟୟ ପରିଚାଳନା କାର୍ଯ୍ୟକ୍ରମରେ ସରକାରୀ, ବେସରକାରୀ ଘରୋଇ ସବୁ ପକ୍ଷଙ୍କୁ ସାମିଲ କରିବା ସହ ଅତ୍ୟାଧୁନିକ ଜ୍ଞାନକୌଶଳର ଉପଯୋଗ ଏବଂ ଦକ୍ଷତା ନିର୍ମାଣ ଉପରେ ଗୁରୁତ୍ୱ ଦେଉଛନ୍ତି।

ଏହାଛଡ଼ା ପାରମ୍ପରିକ ବିପଜ୍ଜନକ ଦିଗ ବାହାରେ ସହରାଞ୍ଚଳ ଏବଂ ଅନ୍ୟାନ୍ୟ ଯେଉଁସବୁ କ୍ଷେତ୍ରରେ ବିପର୍ଯ୍ୟୟ ସୃଷ୍ଟିର ସମ୍ଭାବନା ଅଛି ତାହାର ମୁକାବିଲା ପ୍ରତି ମଧ୍ୟ ସରକାର ସତର୍କତା ଅବଲମ୍ବନ କରୁଛନ୍ତି। ପ୍ରାକୃତିକ ବିପର୍ଯ୍ୟୟର ଭୟ ହ୍ରାସ କରିବା ପାଇଁ ନୂଆ ଦିଲ୍ଲୀରେ ଅନୁଷ୍ଠିତ ଏସୀୟ ମନ୍ତ୍ରିସ୍ତରୀୟ ସମ୍ମିଳନୀରେ ଗୃହୀତ ପ୍ରସ୍ତାବକୁ ସମ୍ମାନ ଜଣାଇ ଭାରତ ଏ କ୍ଷେତ୍ରରେ ତାହାର ପ୍ରୟାସ ଅବ୍ୟାହତ ରଖିଛି। ସମ୍ଭାବ୍ୟ ବିପଦକୁ ଚିହ୍ନଟ କରିବା, ବିପଦର ମୁକାବିଲା ପାଇଁ ପଦକ୍ଷେପ, ସାହାଯ୍ୟ, ଉଦ୍ଧାର ଓ ଥଇଥାନ ପାଇଁ ସମ୍ବଳର ଉପଯୁକ୍ତ ବଣ୍ଟନ ଆଦିକୁ ଅଗ୍ରାଧିକାର ଦେଇ ଭାରତ ନିରନ୍ତର ବିକାଶ ଲକ୍ଷ୍ୟ ହାସଲ ଦିଗରେ ଅଗ୍ରସର ହେଉଛି।

**ଏସୀୟ ମନ୍ତ୍ରୀସ୍ତରୀୟ ସମ୍ମିଳନୀରେ ପ୍ରାକୃତିକ ବିପର୍ଯ୍ୟୟର ମୁକାବିଲା ପାଇଁ ଘୋଷିତ ପ୍ରଧାନମନ୍ତ୍ରୀଙ୍କ ୧୦ ସୂତ୍ରୀ କାର୍ଯ୍ୟକ୍ରମ**

୧) ସବୁ ବିକାଶମୂଳକ ପ୍ରକଳ୍ପର ଭିତ୍ତିଭୂମି, ଢାଞ୍ଚା ଓ ନିର୍ମାଣ କାର୍ଯ୍ୟ ଉପଯୁକ୍ତ ମାନ ଆଧାରରେ ହେବା ଆବଶ୍ୟକ ଯାହା ବିପର୍ଯ୍ୟୟର ମୁକାବିଲା କରିବାକୁ ସମର୍ଥ ହୋଇପାରିବ।
୨) ସମସ୍ତଙ୍କୁ ସୁରକ୍ଷିତ ରଖିବାର ବ୍ୟବସ୍ଥା ସହ ଆବଶ୍ୟକ ବୀମା ସେବାର ପରିସରଭୁକ୍ତ କରିବା।
୩) ବିପର୍ଯ୍ୟୟ ପରିଚାଳନାରେ ଅଧିକରୁ ଅଧିକ ସଂଖ୍ୟକ ମହିଳାଙ୍କୁ ସାମିଲ କରିବା ସହ ସେମାନଙ୍କ ଦକ୍ଷତା ବୃଦ୍ଧି।
୪) ବିଶ୍ୱର ସବୁ ସମ୍ଭାବ୍ୟ ବିପଦର ମାନଚିତ୍ର ପ୍ରସ୍ତୁତ କରି ତାହାର ମୁକାବିଲା ପାଇଁ ଯୋଜନା ପ୍ରସ୍ତୁତି।
୫) ବିପର୍ଯ୍ୟୟର ମୁକାବିଲା ପ୍ରସ୍ତୁତି ତଥା ପରିଚାଳନା ପାଇଁ ଜ୍ଞାନକୌଶଳର ଉପଯୋଗ ପୂର୍ବକ ପରିସ୍ଥିତିର ମୁକାବିଲା ନିମନ୍ତେ ଦକ୍ଷତା ବୃଦ୍ଧି।
୬) ବିପର୍ଯ୍ୟୟ ସମ୍ପର୍କରେ ଅଧିକରୁ ଅଧିକ ଗବେଷଣା ପାଇଁ ବିଭିନ୍ନ ବିଶ୍ୱବିଦ୍ୟାଳୟ ମଧ୍ୟରେ ଯୋଗସୂତ୍ର ସ୍ଥାପନ ବ୍ୟବସ୍ଥା।
୭) ମୋବାଇଲ ଟେକ୍‌ନୋଲୋଜି ଓ ସୋସିଆଲ୍ ମେଡିଆ ଦ୍ୱାରା ଯୋଗାଇ ଦିଆଯାଉଥିବା ସୁଯୋଗର ଉପଯୋଗ।
୮) ସ୍ଥାନୀୟ ଦକ୍ଷତା ଓ ପ୍ରୟାସ ବୃଦ୍ଧି ଉପରେ ଗୁରୁତ୍ୱ।
୯) ବିପର୍ଯ୍ୟୟରୁ ମିଳୁଥିବା ଶିକ୍ଷାକୁ ଭୁଲି ନ'ଯାଇ ତା'କୁ ଭବିଷ୍ୟତରେ କାମରେ ଲଗାଇବା।
୧୦) ବିପର୍ଯ୍ୟୟ ପ୍ରତି ଅଧିକରୁ ଅଧିକ ଆନ୍ତର୍ଜାତିକ ସହଯୋଗ ପ୍ରତି ଗୁରୁତ୍ୱ।

ଲେଖକ କେନ୍ଦ୍ର ସ୍ୱରାଷ୍ଟ୍ର ବ୍ୟାପାର ରାଷ୍ଟ୍ରମନ୍ତ୍ରୀ।

# ଭାରତର ନିରନ୍ତର ବିକାଶ ନିମନ୍ତେ ଦୁର୍ବିପାକ ପରିଚାଳନା

ଡକ୍ଟର ପି.ଜି. ଧର ଚକ୍ରବର୍ତ୍ତୀ

ଦୁର୍ବିପାକ ଘଟିବା ପରବର୍ତ୍ତୀ ପଦକ୍ଷେପଠାରୁ ଆରମ୍ଭ କରି ଦୁର୍ବିପାକର ଆଶଙ୍କା କରି ସେଥିପାଇଁ ପ୍ରସ୍ତୁତ ରହିବା ପର୍ଯ୍ୟନ୍ତ ଦୁର୍ବିପାକ ପରିଚାଳନା ବହୁ ପଥ ଅତିକ୍ରମ କରିଆସିଛି । ଦୁର୍ବିପାକର ସମ୍ଭାବ୍ୟ ମୁକାବିଲା କହିଲେ ପ୍ରାକୃତିକ ବା ମନୁଷ୍ୟକୃତ କ୍ଷୟକ୍ଷତିର ବୈଜ୍ଞାନିକ ଆକଳନ ଓ ଏହାର ନିରାକରଣ ପାଇଁ ନିଆଯାଉଥିବା ପଦକ୍ଷେପକୁ ବୁଝାଏ । ଏହି କ୍ଷୟକ୍ଷତିକୁ ବିଭିନ୍ନ ଢାଞ୍ଚାଗତ ବ୍ୟବସ୍ଥା ଓ ଉନ୍ନତ ଜ୍ଞାନକୌଶଳ ଦ୍ୱାରା ହ୍ରାସ କରାଯାଇପାରିବ । ଆଉ ଯେଉଁ ବଳକା କ୍ଷୟକ୍ଷତି ରହିଗଲା ଯାହାକୁ ନା ନିରାକରଣ କରିହେବ ନା ହ୍ରାସ କରାଯାଇପାରିବ ନା ବୀମାଭୁକ୍ତ କରାଯାଇପାରିବ ସେଗୁଡ଼ିକୁ ଏଡାଇବା ପାଇଁ କେବଳ ଦୁର୍ବିପାକ ସମୟରେ ପ୍ରସ୍ତୁତ ରହିବା ବ୍ୟତୀତ ଅନ୍ୟ କୌଣସି ବିକଳ୍ପ ନାହିଁ ।

ଦୁର୍ବିପାକ ପ୍ରସ୍ତୁତି କହିଲେ ସମ୍ଭାବ୍ୟ ଦୁର୍ବିପାକ ଆଶଙ୍କା କରି ସେଥିପାଇଁ ଉପଯୁକ୍ତଭାବେ ପ୍ରସ୍ତୁତ ରହି ଦୁର୍ବିପାକ ଆସିବା ପୂର୍ବରୁ ସେସବୁ ସ୍ଥାନ ଖାଲି କରିବା, ଖୋଜାଖୋଜି ଓ ଉଦ୍ଧାର ଏବଂ ରିଲିଫ୍ ଓ ଆଶ୍ରୟ ଦେବା ପରି ମାନବିକ ସହାୟତା ଯୋଗାଇଦେଇ ଧନଜୀବନ ରକ୍ଷା କରିପାରିବାକୁ ବୁଝାଏ । ଏହି ପ୍ରସ୍ତୁତି କହିଲେ ଆହୁରି ବୁଝାଏ ଯେ ଦୁର୍ବିପାକ ସମୟରେ ନଷ୍ଟ




**ଦୁର୍ବିପାକକୁ ଦମନ କରି ନିରନ୍ତର ବିକାଶ ପାଇଁ ବିଶ୍ୱବ୍ୟାପୀ ବଢୁଥିବା ଚିନ୍ତା ୨୦୧୫ ମସିହାରେ ଏକ ନୂତନ ଦିଶା ପାଇଲା । ଯେତେବେଳେ ତିନିଟି ସମାନ୍ତରାଳ ତଥା ପରସ୍ପର ନିର୍ଭରଶୀଳ ପ୍ରକ୍ରିୟା ଏକାଭିମୁଖୀ ହୋଇ ଆଗାମୀ ଏକ ବା ଅର୍ଦ୍ଧ ଦଶନ୍ଧି ବା ତଦୁର୍ଦ୍ଧ ସମୟ ପାଇଁ ସେମାନଙ୍କ ବିକାଶର କାର୍ଯ୍ୟଖସଡା ପ୍ରସ୍ତୁତ କଲେ । ସେଥିରୁ ପ୍ରଥମଟି ହେଲା ସେନ୍‌ଡାଇ ଫ୍ରେମ୍‌ୱର୍କ ଫର୍ ଡିଜାଷ୍ଟର ରିସ୍କ ରିଡକ୍‌ସନ୍ ୨୦୧୫-୨୦୩୦ । ଏହା ୨୦୧୫ ମାର୍ଚ୍ଚରେ ଜାପାନ୍‌ର ସେନ୍‌ଡାଇଠାରେ ଗୃହୀତ ହୋଇଥିଲା । ସେନ୍‌ଡାଇ ଫ୍ରେମ୍‌ୱର୍କ ପ୍ରଥମଥର ପାଇଁ ଦୁର୍ବିପାକ ଆଶଙ୍କା ହ୍ରାସ କରିବା ପାଇଁ ନିର୍ଯ୍ୟାସ ଉପରେ ପର୍ଯ୍ୟବେଶିତ ୭ଟି ବିଶ୍ୱସ୍ତରୀୟ ଲକ୍ଷ୍ୟ ସ୍ଥିର କଲା ।**




ହୋଇଯାଇଥିବା ବାସସ୍ଥାନ, ଭିତ୍ତିଭୂମି ଓ ରୋଜଗାରର ପୁନଃଥଇଥାନ କରି ସେଗୁଡ଼ିକୁ ପୂର୍ବଠାରୁ ଉନ୍ନତ ଅବସ୍ଥାକୁ ଫେରାଇଆଣିବା ପାଇଁ ନୀତି, କୌଶଳ ଓ ସମ୍ବଳ ପ୍ରସ୍ତୁତ ରଖିବା।

ଦୁର୍ବିପାକ ଜନିତ କ୍ଷୟକ୍ଷତିକୁ ହ୍ରାସ କରିବା ପାଇଁ ଅନେକ ପଦକ୍ଷେପ ନିଆଯାଇଥିଲେ ମଧ୍ୟ ବିଭିନ୍ନ ସମୟରେ ଦୁର୍ବିପାକ ଜନିତ କ୍ଷୟକ୍ଷତି ବଢ଼ି ବଢ଼ି ଚାଲିଛି। ତେଣୁ ନିରନ୍ତର ବିକାଶ ପାଇଁ ଦୁର୍ବିପାକ ଆଶଙ୍କାଜନିତ ପରିଚାଳନାର ଗୁରୁତ୍ୱ ଅଧିକ ରହିଛି। ୟୁଏନ୍ ଅଫିସ୍ ଫର୍ ଡିଜାଷ୍ଟର ରିଡକ୍ସନ୍ (ୟୁଏନ୍ଆଇଏସ୍ଡିଆର୍)ର ଆକଳନ ଅନୁସାରେ ଗତ ଦୁଇ ଦଶନ୍ଧି ମଧ୍ୟରେ ଦୁର୍ବିପାକ ଯୋଗୁଁ ୧.୩ ମିଲିୟନ୍ ଲୋକଙ୍କ ମୃତ୍ୟୁ ହୋଇଥିବାବେଳେ ୪.୪ ମିଲିୟନ୍ ଲୋକ ପ୍ରଭାବିତ ହୋଇଛନ୍ତି ଓ ୨ ଟ୍ରିଲିୟନ୍ ଡଲାର ମୂଲ୍ୟର କ୍ଷୟକ୍ଷତି ହୋଇଛି।

ଭାରତରେ ମଧ୍ୟ ଦୁର୍ବିପାକ ଯୋଗୁଁ ବହୁ କ୍ଷୟକ୍ଷତି ହୋଇଛି। ବିଶ୍ୱବ୍ୟାଙ୍କର ଆକଳନ ଅନୁସାରେ ନବେ ଦଶକର ଶେଷଭାଗ ଓ ଚଳିତ ଶତାବ୍ଦୀର ପ୍ରାରମ୍ଭରେ ଦୁର୍ବିପାକ ଯୋଗୁଁ ଭାରତରେ ମୋଟ୍ ଘରୋଇ ଉତ୍ପାଦର ପ୍ରାୟ ୨ ପ୍ରତିଶତ ଅର୍ଥନୈତିକ କ୍ଷତି ହୋଇଛି । ତେବେ ସମ ପରିମାଣର ଅର୍ଥ ଦେଶର ଜନସାଧାରଣଙ୍କ ସ୍ୱାସ୍ଥ୍ୟ କ୍ଷେତ୍ରରେ ବିନିଯୋଗ କରାଯାଇନାହିଁ।

**ଦୁର୍ବିପାକ ଓ ବିକାଶ**

ଦୁର୍ବିପାକ ଓ ବିକାଶ ଏକ ତ୍ରିମୁଖୀ ସଂପର୍କ ଦ୍ୱାରା ସହବନ୍ଧିତ।

ପ୍ରଥମତଃ: ଦୁର୍ବିପାକ ବର୍ଷ ବର୍ଷ ଧରି ବହୁ କଷ୍ଟ ସ୍ୱୀକାର କରି କରାଯାଇଥିବା ବିକାଶକୁ ଧୂଳିସାତ କରିଦେଇଥାଏ। ଦ୍ୱିତୀୟତଃ: ବିକାଶ ପହଂଚିପାରିନଥିବା ସ୍ଥାନଗୁଡ଼ିକ ଦୁର୍ବିପାକ ପ୍ରବଣ ହୋଇଥାଏ। ଏବଂ ତୃତୀୟତଃ: ବିକାଶର ବିପରୀତ ପ୍ରତିକ୍ରିୟା ଭାବରେ ବିକାଶ ଯୋଗୁଁ ଦୁର୍ବିପାକ ହେବାର ନୂତନ ଆଶଙ୍କା ସୃଷ୍ଟି ହୋଇଥାଏ। ଯେପରିକି କୋଠାବାଡ଼ି ନିର୍ମାଣ ସମୟରେ ବିଲ୍ଡିଂ ଜୋନିଂ ନିୟମ ନମାନି ତିଆରି ହେଉଥିବା ଘର ଓ ଭିତ୍ତିଭୂମୀଗୁଡ଼ିକ କ୍ଷଣସ୍ଥାୟୀ ହୋଇଥାଏ । ପରିବେଶଗତ ସମ୍ବେଦନଶୀଳ ଜୋନ୍ ଗୁଡ଼ିକରେ ଖଣିଜ ଦ୍ରବ୍ୟ ଉତ୍ତୋଳନ ଓ ଶିଳ୍ପ ପ୍ରତିଷ୍ଠା ହେଲେ ଏହା ପ୍ରାକୃତିକ ଭାରସାମ୍ୟ ହରାଇ ଦୁର୍ବିପାକ ଘଟାଇବା ଆଶଙ୍କା ସୃଷ୍ଟି କରିଥାଏ। ସେହିପରି ଜୀବାସ୍ମ ଇନ୍ଧନରୁ କରାଯାଉଥିବା ଉତ୍ପାଦନ ଓ ଏହାର ବ୍ୟବହାର ଜଳବାୟୁ ସମ୍ପର୍କିତ ଦୁର୍ବିପାକ ଆଶଙ୍କାକୁ ବଢାଇ ଦେଇଥାଏ।

ଦୁର୍ବିପାକକୁ ଦମନ କରି ନିରନ୍ତର ବିକାଶ ପାଇଁ ବିଶ୍ୱବ୍ୟାପୀ ବଢୁଥିବା ଚିନ୍ତା ୨୦୧୫ ମସିହାରେ ଏକ ନୂତନ ଦିଶା ପାଇଲା। ଯେତେବେଳେ ତିନିଟି ସମାନ୍ତରାଳ ତଥା ପରସ୍ପର ନିର୍ଭରଶୀଳ ପ୍ରକ୍ରିୟା ଏକାଭିମୁଖୀ ହୋଇ ଆଗାମୀ ଏକ ବା ଅର୍ଦ୍ଧ ଦଶନ୍ଧି ବା ତଦୁର୍ଦ୍ଧ ସମୟ ପାଇଁ ସେମାନଙ୍କ ବିକାଶର କାର୍ଯ୍ୟଖସଡା ପ୍ରସ୍ତୁତ କଲେ। ସେଥିରୁ ପ୍ରଥମଟି ହେଲା ସେନ୍ଡାଇ ଫ୍ରେମ୍ୱର୍କ ଫର୍ ଡିଜାଷ୍ଟର ରିସ୍କ ରିଡକ୍ସନ୍ ୨୦୧୫-୨୦୩୦। ଏହା ୨୦୧୫ ମାର୍ଚ୍ଚରେ ଜାପାନ୍ର ସେନ୍ଡାଇଠାରେ ଗୃହୀତ ହୋଇଥିଲା। ସେନ୍ଡାଇ ଫ୍ରେମ୍ୱର୍କ ପ୍ରଥମଥର ପାଇଁ ଦୁର୍ବିପାକ ଆଶଙ୍କା ହ୍ରାସ କରିବା ପାଇଁ ନିର୍ଯାସ ଉପରେ ପର୍ଯ୍ୟବେଶିତ ୭ଟି ବିଶ୍ୱସ୍ତରୀୟ ଲକ୍ଷ୍ୟ ସ୍ଥିର କଲା। ଏହି ଫ୍ରେମ୍ୱର୍କର ଲକ୍ଷ୍ୟ ହେଲା : ଦୁର୍ବିପାକ ଦ୍ୱାରା ପ୍ରଭାବିତ ଓ ମୃତ୍ୟୁସଂଖ୍ୟା ହ୍ରାସ କରାଇବା, ଗୁରୁତ୍ୱପୂର୍ଣ୍ଣ ଭିତ୍ତିଭୂମି ଗୁଡ଼ିକର ପ୍ରତ୍ୟକ୍ଷ ଅର୍ଥନୈତିକ କ୍ଷୟକ୍ଷତି ହ୍ରାସ କରାଇବା, ଏହାଛଡା ବିଭିନ୍ନ କ୍ଷୟକ୍ଷତି ସଂପର୍କିତ ଆଗୁଆ ସୂଚନା ଯନ୍ତ୍ରର ବ୍ୟବହାର ବୃଦ୍ଧି ଏବଂ ଦୁର୍ବିପାକ ପରିଚାଳନା ନେଇ ଆନ୍ତର୍ଜାତିକ ସହଯୋଗ ବୃଦ୍ଧି କରିବା। ଏଥିରେ ସ୍ଥାନୀୟ, ଜାତୀୟ, ରାଜ୍ୟସ୍ତରୀୟ ଓ ବିଶ୍ୱସ୍ତରୀୟ କ୍ଷେତ୍ରରେ ଦୁର୍ବିପାକ ଆଶଙ୍କା ହ୍ରାସ କରିବା ପାଇଁ ୪ଟି ପ୍ରମୁଖ କାର୍ଯ୍ୟକ୍ରମକୁ ଚିହ୍ନଟ କରାଯାଇଛି। ଏଗୁଡ଼ିକ ହେଲା (କ) ଦୁର୍ବିପାକ ଆଶଙ୍କାକୁ ବୁଝିବା (ଖ) ଦୁର୍ବିପାକ ଆଶଙ୍କାକୁ କମାଇବା ପାଇଁ ବିଭିନ୍ନ କାର୍ଯ୍ୟକ୍ରମରେ ନିବେଶ କରାଇବା (ଗ) କ୍ଷୟକ୍ଷତି ପରିଚାଳନା କରିବା ପାଇଁ ତତ୍ଜନିତ ପରିଚାଳନା ସଂସ୍ଥାକୁ

| ନିରନ୍ତର ବିକାଶ ଲକ୍ଷ୍ୟ | ଦୁର୍ବିପାକ କ୍ଷୟକ୍ଷତି ମୁକାବିଲା ପାଇଁ ଯୋଜନା |
|---|---|
| ଲକ୍ଷ୍ୟ ୧: ସମସ୍ତ କ୍ଷେତ୍ରରେ ଦାରିଦ୍ର୍ୟ ଲୋପ କରିବା | ଯୋଜନା ୧.୫: ଜଳବାୟୁ ସମ୍ପର୍କିତ ବିଭିନ୍ନ ଦୁର୍ଘଟଣା ଓ ଦୁର୍ବିପାକ କ୍ଷେତ୍ରରେ ଗରିବମାନଙ୍କ ମୃତ୍ୟୁସଂଖ୍ୟା ହ୍ରାସ କରିବା |
| ଲକ୍ଷ୍ୟ ୨: କ୍ଷୁଧା ନିବାରଣ, ଖାଦ୍ୟ ସୁରକ୍ଷା ହାସଲ କରିବା ଏବଂ ନିରନ୍ତର କୃଷିକୁ ପ୍ରୋତ୍ସାହନ | ଯୋଜନା ୨.୪: ଜଳବାୟୁ ପରିବର୍ତ୍ତନ, ପ୍ରତିକୂଳ ପାଗ, ମରୁଡି ଓ ଅନ୍ୟ ଦୁର୍ବିପାକ ସମୟରେ ଖାପଖୁଆଇବା ପାଇଁ ଶକ୍ତି ବୃଦ୍ଧି କରିବା |
| ଲକ୍ଷ୍ୟ ୩: ସୁସ୍ଥ ଜୀବନ ସୁନିଶ୍ଚିତ କରିବା | ଯୋଜନା ୩.୬ : ସ୍ୱାସ୍ଥ୍ୟଗତ ଦୁର୍ବିପାକ ଆଶଙ୍କା ହ୍ରାସ କରିବା ଓ ଆଗୁଆ ସୂଚନା ପାଇବା କୌଶଳ ବିକଶିତ କରିବା |
| ଲକ୍ଷ୍ୟ ୪: ଅନ୍ତର୍ଭୁକ୍ତିକରଣ ଓ ଯଥାର୍ଥ ଗୁଣାତ୍ମକ ଶିକ୍ଷା ସୁନିଶ୍ଚିତ କରିବା | ଯୋଜନା ୪ କ : ଦୁର୍ବିପାକଠାରୁ ରକ୍ଷା ପାଇବା ଭଳି ଶିକ୍ଷା ବ୍ୟବସ୍ଥା ତିଆରି କରିବା ଓ ପ୍ରଚଳିତ ଶିକ୍ଷା ବ୍ୟବସ୍ଥାକୁ ଉନ୍ନତ କରିବା |
| ଲକ୍ଷ୍ୟ ୯: ନମନୀୟ ଭିତ୍ତିଭୂମୀ ନିର୍ମାଣ କରିବା | ଯୋଜନା ୯.୧: ଗୁଣାତ୍ମକ ଓ ଭରସାଯୋଗ୍ୟ ଭିତ୍ତିଭୂମୀ ତିଆରି କରିବା ଯାହା ଦୁର୍ବିପାକ ନିରୋଧି ହୋଇଥିବା |
| ଲକ୍ଷ୍ୟ ୧୧: ସହର ଓ ଜନବସତି ଥିବା ସ୍ଥାନଗୁଡ଼ିକୁ ସୁରକ୍ଷିତ ନମନୀୟ ଓ ଦୀର୍ଘମିଆଦି କରିବା | ଯୋଜନା ୧୧.୫: ଦୁର୍ବିପାକ ଦ୍ୱାରା ହେଉଥିବା ମୃତ୍ୟୁ, ପ୍ରଭାବିତଙ୍କ ସଂଖ୍ୟା ଓ ଅର୍ଥନୈତିକ କ୍ଷୟକ୍ଷତିକୁ ହ୍ରାସ କରିବା |
| ଲକ୍ଷ୍ୟ ୧୩: ଜଳବାୟୁ ପରିବର୍ତ୍ତନ ଓ ଏହାର ପ୍ରଭାବକୁ ଦମନ କରିବା | ଯୋଜନା ୧୩.୧: ଜଳବାୟୁ ସମ୍ପର୍କିତ ଦୁର୍ଘଟଣା ଓ ପ୍ରାକୃତିକ ଦୁର୍ବିପାକକୁ ମୁକାବିଲା କରିବା ପାଇଁ ଖାପଖୁଆଇବା ଶକ୍ତି ଓ ନମନୀୟତା ବୃଦ୍ଧି କରିବା |
| ଲକ୍ଷ୍ୟ ୧୫: ଭୂମି ଅବକ୍ଷୟକୁ ପୁନଃସ୍ଥାପନ କରିବା | ଯୋଜନା ୧୫.୩: ମରୁଡି ଓ ବନ୍ୟା ଦ୍ୱାରା କ୍ଷତିଗ୍ରସ୍ତ ହୋଇଥିବା ଭୂମିକୁ ପୁନଃସ୍ଥାପନ କରାଇବା |

ମଜବୁତ୍ କରାଇବା (ଘ) ଫଳପ୍ରଦ ପଦକ୍ଷେପ, ପୁନଃସ୍ଥାପନ, ପୁନଃ ଥଇଥାନ ଓ ପୁନଃନିର୍ମାଣ କ୍ଷେତ୍ରରେ ପ୍ରସ୍ତୁତିକୁ ଉନ୍ନତ କରିବା।

୨୦୧୫ସେପ୍ଟେମ୍ବରରେ ଜାତିସଂଘ ସାଧାରଣ ପରିଷଦ ଦ୍ୱାରା ଗ୍ରହଣ କରାଯାଇଥିବା ୨୦୩୦ ସୁଦ୍ଧା ନିରନ୍ତର ବିକାଶ ପାଇଁ କାର୍ଯ୍ୟସୂଚୀରେ ୧୭ଟି ନିରନ୍ତର ବିକାଶ ଲକ୍ଷ୍ୟ ମଧ୍ୟରୁ ୮ଟି ଦୁର୍ବିପାକ କ୍ଷୟକ୍ଷତି ପରିଚାଳନାକୁ ସଂଶ୍ଳିଷ୍ଟ କରାଯାଇଛି। ସେଥିରେ ବିଭିନ୍ନ ବିକାଶମୂଳକ କ୍ଷେତ୍ରରେ ଦୁର୍ବିପାକ ପ୍ରତିରୋଧକ ଭିତ୍ତିଭୂମି ପ୍ରତିଷ୍ଠା କରିବାକୁ ନିର୍ଦ୍ଦିଷ୍ଟଭାବେ ଲକ୍ଷ୍ୟ ରଖାଯାଇଛି।

୨୦୧୫ ଡିସେମ୍ବରରେ ଜଳବାୟୁ ପରିବର୍ତ୍ତନ ନେଇ ହୋଇଥିବା ପ୍ୟାରିସ୍ ରାଜିନାମାରେ ଦୁର୍ବିପାକ ହ୍ରାସ କରିବା ପାଇଁ "ବୁଝିବା, ପଦକ୍ଷେପ ଓ ସହାୟତା'କୁ ଉନ୍ନତ କରିବା ପାଇଁ ଆଠଟି ନିର୍ଦ୍ଦିଷ୍ଟ କାର୍ଯ୍ୟକ୍ଷମ ଦିଗକୁ ଗୁରୁତ୍ୱ ଦିଆଯାଇଛି। ଏଗୁଡିକ ହେଲା: (କ) ପୂର୍ବ ସୂଚନା ବ୍ୟବସ୍ଥା (ଖ) ଜରୁରୀକାଳୀନ ପରିସ୍ଥିତି ପାଇଁ ପ୍ରସ୍ତୁତ ରହିବା (ଗ) ଦୁର୍ବିପାକର ପ୍ରାରମ୍ଭିକ ସ୍ଥିତିକୁ ପ୍ରଶମିତ କରାଇବା (ଘ) ସ୍ଥାୟୀ ଓ ପୁନଃସ୍ଥାପନ ହୋଇପାରୁନଥିବା କ୍ଷୟକ୍ଷତିକୁ ରୋକିବା (ଙ) ବିସ୍ତୃତ କ୍ଷୟକ୍ଷତିର ଆକଳନ ଓ ପରିଚାଳନା (ଚ) କ୍ଷୟକ୍ଷତି ବୀମା ସୁବିଧା, ପରିବେଶଗତ କ୍ଷୟକ୍ଷତି ରୋକିବା ନେଇ ସାଧାରଣ ପାଣ୍ଠି ଗଠନ ଓ ଅନ୍ୟ ବୀମା ସୁବିଧା (ଛ) ଅଣ ଅର୍ଥନୈତିକ କ୍ଷୟକ୍ଷତି ଏବଂ (ଜ) ଜନବସତି, ଜୀବିକା ଓ ପାରିପାର୍ଶ୍ୱିକ ପରିବେଶକୁ ନମନୀୟ କରାଇବା।




**ଭାରତ ପାଇଁ ସୁଯୋଗ ଓ ଆହ୍ୱାନ:**

୨୦୧୫ରେ ହୋଇଥିବା ତିନିଟିଯାକ ବିଶ୍ୱସ୍ତରୀୟ ରାଜିନାମାର ଅନ୍ତିମ ନିଷ୍ପତ୍ତି ନେବାରେ ଭାରତର ମୁଖ୍ୟ ଭୂମିକା ରହିଛି । ଦ୍ୱିତୀୟ ବୃହତ୍ତମ ଜନବହୁଳ ରାଷ୍ଟ୍ର, ଷଷ୍ଠ ବୃହତ୍ତମ ଅର୍ଥନୀତି ଓ ଦ୍ରୁତ ପ୍ରଗତିଶୀଳ ମୁଖ୍ୟ ଅର୍ଥନୀତି ଥିବା ଭାରତବର୍ଷରେ ବିଶ୍ୱର ସବୁଠାରୁ ଅଧିକ ଦାରିଦ୍ର୍ୟ, ପୁଷ୍ଟିହୀନ ଶିଶୁ ଓ ଅପାଠୁଆ ଯୁବକ ମଧ୍ୟ ଅଛନ୍ତି । ସେଥିପାଇଁ ଭାରତ ନିରନ୍ତର ବିକାଶ ଓ ଦୁର୍ବିପାକ ପରିଚାଳନା ନେଇ ଥିବା ବିଶ୍ୱସ୍ତରୀୟ ଲକ୍ଷ୍ୟ ଓ ଯୋଜନା ହାସଲ କରିବା ପାଇଁ ମୁଖ୍ୟ ଭୂମିକା ଗ୍ରହଣ କରିଛି ।

ଭାରତ ବିଭିନ୍ନ ସ୍ଥାନରେ ଆଇନଗତ ଓ ଆନୁଷ୍ଠାନିକ ପ୍ରଣାଳୀ ସ୍ଥାପନ କରିବା ସହ ଦୁର୍ବିପାକ କ୍ଷୟକ୍ଷତି ପରିଚାଳନା ପାଇଁ ବୈଜ୍ଞାନିକ ଓ ବୈଷୟିକ ଦକ୍ଷତା ବ୍ୟବହାର କରିଛି ଯାହାଦ୍ୱାରା ନିକଟ ଅତୀତରେ ହୋଇଥିବା ବାତ୍ୟା ପରି କେତେକ ପାଣିପାଗ ସମ୍ପର୍କିତ ଦୁର୍ବିପାକଜନିତ ଧନଜୀବନ ହାନୀ ରୋକିବା ପାଇଁ ସଫଳତା ମିଳିଥିଲେ ମଧ୍ୟ (ବାତ୍ୟା ଫାଇଲିନ୍ ଓ ହୁଡ୍‌ହୁଡ୍) ବନ୍ୟା ଓ ବାଦଲଫଟା ବର୍ଷା ପରି ଜଳଜନିତ ଦୁର୍ବିପାକ (ଉତ୍ତରାଖଣ୍ଡ, ଶ୍ରୀନଗର ଓ ଚେନ୍ନାଇ) କିମ୍ବା ଭୂସ୍ଖଳନ ପରି ଭୂତତ୍ତ୍ୱ ସମ୍ବନ୍ଧୀୟ ଦୁର୍ବିପାକ (ମାଲିନ୍ ଓ ଉତ୍ତର ସିକିମ୍) ରୋକିବା କ୍ଷେତ୍ରରେ ସେଭଳି ସଫଳତା ମିଳିପାରିନାହିଁ । ସଡକ ଦୁର୍ଘଟଣା ଓ ଶିଳ୍ପ କ୍ଷେତ୍ରରେ ଘଟୁଥିବା ବୈଷୟିକ ଦୁର୍ଘଟଣା ବଢିଚାଲିଛି । ଜୀବବିଜ୍ଞାନ ସମ୍ପର୍କିତ ଦୁର୍ବିପାକ ଯେପରି ମହାମାରୀ ଓ ବ୍ୟାପକ ରୋଗ ଭୟଙ୍କର ଭାବେ ବଢିଚାଲିଛି, ପରିବେଶଗତ ଦୁର୍ବିପାକ ଯେପରି ଜଳସ୍ତର ବୃଦ୍ଧି ପାଇବା ଓ ସହରୀ ସଭ୍ୟତାରେ ବାୟୁ ପ୍ରଦୁଷଣ ଆଦି ବୃଦ୍ଧି ପାଇବା ବର୍ତ୍ତମାନର ସବୁଠାରୁ ବଡ ସମସ୍ୟା ଭାବେ ମୁଣ୍ଡ ଟେକିଛି । ୨୦୦୧ରେ କଚ୍ଛଠାରେ ହୋଇଥିବା ଭୂମିକମ୍ପ ପରେ ମଧ୍ୟ ଭୂମିକମ୍ପ ପରିଚାଳନା ନେଇ ଭାରତର ଦକ୍ଷତା ସେତେଟା ବୃଦ୍ଧି ପାଇନାହିଁ । ତେବେ ବିଶେଷଜ୍ଞମାନେ ସହରାଂଚଳରେ ରହୁଥିବା ଜନବହୁଳ ସ୍ଥାନମାନଙ୍କରେ ଭୂମିକମ୍ପ ହେବାର ଆଶଙ୍କା ନେଇ ଚେତାବନୀ ଦେଇଆସୁଛନ୍ତି ।

ପ୍ରାକୃତିକ ଓ ମନୁଷ୍ୟକୃତ ଦୁର୍ବିପାକର ଅଶଙ୍କା ସମ୍ପର୍କରେ ଜାଣିବା ପାଇଁ ଭାରତର ଖୁବ୍ ଉନ୍ନତ ବୈଜ୍ଞାନିକ ଓ ପାରମ୍ପରିକ ଜ୍ଞାନ ରହିଛି । ମାତ୍ର ଏଗୁଡିକ ସବୁସମୟରେ ଦୁର୍ବିପାକ କ୍ଷୟକ୍ଷତିଜନିତ ସାମାଜିକ ଓ ଅର୍ଥନୈତିକ ବିକାଶ କାର୍ଯ୍ୟକ୍ରମ, ପ୍ରକଳ୍ପ ଆଦି ତିଆରି କରିବା ଓ ଲାଗୁ କରିବା କ୍ଷେତ୍ରରେ ସହାୟକ ହୋଇନଥାଏ । ଅନ୍ୟପକ୍ଷରେ ଏଗୁଡିକ ମଧ୍ୟରୁ କିଛି କାର୍ଯ୍ୟକ୍ରମ ପ୍ରତ୍ୟକ୍ଷ ବା ପରୋକ୍ଷ ଭାବରେ ନୂତନ ଦୁର୍ବିପାକ ଆଶଙ୍କା ସୃଷ୍ଟି କରିଥାଏ ବା ବର୍ତ୍ତମାନର ଦୁର୍ବିପାକ ଆଶଙ୍କାକୁ ବଢାଇଦେଇଥାଏ ।

ଭାରତ ଏବେ ଦ୍ରୁତ ଅର୍ଥନୈତିକ ଅଭିବୃଦ୍ଧି କ୍ଷେତ୍ରରେ ଅଗ୍ରସର ହେଉଛି ଯାହାକି ମେକ୍ ଇନ୍ ଇଣ୍ଡିଆ, ସ୍କିଲ୍ ଇଣ୍ଡିଆ, ଡିଜିଟାଲ୍ ଇଣ୍ଡିଆ, ସ୍ୱଚ୍ଛ ଭାରତ ଅଭିଯାନ, ସ୍ମାର୍ଟ ସିଟି ମିଶନ୍ ଆଦି ପରି ନିଆଯାଉଥିବା କେତେକ ନୂତନ ପଦକ୍ଷେପ ଦ୍ୱାରା ଆହୁରି ଆଗକୁ ଯିବ ବୋଲି ଆଶା କରାଯାଏ । ଆଗାମୀ ଏକ ବା ଅର୍ଦ୍ଧ ଦଶନ୍ଧି ମଧ୍ୟରେ ଭାରତରେ ସାମାଜିକ ଓ ଅର୍ଥନୈତିକ ବିକାଶ କ୍ଷେତ୍ରରେ ହୋଇଥିବା ଘରୋଇ ଓ ରାଷ୍ଟ୍ରୀୟ ନିବେଶ ଗତ ଚାରି/ପାଂଚ ଦଶନ୍ଧି ମଧ୍ୟରେ ହୋଇଥିବା ନିବେଶଠାରୁ ବହୁମାତ୍ରାରେ ବଢିଯିବ ବୋଲି କହିଲେ ଅତ୍ୟୁକ୍ତି ହେବନାହିଁ । ଏହିସବୁ କାର୍ଯ୍ୟକ୍ରମଗୁଡିକ ବିଭିନ୍ନ କ୍ଷେତ୍ରରେ ବିକାଶମୂଳକ ପ୍ରକଳ୍ପ ତିଆରି କରିବା, ଡିଜାଇନ୍ ପ୍ରସ୍ତୁତ

କରିବା ଓ ଏହାର ଉପଯୋଗ କରିବା ପାଇଁ ସୁଯୋଗ ସୃଷ୍ଟି କରିଛି ଯାହାକି ଦୁର୍ବିପାକର ଆଶଙ୍କାକୁ ବଢ଼ାଇବା ବଦଳରେ ହ୍ରାସ କରିବା ପାଇଁ ସହାୟକ ହେବ।

ବିକାଶର ସମସ୍ତ କ୍ଷେତ୍ରରେ ଦୁର୍ବିପାକଜନିତ କ୍ଷୟକ୍ଷତି ରୋକିବା ଦୁର୍ବିପାକ ପରିଚାଳନାର ମୁଖ୍ୟ କାର୍ଯ୍ୟସୂଚୀରେ ରହିଥିଲେ ମଧ୍ୟ ଏଦିଗରେ ସେତେଟା ଆଖିଦୃଶିଆ ସଫଳତା ମିଳି ପାରିନାହିଁ। ଦୁର୍ବିପାକ କ୍ଷୟକ୍ଷତି ରୋକିବା ପାଇଁ ଜାତୀୟ ବିପର୍ଯ୍ୟୟ ପରିଚାଳନା ଅଥରିଟି କୌଣସି ସାଧାରଣ ବା ବିଶେଷ ଗାଇଡ୍‌ଲାଇନ୍ ତିଆରି କରିନାହାନ୍ତି କିମ୍ବା କେନ୍ଦ୍ର ଓ ରାଜ୍ୟ ସରକାରଙ୍କର ସମ୍ପୃକ୍ତ ବିଭାଗ ଓ ମନ୍ତ୍ରଣାଳୟ ମଧ୍ୟ ଏଦିଗରେ କୌଣସି ଠୋସ୍ ଯୋଜନା ବିକଶିତ କରିନାହାନ୍ତି। ସେନ୍‌ଡାଇ ଫ୍ରେମ୍‌ୱର୍କ, ନିରନ୍ତର ବିକାଶ ଲକ୍ଷ୍ୟ ଓ ପ୍ୟାରିସ୍ ଜଳବାୟୁ ରାଜିନାମା ମିଳିତଭାବେ କାର୍ଯ୍ୟକାରି କରାଗଲେ ଭାରତରେ ଦୁର୍ବିପାକ ପରିଚାଳନା ନେଇ ଥିବା ବିଭିନ୍ନ ଆହ୍ୱାନକୁ ମୁକାବିଲା କରିହେବ।




ଲେଖକ ଜଣେ ଅବସରପ୍ରାପ୍ତ ଭାରତୀୟ ପ୍ରଶାସନିକ ଅଧିକାରୀ।

## କୃଷି ବର୍ଜ୍ୟରୁ ଇଥାନଲ ପ୍ରସ୍ତୁତ ଲାଗି ବରଗଡରେ ନିର୍ମାଣ ହେବ ୯୦୦ କୋଟି ଟଙ୍କାର ଆଧୁନିକ ପ୍ଲାଣ୍ଟ

ସିଙ୍ଗାପୁରର ଜୁରଙ୍ଗ ଦ୍ୱୀପ ଢ଼ାଂଚାରେ ଓଡ଼ିଶାରେ ଉଦ୍ୟୋଗ ପୁଞ୍ଜି ତଥା ପେଟ୍ରୋରସାୟନ ପୁଞ୍ଜି ନିବେଶ ଜୋନ୍ ପ୍ରତିଷ୍ଠା କରିବା ଲାଗି କେନ୍ଦ୍ର ପେଟ୍ରୋଲିୟମ ଓ ପ୍ରାକୃତିକ ବାଷ୍ପ ମନ୍ତ୍ରୀ ଶ୍ରୀ ଧର୍ମେନ୍ଦ୍ର ପ୍ରଧାନ ପ୍ରସ୍ତାବ ଦେଇଛନ୍ତି। ଭୁବନେଶ୍ୱରଠାରେ ମେକ୍ ଇନ୍ ଓଡିଶା କନକ୍ଲେଭର ଅନ୍ତିମ ଅଧିବେଶନରେ ଉଦ୍‌ବୋଧନ ଦେଇ ଶ୍ରୀ ପ୍ରଧାନ କହିଛନ୍ତି ଯେ, ସେ ତାଙ୍କର ସିଙ୍ଗାପୁର ଗସ୍ତ କାଳରେ ଜୁରଙ୍ଗ ଦ୍ୱୀପର ଉଦ୍ୟୋଗ ପୁଞ୍ଜି ପ୍ରତିଷ୍ଠା ଢ଼ାଂଚା ବିଷୟରେ ଆଲୋଚନା କରିଛନ୍ତି। ଅନୁରୂପ ଭାବେ ଓଡ଼ିଶା ସରକାର ପ୍ରସ୍ତାବ ରଖିଲେ ବିଦେଶୀ ପୁଞ୍ଜି ନିବେଶ ବୃଦ୍ଧି ପାଇବ ବୋଲି ସେ କହିଥିଲେ। ସେ କହିଥିଲେ ଯେ, ଏକ ଖଣିଜ ସମୃଦ୍ଧ ରାଜ୍ୟ ହୋଇଥିଲେ ମଧ୍ୟ ଓଡ଼ିଶା ଅନେକ ଖଣିଜ ସମୃଦ୍ଧ ଦେଶ ତୁଳନାରେ ଅଧିକ ଆନୁସଙ୍ଗିକ ଶିଳ୍ପ ପ୍ରତିଷ୍ଠାରେ ଅଗ୍ରଣୀ ରହିଛି। ତଥାପି ଆହୁରି ଅନେକ କିଛି କରିବାକୁ ବାକି ରହିଛି।

ପେଟ୍ରୋଲିୟମ ମନ୍ତ୍ରୀ କହିଥିଲେ ଯେ, ଓଡ଼ିଶାରେ ଏବେ ପ୍ରାୟ ୧ କୋଟି ୨୫ ଲକ୍ଷ ଯୁବଶକ୍ତି ରହିଛନ୍ତି। ସେମାନଙ୍କୁ କିଭଳି ଦକ୍ଷ ଓ ସାମର୍ଥ୍ୟବାନ କରାଯିବ ଏବଂ ରୋଜଗାରକ୍ଷମ କରାଯାଇପାରିବ ତାହା ଆମ ସମସ୍ତଙ୍କ ପାଇଁ ବଡ ଚାଲେଞ୍ଜ। ଓଡ଼ିଶାରେ ପ୍ରଥମ ଥର ପାଇଁ ଅନୁଷ୍ଠିତ ହୋଇଥିବା ମେକ୍ ଇନ୍ ଓଡିଶା କନକ୍ଲେଭ ଜରିଆରେ ଅଧିକ ପୁଞ୍ଜି ନିବେଶ ହେବ ଏବଂ ଏହା ମାଧ୍ୟମରେ ରାଜ୍ୟରେ ପ୍ରତ୍ୟକ୍ଷ ଓ ପରୋକ୍ଷ ନିଯୁକ୍ତି ବୃଦ୍ଧି ପାଇବ। ଏଥିରୁ ଓଡ଼ିଶାର ଦକ୍ଷ ଯୁବଶକ୍ତି ସୁବିଧାସୁଯୋଗ ପାଇବେ ବୋଲି ଶ୍ରୀ ପ୍ରଧାନ ଆଶାପ୍ରକାଶ କରିଥିଲେ।
ଓଡ଼ିଶାରେ ତାଙ୍କ ମନ୍ତ୍ରଣାଳୟର ବିଭିନ୍ନ କଲ୍ୟାଣମୂଳକ ପୁଞ୍ଜି ନିବେଶ ସମ୍ପର୍କରେ ସୂଚନା ଦେଇ କେନ୍ଦ୍ରମନ୍ତ୍ରୀ ଶ୍ରୀ ପ୍ରଧାନ କହିଥିଲେ ଯେ, ରାଜ୍ୟର ୧୨ଟି ଜିଲ୍ଲାକୁ ପାଇପ ଯୋଗେ ଗ୍ୟାସ ଯୋଗାଣର ଯୋଜନା କରାଯାଇଛି। ପ୍ରାୟ ୭୬୨ କିଲୋମିଟର ଦୀର୍ଘର ଏହି ଗ୍ୟାସ ପାଇପ ଲାଇନ ନିର୍ମାଣରେ ୪୫୦୦ କୋଟି ଟଙ୍କା ଖର୍ଚ୍ଚ ହେବ। ଏହା ସମ୍ପୂର୍ଣ୍ଣ ହେଲେ ରାଜ୍ୟର ୧୨ଟି ଜିଲ୍ଲାର ଲୋକେ ସୁବିଧାରେ ପାଇପ ଯୋଗେ ଗ୍ୟାସ ପାଇପାରିବେ।ଶ୍ରୀ ପ୍ରଧାନ କହିଥିଲେ ଯେ, ତାଙ୍କ ମନ୍ତ୍ରଣାଳୟ ଏବେ ଜୈବ-ବର୍ଜ୍ୟରୁ ଶକ୍ତି ଉତ୍ପାଦନ ଲାଗି ଏକ ମହତ୍ୱାକାଂକ୍ଷୀ ଯୋଜନା ପ୍ରସ୍ତୁତ କରିଛନ୍ତି। ଏକ ଆକଳନ ଅନୁଯାୟୀ ଓଡ଼ିଶାରୁ ଅନେକ ଜୈବ୍ୟ-ବର୍ଜ୍ୟ ବିଶେଷକରି କୃଷି ବର୍ଜ୍ୟ ବାହାରୁଛି। ଏଣୁ ବରଗଡ ଜିଲ୍ଲାରେ ପାଇଲଟ ଭିତିରେ ୯୦୦ କୋଟି ଟଙ୍କା ଖର୍ଚ୍ଚରେ ଏକ ଟୁ-ଜି ଇଥାନଲ ପ୍ଲାଣ୍ଟ ନିର୍ମାଣ କରିବାକୁ ଯୋଜନା ପ୍ରସ୍ତୁତ ହୋଇଛି।

ଶ୍ରୀ ପ୍ରଧାନ କହିଥିଲେ ଯେ, କେନ୍ଦ୍ର ସରକାର ପୂର୍ବ-ଭାରତର ବିକାଶ ଦ୍ୱାର ରୂପେ ଓଡ଼ିଶାକୁ ଅଗ୍ରାଧିକାର ଦେଇ ବିଭିନ୍ନ ପଦକ୍ଷେପ ଗ୍ରହଣ କରୁଛନ୍ତି। ରେଳବାଇ ପକ୍ଷରୁ ଗତ ଅଢ଼େଇ ବର୍ଷ ମଧ୍ୟରେ ୬୦୦୦ କୋଟି ଟଙ୍କାର ବ୍ୟୟବରାଦ କରାଯାଇଛି। ସେହିପରି ସାଗରମାଳା ଯୋଜନା ଅଧୀନରେ ୪୫୦୦ କୋଟି ଟଙ୍କା ଖର୍ଚ୍ଚରେ ଏକ ବେଳାଭୂମି ରାଜମାର୍ଗ ନେଟୱାର୍କ ପ୍ରତିଷ୍ଠା ଲାଗି ମାଷ୍ଟର ପ୍ଲାନ ପ୍ରସ୍ତୁତ ହୋଇଛି। ଜାତୀୟ ରାଜପଥ ବିକାଶ ପ୍ରାଧିକରଣ ଇତିମଧ୍ୟରେ ଓଡ଼ିଶାରେ ବିଭିନ୍ନ ଜାତୀୟ ରାଜପଥର ଉନ୍ନତିକରଣ ଓ ପ୍ରଶସ୍ତିକରଣ ପାଇଁ ୨୦,୦୦୦ କୋଟି ଟଙ୍କା ବିନିଯୋଗ କରିବ। ଏହିସବୁ ପୁଞ୍ଜି ବିନିଯୋଗ ଦ୍ୱାରା କେନ୍ଦ୍ର ସରକାର ଓଡିଶାକୁ ଉନ୍ନତିର ନୂତନ ଶୀର୍ଷକୁ ନେବାଲାଗି ପ୍ରତିବଦ୍ଧ ହୋଇଛନ୍ତି। ପ୍ରାଚୀନ ଓଡ଼ିଶାର ସମୃଦ୍ଧି ଓ ନୌବାଣିଜ୍ୟ ପରମ୍ପରା ଭଳି ଏବେ ଓଡ଼ିଶାର ହୃତଗୌରବ ଫେରାଇଆଣିବାର ବେଳ ଆସିଛି ବୋଲି କେନ୍ଦ୍ର ପେଟ୍ରୋଲିୟମ ମନ୍ତ୍ରୀ ଶ୍ରୀ ପ୍ରଧାନ କହିଥିଲେ।

# ବିପର୍ଯ୍ୟୟ ପରିଚାଳନା : ତାଲିମ ଓ ଦକ୍ଷତା ନିର୍ମାଣ

ଆର୍.କେ. ଜୈନ, ଡକ୍ଟର ତିରୁପୁଗଜ

ଉପକ୍ରମଣିକା: ଜଣେ ବ୍ୟକ୍ତି, ସମାଜ, ସଂଗଠନ, ସାଂଗଠନିକ ଏକକ ଓ ବ୍ୟବସ୍ଥାର ଦକ୍ଷତା କହିଲେ ଏହା ତାହାର ସଫଳ କାର୍ଯ୍ୟ ସମ୍ପାଦନର କ୍ଷମତା ଓ ସାମର୍ଥ୍ୟକୁ ବୁଝାଏ। ଅନ୍ୟ ଅର୍ଥରେ ବ୍ୟକ୍ତି, ସଂଗଠନ ଓ ସମାଜ ଯେଉଁ ପ୍ରକ୍ରିୟାରେ ଶକ୍ତି, ସାମର୍ଥ୍ୟ ଅର୍ଜନ କରି ଏକ ନିର୍ଦ୍ଦିଷ୍ଟ ସମୟ ମଧ୍ୟରେ ଲକ୍ଷ୍ୟ ହାସଲ କରେ ତାହାକୁ ଦକ୍ଷତା କୁହାଯାଏ। ସେଇଥିପାଇଁ କୁହାଯାଇଛି ଯେ ଦକ୍ଷତା ଯଦି ଯୋଜନା ଓ ଲକ୍ଷ୍ୟ ପ୍ରାପ୍ତିର ମାଧ୍ୟମ ହୁଏ ଦକ୍ଷତା ବିକାଶ ତାହାକୁ ସୁଗମ କରେ। ତେଣୁ ଦକ୍ଷତା ବିକାଶ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ବ୍ୟକ୍ତି, ଗୋଷ୍ଠୀ, ସମାଜ, ଅନୁଷ୍ଠାନ, ବ୍ୟବସ୍ଥା, ସାମର୍ଥ୍ୟ ଏ ସବୁର ଦକ୍ଷତା ବୃଦ୍ଧି, ସାମର୍ଥ୍ୟ ବୃଦ୍ଧିକୁ ବୁଝାଏ। ବିପର୍ଯ୍ୟୟ ହ୍ରାସ ଓ ଏହାର ପରିଚାଳନା କ୍ଷେତ୍ରରେ ଦକ୍ଷତା ବିକାଶକୁ ମିଳିତ ଜାତିସଂଘ ବିଶେଷ ଗୁରୁତ୍ୱ ପ୍ରଦାନ କରେ। ଦକ୍ଷତା ବିକାଶକୁ ଜାତିସଂଘ ନିମ୍ନମତେ ବର୍ଣ୍ଣନା କରିଛି। ତାହା ହେଲା –

"ଏକ ନିର୍ଦ୍ଦିଷ୍ଟ ସମୟ ଖଣ୍ଡ ମଧ୍ୟରେ କୌଣସି ସାମାଜିକ ଓ ଆର୍ଥିକ ଲକ୍ଷ୍ୟ ହାସଲ କରିବା ପାଇଁ ଜନସାଧାରଣ, ପ୍ରତିଷ୍ଠାନ, ସମାଜ ବିଧିବଦ୍ଧଭାବେ ନିଜର ଦକ୍ଷତାକୁ ବଢ଼ାଇବା ବା ଅଧିକ ସକ୍ରିୟ ହେବା। ଏହି ପ୍ରକ୍ରିୟାରେ ସମ୍ପୃକ୍ତ ମଣିଷ, ସମାଜ ବା ଅନୁଷ୍ଠାନ ନିଜର ଜ୍ଞାନ, ବୁଦ୍ଧିବିଦ୍ୟା, ବ୍ୟବସ୍ଥା, ପରିବେଶ, ସାମାଜିକ ଓ ସାଂସ୍କୃତିକ ପରିବେଷ୍ଟନୀକୁ ମଧ୍ୟ କ୍ରିୟାଶୀଳ ଓ ସମର୍ଥ କରିଥାଏ।"

ବିପର୍ଯ୍ୟୟ ପରିଚାଳନାରେ ଦକ୍ଷତା ନିର୍ମାଣ ଓ ବିକାଶକୁ ବିଶେଷ ଗୁରୁତ୍ୱ ପ୍ରଦାନ କରାଯାଇଛି। ଏ ସଂକ୍ରାନ୍ତ ସେଣ୍ଡାଇ ଆନ୍ତର୍ଜାତିକ ଚୁକ୍ତି ଆଧାରରେ ସମ୍ପ୍ରଦାୟ, ସରକାର ବା ଅନୁଷ୍ଠାନରେ ବୈଷୟିକ, ଆର୍ଥିକ, ପ୍ରଶାସନିକ, ଦକ୍ଷତା ବୃଦ୍ଧି ସହ ସମ୍ଭାବ୍ୟ ଦିଗଗୁଡ଼ିକୁ ଠାବ କରି କ୍ଷୟକ୍ଷତି କିପରି କମ୍ କରାଯାଇ ପାରିବ ତା' ଉପରେ ଗୁରୁତ୍ୱ ଆରୋପ କରାଯାଇଛି। ଦକ୍ଷତା ବିକାଶର ମୂଳସୂତ୍ର ହେଲା ପ୍ରଚଳିତ ବ୍ୟବସ୍ଥା ଓ ସାଧନକୁ ବିଚାରକୁ ନେଇ ତଦନୁସାରେ ଅନୁଷ୍ଠାନ ବା ସମାଜ ଭିତରୁ ପରିସ୍ଥିତିର ମୁକାବିଲା ପାଇଁ ବା ବିପଦ ହ୍ରାସ କରିବା ନିମନ୍ତେ ପ୍ରକ୍ରିୟା, ପ୍ରସ୍ତୁତି ଆରମ୍ଭ କରିବା। ସେଣ୍ଡାଇ ଚୁକ୍ତିରେ ବିପର୍ଯ୍ୟୟ ହ୍ରାସ ଓ ମୁକାବିଲାରେ ମହିଳାଙ୍କୁ ସଶକ୍ତ କରିବାକୁ ଜୋର ଦିଆଯାଇଛି। ସେମାନେ ଦକ୍ଷ ଓ ସମର୍ଥ ହେଲେ ପରିସ୍ଥିତିର ମୁକାବିଲା ଅଧିକ ସହଜ ହୋଇଥାଏ। ସେମାନଙ୍କ ସଫଳ ଯୋଗଦାନ ନିରନ୍ତର ବିକାଶ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିଥାଏ।

**ବିଭିନ୍ନ ପ୍ରକାର ଦକ୍ଷତା ନିର୍ମାଣ :** ଦକ୍ଷତା ନିର୍ମାଣ ତିନି ପ୍ରକାରର। ସେସବୁ ହେଲା ବ୍ୟକ୍ତିଗତ, ଆନୁଷ୍ଠାନିକ ଏବଂ ପାରିପାର୍ଶ୍ୱିକ। ପାରିପାର୍ଶ୍ୱିକ ଦକ୍ଷତା

**ବିପର୍ଯ୍ୟୟ ପରିଚାଳନାରେ ଦକ୍ଷତା ନିର୍ମାଣ ଓ ବିକାଶକୁ ବିଶେଷ ଗୁରୁତ୍ୱ ପ୍ରଦାନ କରାଯାଇଛି। ଏ ସଂକ୍ରାନ୍ତ ସେଣ୍ଡାଇ ଆନ୍ତର୍ଜାତିକ ଚୁକ୍ତି ଆଧାରରେ ସମ୍ପ୍ରଦାୟ, ସରକାର ବା ଅନୁଷ୍ଠାନରେ ବୈଷୟିକ, ଆର୍ଥିକ, ପ୍ରଶାସନିକ, ଦକ୍ଷତା ବୃଦ୍ଧି ସହ ସମ୍ଭାବ୍ୟ ଦିଗଗୁଡ଼ିକୁ ଠାବ କରି କ୍ଷୟକ୍ଷତି କିପରି କମ୍ କରାଯାଇ ପାରିବ ତା' ଉପରେ ଗୁରୁତ୍ୱ ଆରୋପ କରାଯାଇଛି। ଦକ୍ଷତା ବିକାଶର ମୂଳସୂତ୍ର ହେଲା ପ୍ରଚଳିତ ବ୍ୟବସ୍ଥା ଓ ସାଧନକୁ ବିଚାରକୁ ନେଇ ତଦନୁସାରେ ଅନୁଷ୍ଠାନ ବା ସମାଜ ଭିତରୁ ପରିସ୍ଥିତିର ମୁକାବିଲା ପାଇଁ ବା ବିପଦ ହ୍ରାସ କରିବା ନିମନ୍ତେ ପ୍ରକ୍ରିୟା, ପ୍ରସ୍ତୁତି ଆରମ୍ଭ କରିବା। ସେଣ୍ଡାଇ ଚୁକ୍ତିରେ ବିପର୍ଯ୍ୟୟ ହ୍ରାସ ଓ ମୁକାବିଲାରେ ମହିଳାଙ୍କୁ ସଶକ୍ତ କରିବାକୁ ଜୋର ଦିଆଯାଇଛି।**

ନିର୍ମାଣରେ ନୀତି, ଆଇନପ୍ରଣୟନ, ଆନୁଷ୍ଠାନିକ ବ୍ୟବସ୍ଥା, ନେତୃତ୍ୱ, ରାଜନୈତିକ ଧାରା, କ୍ଷମତା ସମ୍ପର୍କ ଓ ସାମାଜିକ ରୀତିନୀତି ଅନ୍ତର୍ଭୁକ୍ତ। ସେହିଭଳି ଅନୁଷ୍ଠାନ ବା ସଂସ୍ଥାଗତ ସ୍ତରରେ ଦକ୍ଷତା ନିର୍ମାଣରେ ଆଭ୍ୟନ୍ତରୀଣ ନୀତି, ବ୍ୟବସ୍ଥା, ରଣକୌଶଳ, ବ୍ୟବସ୍ଥା ପଦ୍ଧତି ଓ ଢାଞ୍ଚା ଆଦି ପ୍ରସଙ୍ଗ ସ୍ଥାନପାଏ ଯାହାକୁ ଭିତ୍ତି କରି ଅନୁଷ୍ଠାନ ବା ସଂସ୍ଥା ଚାଲେ ଏବଂ ଲକ୍ଷ୍ୟ ହାସଲ ପଥରେ ଅଗ୍ରସର ହୁଏ। ଏଥିରେ ବ୍ୟକ୍ତିଗତ ଦକ୍ଷତା ବୃଦ୍ଧି ଏବଂ ସହଯୋଗ ଭିତ୍ତିକ ଅବଦାନରେ ମିଳିମିଶି କାମ କରି ଲକ୍ଷ୍ୟ ହାସଲ କରିବା ଗୁରୁତ୍ୱ ପାଏ। ବ୍ୟକ୍ତିଗତ ସ୍ତରରେ କୌଶଳ ଓ ଜ୍ଞାନର ବିକାଶ ମଣିଷର ଦକ୍ଷତା ବଢ଼ାଏ। ତଦନୁସାରେ ସମୁଦାୟ, ସମ୍ପ୍ରଦାୟ, ଗୋଷ୍ଠୀ ଓ ଦଳର ଦକ୍ଷତା ଓ ସାମର୍ଥ୍ୟ ବଢ଼େ।

ଦକ୍ଷତା ବୃଦ୍ଧିର ଦୁଇଟି ମାଧ୍ୟମ ହେଲା - ଆନୁଷ୍ଠାନିକ ଏବଂ ବୈଷୟିକ। ଆନୁଷ୍ଠାନିକ ପ୍ରକ୍ରିୟାରେ ମଣିଷକୁ ଦକ୍ଷ କରିବାକୁ ହେଲେ ତାହାର ଶାରୀରିକ ସାମର୍ଥ୍ୟ ବାହାରେ କେତେକ କଥା ରହୁଛି ଯାହା ନୀତି ନିର୍ଦ୍ଧାରଣ, କାର୍ଯ୍ୟକାରିତା, ନୀତିର ସମୀକ୍ଷା, ରଣନୀତି, କାର୍ଯ୍ୟକ୍ରମ ଓ ପ୍ରକଳ୍ପ ସହ ସମ୍ପୃକ୍ତ। ବୈଷୟିକ ମାଧ୍ୟମଟି ହେଲା କିଛି ନିର୍ଦ୍ଦିଷ୍ଟ କ୍ଷେତ୍ର ପାଇଁ ଆବଶ୍ୟକ ହେଉଥିବା ଯାନ୍ତ୍ରିକ, ବୈଷୟିକ ଓ ଜ୍ଞାନକୌଶଳଗତ ଆବଶ୍ୟକତା।

ତେଣୁ ଦକ୍ଷତା ବିକାଶ ପାଇଁ ମାନବ ସମ୍ବଳର ବିକାଶ ହିଁ ସବୁ କିଛି ନୁହେଁ, ବରଂ ଆବଶ୍ୟକ ଭିତ୍ତିଭୂମି, ବିପଦ ହ୍ରାସ ପାଇଁ ଆନୁଷ୍ଠାନିକ ଦକ୍ଷତା ଆଦି ଉପରେ ଗୁରୁତ୍ୱ ଦେବାକୁ ପଡ଼ିବ। ଆହୁରି ମଧ୍ୟ ଏ କ୍ଷେତ୍ରରେ ସବୁ କଥାକୁ ରାଷ୍ଟ୍ର ଉପରେ ଛାଡ଼ି ଦେଲେ ଚଳିବ ନାହିଁ। ସେଥିପାଇଁ ସେଣ୍ଡାଇ ଚୁକ୍ତିରେ ଯଥାର୍ଥରେ କୁହାଯାଇଛି ଯେ ବିପର୍ଯ୍ୟୟ ପରିଚାଳନା କ୍ଷେତ୍ରରେ ସମୁଦାୟ ସମାଜର ସହଯୋଗ ଲୋଡ଼ା। ସଂକ୍ଷେପରେ କହିଲେ, ଆମକୁ ଏ କ୍ଷେତ୍ରରେ ରାଷ୍ଟ୍ରୀୟ ସଂସ୍ଥା ଓ ସଂଗଠନ, ସମ୍ପ୍ରଦାୟ, ବୃତ୍ତିଧାରୀ, ବିଶେଷଜ୍ଞ, ଘରୋଇ ଉଦ୍ୟୋଗ, ସ୍ୱେଚ୍ଛାସେବୀ ସଂଗଠନ ଏବଂ ଅନ୍ୟ ସ୍ୱାଧୀନ ଭାବେ କାମ କରୁଥିବା ବ୍ୟକ୍ତିବିଶେଷଙ୍କ ସହଯୋଗ ନେବାକୁ ପଡ଼ିବ।

ବିପର୍ଯ୍ୟୟ ଆଶଙ୍କା ହ୍ରାସ କ୍ଷେତ୍ରରେ ଦକ୍ଷତା ବିକାଶ ଓ ନିର୍ମାଣ ପାଇଁ ଆମକୁ ସମ୍ପୃକ୍ତ ସମସ୍ତ ପକ୍ଷ, ବିଶେଷ କରି ଜନସମୁଦାୟକୁ ସମ୍ପୃକ୍ତ କରିବାକୁ ହେବ। ସେମାନଙ୍କୁ ସାଥିରେ ନେଲେ ଆମର ପ୍ରଚଳିତ ଦକ୍ଷତା, ଭିତ୍ତିଭୂମି, ଆବଶ୍ୟକତା, ଅଭାବ ଅସୁବିଧା ଆଦିକୁ ବୁଝି ହେବ ଓ ଏହାର ସମାଧାନ ପାଇଁ ବାଟ ବାହାରିବ। ଲୋକଙ୍କ ସହ ଉଭୟ ଆନୁଷ୍ଠାନିକ ଓ ଅଣ ଆନୁଷ୍ଠାନିକ ଭାବେ ସାମିଲ ହୋଇ ସେମାନଙ୍କର ଦୁର୍ବଳତାକୁ ବୁଝିଲେ ଦକ୍ଷତା ବିକାଶ କାର୍ଯ୍ୟ ସହଜ ହେବ। ତେଣୁ ଆବଶ୍ୟକତାକୁ ବିଚାରକୁ ନେଇ ଦକ୍ଷତା ନିର୍ମାଣ କରାଯିବା ଉଚିତ। ଶ୍ରେଣୀ ଗୃହରେ ଦକ୍ଷତା ବିକାଶ ପାଇଁ ଲୋକଙ୍କୁ ତାଲିମ ଦେବା ଅପେକ୍ଷା ସେମାନଙ୍କୁ ବିଭିନ୍ନ ପ୍ରକାର ପ୍ରତ୍ୟେକ୍ଷ ଶିକ୍ଷା, ତାଲିମ, କୌଶଳ ପ୍ରଶିକ୍ଷଣ, କ୍ଷେତ୍ର ପରିଦର୍ଶନ, ଭାବ ଆଦାନ ପ୍ରଦାନ, ଡ୍ରିଲ୍, ମକ୍‌ଡ୍ରିଲ ଆଦିରେ ସାମିଲ କରିବା ଅଧିକ ଗ୍ରହଣୀୟ।

**ଜାତୀୟ ନୀତି :** ଭାରତ ସରକାର ଜାତୀୟ ବିପର୍ଯ୍ୟୟ ପ୍ରଶମନ ନୀତି ପ୍ରଣୟନ କରି ତଦନୁସାରେ କାର୍ଯ୍ୟ କରୁଛନ୍ତି। ଏଥିରେ ଦକ୍ଷତା ବିକାଶକୁ ଅଗ୍ରାଧିକାର ଦିଆଯାଇଛି। ଏଥିରେ କୁହାଯାଇଛି ଯେ "ବିପର୍ଯ୍ୟୟର ମୁକାବିଲା ପାଇଁ ଆନୁଷ୍ଠାନିକ ଢାଞ୍ଚା ବା ବ୍ୟବସ୍ଥାକୁ ଉପଯୋଗ କରିବା ସହ ପରିଚାଳନା ବ୍ୟବସ୍ଥାକୁ କାର୍ଯ୍ୟରେ ଲଗାଇବା ଏବଂ ଏଥି ପାଇଁ ଆବଶ୍ୟକ ସମ୍ବଳର ବ୍ୟବସ୍ଥା କରିବା।" ଏହି ଦର୍ଶନକୁ ବେଦବାକ୍ୟ ମଣି ବିପର୍ଯ୍ୟୟ ପରିଚାଳନା ନୀତି କାର୍ଯ୍ୟକାରୀ ହେଉଛି ଏବଂ ସେଥିରେ ଦକ୍ଷତା ନିର୍ମାଣ ଓ ବିକାଶ ଅଗ୍ରାଧିକାର ପାଇଛି। ବିପର୍ଯ୍ୟୟ ପାଇଁ ପ୍ରସ୍ତୁତି, ଏହାର ମୁକାବିଲା, କ୍ଷୟକ୍ଷତି ହ୍ରାସ, ଥଇଥାନ ଓ ପୁନଃନିର୍ମାଣ ଏହି ସବୁ ବିଷୟକୁ ଧ୍ୟାନରେ ରଖି ଦକ୍ଷତା ବିକାଶ ଉପରେ ଗୁରୁତ୍ୱ ଦିଆଯାଇଛି। ଏହାଛଡ଼ା ସମ୍ଭାବ୍ୟ ବିପଦପ୍ରବଣ କ୍ଷେତ୍ରକୁ ଚିହ୍ନଟ କରି ଦକ୍ଷତା ଓ ଭିତ୍ତିଭୂମି ନିର୍ମାଣ ମଧ୍ୟ ଏଥିରେ ଗୁରୁତ୍ୱ ପାଇଛି।

**ଆନୁଷ୍ଠାନିକ ବ୍ୟବସ୍ଥା :** ବିପର୍ଯ୍ୟୟ ପରିଚାଳନାର ମୌଳିକ ଦାୟିତ୍ୱ ରାଜ୍ୟ ସରକାରଙ୍କ ଉପରେ ନ୍ୟସ୍ତ। ଏଥିରେ ସ୍ଥାନୀୟ ସ୍ୱାୟତ୍ତଶାସନ ସଂସ୍ଥାର ମଧ୍ୟ ଗୁରୁଦାୟିତ୍ୱ ରହିଛି। କେନ୍ଦ୍ର ସରକାରଙ୍କର ଏଥିରେ କେବଳ ସହାୟକ ଓ ଅତିରିକ୍ତ ଭୂମିକା ଅଛି। ଭାରତର ବିଭିନ୍ନ ରାଜ୍ୟରେ ବିପର୍ଯ୍ୟୟ ପରିଚାଳନା ବ୍ୟବସ୍ଥା ଭିନ୍ନଭିନ୍ନ। ପ୍ରାୟ ସମସ୍ତ ରାଜ୍ୟ ବିପର୍ଯ୍ୟୟ ପରିଚାଳନା ପ୍ରାଧିକରଣ ଗଠନ କରିଥିଲେ ହେଁ ବିପର୍ଯ୍ୟୟ ପରବର୍ତ୍ତୀ କାର୍ଯ୍ୟାନୁଷ୍ଠାନ ଓ ରିଲିଫ ଯୋଗାଣ ଦାୟିତ୍ୱ ମୁଖ୍ୟତଃ ରିଲିଫ କମିଶନରଙ୍କ ଉପରେ ନ୍ୟସ୍ତ। ଅନେକ ରାଜ୍ୟ ବିପର୍ଯ୍ୟୟ ମୁକାବିଲା ବାହିନୀ (ଡିଆରଏଫ୍) ଗଠନ କରିଥିବା ବେଳେ ଆଉ କେତେକ ଏଥିପାଇଁ ଏବେ ମଧ୍ୟ ଅଗ୍ନିଶମ ଓ ଜରୁରୀ କାର୍ଯ୍ୟାନୁଷ୍ଠାନ ବାହିନୀ ଉପରେ

ନିର୍ଭର କରୁଛନ୍ତି। ମୋଟାମୋଟି ପ୍ରଶାସନିକ କାରଣରୁ ରାଜ୍ୟରାଜ୍ୟ ମଧ୍ୟରେ ବିପର୍ଯ୍ୟୟ ପରିଚାଳନା ସଂକ୍ରାନ୍ତ ବିଧିବ୍ୟବସ୍ଥା ଭିନ୍ନ। ବିପର୍ଯ୍ୟୟ ପରିଚାଳନା ଓ ଦକ୍ଷତା ବିକାଶ ପାଇଁ ଓଡ଼ିଶା ଏବଂ ଗୁଜରାଟ ଭଳି କେତେକ ରାଜ୍ୟ ସ୍ୱତନ୍ତ୍ର ତାଲିମ୍ ପ୍ରତିଷ୍ଠାନ ଗଠନ କରିଥିବା ଓ କରୁଥିବା ଅବସ୍ଥାରେ ଥିବାବେଳେ ଅନେକ ରାଜ୍ୟ ଏଥିପାଇଁ ସେମାନଙ୍କର ପ୍ରଶାସନିକ ତାଲିମ ପ୍ରତିଷ୍ଠାନ ଉପରେ ନିର୍ଭରଶୀଳ।

ରାଜ୍ୟଗୁଡ଼ିକୁ ସାହାଯ୍ୟ କରିବା ଉଦ୍ଦେଶ୍ୟରେ କେନ୍ଦ୍ର ସରକାର ଦକ୍ଷତା ବିକାଶ ପାଇଁ ବିଭିନ୍ନ ପ୍ରତିଷ୍ଠାନ ସ୍ଥାପନ କରିଛନ୍ତି। ଏସବୁ ପ୍ରତିଷ୍ଠାନରେ ନାନାବିଧ ତାଲିମ ପ୍ରଦାନ କରାଯାଉଛି। ବିପର୍ଯ୍ୟୟ ପରିଚାଳନା କ୍ଷେତ୍ରରେ ଶୀର୍ଷ ସମନ୍ୱୟ ଦାୟିତ୍ୱ କେନ୍ଦ୍ର ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ଉପରେ ନ୍ୟସ୍ତ। ଶୀର୍ଷସ୍ତରୀୟ ନିଷ୍ପତ୍ତି ଗ୍ରହଣ କରିବା ପାଇଁ ନିରାପତ୍ତା ସଂକ୍ରାନ୍ତ କ୍ୟାବିନେଟ୍ କମିଟି ଓ ଜାତୀୟ ସଙ୍କଟ ପରିଚାଳନା କମିଟି ମଧ୍ୟ ଅଛି। ଏହି ଦୁଇ କମିଟି ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ସହ ମିଶି ବିପର୍ଯ୍ୟୟ ପରିଚାଳନା କ୍ଷେତ୍ରରେ ଚୂଡ଼ାନ୍ତ ତଥା ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେଇଥାନ୍ତି। ୨୦୦୫ରେ ଜାତୀୟ ବିପର୍ଯ୍ୟୟ ପରିଚାଳନା ପ୍ରାଧିକରଣ ଗଠିତ ହୋଇଥିଲା ଏବଂ ଏହା ଏ କ୍ଷେତ୍ରରେ ନୋଡାଲ ଏଜେନ୍ସି ଭାବେ କାର୍ଯ୍ୟ କରୁଛି। ପ୍ରଧାନମନ୍ତ୍ରୀ ଏହାର ଅଧ୍ୟକ୍ଷ। ଏହି ସଂସ୍ଥା ବିପର୍ଯ୍ୟୟ ପରିଚାଳନା ସଂକ୍ରାନ୍ତରେ ନୀତି, ଆଇନ, ଯୋଜନା, କାର୍ଯ୍ୟକ୍ରମ, ନିର୍ଦ୍ଦେଶାବଳୀ ଆଦି ଚୂଡ଼ାନ୍ତ କରିଥାଏ। ବିପର୍ଯ୍ୟୟର ମୁକାବିଲା ପାଇଁ ପ୍ରସ୍ତୁତି, ଏହାର ପରିଚାଳନା, ସାହାଯ୍ୟ ଓ ଉଦ୍ଧାର କାର୍ଯ୍ୟ, ପ୍ରଶମନ, ଥଇଥାନ ଓ ପୁନଃନିର୍ମାଣ ଆଦି ସବୁ କାର୍ଯ୍ୟ ଏହି ସଂସ୍ଥାର ନୀତି ଓ ନିର୍ଦ୍ଦେଶ ମୁତାବକ ହୋଇଥାଏ। ଏହି ସଂସ୍ଥା ଦକ୍ଷତା ବିକାଶର ଦୁଇଟି ଦିଗ ଉପରେ କାମ କରୁଛି। ସେ ଦୁଇଟି ହେଲା- ସାଂଗଠନିକ ଦକ୍ଷତା ନିର୍ମାଣ ଏବଂ ବିପର୍ଯ୍ୟୟ ପରିଚାଳନା ପାଇଁ ଏକ ସୁଦକ୍ଷ ବ୍ୟବସ୍ଥା ଓ ପରିବେଶ ପ୍ରସ୍ତୁତି। ଏହାଛଡ଼ା ଏହି ସଂସ୍ଥା କେତେକ ବିପଦପୂର୍ଣ୍ଣ କ୍ଷେତ୍ରକୁ ଠାବ କରି ସେ କ୍ଷେତ୍ରରେ ସଫଳ ବିପର୍ଯ୍ୟୟ ପରିଚାଳନା ପାଇଁ କେତେକ ପଦ୍ଧତି ଓ ଢାଞ୍ଚା ନିର୍ମାଣ ବ୍ୟବସ୍ଥା କରିଛି।

ଏହାଛଡ଼ା ଜାତୀୟ ବିପର୍ଯ୍ୟୟ ପରିଚାଳନା ପ୍ରାଧିକରଣ ସିଧାସଳଖ କେତେକ ଦକ୍ଷତା ବିକାଶ କାର୍ଯ୍ୟ ହାତକୁ ନେଇଛି। ବାତ୍ୟାର ମୁକାବିଲା, ଜାତୀୟ ବିଦ୍ୟାଳୟ ନିରାପତ୍ତା କାର୍ଯ୍ୟ ସହିତ ସାହାଯ୍ୟ ଓ ଉଦ୍ଧାର କାର୍ଯ୍ୟ ପାଇଁ ଅଭ୍ୟାସ ଭଳି କେତେକ କାର୍ଯ୍ୟ ଏହି ସଂସ୍ଥା ବିଭିନ୍ନ ରାଜ୍ୟ ସହ ମିଶି ନିୟମିତ କରୁଛି। ବିଭିନ୍ନ ସଂଗଠନ ଓ ପ୍ରତିଷ୍ଠାନର ଦକ୍ଷତା ବୃଦ୍ଧି ପାଇଁ ମଧ୍ୟ ଏହା ପ୍ରତ୍ୟେକ୍ଷ ଓ ପରୋକ୍ଷ ସାହାଯ୍ୟ ସହଯୋଗ ଯୋଗାଉଛି। ବିପର୍ଯ୍ୟୟ ପରିଚାଳନାରେ ଏହି ସଂସ୍ଥା ମଧ୍ୟ ବିଭିନ୍ନ ମନ୍ତ୍ରଣାଳୟ ସହ ସହଯୋଗ ରକ୍ଷା କରି କାମ କରୁଛି। ଏହା ଅଧୀନରେ ଜାତୀୟ ବିପର୍ଯ୍ୟୟ ପରିଚାଳନା ବାହିନୀ କାର୍ଯ୍ୟ କରୁଥିବାବେଳେ ଏହି ବାହିନୀ ରାଜ୍ୟସ୍ତରୀୟ ବାହିନୀଗୁଡ଼ିକୁ ତାଲିମ ଓ କୌଶଳ ଶିଖାଉଛି। ଏହି ସଂସ୍ଥାର ଉଚ୍ଚ ଅଧିକାରୀମାନଙ୍କୁ ମଶୌରୀସ୍ଥିତ ଆଇଏଏସ୍ ତାଲିମ ପ୍ରତିଷ୍ଠାନ ଓ ଜାତୀୟ ପୁଲିସ ତାଲିମ ପ୍ରତିଷ୍ଠାନରେ ନିୟମିତ ଭାବେ ଆବଶ୍ୟକ ତାଲିମ ଦିଆଯାଉଛି। ଜିଲ୍ଲା, ଉପଜିଲ୍ଲା ଓ ପ୍ରାଦେଶିକ କର୍ତ୍ତୃପକ୍ଷଙ୍କ ସହ ଯୋଗସୂତ୍ର ରକ୍ଷା କରି ଏହି ସଂସ୍ଥା ସାହାଯ୍ୟ, ଉଦ୍ଧାର ଓ ପ୍ରସ୍ତୁତି ସମ୍ପର୍କରେ ଅଧିକାରୀ ଏବଂ ଜନତାଙ୍କୁ ନିୟମିତ ତାଲିମ ପ୍ରଦାନ କରିଆସୁଛି।

**ଭବିଷ୍ୟତ ପନ୍ଥା :** ମଣିଷ ସମାଜର ଉତ୍ପତ୍ତିକାଳରୁ ବିପର୍ଯ୍ୟୟ ପରିଚାଳନା ବ୍ୟବସ୍ଥା ରହିଛି। ବିପର୍ଯ୍ୟୟ ସହ ଲଢ଼େଇ କରି ତିଷ୍ଠି ରହିବା ମଣିଷର ଇତିହାସ। କେବଳ ୨୦୧୫ ବର୍ଷରେ ୩୪୬ଟି ବିପର୍ଯ୍ୟୟ ଘଟିଥିଲା ଏବଂ ଏଥିରେ ୨୨,୭୭୩ ଲୋକଙ୍କର ମୃତ୍ୟୁ ଘଟିବା ସହ ପ୍ରାୟ ୯୯ ନିୟୁତ ଲୋକ ପ୍ରଭାବିତ ହୋଇଥିଲେ। ଏହା ଫଳରେ ୬୬.୫ ବିଲିୟନ ଡଲାର (ଏକ ବିଲିୟନ = ୧୦୦କୋଟି) ମୂଲ୍ୟର ଆର୍ଥିକ କ୍ଷତି ଘଟିଥିଲା। ଏବେ ବିପର୍ଯ୍ୟୟ ଜନିତ ମୃତ୍ୟୁ ସଂଖ୍ୟା କ୍ରମଶଃ ହ୍ରାସ ପାଉଥିଲେ ହେଁ ଆର୍ଥିକ କ୍ଷୟକ୍ଷତି ବଢୁଛି। ଏହାର ଏକାଧିକ କାରଣ ରହିଛି। ଦ୍ରୁତ ସହରିକରଣ, ବିପଜ୍ଜନକ ସ୍ଥାନରେ ବସବାସ, ଟେକ୍‌ନୋଲୋଜି ଆଧାରିତ ଜୀବନ ଏସବୁ କାରଣ ମଧ୍ୟରେ ଅନ୍ୟତମ। ସେହିଭଳି ବିରାଟ ଜନସଂଖ୍ୟାର ଆୟବୃଦ୍ଧି ଓ ସାମାଜିକ ଆବଶ୍ୟକତା ପୂରଣ ପାଇଁ ପ୍ରାକୃତିକ ସମ୍ପଦର ମାତ୍ରାଧିକ ଉପଯୋଗ ହେଉଥିବାରୁ ପରିବେଶ ଉପରେ ତାହାର ପ୍ରଭାବ ପଡୁଛି ଓ ଅନେକ ସମୟରେ ବିପର୍ଯ୍ୟୟ ସୃଷ୍ଟି ହେଉଛି। ଜଳବାୟୁ ପରିବର୍ତ୍ତନ ତାହାର ଏକ ମୁଖ୍ୟ କାରଣ। ତେଣୁ ପ୍ରାକୃତିକ ସମ୍ପଦର ଉପଯୋଗ ବେଳେ ବୁଝିବିଚାରି କାର୍ଯ୍ୟ କରିବାକୁ ହେବ। ପ୍ରାକୃତିକ ବିପର୍ଯ୍ୟୟର ପ୍ରଶମନ ସର୍ବଦା ଏକ ସ୍ଥାନୀୟ ଘଟଣା। ତେଣୁ ଏହାକୁ ସ୍ଥାନୀୟ ନ'କରି ବ୍ୟାପକ କରିବାକୁ ଯୋଜନା ପ୍ରସ୍ତୁତ କରିବାକୁ ପଡ଼ିବ। ସେଥିପାଇଁ ଯୋଜନାବଦ୍ଧ ସହର,

ସୁରକ୍ଷିତ ପରିବେଶ ନିର୍ମାଣ ଉପରେ ଗୁରୁତ୍ୱ ଦେବାକୁ ପଡ଼ିବ। ସବୁ ମାନବିକ କାର୍ଯ୍ୟକ୍ରମର ସୁଦୂର ପ୍ରସାରୀ ପ୍ରଭାବ ଓ ସମ୍ଭାବ୍ୟ ବିପତ୍ତି ପ୍ରତି ଧ୍ୟାନ ଦେବାକୁ ହେବ। ଏହା ସହିତ ସମ୍ଭାବ୍ୟ ବିପଦ ଆପଦ ସମୟରେ ପ୍ରସ୍ତୁତି, ମୁକାବିଲା, ସାହାଯ୍ୟ ଓ ଉଦ୍ଧାର, ଥଇଥାନ, ପୁନର୍ନିର୍ମାଣ ଆଦିକୁ ଆଖି ଆଗରେ ରଖି ଯୋଜନା ପ୍ରସ୍ତୁତ କରିବାକୁ ପଡ଼ିବ। ଏଥିପାଇଁ ଆବଶ୍ୟକ ଲୋକଶକ୍ତି ପ୍ରସ୍ତୁତ କରି ସେମାନଙ୍କୁ ତାଲିମ ଦେବା ସହ ଭିତ୍ତିଭୂମି ଓ ଜ୍ଞାନକୌଶଳର ବିକାଶ କରିବାକୁ ହେବ ଏବଂ ସର୍ବୋପରି ଏ ଦିଗରେ ଦକ୍ଷତା ବୃଦ୍ଧି କରିବାକୁ ହେବ। ସ୍ଥାନୀୟ ସ୍ୱାୟତ୍ତ ଶାସନ ସଂସ୍ଥା, କର୍ତ୍ତୃପକ୍ଷ, ସରକାର ପରିସ୍ଥିତିର ମୁକାବିଲା କରିବାକୁ ଯେପରି ସମର୍ଥ ହୁଅନ୍ତି ସେ ଦିଗପ୍ରତି ଦୃଷ୍ଟି ରଖିବାକୁ ପଡ଼ିବ।

ଏ ସଂକ୍ରାନ୍ତ ଜାତୀୟ ଯୋଜନା ଓ ନୀତିରେ ଲୋକଙ୍କୁ ଦକ୍ଷ, ସମର୍ଥ କରିବା ସହ ଜନସହଯୋଗକୁ ଗୁରୁତ୍ୱ ଦିଆଯାଇଛି। ଏହାଛଡ଼ା ବିପର୍ଯ୍ୟୟ ସମ୍ପର୍କରେ ଆଗୁଆ ସୂଚନା, ଯୋଗାଯୋଗ ବ୍ୟବସ୍ଥାରେ ଉନ୍ନତି, ସାହାଯ୍ୟ ଓ ଉଦ୍ଧାରକାରୀ ଉପକରଣ, ଜ୍ଞାନକୌଶଳର ବିକାଶ, ଜରୁରୀ ଅସ୍ତ୍ରୋପଚାର କେନ୍ଦ୍ର ଏବଂ ବିପର୍ଯ୍ୟୟ ପରିଚାଳନା ପ୍ରଶାସନ ମଧ୍ୟ ଜାତୀୟ ନୀତିରେ ଅଗ୍ରାଧିକାର ପାଇଛି। ସାହାଯ୍ୟ ଓ ଉଦ୍ଧାର କାର୍ଯ୍ୟରେ ସ୍ୱେଚ୍ଛାସେବୀ ସଂଗଠନ ସ୍ୱେଚ୍ଛା ସେବକ, ବେସରକାରୀ ସଂସ୍ଥାଙ୍କୁ ସାମିଲ କରିବାର ବ୍ୟବସ୍ଥା ଅଛି।

**ଉପସଂହାର :** ଦକ୍ଷତା ନିର୍ମାଣ ବା ବିକାଶ ଏକ ଏକକାଳୀନ କାର୍ଯ୍ୟ ନୁହେଁ। ଏହା ଏକ ନିରନ୍ତର ପ୍ରକ୍ରିୟା। ବିପଦ ବିଭିନ୍ନ ପ୍ରକାରର ହୋଇଥିବାରୁ ପରିସ୍ଥିତି ଓ ଭୟାବହତାକୁ ଦୃଷ୍ଟିରେ ରଖି ତାହାର ମୁକାବିଲା କରିବାକୁ ସମର୍ଥ ହେବାକୁ ପଡ଼ିବ। ଏଥିପାଇଁ ଏକ ଦୀର୍ଘ ମିଆଦି ଯୋଜନାର ଆବଶ୍ୟକତା ରହିଛି। ବିପଦର ସ୍ୱରୂପ ଅନୁସାରେ ମଣିଷର ଦକ୍ଷତା ବଢ଼ାଇବାକୁ ପଡ଼ିବ। ଏଥିପାଇଁ ଆବଶ୍ୟକ ତଥ୍ୟ, ସୂଚନା, ବିପର୍ଯ୍ୟୟର ବିଭିନ୍ନ ଦିଗ ସମ୍ପର୍କରେ ଖବର ସଂଗ୍ରହ କରି ତାହାର ଅନୁଶୀଳନ ଓ ଗବେଷଣା କରି ତଦନୁସାରେ ସାମର୍ଥ୍ୟ ବଢ଼ାଇବାକୁ ପଡ଼ିବ। ଆହୁରି ମଧ୍ୟ ବିପର୍ଯ୍ୟୟ ପୀଡ଼ିତ ଅଞ୍ଚଳ, ଜନସମୁଦାୟ କେଉଁ ପରିସ୍ଥିତିରେ କିଭଳି ସହାୟତା ଓ ସାହାଯ୍ୟ ଲୋଡୁଛି ତାହାକୁ ଅନୁଧ୍ୟାନ କରି ଏକ ସମ୍ଭାବ୍ୟ ଖସଡ଼ା ପ୍ରସ୍ତୁତ କରିବାକୁ ହେବ, ଯଦ୍ୱାରା ଆବଶ୍ୟକ ସ୍ଥଳେ ତଦନୁସାରେ ସାହାଯ୍ୟ, ଉଦ୍ଧାର କାର୍ଯ୍ୟ କରାଯାଇପାରିବ। ସାହାଯ୍ୟ ଲୋକଙ୍କ ଆବଶ୍ୟକତା ଅନୁରୂପ ନ'ହେଲେ ସମ୍ପୃକ୍ତ ଦକ୍ଷତା ନିର୍ମାଣ ନିରର୍ଥକ ହେବ। ସବୁବେଳେ ବିପର୍ଯ୍ୟୟ ପରିଚାଳନା କାର୍ଯ୍ୟକ୍ରମ ଅଂଶଗ୍ରହଣକାରୀ ଓ ବହୁପାକ୍ଷିକ ହେବା ଆବଶ୍ୟକ। ଏହା ହେଲେ ଲୋକଙ୍କର ସଚେତନତା ଓ ପ୍ରସ୍ତୁତି ବଢ଼ିବ ଏବଂ ସେମାନେ ଦରକାରବେଳେ ନିଜକୁ ନିଜେ ମଧ୍ୟ ସାହାଯ୍ୟ କରିପାରିବେ। ମହିଳାମାନଙ୍କ ଦକ୍ଷତା ବିକାଶକୁ ଏଥିରେ ଅଗ୍ରାଧିକାର ଦେବାକୁ ପଡ଼ିବ, କାରଣ ସେମାନଙ୍କ ସତର୍କତା, ବିଚାରବୁଦ୍ଧି ଓ ସାହସ ବିପଦକାଳରେ ସବୁଠୁ ଅଧିକ ଦରକାରୀ ହୋଇଥାଏ। ସେଣ୍ଡାଇ ଚୁକ୍ତିରେ ଏହାକୁ ଗୁରୁତ୍ୱ ଦିଆଯାଇଛି। ଅତଏବ ଆମେ ଯଦି ଉପରୋକ୍ତମତେ ଆମର ଦକ୍ଷତା ବିକାଶ କରିପାରିବା ବିପର୍ଯ୍ୟୟ ଆମର ଅଶେଷ କ୍ଷତି କରିପାରିବ ନାହିଁ। ଏହା ଫଳରେ ଏକ ସ୍ଥିତିସ୍ଥାପକ ଭାରତ ନିର୍ମାଣ ସମ୍ଭବ ହେବ।

ଲେଖକଦ୍ୱୟ ଜାତୀୟ ବିପର୍ଯ୍ୟୟ ପରିଚାଳନା ପ୍ରାଧିକରଣର ସଦସ୍ୟ।

## ପ୍ରଧାନମନ୍ତ୍ରୀ କୌଶଳ ବିକାଶ କେନ୍ଦ୍ର

ପ୍ରଧାନମନ୍ତ୍ରୀଙ୍କ ସ୍କିଲ୍ ଇଣ୍ଡିଆ ଯୋଜନା ଅଧୀନରେ ଯାଜପୁର ଜିଲ୍ଲା କୋରେଇ ବ୍ଲକ ସାନ୍ ପାଟୁଳି ଗାଁ ନିକଟସ୍ଥ ୨୧୫ ନମ୍ବର ଜାତୀୟ ରାଜପଥ କଡ଼ରେ ଗତ ଡିସେମ୍ବର ୧୯ ତାରିଖ ଦିନ ଉଦ୍‌ଘାଟିତ ହୋଇଯାଇଛି ଜିଲ୍ଲାର ପ୍ରଥମ ପ୍ରଧାନମନ୍ତ୍ରୀ କୌଶଳ କେନ୍ଦ୍ର । ଭିଡ଼ିଓ କନ୍‌ଫରେନ୍‌ସିଂ ମାଧ୍ୟମରେ କାନପୁରରୁ ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦି ଏହି କେନ୍ଦ୍ରର ଉଦ୍‌ଘାଟନ କରିଛନ୍ତି । ଏହି କେନ୍ଦ୍ରରେ ମାଇନିଂ, ଆଇଟି, ରିଟେଲ୍, ବିଉଟି ପାର୍ଲର, ଇଲେକ୍‌ଟ୍ରିସିଆନ୍, ପ୍ଲମ୍ବର ଆଣ୍ଡ୍ କନ୍‌ଷ୍ଟ୍ରକ୍‌ସନ୍ ଓ ଇଲେକ୍‌ଟ୍ରୋନିକ୍ସ ଆଦି ୭ଟି ବିଭାଗରେ ବେକାର ଯୁବକ ଯୁବତୀମାନଙ୍କୁ ତାଲିମ ପ୍ରଦାନ କରାଯିବ । ବର୍ଷକୁ ୩ ହଜାର ଛାତ୍ରଛାତ୍ରୀ ଏହି କେନ୍ଦ୍ରରୁ ପ୍ରଶିକ୍ଷଣ ନେଇ ସ୍ୱାବଲମ୍ବୀ ହୋଇ ପାରିବେ ବୋଲି ଜଣାପଡ଼ିଛି । ଖାଲି ସେତିକି ନୁହେଁ, ଏଠାରୁ କୃତିତ୍ୱର ସହ ପାସ୍ କରୁଥିବା ଛାତ୍ରଛାତ୍ରୀଙ୍କୁ ପ୍ରମାଣପତ୍ର ପ୍ରଦାନ କରାଯିବ ଓ ୭୦ ପ୍ରତିଶତ ପ୍ରଶିକ୍ଷାର୍ଥୀଙ୍କୁ ବିଭିନ୍ନ କମ୍ପାନିରେ ନିଯୁକ୍ତି ସୁଯୋଗ ପ୍ରଦାନ କରାଯିବ ବୋଲି ସୂଚନା ମିଳିଛି । ତାଲିମ ପାଇଁ ସାନ ପାଟୁଳି ନିକଟରେ ୧୬ ହଜାର ବର୍ଗଫୁଟ ପରିମିତ ଏକ ଉନ୍ନତ ମାନର ତାଲିମ କେନ୍ଦ୍ର ମଧ୍ୟ ଆଇଏସିଏସ୍ ପକ୍ଷରୁ ନିର୍ମାଣ କରାଯାଇଛି । ବିଭାଗ ଅନୁଯାୟୀ ଏକ ମାସରୁ ତିନିମାସ ମଧ୍ୟରେ ସରୁଥିବା ଏହି ତାଲିମ କାର୍ଯ୍ୟକ୍ରମଗୁଡ଼ିକରେ ପ୍ରଶିକ୍ଷାର୍ଥୀମାନେ ମାଗଣା ତାଲିମ ନେଇପାରିବେ । ଅଷ୍ଟମରୁ ଦ୍ୱାଦଶ ଶ୍ରେଣୀ ଯାଏଁ ପାଠ ପଢ଼ି ବେକାର ହୋଇ ବସିଥିବା ଯୁବକ ଯୁବତୀ ଏହି ତାଲିମ କାର୍ଯ୍ୟକ୍ରମରେ ଭାଗ ନେଇ ପାରିବେ ଓ ପ୍ରତି ବ୍ୟାଚ୍‌ରେ ୩୦ ଜଣଙ୍କୁ ନାମ ଲେଖାର ସୁଯୋଗ ମିଳିବ । ସୂଚନା ଥାଉକି, କେନ୍ଦ୍ର ସରକାରଙ୍କ ନ୍ୟାସନାଲ୍ ସ୍କିଲ୍ ଡେଭଲପ୍‌ମେଣ୍ଟ କର୍ପୋରେସନ୍ ରାଜ୍ୟରେ ୫ଟି ପ୍ରଧାନମନ୍ତ୍ରୀ କୌଶଳ କେନ୍ଦ୍ର ଖୋଲିବାକୁ ଯୋଜନା ରଖିଥିବା ବେଳେ ପ୍ରଥମ ପର୍ଯ୍ୟାୟରେ ପ୍ରଧାନମନ୍ତ୍ରୀ ଯାଜପୁର ଜିଲ୍ଲାର ଏହି କେନ୍ଦ୍ରକୁ ଉଦ୍‌ଘାଟନ କରିଛନ୍ତି ।

# ମାନସିକ ଅବସାଦ ଓ ମନସ୍ତାତ୍ତ୍ୱିକ ପ୍ରାଥମିକ ସହାୟତା

ଡକ୍ଟର ହରିହରନ୍ ଓ ଅମ୍ରିନ ଖାଁ

ବନ୍ୟା, ବାତ୍ୟା, ମରୁଡ଼ି, ଭୂମିକମ୍ପ ଓ ସୁନାମି ଆଦି ପ୍ରାକୃତିକ ବିପର୍ଯ୍ୟୟ ଯୋଗୁଁ ଭାରତରେ ପ୍ରତିବର୍ଷ ବହୁ କ୍ଷୟକ୍ଷତି ଘଟେ ଏବଂ ଧନଜୀବନ ନଷ୍ଟ ହୁଏ। ଏହାର ପ୍ରଭାବ ଲୋକଙ୍କ ଉପରେ ବିଭିନ୍ନ ଭାବରେ ପଡ଼େ। ଦେଶର କେତେକ ଅଞ୍ଚଳ ଅଛି ଯେଉଁଠି ଆତଙ୍କବାଦୀମାନେ ମଧ୍ୟ ସକ୍ରିୟ। ସେମାନେ ଭିଆଉଥିବା ହିଂସାକାଣ୍ଡ ଓ ଆତଙ୍କର ପ୍ରଭାବ ମଧ୍ୟ ସେଠାକାର ପିଲାମାନଙ୍କ ଉପରେ ପଡ଼ିଥାଏ। ଏସବୁ ପ୍ରାକୃତିକ ଓ ମନୁଷ୍ୟକୃତ ବିପତ୍ତିର ଭୟଙ୍କର ମାନସିକ ପ୍ରଭାବ ଲୋକଙ୍କ ଉପରେ ପଡ଼େ। ଫଳରେ କିଛି ଲୋକଙ୍କର ମାନସିକ ସ୍ୱାସ୍ଥ୍ୟ ବିଗିଡ଼ି ଯାଏ, ଅନେକ ଅବସାଦ ମଧ୍ୟରେ କାଳାତିପାତ କରନ୍ତି। ସମାଜ ଉପରେ ମଧ୍ୟ ଏହାର ପ୍ରଭାବ ପଡ଼େ ଏବଂ ତାହା କେତେକାଂଶରେ ଅଚଳ ହୋଇଥାଏ। ବିପର୍ଯ୍ୟୟ ଯୋଗୁଁ ସବୁଠୁ ଅଧିକ ପ୍ରଭାବିତ ଓ କ୍ଷତିଗ୍ରସ୍ତ ହୁଅନ୍ତି ସମାଜର ଦୁର୍ବଳ ବର୍ଗର ଜନସାଧାରଣ। ଅତଏବ ଶାରୀରିକ, ମାନସିକ ଓ ଆର୍ଥିକ ଦୃଷ୍ଟିରୁ ସବୁଠୁ ଅଧିକ କ୍ଷତିଗ୍ରସ୍ତ ଲୋକଙ୍କୁ ସାହାଯ୍ୟ, ସୁରକ୍ଷା ପ୍ରଦାନ କରିବା ବିପର୍ଯ୍ୟୟ ପରିଚାଳନାର ଅନ୍ୟତମ ପ୍ରମୁଖ ଉଦ୍ଦେଶ୍ୟ ହେବା ଉଚିତ। ଭାରତ ସରକାରଙ୍କ ବିପର୍ଯ୍ୟୟ ପରିଚାଳନା ନୀତିରେ ଉଲ୍ଲେଖନୀୟ ପରିବର୍ତ୍ତନ ଘଟିଛି ଏବଂ ଏଥିରେ ଅନେକ କଥା ସ୍ଥାନ ପାଇଛି। ଏହା ସତ୍ତ୍ୱେ ବିପର୍ଯ୍ୟୟ ଯୋଗୁଁ ମାନସିକ ଭାବେ ଗୁରୁତର ଆଘାତ ପାଇଥିବା ଏବଂ ଅପୂରଣୀୟ କ୍ଷତି ଯୋଗୁଁ ପ୍ରଚଣ୍ଡ ମାନସିକ ଚାପ ଓ ଅବସାଦରେ ଥିବା ଲୋକଙ୍କ ଚିକିତ୍ସା, ଥଇଥାନ ଯେଭଳି ଗୁରୁତ୍ୱ ପାଇବା କଥା ତାହା ହୋଇନାହିଁ। ବିପର୍ଯ୍ୟୟ ଯୋଗୁଁ ମାନସିକ ଚାପ ଓ ଅବସାଦରେ ଥିବା ଲୋକଙ୍କୁ ଆବଶ୍ୟକ ଚିକିତ୍ସା ଓ ଥଇଥାନ କରି ସେମାନଙ୍କୁ ପୁନର୍ବାର ସ୍ୱାଭାବିକ ଜୀବନଯାତ୍ରା ପାଇଁ ସୁଯୋଗ ଦେବା ନିମନ୍ତେ ଏବେ କାମ କରିବାର ସମୟ ଆସିଛି।

ବିପର୍ଯ୍ୟୟ ଯୋଗୁଁ ପ୍ରିୟଜନ, ପରିବାର, ଧନସମ୍ପତ୍ତି, କୁଟୁମ୍ବଙ୍କୁ ହରାଇ ପ୍ରଚଣ୍ଡ ମାନସିକ ଅବସାଦରେ ଥିବା ଲୋକଙ୍କୁ ସମୟୋଚିତ ଚିକିତ୍ସା ଓ ସେବା ଯୋଗାଇ ଦେଲେ ସେମାନେ ପୁଣି ସ୍ୱାଭାବିକ ଭାବେ ଜୀବନଯାପନ କରିପାରିବେ। ଘରଦ୍ୱାର, ପରିବାର, ପ୍ରିୟଜନ, ଜୀବିକା ଓ ସମ୍ପତ୍ତି ହରାଇ ଅନିଶ୍ଚିତ ଓ ଅସହାୟ ଅବସ୍ଥାରେ ଥିବା ବ୍ୟକ୍ତିବିଶେଷ ଅଶେଷ ମାନସିକ ଯନ୍ତ୍ରଣା ଓ ଆଘାତ ଭୋଗନ୍ତି। ସେମାନେ ନୈରାଶ୍ୟମଧ୍ୟରେ କାଳାତିପାତ କରନ୍ତି। ତୁରନ୍ତ ସେମାନଙ୍କୁ ଠାବ କରି ଆବଶ୍ୟକ ଯତ୍ନ ଓ ସେବା ଯୋଗାଇଦିଆଯିବାର ଆବଶ୍ୟକତା ରହିଛି।

ଏକ ଜରୁରୀ ଅବସ୍ଥା ବା ବିପର୍ଯ୍ୟୟ ପରେ କିଛି ମଣିଷ ସମାଜ, ସାମାଜିକ

**ବିପର୍ଯ୍ୟୟ ପରେ ପ୍ରଥମ ଆବଶ୍ୟକତା ହେଉଛି ବଞ୍ଚିଯାଇ ଥିବା ଲୋକଙ୍କର ତତ୍କାଳ ମୌଳିକ ଆବଶ୍ୟକତାକୁ ପୂରଣ କରିବା ଏବଂ ସେମାନଙ୍କୁ ସୁରକ୍ଷା ଯୋଗାଇ ଦେବା। ଏଭଳି ପ୍ରଭାବିତ ଲୋକଙ୍କୁ ତୁରନ୍ତ ଅସ୍ଥାୟୀ ଶିବିରକୁ ନେଇ ଆବଶ୍ୟକ ସେବା, ଯତ୍ନ ଯୋଗାଇବା ନିତାନ୍ତ ଜରୁରୀ। ଆଶ୍ରୟ ଶିବିରରେ ଏଭଳି ଲୋକଙ୍କୁ ରଖିବା ସହ ନିଖୋଜ ହୋଇଥିବା ସେମାନଙ୍କ ପରିବାରର ସଦସ୍ୟ ଓ ଆତ୍ମୀୟ ସ୍ୱଜନଙ୍କୁ ଠାବ କରିବାର ବ୍ୟବସ୍ଥା କରାଯିବା ଉଚିତ। ଆହୁରି ମଧ୍ୟ ସେହି ଲୋକଙ୍କ ମଧ୍ୟରେ ବିଶ୍ୱାସ ଦେବାକୁ ହେବ ଯେ ସେମାନେ ଏକା କିମ୍ବା ଅସହାୟ ନୁହନ୍ତି ଏବଂ ଆହୁରି ଅନେକ ଲୋକ ଏକାଭଳି ଦୁର୍ଦ୍ଦଶାରେ ପଡ଼ିଛନ୍ତି।**

ଓ ରାଷ୍ଟ୍ରୀୟ ନୀତି, ବ୍ୟବସ୍ଥା ଓ ଯୋଗାସୂତ୍ର ଉପରେ ଭରସା ହରାଇଥାନ୍ତି । ଯେଉଁମାନେ ତାଙ୍କୁ ସୁରକ୍ଷା ଯୋଗାଇଦେବା ପାଇଁ ଉଦ୍ଦିଷ୍ଟ ସେମାନଙ୍କ ଉପରୁ ଏହି ବ୍ୟକ୍ତିବିଶେଷଙ୍କର ଭରସା ତୁଟିଯାଏ । ତେଣୁ ବିପର୍ଯ୍ୟୟ ପରେ ପ୍ରଥମ ଆବଶ୍ୟକତା ହେଉଛି ବଞ୍ଚିଯାଇଥିବା ଲୋକଙ୍କର ତତ୍କାଳ ମୌଳିକ ଆବଶ୍ୟକତାକୁ ପୂରଣ କରିବା ଏବଂ ସେମାନଙ୍କୁ ସୁରକ୍ଷା ଯୋଗାଇଦେବା । ଏଭଳି ପ୍ରଭାବିତ ଲୋକଙ୍କୁ ତୁରନ୍ତ ଅସ୍ଥାୟୀ ଶିବିରକୁ ନେଇ ଆବଶ୍ୟକ ସେବା, ଯତ୍ନ ଯୋଗାଇବା ନିତାନ୍ତ ଜରୁରୀ । ଆଶ୍ରୟ ଶିବିରରେ ଏଭଳି ଲୋକଙ୍କୁ ରଖିବା ସହ ନିଖୋଜ ହୋଇଥିବା ସେମାନଙ୍କ ପରିବାରର ସଦସ୍ୟ ଓ ଆତ୍ମୀୟ ସ୍ୱଜନଙ୍କୁ ଠାବ କରିବାର ବ୍ୟବସ୍ଥା କରାଯିବା ଉଚିତ । ଆହୁରି ମଧ୍ୟ ସେହି ଲୋକଙ୍କ ମଧ୍ୟରେ ବିଶ୍ୱାସ ଦେବାକୁ ହେବ ଯେ ସେମାନେ ଏକା କିମ୍ବା ଅସହାୟ ନୁହନ୍ତି ଏବଂ ଆହୁରି ଅନେକ ଲୋକ ଏକାଭଳି ଦୁର୍ଦ୍ଦଶାରେ ପଡ଼ିଛନ୍ତି । ସେମାନେ ପରସ୍ପର ସହ ସଂଯୁକ୍ତ ହୋଇ ରହିଲେ ନିଜର ଆତ୍ମବିଶ୍ୱାସ ବଢ଼ାଇବାରେ ସମର୍ଥ ହେବା ସହ ନିଜ ନିଜ ମଧ୍ୟରେ ଦୁଃଖ ବାଣ୍ଟି ନିଜର ମନର ଭାବକୁ ହାଲ୍କା କରିପାରିବେ । ଏହା ମଧ୍ୟ ସେମାନଙ୍କୁ ଶାନ୍ତ, ଆଶାବାଦୀ ହେବାରେ ସାହାଯ୍ୟ କରିବ ଏବଂ ସେମାନେ ଭାଙ୍ଗିପଡ଼ିବେ ନାହିଁ ।

ସେହିଭଳି ବିପର୍ଯ୍ୟୟରେ ଗଭୀର ମାନସିକ ଆଘାତ ପାଇଥିବା ଲୋକଙ୍କୁ ତତ୍କାଳ ଆବଶ୍ୟକ ଚିକିତ୍ସା ସୁବିଧା ଯୋଗାଇବା ଜରୁରୀ । ବିପର୍ଯ୍ୟୟ ପ୍ରଭାବିତ ମଣିଷଟିକୁ ଉଦ୍ଧାର କରି ଥଇଥାନ ପୂର୍ବକ ତା'ର ମୌଳିକ ଶାରୀରିକ ଆବଶ୍ୟକତା ପୂରଣ କରାଯାଇ ପାରିଲେ ସେ ମାନସିକ ଭାବେ କ୍ରମଶଃ ଆଶ୍ୱସ୍ତ ହୋଇ ଆଖପାଖର ଲୋକ, ପରିବାର, ସମାଜ ଓ ସଂପ୍ରଦାୟ ସହ ମିଳିମିଶି ପୁନର୍ବାର ସ୍ୱାଭାବିକ ଜୀବନଯାପନ କରିବା ପାଇଁ ସାହସ ସଞ୍ଚୟ କରି ଠିଆହୁଏ ।

ବେଳେବେଳେ ମାନସିକ ଭାବେ ଗଭୀର ଆଘାତ ପାଇଥିବା ଲୋକଟି ବିଚିତ୍ର ବ୍ୟବହାର କରେ ଏବଂ ତାହାର ଆବଶ୍ୟକତା ଓ ଫର୍ମାଇସ ବିଚିତ୍ର କଥା ସବୁ ଉତ୍ଥାପନ କରେ । ସେଭଳି ଲୋକର କଥା ଓ ବ୍ୟବହାରରେ ଅତିଷ୍ଠ ନ'ହୋଇ ତା'କଥା ଧୈର୍ଯ୍ୟର ସହ ଶୁଣିବା ଉଚିତ । ମନେରଖିବାକୁ ପଡ଼ିବ ଯେ ଜଣେ ଲୋକ ଅସ୍ୱାଭାବିକ କଥା କହିବା ଓ ଆଚରଣ କରିବା ପଛରେ ତାହାର ଶାରୀରିକ ଓ ମନସ୍ତାତ୍ତ୍ୱିକ ଆଘାତର ମାତ୍ରା ନିହିତ ଥାଏ । ବିପର୍ଯ୍ୟୟ ଦ୍ୱାରା ଆଘାତ ପାଇଥିବା ଲୋକଙ୍କୁ ତିନିଶ୍ରେଣୀରେ ବିଭକ୍ତ କରାଯାଇପାରେ । ସେସବୁ ହେଲା ମାତ୍ରାଧିକ ପରିଶ୍ରମ ଜନିତ କ୍ଳାନ୍ତି ବା ଅବସାଦ, ମାନସିକ ଆଘାତ ଜନିତ ଅବସାଦ ଓ ଶାରୀରିକ ଜଟିଳତା ଜନିତ ଅବସାଦ । ଏସବୁ ବର୍ଗର ଅବସାଦଗ୍ରସ୍ତ ଲୋକ ମାନସିକ ଓ ଶାରୀରିକ ସମସ୍ୟାରୁ ଭଲ ହେବା ପାଇଁ ସମୟ ଲୋଡ଼ନ୍ତି ଏବଂ ସେଥିପାଇଁ ସେମାନଙ୍କର ସେବା ଓ ଯତ୍ନ ଲୋଡ଼ା । ଆଶ୍ରୟ, ଖାଦ୍ୟପେୟ, ଚିକିତ୍ସା, ସେବା ଯତ୍ନ ଓ ଔଷଧପତ୍ର ଦ୍ୱାରା ଏସବୁ ଲୋକ ସୁସ୍ଥ ହୋଇପାରିବେ । ତେବେ ମାନସିକ ଆଘାତ ପାଇଥିବା ଲୋକମାନଙ୍କୁ ଛାଡ଼ି ଅନ୍ୟ ଦୁଇବର୍ଗର ଲୋକଙ୍କୁ ସାମୟିକ ଆଶ୍ରୟ ଓ ଚିକିତ୍ସା ଦ୍ୱାରା ଶୀଘ୍ର ଭଲ କରାଯାଇପାରିବ । ଅଳ୍ପ ଦିନପରେ ସେମାନେ ନିଜେ ନିଜେ ଶକ୍ତି ଓ ସାହସ ଜୁଟାଇ ନିଜ କାମ ସ୍ୱାଭାବିକ ଭାବେ କରିବାରେ ସକ୍ଷମ ହୋଇଥାନ୍ତି । ସେମାନଙ୍କୁ କିଛି କାଳ ପର୍ଯ୍ୟବେକ୍ଷଣରେ ରଖି ସ୍ୱାଭାବିକ ଜୀବନଯାପନ ପାଇଁ ଛାଡ଼ି ଦିଆଯାଇପାରେ । ସେମାନଙ୍କ ମଧ୍ୟରୁ ଅଳ୍ପ କେତେକ ନିଜର ଆବଶ୍ୟକତା ମେଣ୍ଟାଇବାକୁ ସମ୍ପୂର୍ଣ୍ଣ ସକ୍ଷମ ହୋଇପାରନ୍ତି ନାହିଁ । ତେବେ ଯେଉଁମାନେ ମାନସିକସ୍ତରରେ ଗଭୀର ଆଘାତ ପାଇଥାନ୍ତି ସେମାନଙ୍କ ବ୍ୟବହାରରେ ଅସ୍ୱାଭାବିକତା ପରିଲକ୍ଷିତ ହୁଏ । ସେମାନେ ତ ସମସ୍ୟା ସମାଧାନର ଦକ୍ଷତା କ୍ରମଶଃ ହରାଇ ବସନ୍ତି । କୌଣସି କାମରେ ସେମାନେ ମନୋନିବେଶ କରିପାରନ୍ତି ନାହିଁ, ରାତିରେ ଦୁଃସ୍ୱପ୍ନ ଦେଖନ୍ତି, ଅଚଳ ଓ ଅଥର୍ବ ପରି ବସିରହନ୍ତି, ମୋଟା ହୋଇଯାଆନ୍ତି । ଜୀବନରେ ସମ୍ମୁଖୀନ ହୋଇଥିବା ଭୟଙ୍କର ଘଟଣାର ଚିତ୍ର ସେମାନଙ୍କ ମନରେ ବାରମ୍ବାର ଭାସି ଉଠେ । ସେଥିପାଇଁ ସେମାନେ ଛାନିଆ ହୋଇପଡ଼ନ୍ତି । ଦୁଃଖ, ଅବସାଦ, କ୍ରୋଧ, ନୈରାଶ୍ୟ ଓ ଆଶଙ୍କା ମଧ୍ୟରେ ରହନ୍ତି । ସେମାନଙ୍କୁ ଭଲ ନିଦ ହୁଏନା, ଖାଇବା ପିଇବା ଠିକ୍ ଭାବେ କରନ୍ତି ନାହିଁ, ଲୋକଙ୍କୁ ଭେଟିବାକୁ କୁଣ୍ଠାବୋଧ କରନ୍ତି । ସେମାନେ ନିଃସଙ୍ଗ ରହିବା ସହ କୁଆଡ଼େ ଯିବାକୁ ଭଲ ପାଆନ୍ତି ନାହିଁ । ଲୁଗାପଟା, ଖାଦ୍ୟ ପାନୀୟ ଲୁଚାଇ ରଖନ୍ତି । ସେମାନଙ୍କ ଚିଡ଼ିଚିଡ଼ା ସ୍ୱାଭାବ ବୃଦ୍ଧିପାଏ ଏବଂ ସେମାନଙ୍କର ଚଳନକ୍ଷମତା ବାଧାପ୍ରାପ୍ତ ହୁଏ ।

ଯେଉଁମାନେ ଶାରୀରିକ ଭାବେ ଅକର୍ମଣ୍ୟ ହୋଇଯାଇଥାନ୍ତି ସେମାନେ କିନ୍ତୁ ଜୀବନର ପ୍ରତ୍ୟେକ ସ୍ତରରେ ଅନ୍ୟମାନଙ୍କର ହସ୍ତକ୍ଷେପ ଓ ସାହାଯ୍ୟ

ଲୋଡ଼ନ୍ତି । ସେମାନଙ୍କର ବେଳେବେଳେ ଭ୍ରାନ୍ତି ସୃଷ୍ଟି ହୁଏ, ସେମାନଙ୍କ ଦକ୍ଷତା କ୍ରମଶଃ ହ୍ରାସ ପାଏ । ଫଳରେ ସେମାନେ ନୈରାଶ୍ୟବୋଧର ସମ୍ମୁଖୀନ ହୋଇ ଆତ୍ମହତ୍ୟା କରିବାକୁ ଉଦ୍ୟମ କରିଥାନ୍ତି । ବେଳେବେଳେ ସେମାନେ ମଧ୍ୟ ହିଂସ୍ର ଆଚରଣ ପ୍ରଦର୍ଶନ କରିବା ସହ କେତେକ ବିଚିତ୍ର ସ୍ୱଭାବ ଦେଖାଇଥାନ୍ତି । ଡାକ୍ତର ପରାମର୍ଶ ବିନା ମନକୁ ମନ ଔଷଧ ଖାଆନ୍ତି, ଡାକ୍ତରଙ୍କ ଦ୍ୱାରା ଦିଆଯାଇଥିବା ଔଷଧର ଦୁରୁପଯୋଗ କରନ୍ତି, ମଦ ପିଅନ୍ତି ଇତ୍ୟାଦି । ଏଭଳି ଲୋକଙ୍କୁ ଚିହ୍ନଟ କରି ସେମାନଙ୍କର ଉପଯୁକ୍ତ ଚିକିତ୍ସା ଓ ଥଇଥାନ କରାଯିବା ଉଚିତ ।

ସବୁପ୍ରକାରର ମାନସିକ ଓ ଶାରୀରିକ ଅବସାଦଗ୍ରସ୍ତ ଲୋକଙ୍କ ମଧ୍ୟରୁ ଅଳ୍ପ କେତେକ ସାମାନ୍ୟ ଚିକିତ୍ସା, ସେବା, ସହାୟତା ଦ୍ୱାରା କ୍ରମଶଃ ସୁସ୍ଥ ହୋଇଯାଆନ୍ତି । ପରିସ୍ଥିତିକୁ ଦେଖି ସେମାନେ ପ୍ରାକୃତିକ ଉପାୟରେ ଆଘାତକୁ ଭୁଲି ନିଜକୁ ନିଜେ ସମ୍ଭାଳି ନେଇ ପୁଣି ସ୍ୱାଭାବିକ ଜୀବନଯାପନ କରନ୍ତି । ଏଭଳି ବର୍ଗର ଆହତମାନେ ଯେତେବେଳେ ନିଜେ ନିଜେ ସ୍ୱାଭାବିକ ଅବସ୍ଥାକୁ ଆସନ୍ତି ସେମାନଙ୍କୁ ଆଉ ଆଶ୍ରୟ ଶିବିରରେ ନରଖି ନିଜ ଘରକୁ ପଠାଇ ଦିଆଯିବା ଆବଶ୍ୟକ । ମନସ୍ତାତ୍ତ୍ୱିକ ପ୍ରାଥମିକ ଚିକିତ୍ସା ମତବାଦଟିର ଯଥାର୍ଥତା ହେଲା ବିପର୍ଯ୍ୟୟ ଯୋଗୁଁ ମାନସିକ ବା ଶାରୀରିକ ଭାବେ ଆହତ ହୋଇଥିବା ଲୋକଙ୍କୁ ତୁରନ୍ତ ସେବା, ଯତ୍ନ ଓ ପ୍ରାରମ୍ଭିକ ଚିକିତ୍ସା ଯୋଗାଇଦେବା । ପ୍ରାରମ୍ଭିକ ସ୍ତରରେ ବିପର୍ଯ୍ୟୟକାଳୀନ ଆଘାତର ମନସ୍ତାତ୍ତ୍ୱିକ ଓ ସାମାଜିକ ପ୍ରଭାବ ସୀମିତ ନୁହେଁ । ଏହାକୁ ଉପେକ୍ଷା କଲେ ଏହା କ୍ରମଶଃ ଜଟିଳ ହୋଇପାରେ । ମାନସିକ ସ୍ୱାସ୍ଥ୍ୟ ପାଇଁ ସହାୟତା, ସମର୍ଥନ ଓ ସୁରକ୍ଷା ଅତି ଜରୁରୀ । ଏହାର ପ୍ରଭାବ ଆକ୍ରାନ୍ତର ମନସ୍ତତ୍ତ୍ୱ ଉପରେ ପଡ଼ିଥାଏ । ସରକାରୀ ଓ ବେସରକାରୀ ସ୍ତରରେ ସମନ୍ୱୟ ରକ୍ଷା କରି ବିପର୍ଯ୍ୟୟ ପୀଡ଼ିତଙ୍କୁ ମାନସିକ ଓ ମନସ୍ତାତ୍ତ୍ୱିକ ସାହାଯ୍ୟ, ସମର୍ଥନ ଏବଂ ପ୍ରାଥମିକ ଚିକିତ୍ସା ଯୋଗାଇଦିଆଗଲେ ବହୁ ଲୋକ ଉପକୃତ ହୋଇପାରିବେ । ପରିବାରର ସଦସ୍ୟ ଓ ପିଲାମାନେ ମଧ୍ୟ ଆହତଙ୍କୁ ପ୍ରାଥମିକ ଅବସ୍ଥାରେ ଭାବଗତ ସମର୍ଥନ ଯୋଗାଇବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିପାରିବେ । ଏହା ସହ ସମାଜ ଓ ଗୋଷ୍ଠୀ ମଧ୍ୟ ଭାବଗତ ଓ ମନସ୍ତାତ୍ତ୍ୱିକ ସମର୍ଥନ ଆହତଙ୍କୁ ଯୋଗାଇ ପାରିବ ।

ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ଆହତଙ୍କୁ ପ୍ରାଥମିକ ମନସ୍ତାତ୍ତ୍ୱିକ ସେବା, ଯତ୍ନ ଭଳି ପ୍ରାଥମିକ ଉପଚାର ଯୋଗାଇଦେବାକୁ ଏକ ତିନିସୂତ୍ରୀ ବ୍ୟବସ୍ଥା ପ୍ରସ୍ତୁତ କରିଛି । ଏହା ଲୁକ୍ (ଦେଖ) ଲିସନ୍ (ଶୁଣ) ଓ ଲିଙ୍କ୍ (ଯୋଗସୂତ୍ର ରକ୍ଷାକର) ନାମରେ ପରିଚିତ । ଏହାର ଅର୍ଥ ହେଲା ଦେଖ କେଉଁ ଲୋକ ମାନସିକ ଓ ଶାରୀରିକ ସ୍ତରରେ ବିପର୍ଯ୍ୟୟ ଯୋଗୁଁ ଆହତ ହୋଇଛି । ତା' କଥା ଶୁଣ ଏବଂ ତା' ବିଷୟରେ ବିଭିନ୍ନ ସାହାଯ୍ୟକାରୀ ସଂସ୍ଥା ସହ ସମ୍ପର୍କ ରକ୍ଷା କରି ତାହାର ସେବା ଯତ୍ନରେ ଯୋଡ଼ିହୋଇଯାଅ । ଏହି ବ୍ୟବସ୍ଥାଟିର ଯଥାର୍ଥ ଉପଯୋଗ ହୋଇପାରିଲେ ଆହତ ଲୋକଙ୍କ ପାଖରେ ସାହାଯ୍ୟ ଓ ଉଦ୍ଧାରକାରୀ ଦଳ ଠିକ୍ ସମୟରେ ପହଞ୍ଚିପାରିବେ ଏବଂ ତାଙ୍କୁ ଚିକିତ୍ସା ଶିବିରକୁ ନେଇ ପ୍ରାରମ୍ଭିକ ଚିକିତ୍ସା ସେବା ଯୋଗାଇଦେବା ସମ୍ଭବ ହେବ । ପ୍ରାରମ୍ଭିକ ଅବସ୍ଥାରେ ସାହାଯ୍ୟ, ସମର୍ଥନ, ସେବା ଓ ଯତ୍ନ ପାଇଲେ ମାନସିକ ବା ମନସ୍ତାତ୍ତ୍ୱିକ ସ୍ତରରେ ଆହତ ଲୋକଟିକୁ ଉପଶମ ମିଳିବ ଏବଂ ଏହା ହେବ ତାହାର ପ୍ରଥମ ଔଷଧ ।

ପ୍ରାକୃତିକ ବିପର୍ଯ୍ୟୟ ପରିଚାଳନା କ୍ଷେତ୍ରରେ ଆହତ ଲୋକଙ୍କୁ ମନସ୍ତାତ୍ତ୍ୱିକ ପ୍ରଥମ ଉପଚାର ଯୋଗାଇଦେବା ଜାତୀୟ ନୀତିରେ ଗୁରୁତ୍ୱ ପାଇବା ଆବଶ୍ୟକ । ଏହାଦ୍ୱାରା ଅନେକ ବିପର୍ଯ୍ୟୟ ପ୍ରପୀଡ଼ିତ ଲୋକ ମାନସିକ ସ୍ତରରେ ସୁସ୍ଥ ହୋଇ ଛିଡ଼ା ହୋଇପାରିବେ ।

**ବିପର୍ଯ୍ୟୟ ଦ୍ୱାରା ଆଘାତ ପାଇଥିବା ଲୋକଙ୍କୁ ତିନିଶ୍ରେଣୀରେ ବିଭକ୍ତ କରାଯାଇପାରେ । ସେସବୁ ହେଲା ମାତ୍ରାଧିକ ପରିଶ୍ରମ ଜନିତ କ୍ଳାନ୍ତି ବା ଅବସାଦ, ମାନସିକ ଆଘାତ ଜନିତ ଅବସାଦ ଓ ଶାରୀରିକ ଜଟିଳତା ଜନିତ ଅବସାଦ । ଏସବୁ ବର୍ଗର ଅବସାଦଗ୍ରସ୍ତ ଲୋକ ମାନସିକ ଓ ଶାରୀରିକ ସମସ୍ୟାରୁ ଭଲ ହେବା ପାଇଁ ସମୟ ଲୋଡ଼ନ୍ତି ଏବଂ ସେଥିପାଇଁ ସେମାନଙ୍କର ସେବା ଓ ଯତ୍ନ ଲୋଡ଼ା । ଆଶ୍ରୟ, ଖାଦ୍ୟପେୟ, ଚିକିତ୍ସା, ସେବା ଯତ୍ନ ଓ ଔଷଧପତ୍ର ଦ୍ୱାରା ଏସବୁ ଲୋକ ସୁସ୍ଥ ହୋଇପାରିବେ ।**

ଲେଖକ ହରିହରନ୍ ଜଣେ ବରିଷ୍ଠ ଚିକିତ୍ସକ ଓ ଚିକିତ୍ସା ପରିଚାଳକ । ଅମ୍ବ୍ରିନ ଖାଁ ଜଣେ ଚିକିତ୍ସା ମନସ୍ତତ୍ତ୍ୱବିତ୍ ଓ ସ୍ୱେଚ୍ଛାସେବୀ ।

# ବିପର୍ଯ୍ୟୟ ପରିଚାଳନା : ଆହତଙ୍କୁ ତୁରନ୍ତ ଚିକିତ୍ସା ଓ ଯତ୍ନର ଗୁରୁତ୍ୱ

ଡକ୍ଟର ଅମିତ ଗୁପ୍ତ
ପ୍ରଫେସର ମହେଶ ଚନ୍ଦ୍ର ମିଶ୍ର

**ବିପର୍ଯ୍ୟୟ ପରିଚାଳନା ଓ ମୁକାବିଲା କ୍ଷେତ୍ରରେ ସ୍ୱାସ୍ଥ୍ୟ ଓ ଚିକିତ୍ସା ସେବାର ଭୂମିକା କ'ଣ ହେବ ଜାତୀୟ ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷ ତାହା ନିର୍ଦ୍ଧାରଣ କରିଛନ୍ତି। ତଦନୁସାରେ ଜରୁରୀ ଚିକିତ୍ସା ଓ ସ୍ୱାସ୍ଥ୍ୟସେବା ଯୋଗାଇଦେବାକୁ ଜାତୀୟସ୍ତରରେ ଏକ ଜରୁରୀ ଡାକ୍ତରୀ ଓ ଚିକିତ୍ସା ଡିଭିଜନ ଗଠନ କରାଯାଇଛି। ଏହି ଡିଭିଜନ ଏଥିପାଇଁ ଏକ ଅଧିକାରୀ ଦଳକୁ ବାଛିବା ସହ ସମନ୍ୱୟ ତଥା ସେବା ପ୍ରଦାନ ଅବସ୍ଥାକୁ ତଦାରଖ କରେ। ସେଥିପାଇଁ ପ୍ରାଦେଶିକ ଓ ଜିଲ୍ଲାସ୍ତରରେ ତ୍ୱରିତ କାର୍ଯ୍ୟାନୁଷ୍ଠାନ ଦଳ ଓ ସଙ୍କଟମୋଚନ ଦଳ ଗଠନର ବ୍ୟବସ୍ଥା କରାଯାଇଛି।**

"କୁହାଯାଏ ଯେ ଆହତ ବ୍ୟକ୍ତିଙ୍କୁ ଯିଏ ପ୍ରଥମେ ସ୍ପର୍ଶ କରେ ତାହାର କ'ଣ ହୋଇଛି ସେ ପ୍ରଥମେ ଜାଣିପାରେ।" ଏହି ଉକ୍ତିର ଅର୍ଥ ହେଲା ଆହତଙ୍କୁ ପ୍ରାକ୍-ହସ୍‌ପିଟାଲ୍ ଉଦ୍ଧାର ଓ ଯତ୍ନ ଏବଂ ତୁରନ୍ତ ତାଙ୍କୁ ହସ୍‌ପିଟାଲରେ ପହଞ୍ଚାଇବାର ବ୍ୟବସ୍ଥା। ଏହି ସମୟକୁ 'ସୁବର୍ଣ୍ଣ ମୁହୂର୍ତ୍ତ' କୁହାଯାଏ। ଆହତ ହେବାର ପ୍ରଥମ ଏକ ଘଣ୍ଟାକୁ ଚିକିତ୍ସା ବିଜ୍ଞାନରେ ସୁବର୍ଣ୍ଣ ମୁହୂର୍ତ୍ତ ବା ଗୋଲଡେନ୍ ଆୱାର କୁହାଯାଏ। ଏହି ଏକ ଘଣ୍ଟା ସମୟ ଅତି ମୂଲ୍ୟବାନ। ଏହି ସମୟ ମଧ୍ୟରେ ଆହତର ଉପଯୁକ୍ତ ଚିକିତ୍ସା ଓ ଯତ୍ନ ନିଆଗଲେ ସେ ସୁସ୍ଥ ହେବାର ସମ୍ଭାବନା ଅଧିକ ଥାଏ। ଭାରତରେ ଆହତମାନେ ହସ୍‌ପିଟାଲରେ ପହଞ୍ଚିବା ବେଳକୁ ଚାରିରୁ ଛ'ଘଣ୍ଟା ବିଳମ୍ବ ହୋଇଯାଇଥାଏ। ଏହି ବିଳମ୍ବିତ ସମୟକୁ ରୌପ୍ୟ ଓ ବ୍ରୋଞ୍ଜ ମୁହୂର୍ତ୍ତ କୁହାଯାଇପାରେ, ଜରୁରୀ ଚିକିତ୍ସା ବିଭାଗରେ ଆହତ ଘଟଣାର ଏକ ଘଣ୍ଟା ଭିତରେ ବା ସୁବର୍ଣ୍ଣ ମୁହୂର୍ତ୍ତରେ ପହଞ୍ଚିବା ଭଲ। ଏହା ସତ୍ତ୍ୱେ ଆହତଙ୍କୁ ଯଦି ରୌପ୍ୟ ବା ବ୍ରୋଞ୍ଜ ମୁହୂର୍ତ୍ତରେ ବା ଚାରିରୁ ଛ'ଘଣ୍ଟା ବିଳମ୍ବରେ ହସ୍‌ପିଟାଲରେ ପହଞ୍ଚାଇ ହେବ ତଥାପି ସେମାନଙ୍କ ମଧ୍ୟରୁ ଅନେକ ସୁସ୍ଥ ହୋଇ ଫେରିବାର ସମ୍ଭାବନା ରହିଛି।

ବିପର୍ଯ୍ୟୟର ସ୍ଥୁଳ ଅର୍ଥ ହେଲା ଏହା ସମାଜ ଓ ସାଧାରଣ ଜୀବନଯାତ୍ରାକୁ ଗୁରୁତର ଭାବେ ବିପର୍ଯ୍ୟସ୍ତ କରିବା ସହ ବ୍ୟାପକ ଧନଜୀବନ ହାନି କରେ ଓ ପରିବେଶର ଅପୂରଣୀୟ କ୍ଷତି ଘଟାଏ। ଏହା ଫଳରେ ସମାଜ ଓ ମଣିଷ ନିଜ ସମ୍ବଳରେ ପରିସ୍ଥିତିର ମୁକାବିଲା କରିବା ପାଇଁ ସାମୟିକ ଭାବେ ଅସମର୍ଥ ହୋଇପଡ଼େ। ଏକ ଅସୁରକ୍ଷିତ ସମାଜ ଉପରେ ଯେତେବେଳେ କୌଣସି ବିପର୍ଯ୍ୟୟ (ଉଭୟ ପ୍ରାକୃତିକ ଓ ମନୁଷ୍ୟକୃତ) ପଡ଼େ ସେତେବେଳେ ତାହା ବିପୁଳ କ୍ଷୟକ୍ଷତିର ସମ୍ମୁଖୀନ ହୋଇ ବିପର୍ଯ୍ୟସ୍ତ ହୋଇପଡ଼େ। ଏହାର ପ୍ରଭାବ ନିର୍ଦ୍ଦିଷ୍ଟ ଏକ ଅଞ୍ଚଳର ମଣିଷ ଓ ଜୀବଜଗତ ସହ ନିର୍ମାଣ, ମୌଳିକ ସୁବିଧା ସୁଯୋଗ, ଯୋଗାଯୋଗ ଆଦି ଉପରେ ଗୁରୁତର ଭାବେ ଅନୁଭୂତ ହୋଇଥାଏ।

ଭାରତରେ ନାନାଦି ବିପର୍ଯ୍ୟୟ ଘଟେ। ଦେଶର ୫୮.୬ ଭାଗ ଭୂଭାଗ ଭୂମିକମ୍ପ ପ୍ରବଣ। ଭାରତର ସ୍ଥଳଭାଗର ୧୨ ଶତାଂଶ ଅର୍ଥାତ୍ ୪୦ ନିୟୁତ ହେକ୍ଟର ଅଞ୍ଚଳ ବନ୍ୟାପ୍ରବଣ। ଏହି ଅଞ୍ଚଳରେ ନଦୀର ପ୍ରଖର ସ୍ରୋତ ଯୋଗୁଁ ମୃତ୍ତିକା କ୍ଷୟ ଅଧିକ ହୋଇଥାଏ। ଏହାଛଡ଼ା ଦେଶର ୭୫୧୬ କିମି ଦୈର୍ଘ୍ୟ ସମୁଦ୍ର ତଟ ମଧ୍ୟରୁ ପ୍ରାୟ ୫୭୦୦ କି.ମି ବାତ୍ୟା ଏବଂ ସୁନାମି ପ୍ରବଣ। ସେହିଭଳି ଭାରତର ମୋଟ୍ ଚାଷ ଜମିର ୬୮




**ଚିତ୍ର -୧ : ବିପର୍ଯ୍ୟୟ ପରିଚାଳନା ଚକ୍ର।**

ଶତାଂଶ ମରୁଡ଼ିପ୍ରବଣ ଏବଂ ପାହାଡ଼ିଆ ଅଞ୍ଚଳରେ ବରଫ ଏବଂ ମାଟି ଅତଡ଼ା ଧସିବା ପ୍ରତିବର୍ଷ ଏକ ସାଧାରଣ ଘଟଣା। ଏହା ବ୍ୟତୀତ ଭାରତ ପାଇଁ ରାସାୟନିକ, ଜୈବିକ, ବିକିରଣ ଜନିତ ତଥା ଆଣବିକ ଆଦି ମନୁଷ୍ୟକୃତ ବିପର୍ଯ୍ୟୟର ଭୟ ରହିଛି।

ଏକ ଆଦର୍ଶ ବିପର୍ଯ୍ୟୟ ପରିଚାଳନା ବ୍ୟବସ୍ଥାର ଛ'ଟି ପ୍ରମୁଖ ଦିଗ ରହିଛି। ସେଗୁଡ଼ିକ ପ୍ରାକ୍ ଓ ପରବର୍ତ୍ତୀ ଏଭଳି ମୁଖ୍ୟତଃ ଦୁଇ ଭାଗରେ ବିଭକ୍ତ। ପ୍ରାକ୍ ବିପର୍ଯ୍ୟୟ ପ୍ରସ୍ତୁତି ଓ ପରିଚାଳନାରେ ରହିଛି – ନିରାକରଣ, ପ୍ରକୋପ ହ୍ରାସ ବା ନିବାରଣ ଏବଂ ପ୍ରସ୍ତୁତି। ବିପର୍ଯ୍ୟୟ ପରବର୍ତ୍ତୀ ପରିଚାଳନାରେ ରହିଛି – ମୁକାବିଲା, ପୁନର୍ବାସ ବା ଥଇଥାନ ଏବଂ ପୁନଃନିର୍ମାଣ ବା ବିପତ୍ତିରୁ ମୁଣ୍ଡ ଟେକିବାର ପ୍ରୟାସ। ବିପର୍ଯ୍ୟୟ ପରିଚାଳନା କ୍ଷେତ୍ରରେ କେନ୍ଦ୍ର ସ୍ୱରାଷ୍ଟ୍ରମନ୍ତ୍ରାଳୟ ଅଧୀନରେ ପରିଚାଳିତ ଜାତୀୟ ବିପର୍ଯ୍ୟୟ ପରିଚାଳନା ପ୍ରାଧିକରଣ ମୁଖ୍ୟ ସଂସ୍ଥା ଭାବେ କାର୍ଯ୍ୟ କରେ। ଏଥିରେ ପ୍ରତିରକ୍ଷା, ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ, ରେଳବାଇ, ପରମାଣୁ, ଅର୍ଥ, କୃଷି, ଜଙ୍ଗଲ ଓ ପରିବେଶ, ଶକ୍ତି, ଗ୍ରାମ୍ୟ ଉନ୍ନୟନ, ବିଜ୍ଞାନ ଓ କାରିଗରୀ, ମହାକାଶ ବିଜ୍ଞାନ, ଟେଲି ଯୋଗାଯୋଗ, ଜଳସେଚନ, ସଡ଼କ ପରିବହନ ମନ୍ତ୍ରଣାଳୟଗୁଡ଼ିକର ମଧ୍ୟ ପ୍ରତିନିଧିତ୍ୱ ଥାଏ।

୨୦୦୫ର ବିପର୍ଯ୍ୟୟ ପରିଚାଳନା ଆଇନ ଅନୁସାରେ ଜାତୀୟ ବିପର୍ଯ୍ୟୟ ପରିଚାଳନା ପ୍ରାଧିକରଣ ଗଠିତ ହୋଇଛି। ପ୍ରଧାନମନ୍ତ୍ରୀ ଏହି ପ୍ରାଧିକରଣର ଅଧ୍ୟକ୍ଷ। ଏହାଛଡ଼ା ଏହାର ପରିଚାଳନା ପାଇଁ ଜଣେ ଉପାଧ୍ୟକ୍ଷ / ସଚିବ ଏବଂ ନ'ଜଣ ସଦସ୍ୟ ଅଛନ୍ତି। ବିପର୍ଯ୍ୟୟର ପରିଚାଳନା ତଥା ମୁକାବିଲା ପାଇଁ ନୀତି ପ୍ରସ୍ତୁତ କରିବା, ବିଭିନ୍ନ ଯୋଜନା ପ୍ରଣୟନ, ନିର୍ଦ୍ଦେଶାବଳୀ ତିଆରି କରିବା, ବିଭିନ୍ନ ମନ୍ତ୍ରଣାଳୟ ଏବଂ ରାଜ୍ୟଙ୍କ ପାଇଁ ବିପର୍ଯ୍ୟୟ ପରିଚାଳନା ନୀତି ଅନୁମୋଦନ, ରାଜ୍ୟ ଓ କେନ୍ଦ୍ର




**ଚିତ୍ର-୨ ଜିଲ୍ଲାସ୍ତରରେ ବିପର୍ଯ୍ୟୟ ମୁକାବିଲା କମାଣ୍ଡ ଢାଞ୍ଚା ।**

ମଧ୍ୟରେ ସମନ୍ୱୟ ରକ୍ଷା, ବିପର୍ଯ୍ୟୟର ମୁକାବିଲା ଓ ପରିଚାଳନା ପାଇଁ ଦକ୍ଷତା ବୃଦ୍ଧି, ବିଭିନ୍ନ ରାଜ୍ୟଙ୍କୁ ଏଥିପାଇଁ ପାଣ୍ଠି ଯୋଗାଣର ବ୍ୟବସ୍ଥା, ଦେଶରେ ବିପର୍ଯ୍ୟୟ ଜନିତ ପରିସ୍ଥିତିର ମୁକାବିଲା ପାଇଁ ସବୁ କଥା ଟିକିନିଖି ତଦାରଖ କରିବା ଏବଂ ଆବଶ୍ୟକସ୍ଥଳେ ଅନ୍ୟ ଦେଶକୁ ସାହାଯ୍ୟ ସହଯୋଗ କରିବା ଆଦି କାର୍ଯ୍ୟ ଏହି ପ୍ରାଧିକରଣ ଉପରେ ନ୍ୟସ୍ତ ।

୨୦୦୫ର ଆଇନ ଅନୁସାରେ ପ୍ରତ୍ୟେକ ପ୍ରଦେଶରେ ରାଜ୍ୟ ସ୍ତରୀୟ ଏବଂ ଜିଲ୍ଲା ସ୍ତରୀୟ ପ୍ରାକୃତିକ ବିପର୍ଯ୍ୟୟ କମିଟି ଗଠନର ବ୍ୟବସ୍ଥା ଅଛି । ଏହି କମିଟି କେନ୍ଦ୍ରୀୟ ପ୍ରାଧିକରଣ ସହ ସମନ୍ୱୟ ରଖି କାର୍ଯ୍ୟ କରିଆସୁଛି ।

**ବିପର୍ଯ୍ୟୟରେ ଚିକିତ୍ସା ସେବାର ଗୁରୁତ୍ୱ:**

ବିପର୍ଯ୍ୟୟ ପରିଚାଳନା ଓ ମୁକାବିଲା କ୍ଷେତ୍ରରେ ସ୍ୱାସ୍ଥ୍ୟ ଓ ଚିକିତ୍ସା ସେବାର ଭୂମିକା କ'ଣ ହେବ ଜାତୀୟ ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷ ତାହା ନିର୍ଦ୍ଧାରଣ କରିଛନ୍ତି । ତଦନୁସାରେ ଜରୁରୀ ଚିକିତ୍ସା ଓ ସ୍ୱାସ୍ଥ୍ୟସେବା ଯୋଗାଇଦେବାକୁ ଜାତୀୟସ୍ତରରେ ଏକ ଜରୁରୀ ଡାକ୍ତରୀ ଓ ଚିକିତ୍ସା ଡିଭିଜନ ଗଠନ କରାଯାଇଛି । ଏହି ଡିଭିଜନ ଏଥିପାଇଁ ଏକ ଅଧିକାରୀ ଦଳକୁ ବାଛିବା ସହ ସମନ୍ୱୟ ତଥା ସେବା ପ୍ରଦାନ ଅବସ୍ଥାକୁ ତଦାରଖ କରେ । ସେଥିପାଇଁ ପ୍ରାଦେଶିକ ଓ ଜିଲ୍ଲାସ୍ତରରେ ତ୍ୱରିତ କାର୍ଯ୍ୟାନୁଷ୍ଠାନ ଦଳ ଓ ସଙ୍କଟମୋଚନ ଦଳ ଗଠନର ବ୍ୟବସ୍ଥା କରାଯାଇଛି । ଚିକିତ୍ସା ସେବା, ଔଷଧ, ଅନ୍ୟାନ୍ୟ ଉପକରଣ, ଚିକିତ୍ସକ ଓ ସହାୟକ ଦଳ ଗଠନ ତଥା କ୍ଷତିଗ୍ରସ୍ତ ଅଞ୍ଚଳକୁ ପ୍ରେରଣ ଆଦି କାର୍ଯ୍ୟ ଏହି କମିଟି କରେ । ସ୍ୱାସ୍ଥ୍ୟ ସେବା ବିଭାଗର ମହାନିର୍ଦ୍ଦେଶକ କେନ୍ଦ୍ରୀୟ ସ୍ତରରେ ଏହାର ତଦାରଖ ଦାୟିତ୍ୱରେ ରହନ୍ତି ଏବଂ ସେ ସମନ୍ୱୟ ରକ୍ଷା କରିଥାନ୍ତି । ବିପର୍ଯ୍ୟୟ ସମୟରେ ଗ୍ରାମାଞ୍ଚଳରେ କ୍ଷୟକ୍ଷତି ଅଧିକ ହେଉଥିବାରୁ ଆହତମାନଙ୍କୁ ଉଦ୍ଧାର କରି ଉପଯୁକ୍ତ ଚିକିତ୍ସା ତୁରନ୍ତ ଯୋଗାଇବାର ଆବଶ୍ୟକତା ରହିଛି । ସେଥିପାଇଁ ଜିଲ୍ଲା ଓ ପ୍ରାଦେଶିକ ସ୍ତରର ବିପର୍ଯ୍ୟୟ ପରିଚାଳନା ଉପରେ ଅଧିକ ଗୁରୁତ୍ୱ ଦିଆଯିବା ଆବଶ୍ୟକ । ଏହାକୁ ଦୃଷ୍ଟିରେ ରଖି ସରକାର ବିପର୍ଯ୍ୟୟ ସମୟରେ





ଚିକିତ୍ସା ସହାୟତା ଯୋଗାଇଦେବାକୁ ଇନଷ୍ଟ୍ରକ୍ଟର ତାଲିମ ବ୍ୟବସ୍ଥା ଆରମ୍ଭ କରିଛନ୍ତି। ଜରୁରୀ ଆବଶ୍ୟକତା ସମୟରେ ଏମାନେ ହସପିଟାଲ ସେବା ଯୋଗାଇଦେବେ। ଇତିମଧ୍ୟରେ ଏକ ଶହ ଇନଷ୍ଟ୍ରକ୍ଟରଙ୍କୁ ତାଲିମ ଦିଆସରିଲାଣି। ଜାତୀୟ ବିପର୍ଯ୍ୟୟ ପରିଚାଳନା ପ୍ରତିଷ୍ଠାନ (ଏନ୍‌ଆଇଡିଏମ୍), ଜାତୀୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ପ୍ରତିଷ୍ଠାନରେ ଏହି ତାଲିମ ପ୍ରଦାନ କରାଯାଉଛି। ରାଜ୍ୟ ସରକାରଙ୍କ ଦ୍ୱାରା ପରିଚାଳିତ ହସ୍‌ପିଟାଲ ଓ ମେଡିକାଲ କଲେଜରୁ ଏହି ଇନଷ୍ଟ୍ରକ୍ଟରମାନଙ୍କୁ ମନୋନୀତ କରାଯାଇ ତାଲିମ ଦିଆଯାଉଛି। ବିପର୍ଯ୍ୟୟ ପରବର୍ତ୍ତୀ ଅବସ୍ଥାରେ ମହାମାରୀ ବ୍ୟାପିବାର ଆଶଙ୍କା ଥିବାରୁ ଏହାକୁ ରୋକିବା ଏବଂ ରୋଗୀଙ୍କୁ ଚିକିତ୍ସା ଯୋଗାଇବା ସହ ଆବଶ୍ୟକ ସଚେତନତା ସୃଷ୍ଟି କରିବାକୁ ଏମାନଙ୍କୁ ସ୍ୱତନ୍ତ୍ର ତାଲିମ ଦିଆଯାଉଛି। କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରଣାଳୟର ଆଞ୍ଚଳିକ ଦପ୍ତର ଏବଂ ଏହାର ନିର୍ଦ୍ଦେଶକମାନେ ଏ କ୍ଷେତ୍ରରେ ଯୋଗସୂତ୍ର ରକ୍ଷାକାରୀ ଭାବେ କାର୍ଯ୍ୟ କରୁଛନ୍ତି।

ବିପର୍ଯ୍ୟୟକାଳୀନ ଆବଶ୍ୟକତାକୁ ଦୃଷ୍ଟିରେ ରଖି ଦେଶବ୍ୟାପୀ ବିଭିନ୍ନ ବଛାବଛା ସରକାରୀ ହସ୍‌ପିଟାଲର ପାହ୍ୟା ବୃଦ୍ଧି ସହ ସେଠାରେ ଆବଶ୍ୟକ ଭିତ୍ତିଭୂମି ଓ ସୁବିଧାସୁଯୋଗର ବ୍ୟବସ୍ଥା କରାଯାଉଛି। ଏହାଛଡ଼ା ପ୍ରତି ୧୦୦ କିଲୋମିଟର ବ୍ୟବଧାନରେ ଆହତଙ୍କ ପାଇଁ ଚିକିତ୍ସା କେନ୍ଦ୍ର (ଟ୍ରମାକେୟାର ସେଣ୍ଟର) ତଥା ଜାତୀୟ ରାଜପଥରେ ପ୍ରତି ୫୦କି.ମି ବ୍ୟବଧାନରେ ଆମ୍ବୁଲାନ୍ସ ସେବା ଯୋଗାଣର ବ୍ୟବସ୍ଥା ହୋଇଛି। ନବନିର୍ମିତ ସୁବର୍ଣ୍ଣ ଚତୁର୍ଭୁଜ ରାଜପଥରେ ଏହି ସେବା ଆରମ୍ଭ କରାଯାଇଛି। ସଡ଼କ ପରିବହନ ମନ୍ତ୍ରଣାଳୟ ଏହାର ସମନ୍ୱୟ ଦାୟିତ୍ୱରେ ଅଛି। କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରଣାଳୟର ସହାୟତାରେ ସାରା ଦେଶରେ ୨୬ଟି 'କ' ଶ୍ରେଣୀ ଏବଂ ୨୫୦ 'ଖ' ଶ୍ରେଣୀର ଆହତ ଚିକିତ୍ସା ଓ ସେବା କେନ୍ଦ୍ର (ଟ୍ରମା କେୟାର ସେଣ୍ଟର) ସ୍ଥାପନର ଲକ୍ଷ୍ୟ ରହିଛି। ଟ୍ରମା କେୟାର ସେଣ୍ଟରରେ ରୋଗୀଙ୍କୁ ଆବଶ୍ୟକ ଚିକିତ୍ସା ଓ ସେବା ଆଦି ପ୍ରଦାନ କରିବା କାର୍ଯ୍ୟକୁ ତଦାରଖ କରିବା ପାଇଁ ୨୦୦୬-୦୭ରେ ନୂଆଦିଲ୍ଲୀର 'ଏମ୍ସ'ରେ ଜେପିଏନ୍ ଟ୍ରମା ସେଣ୍ଟର ନାମରେ ଏକ ଶୀର୍ଷ ସଂଗଠନ ଗଠନ କରାଯାଇଛି। ଏହା ବିଭିନ୍ନ ସ୍ଥାନରେ ଥିବା ଟ୍ରମା କେୟାର କେନ୍ଦ୍ରଗୁଡ଼ିକୁ ଚିକିତ୍ସା ଓ ସେବା ଆଦି କ୍ଷେତ୍ରରେ ଆବଶ୍ୟକ ପରାମର୍ଶ ଦେଉଛି।

ସର୍ବୋଚ୍ଚ ଟ୍ରମା କେୟାର ସେଣ୍ଟରରେ ସ୍ୱତନ୍ତ୍ର ପ୍ରଶିକ୍ଷିତ ଚିକିତ୍ସକ ଓ କର୍ମଚାରୀ ୨୪ ଘଣ୍ଟିଆ ସେବା



ଯୋଗାଇ ଆସୁଛନ୍ତି। ଏହି କେନ୍ଦ୍ରକୁ ବାର୍ଷିକ ୬୦ ହଜାର ରୋଗୀ ଆସୁଛନ୍ତି। ସେଠାରେ ୬୦୦୦ ପ୍ରକାର ବିଭିନ୍ନ ଅସ୍ତ୍ରୋପଚାରର ବ୍ୟବସ୍ଥା ଅଛି। ଏହି କେନ୍ଦ୍ରରେ ଶଯ୍ୟା ସଂଖ୍ୟା ୧୯୦। ଏହାଛଡ଼ା ୩୭ଟି ଆଇସିୟୁ ବେଡ୍, ଛ'ଟି ଅସ୍ତ୍ରୋପଚାର ଗୃହ ଓ ୩୦ଟି ଜରୁରୀ ଚିକିତ୍ସା ବେଡ୍ ଓ ଟ୍ରାଇଏଜ ରହିଛି। ଟ୍ରାଇଏଜରେ ଥିବା ରୋଗୀଙ୍କ ଆଘାତ ଓ ବ୍ୟାଧିର ଗୁରୁତ୍ୱକୁ ପରୀକ୍ଷା କରାଯାଇ ଚିକିତ୍ସା ବା ଅସ୍ତ୍ରୋପଚାର ଅଗ୍ରାଧିକାର ଭିତ୍ତିରେ କରାଯାଏ। ଏହାବାଦ୍ ଏହି କେନ୍ଦ୍ରରେ ବ୍ୟକ୍ତିଗତ ଓ୍ୱାର୍ଡ ରହିଛି ଏବଂ ରୋଗୀଙ୍କ ସାହାଯ୍ୟକାରୀ ତଥା ସମ୍ପର୍କୀୟଙ୍କ ପାଇଁ ହଷ୍ଟେଲ ବ୍ୟବସ୍ଥା ଅଛି। ଏହି କେନ୍ଦ୍ରରେ ହେଲିପ୍ୟାଡ୍ ଅଛି ଏବଂ ଆବଶ୍ୟକସ୍ଥଳେ ଏୟାର ଆମ୍ବୁଲାନ୍ସ ଯୋଗେ ରୋଗୀଙ୍କୁ ଏଠାକୁ ଚିକିତ୍ସା ପାଇଁ ଅଣାଯାଉଛି। ଆସନ୍ତା ପାଞ୍ଚ ଛ ବର୍ଷ ମଧ୍ୟରେ ଏହି କେନ୍ଦ୍ରର ବେଡ୍ ସଂଖ୍ୟା ୭୫୦କୁ ବୃଦ୍ଧି କରିବାର ଯୋଜନା ରହିଛି। ଏଦିଗରେ କାମ ଆରମ୍ଭ ହୋଇଗଲାଣି।

ବିପର୍ଯ୍ୟୟ ସମୟରେ କ୍ଷତିଗ୍ରସ୍ତ ଅଞ୍ଚଳରେ ଚିକିତ୍ସା ସେବା ଯୋଗାଇଦେବାକୁ ଭ୍ରାମ୍ୟମାଣ ମେଡିକାଲ ବ୍ୟବସ୍ଥା କରାଯାଉଛି। ଏଥିପାଇଁ ଚିକିତ୍ସା ଓ ସେବାର ସୁବିଧାଥିବା ସ୍ୱତନ୍ତ୍ର କଣ୍ଟେନର ନିର୍ମାଣ କରାଯାଉଛି। ଏହି ସ୍ୱତନ୍ତ୍ର କଣ୍ଟେନରରେ ରୋଗୀଙ୍କ ପାଇଁ ୧୦୦ ବେଡ୍‌ର ବ୍ୟବସ୍ଥା ରହିବ। ଏହାର ନିର୍ମାଣ କାର୍ଯ୍ୟ ଅନ୍ତିମ ପର୍ଯ୍ୟାୟରେ ପହଞ୍ଚିଲାଣି। ଏହି କଣ୍ଟେନରକୁ ଜଳ, ସ୍ଥଳ ଓ ଆକାଶ ପଥରେ ଯେ କୌଣସି ସ୍ଥାନକୁ ପଠାଇହେବ। ଏଥିରେ ଅସ୍ତ୍ରୋପଚାର କକ୍ଷ, ସଘନ ଚିକିତ୍ସା



କକ୍ଷ, ଅସ୍ତ୍ରୋପଚାର ପରବର୍ତ୍ତୀ ଚିକିତ୍ସା ପ୍ରକୋଷ୍ଠ, ଜଳ ବିଶୋଧକ ବ୍ୟବସ୍ଥା, ରୋଷଶାଳା ଓ ସ୍ୱତନ୍ତ୍ର ଶକ୍ତି ଯୋଗାଣ ବ୍ୟବସ୍ଥା ରହିଛି।

ଯେକୌଣସି ବିପର୍ଯ୍ୟୟ ସମୟରେ ପ୍ରତିରକ୍ଷାବାହିନୀ ତୁରନ୍ତ ଘଟଣା ସ୍ଥଳରେ ପ୍ରଥମେ ପହଞ୍ଚି ସୁସଂଗଠିତ ଉପାୟରେ ସାହାଯ୍ୟ ଓ ଉଦ୍ଧାର କାର୍ଯ୍ୟ କରିଥାଏ। ଏଥିରେ ସେନାର ମେଡିକାଲ ସେବା ବିଭାଗ ଉଲ୍ଲେଖନୀୟ ଭୂମିକା ଗ୍ରହଣ କରେ। ସେନା ପାଖରେ ଦକ୍ଷ ଚିକିତ୍ସକ, ଉନ୍ନତ ଯନ୍ତ୍ରପାତି, ଔଷଧପତ୍ର ଓ ଉପକରଣ ରହିଛି। ଖୁବ୍ କମ୍ ସମୟରେ ସେନାର ଏହି ବିଭାଗ ଘଟଣାସ୍ଥଳରେ ପହଞ୍ଚି ଚିକିତ୍ସା ବ୍ୟବସ୍ଥା ଯୋଗାଏ। ଦେଶର ବିଭିନ୍ନ ଭାଗରେ ଥିବା ପ୍ରମୁଖ ହସ୍‌ପିଟାଲଗୁଡ଼ିକରେ ବିପର୍ଯ୍ୟୟ ପରିଚାଳନା ପାଇଁ ଆବଶ୍ୟକ ସୁବିଧାସୁଯୋଗ ଓ ଲୋକବଳର ବ୍ୟବସ୍ଥା କରାଯାଉଛି। ଏସବୁ ହସ୍‌ପିଟାଲରେ ଜରୁରୀ ବା ସଂକଟକାଳୀନ ଚିକିତ୍ସା ସେବା ଯୋଗାଣ ପାଇଁ ୩୦୦୦ ବେଡ୍‌ର ବ୍ୟବସ୍ଥା ଅଛି। ବିପର୍ଯ୍ୟୟ ସମୟରେ ଏହି ବେଡ୍‌ଗୁଡ଼ିକୁ କାର୍ଯ୍ୟରେ ଲଗାଯାଇପାରିବ। ବିପର୍ଯ୍ୟୟକାଳୀନ ପରିସ୍ଥିତିର ମୁକାବିଲା ପାଇଁ ସରକାରୀ ହସ୍‌ପିଟାଲରେ ସ୍ୱତନ୍ତ୍ର ପ୍ରଶିକ୍ଷିତ ଚିକିତ୍ସକ, କର୍ମଚାରୀ, ଉପକରଣ ଓ ଔଷଧପତ୍ର ଆଦିକୁ ଆଗୁଆ ପ୍ରସ୍ତୁତ କରି ରଖାଯାଏ ଏବଂ ଆବଶ୍ୟକ ସ୍ଥଳେ ତୁରନ୍ତ ଘଟଣାସ୍ଥଳକୁ ପଠାଯାଏ। ଏହାବାଦ୍ ଭ୍ରାମ୍ୟମାଣ କ୍ଷେତ୍ରୀୟ ହସ୍‌ପିଟାଲ ଓ ସର୍ଜିକାଲ ଟିମ୍‌ର ବ୍ୟବସ୍ଥା ମଧ୍ୟ ଅଛି ଯାହା ଅଳ୍ପ ସମୟ ମଧ୍ୟରେ ବିପର୍ଯ୍ୟୟ ଘଟିଥିବା ଅଞ୍ଚଳକୁ ଯିବାକୁ ସକ୍ଷମ। ସେମାନଙ୍କ ପରିବହନ ପାଇଁ ଯାନବାହନର ମଧ୍ୟ ସୁବନ୍ଦୋବସ୍ତ କରାଯାଇଛି। ସ୍ୱାସ୍ଥ୍ୟ ଏକ ରାଜ୍ୟ ତାଲିକାଭୁକ୍ତ ବିଷୟ। ତେଣୁ ବିପର୍ଯ୍ୟୟ ସମୟରେ ରାଜ୍ୟ ପ୍ରଶାସନକୁ ଏଥିପାଇଁ ସ୍ୱତନ୍ତ୍ରଭାବେ ପ୍ରସ୍ତୁତ ରହିବାକୁ ପଡ଼େ। ଏହି କାମଟି ରାଜ୍ୟ ସ୍ୱାସ୍ଥ୍ୟ ବିଭାଗ ଉପରେ ନ୍ୟସ୍ତ। ରାଜ୍ୟର ସ୍ୱାସ୍ଥ୍ୟ ସେବା ବ୍ୟବସ୍ଥା ତିନି ଥାକିଆ। ବ୍ଲକ୍ ସ୍ତରରେ ପ୍ରାଥମିକ ଶିକ୍ଷାକେନ୍ଦ୍ର ଥିବାବେଳେ ଜିଲ୍ଲାସ୍ତରରେ ଜିଲ୍ଲା ମୁଖ୍ୟ ହସ୍‌ପିଟାଲ ଏବଂ ଶୀର୍ଷ ସ୍ତରରେ ରାଜ୍ୟ ସଦର କାର୍ଯ୍ୟାଳୟ ବା ପ୍ରମୁଖ ସହରରେ

ପ୍ରଧାନ ଚିକିତ୍ସାଳୟ ବା ହସ୍‌ପିଟାଲମାନ ରହିଛି। ତେବେ ଏସବୁ ବ୍ୟବସ୍ଥାର ପରିଚାଳନା ଏକାଧିକ ବିଭାଗଦ୍ୱାରା ହୋଇଥାଏ। ମେଡିକାଲ ଶିକ୍ଷା ଓ ସାଧାରଣ ସ୍ୱାସ୍ଥ୍ୟ ଭିନ୍ନ ଭିନ୍ନ ସଂସ୍ଥା ବା ବିଭାଗଦ୍ୱାରା ପରିଚାଳିତ ହୁଏ।

ବ୍ଲକ ସ୍ତରୀୟ ଚିକିତ୍ସାଳୟ ସମୂହରେ ବିପର୍ଯ୍ୟୟ ଜନିତ ଚିକିତ୍ସା ବ୍ୟବସ୍ଥା ପାଇଁ ଆବଶ୍ୟକ ସୁବିଧାସୁଯୋଗ ନ ଥାଏ। ଜିଲ୍ଲା ଓ ଉପଜିଲ୍ଲା ହସ୍‌ପିଟାଲ ଯେଉଁଠି ୧୦୦ରୁ ୨୫୦ ଶଯ୍ୟାର ହସ୍‌ପିଟାଲ ରହିଛି ସେଠାରେ ଟ୍ରମା ଚିକିତ୍ସା ବ୍ୟବସ୍ଥାର ପରିକଳ୍ପନା ରହିଛି। ତେବେ ଏସବୁ ଚିକିତ୍ସାଳୟରେ ଚିକିତ୍ସା ଓ ସେବାର ମାନ ନେଇ ସଂଶୟ ରହିଛି। ଟ୍ରମା ଚିକିତ୍ସାର ଆବଶ୍ୟକ ବ୍ୟବସ୍ଥା ପର୍ଯ୍ୟାପ୍ତ ନଥିବାରୁ ଭାରତରେ ଅଧିକ ଲୋକ ମୃତ୍ୟୁ ମୁଖରେ ପଡ଼ନ୍ତି। ତେଣୁ ଠିକଣା ସମୟରେ ରୋଗୀକୁ ଚିକିତ୍ସା ପାଇଁ ଉପଯୁକ୍ତ ହସ୍‌ପିଟାଲରେ ପହଞ୍ଚାଇଲେ ଅନେକ ମୂଲ୍ୟବାନ ଜୀବନ ରକ୍ଷା ହୋଇପାରିବ।

**(କ) ପ୍ରାକ୍ ହସ୍‌ପିଟାଲ ଯତ୍ନ :** ଅଧିକାଂଶ ରାଜ୍ୟରେ ପ୍ରାକ୍ ହସ୍‌ପିଟାଲ ଯତ୍ନ ବ୍ୟବସ୍ଥା ପ୍ରାୟ ନାହିଁ। କେତେକ ରାଜ୍ୟରେ ଏ ନେଇ ଯେଉଁ ବ୍ୟବସ୍ଥା ଅଛି ତାହା ଅତ୍ୟନ୍ତ ପୁରୁଣାକାଳିଆ। ଅତ୍ୟାଧୁନିକ ଆମ୍ବୁଲାନ୍ସ, ତାଲିମପ୍ରାପ୍ତ ଲୋକଶକ୍ତି ଏବଂ ନିର୍ଦ୍ଦିଷ୍ଟ ଅଞ୍ଚଳରେ ଉପଯୁକ୍ତ ସଂସ୍ଥା ବା ସଂଗଠନର ଅଭାବ ରହିଛି। କେତେକ ରାଜ୍ୟ ସାର୍ବଜନୀନ ଜରୁରୀକାଳୀନ ନମ୍ବର ୧୦୮ ଆମ୍ବୁଲାନ୍ସ ସେବା, ପୁଲିସ ସହାୟତା କିମ୍ବା ଅଗ୍ନିଶମ ସେବା ପାଇଁ ବ୍ୟବହାର କରୁଛନ୍ତି। ସାଂପ୍ରତିକ ବ୍ୟବସ୍ଥା ଜିପିଏସ୍/ଜିପିଆର୍ଏସ୍ ବ୍ୟବସ୍ଥାରେ ପରିଚାଳିତ। ମାତ୍ର ଏସବୁ ବ୍ୟବସ୍ଥାରେ ନିୟୋଜିତ



ଲୋକଶକ୍ତିଙ୍କ ତାଲିମ, ସାଂଗଠନିକ ଦିଗ ଆଦି ଦେଖିବା ପାଇଁ ନିୟନ୍ତ୍ରକ ବ୍ୟବସ୍ଥା କିମ୍ବା ବୈଧାନିକ ନୀତି ନିୟମ ନାହିଁ।

**(ଖ) ହସ୍‌ପିଟାଲରେ ଆହତଙ୍କ ଯତ୍ନ :** ବିପର୍ଯ୍ୟୟରେ ଆହତ ବହୁ ସଂଖ୍ୟକ ଲୋକଙ୍କୁ ଚିକିତ୍ସାଳୟରେ ଆବଶ୍ୟକ ସେବା ଓ ଯତ୍ନ ଯୋଗାଇ ଦେବାକୁ ଉପଖଣ୍ଡ / ଜିଲ୍ଲାସ୍ତରୀୟ ହସ୍‌ପିଟାଲ କିମ୍ବା ମେଡିକାଲ କଲେଜ ଓ ହସ୍‌ପିଟାଲରେ ସୁବିଧା ସୁଯୋଗ ଆବଶ୍ୟକ। ସାରା ଦେଶରେ ଏସବୁ ହସ୍‌ପିଟାଲରେ ଆବଶ୍ୟକ ଭିତ୍ତିଭୂମିର ଅଭାବ ରହିଛି। ଘରୋଇ ହସ୍‌ପିଟାଲରେ ଜରୁରୀକାଳୀନ ବିଭାଗଗୁଡ଼ିକ ସବୁ ଦୃଷ୍ଟିରୁ ଉନ୍ନତ ଓ ପ୍ରସ୍ତୁତ ମାତ୍ର ଆର୍ଥିକ କାରଣ ଯୋଗୁଁ ସବୁ ଲୋକ ଏହାର ସୁଯୋଗ ନେଇପାରନ୍ତି ନାହିଁ।

**(ଗ)ତାଲିମପ୍ରାପ୍ତ ଲୋକଶକ୍ତି :** ସରକାରୀ ବ୍ୟବସ୍ଥାର ତିନିସ୍ତରରେ ଥିବା ଡାକ୍ତରଖାନାଗୁଡ଼ିକରେ ଆବଶ୍ୟକ ତାଲିମପ୍ରାପ୍ତ ଲୋକଶକ୍ତିର ଅଭାବ ରହିଥିବାରୁ ଗୁରୁତର ଅସୁସ୍ଥ ବା ଆହତ ଅଧିକ ଲୋକଙ୍କୁ ଏକ ସମୟରେ ଚିକିତ୍ସା ସେବା ଯୋଗାଇବାରେ ଏସବୁ ଅସମର୍ଥ ହୁଅନ୍ତି। ତେଣୁ ଆହତ ବା ଟ୍ରମା ଚିକିତ୍ସା ପାଇଁ ଏକ ସ୍ୱତନ୍ତ୍ର ବ୍ୟବସ୍ଥା କରିବାର ମତବାଦ ବା ବିଚାର ଏସବୁ ହସ୍‌ପିଟାଲରେ ନାହିଁ କହିଲେ ଚଳେ। ଏଠାରେ ଯେଉଁମାନେ ଆହତଙ୍କ ଚିକିତ୍ସା କରନ୍ତି ସେମାନଙ୍କର ଜୀବନରକ୍ଷାକାରୀ ସେବା ଯୋଗାଣ ସମ୍ପର୍କରେ ସ୍ୱତନ୍ତ୍ର ତାଲିମ କିମ୍ବା ଦକ୍ଷତା ନ ଥାଏ।

ଏହିସବୁ ସରକାରୀ ହସ୍‌ପିଟାଲରେ ତାଲିମପ୍ରାପ୍ତ ଚିକିତ୍ସକ / ସର୍ଜନ, ନର୍ସ ଏବଂ ଜରୁରୀ ବିଭାଗ ନ ଥାଏ। ବିଭିନ୍ନ ବିଭାଗରେ ସୁପର ସ୍ପେଶାଲିଷ୍ଟ ଚିକିତ୍ସକ ଓ ବିଶେଷ ତାଲିମପ୍ରାପ୍ତ କର୍ମଚାରୀ ନ ଥାନ୍ତି। ଏହାଛଡ଼ା ଥଇଥାନକାରୀ ବୃତ୍ତିଜୀବୀଙ୍କ ଅଭାବ ଏସବୁ ହସ୍‌ପିଟାଲରେ ବିଶେଷ ଭାବେ ପରିଲକ୍ଷିତ ହୁଏ। ଅତଏବ ବିପର୍ଯ୍ୟୟ ପରିଚାଳନାରେ ଆହତଙ୍କ ଚିକିତ୍ସା ପାଇଁ ଆବଶ୍ୟକ ମାନବସମ୍ବଳ ଯୋଗାଡ଼ ଓ ଭିତ୍ତିଭୂମିର ବିକାଶ କରିବାକୁ ପଡ଼ିବ।

**(ଘ) ଜାତୀୟ ଦକ୍ଷତା ବିକାଶ**

**ଉଦ୍ୟମ:** ଆହତଙ୍କ ଚିକିତ୍ସା ଏବଂ ବିପର୍ଯ୍ୟୟକାଳୀନ ସ୍ୱାସ୍ଥ୍ୟସେବା ପାଇଁ ଚିକିତ୍ସକ, ନର୍ସ, ଅର୍ଦ୍ଧଚିକିତ୍ସା କର୍ମଚାରୀମାନଙ୍କୁ ସୁଦକ୍ଷ କରିବାକୁ କେନ୍ଦ୍ର ସରକାରଙ୍କ ପକ୍ଷରୁ ବିଭିନ୍ନ ତାଲିମ ଓ ପ୍ରଶିକ୍ଷଣ ନିୟମିତ ଭାବେ ପ୍ରଦାନ କରାଯାଉଛି। ଏହାଛଡ଼ା ବିଭିନ୍ନ ସରକାରୀ ହସ୍‌ପିଟାଲର ଦକ୍ଷତା ବିକାଶ ଉପରେ ଗୁରୁତ୍ୱ ଦିଆଯାଉଛି। ସ୍ୱତନ୍ତ୍ରଭାବେ ଏଥିପାଇଁ ସାଧନ ବ୍ୟକ୍ତି ବା ରିସୋର୍ସ ପରସନ୍‌ମାନଙ୍କର ଏକ ତାଲିକା ପ୍ରସ୍ତୁତ କରାଯାଇ ସେମାନଙ୍କଠାରୁ ପରାମର୍ଶ ନିଆଯାଉଛି। ନିକଟରେ ଏମ୍ସରେ ଟ୍ରମା ସର୍ଜରୀ ଓ କ୍ରିଟିକାଲ କେୟାର ବିଷୟରେ ଏମ୍‌ସିଏଚ୍ ପାଠ୍ୟକ୍ରମ ଆରମ୍ଭ ହୋଇଛି। ଏହା ଫଳରେ ପ୍ରଥମ କରି ଦେଶରେ ଟ୍ରମା ସର୍ଜରୀ ଡିଗ୍ରୀପ୍ରାପ୍ତ ଚିକିତ୍ସକ ସୃଷ୍ଟି ହେବେ।

ଜାତୀୟ ବିପର୍ଯ୍ୟୟ ପ୍ରଶମନ ପ୍ରାଧିକରଣର ସହାୟତାରେ ସର୍ବୋଚ୍ଚ ଟ୍ରମା ସେଣ୍ଟର ଦ୍ୱାରା ଦକ୍ଷତା ବିକାଶ, ଆଡ୍‌ଭାନ୍ସ ଟ୍ରମା ଲାଇଫ୍ ସପୋର୍ଟ ବ୍ୟବସ୍ଥା, ଡାକ୍ତରଙ୍କୁ ତାଲିମ, ନର୍ସ ଓ ଫାର୍ମାସିଷ୍ଟଙ୍କୁ ପ୍ରଶିକ୍ଷଣ ପ୍ରଦାନ ଆଦି ଆଗୁଆ କାର୍ଯ୍ୟକ୍ରମ ତିନିଟି ରାଜ୍ୟରେ ଆରମ୍ଭ ହୋଇଛି। ଏହାକୁ କ୍ରମଶଃ ଅନ୍ୟ ରାଜ୍ୟକୁ ସଂପ୍ରସାରିତ କରିବା ସହ ଆସନ୍ତା ଚାରିବର୍ଷ ମଧ୍ୟରେ ଟ୍ରମା ଚିକିତ୍ସା ପାଇଁ ୧୮୦୦ ସ୍ୱତନ୍ତ୍ର ପ୍ରଶିକ୍ଷିତ ଡାକ୍ତର ଓ ନର୍ସ ପ୍ରସ୍ତୁତ କରିବାର ଲକ୍ଷ୍ୟ ରହିଛି। ଜାପାନ ଭଳି ମାତ୍ରାଧିକ ବିପର୍ଯ୍ୟୟ ପ୍ରବଣ ଦେଶଠାରୁ ଆହତଙ୍କ ଚିକିତ୍ସା ଏବଂ ଯତ୍ନ ସମ୍ପର୍କରେ ଆମକୁ ଯଥେଷ୍ଟ କିଛି ଶିଖିବାର ଅଛି। ସେଠା ସରକାର ବିପର୍ଯ୍ୟୟ ପରିଚାଳନା ବ୍ୟବସ୍ଥା ସହ ପ୍ରାକ୍ ହସ୍‌ପିଟାଲ ଟ୍ରମା କେୟାର ବ୍ୟବସ୍ଥା ମଧ୍ୟ ସୁନିଶ୍ଚିତ କରିଛନ୍ତି। ଭାରତରେ ବିପର୍ଯ୍ୟୟ ପରିଚାଳନା ପାଇଁ ଏକ କମାଣ୍ଡ ସେଣ୍ଟର ବା ନିର୍ଦ୍ଦେଶାଳୟ ସ୍ଥାପନ ସହିତ ଜରୁରୀ ସୂଚନା ବ୍ୟବସ୍ଥା ପ୍ରଚଳନର ଆବଶ୍ୟକତା ରହିଛି। ଏହି ବ୍ୟବସ୍ଥାରେ ସବୁ ହସ୍‌ପିଟାଲ ଆହତଙ୍କ ସଂଖ୍ୟା ଏବଂ ସେମାନେ ଆବଶ୍ୟକ କରୁଥିବା ସହାୟତା ସମ୍ପର୍କରେ ନିର୍ଦ୍ଦେଶାଳୟକୁ ତଥ୍ୟ ଯୋଗାଇ ସହାୟତା ପାଇପାରିବେ।

ଲେଖକ ଡକ୍ଟର ଗୁପ୍ତ ନୂଆଦିଲ୍ଲୀସ୍ଥିତ ଅଖିଳଭାରତ ଆୟୁର୍ବିଜ୍ଞାନ ପ୍ରତିଷ୍ଠାନର ମୁଖପାତ୍ର ତଥା ଜେପିଏନ୍ ଆପେକ୍ସ ଟ୍ରମା ସର୍ଜରୀ ସେଣ୍ଟର ଓ କ୍ରିଟିକାଲ କେୟାର ଡିଭିଜନର ସର୍ଜରୀ ପ୍ରଫେସର।
ପ୍ରଫେସର ମହେଶଚନ୍ଦ୍ର ଶର୍ମା ଜେପିଏନ୍ ଟ୍ରମା ସେଣ୍ଟରର ମୁଖ୍ୟ ତଥା ସର୍ଜରୀ ବିଭାଗର ନିର୍ଦ୍ଦେଶକ।

## ବ୍ୟବହାରକାରୀ ହେବା ଅପେକ୍ଷା ଏକ ଉତ୍ପାଦନକାରୀ ରାଜ୍ୟ ହେବା ପାଇଁ ଓଡ଼ିଶାକୁ କେନ୍ଦ୍ରର ପରାମର୍ଶ

କେନ୍ଦ୍ର ଶକ୍ତି, କୋଇଲା, ଖଣି, ନୂତନ ଓ ଅକ୍ଷୟଶକ୍ତି ବିକାଶ ମନ୍ତ୍ରୀ ଶ୍ରୀ ପିୟୁଷ ଗୋଏଲ୍ ବିପୁଳ ଖଣିଜ ସମ୍ପଦର ରପ୍ତାନୀ ପରିବର୍ତ୍ତେ ଓଡ଼ିଶାରେ ତାହାର ମୂଲ୍ୟ ସମ୍ବର୍ଦ୍ଧନ (ଭାଲ୍ୟୁ ଆଡିସନ୍) କରିବାକୁ ଆହ୍ୱାନ ଦେଇଚନ୍ତି । ଗତ ଡିସେମ୍ବର ଦୁଇ ତାରିଖ ଦିନ ଭୁବନେଶ୍ୱରଠାରେ ମେକ୍ ଇନ୍ ଓଡ଼ିଶା କନ୍‌କ୍ଳେଭ୍‌ର ଉଦ୍‌ଯାପନୀ ସମାରୋହରେ ପୁଞ୍ଜି ନିବେଶକାରୀମାନଙ୍କୁ ଉଦ୍‌ବୋଧନ ଦେଇ ଶ୍ରୀ ଗୋଏଲ୍ କହିଥିଲେ ଯେ ଓଡ଼ିଶାରେ ବିପୁଳ ଖଣିଜ ସମ୍ପଦ ଭରି ରହିଛି । ଆମର ମୋଟ୍ ଗଚ୍ଛିତ ପରିମାଣ ଭିତରୁ ୫୨ ପ୍ରତିଶତ ବକ୍ସାଇଟ୍ ଓଡ଼ିଶାରେ ରହିଛି । ନାଲ୍‌କୋରୁ ଉତ୍ପାଦିତ ଆଲୁମିନିୟମ୍ ଉତ୍ପାଦ ବିଦେଶକୁ ରପ୍ତାନୀ ହେଉଛି । ଅଥଚ ଓଡ଼ିଶା ଭିତରେ ତାହାର ମୂଲ୍ୟ ସମ୍ବର୍ଦ୍ଧନ ହୋଇପାରୁ ନାହିଁ। ଓଡ଼ିଶାରେ ଉନ୍ନତମାନର ଆଲୁମିନିୟମ୍ ଉତ୍ପାଦନ ହେଉଥିବା ବେଳେ ଏହାର ଫିନିସ୍‌ଡ୍ ପ୍ରଡକ୍ଟ ଉତ୍ପାଦନ ଲାଗି କୌଣସି ସ୍ତରରେ ବା ସଂସ୍ଥା ପକ୍ଷରୁ ଉଦ୍ୟମ କରାଯାଇ ନାହିଁ । ଅନେକ ବର୍ଷ ଧରି ଏହି ଧାରା ଚାଲିଆସିଛି । ଏଣୁ ଉଦ୍ୟୋଗପତିମାନେ ଓଡ଼ିଶାରୁ ଉତ୍ପାଦିତ ଆଲୁମିନିୟମ୍‌ର ମୂଲ୍ୟ ସମ୍ବର୍ଦ୍ଧନ କରିବା ଦିଗରେ ପଦକ୍ଷେପ ନେବାକୁ ସେ ଆହ୍ୱାନ ଦେଇଥିଲେ । ଶ୍ରୀ ଗୋଏଲ୍ କହିଥିଲେ ଯେ ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦି କୋଇଲା ବ୍ଲକ୍ ନିଲାମ ବେଳେ ଏକଥା ସ୍ପଷ୍ଟ କରିଥିଲେ ଯେ, ଓଡ଼ିଶା ସମେତ ଯେଉଁ ସବୁ ରାଜ୍ୟର କୋଇଲା ବ୍ଲକ୍ ଆବଣ୍ଟନ ହେବ ସେହି ରାଜ୍ୟର ଗରିବରୁ ଗରିବତମ ବ୍ୟକ୍ତିଙ୍କୁ ଏବଂ ଖଣି ଅଞ୍ଚଳର ଆଦିବାସୀମାନଙ୍କୁ ଯେପରି ଉପକାର ମିଳିବ ସେ ଦିଗରେ ଅଧିକ ଧ୍ୟାନ ଦିଆଯିବ । କୋଇଲାର ଇ-ନିଲାମରୁ ଯେଉଁ ବିପୁଳ ଅର୍ଥ ମିଳୁଛି ସେଥିରୁ ଓଡ଼ିଶାକୁ ୭୦ ହଜାର କୋଟି ରାଜସ୍ୱ ମିଳିବ । ସାଗରମାଳା ପ୍ରକଳ୍ପ ଜରିଆରେ ଓଡ଼ିଶାର ବେଳାଭୂମି ସଡ଼କର ଉନ୍ନତି ଏବଂ ପାରାଦ୍ୱୀପଠାରେ ପେଟ୍ରୋ ରସାୟନ ପ୍ରକଳ୍ପର ପ୍ରତିଷ୍ଠା ତଥା ରାଜ୍ୟ ସରକାରଙ୍କ ଦ୍ୱାରା କରାଯାଉଥିବା ବିଭିନ୍ନ ପ୍ରକଳ୍ପ ମାଧ୍ୟମରେ ରାଜ୍ୟର ବେରୋଜଗାର ସମସ୍ୟା ସଂପୂର୍ଣ୍ଣ ରୂପେ ଦୂର ହୋଇପାରିବ । ବିକାଶ କ୍ଷେତ୍ରରେ ଯେଉଁସବୁ ଆଂଚଳିକ ବୈଷମ୍ୟ ରହିଛି, ତାକୁ ଦୂର କରିବାକୁ ପଡ଼ିବ । ସେ ଦିଗରେ କେନ୍ଦ୍ର ସରକାର ଯଥାସାଧ୍ୟ ଉଦ୍ୟମ କରୁଛନ୍ତି । ପ୍ରଧାନମନ୍ତ୍ରୀ ଶ୍ରୀ ମୋଦି ଓଡ଼ିଶା, ପଶ୍ଚିମବଙ୍ଗ, ବିହାର, ଆସାମ ସହିତ ପୂର୍ବ ଭାରତର ରାଜ୍ୟମାନଙ୍କରେ ବିକାଶର ଗତିକୁ ତ୍ୱରାନ୍ୱିତ କରିବାକୁ ସବୁ ମନ୍ତ୍ରଣାଳୟ ତଥା ବିଭାଗକୁ ନିର୍ଦ୍ଦେଶ ଦେଇଚନ୍ତି । ପୂର୍ବ ଭାରତର ବିକାଶ ଦ୍ୱାରା ଦେଶର ଅଭିବୃଦ୍ଧିକୁ ବଳ ମିଳିବ । ଶ୍ରୀ ଗୋଏଲ୍ କହିଥିଲେ ଯେ ଓଡ଼ିଶା ଏକ ବ୍ୟବହାରକାରୀ ରାଜ୍ୟ ହେବା ପରିବର୍ତ୍ତେ ଏକ ବୃହତ ଉତ୍ପାଦନକାରୀ ତଥା ବିନିର୍ମାଣକାରୀ ରାଜ୍ୟ ଭାବେ ବିବେଚିତ ହେବା ଦରକାର। ଏହା ଦ୍ୱାରା ଓଡ଼ିଶାକୁ ଅଧିକ ରାଜସ୍ୱ ମିଳିପାରିବ । ସେ କହିଥିଲେ ଯେ ଓଡ଼ିଶାର ସବୁ ଗ୍ରାମକୁ ମେ ୨୦୧୮ ସୁଦ୍ଧା ୨୪ ଘଣ୍ଟିଆ ବିଜୁଳି ଶକ୍ତି ଯୋଗାଇ ଦିଆଯିବ । ସେ କହିଥିଲେ ଯେ ପ୍ରଧାନମନ୍ତ୍ରୀଙ୍କ ଐତିହାସିକ ବିମୁଦ୍ରୀକରଣ ନିଷ୍ପତ୍ତି ଦେଶରେ ଏକ ନଗଦମୁକ୍ତ ସମାଜ ପ୍ରତିଷ୍ଠାକୁ ପ୍ରୋତ୍ସାହିତ କରିବ । ପ୍ରତ୍ୟେକ ସ୍ତରରେ ଇ-କାରବାର ବୃଦ୍ଧି ପାଇବ । ଶିଳ୍ପଦ୍ୟୋଗୀମାନେ ମଧ୍ୟ ସେମାନଙ୍କ ବ୍ୟବସାୟ ପ୍ରତିଷ୍ଠାନ ଓ କଳକାରଖାନାରେ ତଥା ଉଦ୍ୟୋଗରେ ଇ-କାରବାରକୁ ଆଗେଇ ନେବାକୁ ସେ ଆହ୍ୱାନ ଦେଇଥିଲେ।

# ଜୈବିକ ବିପର୍ଯ୍ୟୟର କାରଣ ଓ ନିରାକରଣ

ଡକ୍ଟର ଅର୍ଚ୍ଚନା ସୁଦ୍

କେତେକ ପ୍ରକାରର ସଜୀବ ପଦାର୍ଥର ବିସ୍ତାର ଓ କ୍ଷତିକାରକ ପ୍ରତିକ୍ରିୟା ଯୋଗୁଁ ଜୈବିକ ବିପର୍ଯ୍ୟୟ ଘଟେ। ଏହାଦ୍ୱାରା ବିଭିନ୍ନ ପ୍ରକାର ଜୀବାଣୁ, ଭୂତାଣୁ ବ୍ୟାପୀ ସଂକ୍ରମଣ, ବ୍ୟାଧି ସୃଷ୍ଟି ହୁଏ ଏବଂ ବେଳେବେଳେ ଏହା ମହାମାରୀ ଆକାର ଧାରଣ କରିଥାଏ। ଜୀବଜନ୍ତୁ, ବୃକ୍ଷଲତା, ଉଦ୍ଭିଦ ମଧ୍ୟ ଏହାଦ୍ୱାରା ସଂକ୍ରମିତ ହୁଅନ୍ତି। ହଇଜା, ଇନ୍‌ଫ୍ଲୁଏନଜା, ସ୍ୱାଇନଫ୍ଲୁ ଆଦି ଏହି ଜୈବୀକ ବିପର୍ଯ୍ୟୟର ଉଦାହରଣ। ଜୈବିକ ବିପର୍ଯ୍ୟୟ ଯୋଗୁଁ ଗୋଟିଏ ଗୋଟିଏ ଅଞ୍ଚଳ, ସେଠାରେ ବସବାସ କରୁଥିବା ଲୋକ ବିଶେଷ ଭାବରେ କ୍ଷତିଗ୍ରସ୍ତ ହୋଇଥାନ୍ତି। ବେଳେବେଳେ ଏହା ସମଗ୍ର ଦେଶ ଓ ମହାଦେଶକୁ ମଧ୍ୟ ଆକ୍ରାନ୍ତ କରିଥାଏ। ଏବୋଲା, ଡେଙ୍ଗୁ, ମ୍ୟାଲେରିଆ, ମିଳିମିଳା, ହଇଜା ଭଳି ଜୈବୀକ ବ୍ୟାଧି ବିଭିନ୍ନ ଦେଶ ଓ ମହାଦେଶର ବିପର୍ଯ୍ୟୟ ସୃଷ୍ଟି କରିବାର ନଜିର ଅଛି।

ପାରାସାଇଟ,ଭାଇରସ୍, ବ୍ୟାକ୍‌ଟେରିଆ, ଫଙ୍ଗସ୍ ଓ ପ୍ରୋଟିନ ଆଦି ଦ୍ୱାରା ଉତ୍ପନ୍ନ ହେଉଥିବା ସଜୀବ ପଦାର୍ଥରୁ ଜୈବୀକ ବିପତ୍ତି ଘଟେ। ଏହି ଜୀବ ବିଶେଷତଃ ମଣିଷ ପାଇଁ ଗୁରୁତର ସ୍ୱାସ୍ଥ୍ୟଗତ ବିପତ୍ତି ଆଣେ। ମେଡିକାଲର ମଇଳା, ବର୍ଜ୍ୟବସ୍ତୁ ଓ ବିଭିନ୍ନ ପ୍ରକାର ଜିନିଷରୁ ନିର୍ଗତ ହେଉଥିବା ବିଷାକ୍ତ ପଦାର୍ଥ ମଧ୍ୟ ବିଭିନ୍ନ ଜୀବଜନ୍ତୁଙ୍କ ସହ ମଣିଷର ସ୍ୱାସ୍ଥ୍ୟ ପାଇଁ ବିପଜ୍ଜନକ ହୋଇପାରେ। ଏହି କ୍ଷୁଦ୍ରାତିକ୍ଷୁଦ୍ର ପରଜୀବୀମାନେ ଶ୍ୱାସପ୍ରଶ୍ୱାସ ମାଧ୍ୟମରେ ମଣିଷର ଶରୀରକୁ ପ୍ରବେଶ କରି ଶରୀରର ଜଳୀୟ ଅଂଶ ଓ ରସ ସହିତ ମିଶି ଏହାକୁ ଦୂଷିତ, ବିଷାକ୍ତ କରିଥାନ୍ତି। ଫଳରେ ମଣିଷ ରୋଗାକ୍ରାନ୍ତ ହୁଏ। ଜୈବୀକ ବିପତ୍ତି ଯୋଗୁଁ ମଣିଷ ମୁଖ୍ୟତଃ ଇନ୍‌ଫେକ୍‌ସନ୍ (ସଂକ୍ରମଣ) ଆଲର୍ଜି (କଣ୍ଡୁ) ପଏଜନିଂ ବା ବିଷକ୍ରିୟାରେ ଆକ୍ରାନ୍ତ ହୋଇଥାଏ। ଜୈବୀକ ସଂକ୍ରମଣର ଆଶଙ୍କା ଥିଲେ ସେ କ୍ଷେତ୍ରରେ ଲୋକଙ୍କୁ ସତର୍କ ସୂଚନା ଜାରି କରାଯାଏ, ଫଳରେ ଲୋକେ ସତର୍କତା ଅବଲମ୍ବନ କରି ରୋଗବ୍ୟାଧିରୁ ରକ୍ଷା ପାଇଥାନ୍ତି। ସଂକ୍ରମଣ ପ୍ରବଣ ଅଞ୍ଚଳରେ କାମ କରୁଥିବା ଲୋକଙ୍କୁ ସୁରକ୍ଷା ଦେବା ପାଇଁ ପ୍ରଥମେ ୧୯୬୬ରେ ଚାର୍ଲସ ବାଲଡଉଇନ୍ କେତେକ ବିପଦ ଚିହ୍ନ ବାହାର କରି ତାହାକୁ ପ୍ରଦର୍ଶିତ କରିଥିଲେ। ସେ ଜଣେ ପରିବେଶ ଓ ସ୍ୱାସ୍ଥ୍ୟ ଇଞ୍ଜିନିୟର ଭାବେ ଡାଓ କେମିକାଲ କମ୍ପାନୀରେ ଚାକିରି କରୁଥିଲେ। ସେହି କମ୍ପାନୀ ନିଜର ବିଭିନ୍ନ ଉତ୍ପାଦିତ ସାମଗ୍ରୀରେ ପ୍ରଥମେ ଏହି ଚିହ୍ନ ବ୍ୟବହାର କଲେ। କେଉଁ ସାମଗ୍ରୀ କାରବାର କଲେ କେଉଁ ପ୍ରକାର

**ଜୈବୀକ ଲଢ଼େଇ ଜନିତ ବିପତ୍ତିର ମୁକାବିଲା କରିବା ପାଇଁ ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ଶୀର୍ଷ ସଂସ୍ଥା ଭାବେ କାର୍ଯ୍ୟ କରେ। ଏହି କାର୍ଯ୍ୟରେ ତାହାକୁ ସ୍ୱାସ୍ଥ୍ୟ ଓ ପରିବାର ମନ୍ତ୍ରଣାଳୟ ସହାୟତା ଯୋଗାଏ। ବିଭିନ୍ନ ଜୈବୀକ ବିପତ୍ତିର ମୁକାବିଲା ପାଇଁ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ବିଭିନ୍ନ ପଦକ୍ଷେପ ଗ୍ରହଣ କରିବା ସହ ବିଭିନ୍ନ ରାଷ୍ଟ୍ରଙ୍କୁ ନିୟମିତ ପରାମର୍ଶମାନ ଦେଇଥାଏ। ସେଥିମଧ୍ୟରେ ଜାତୀୟ ତଦାରଖ କାର୍ଯ୍ୟକ୍ରମ, ରୋଗ ବ୍ୟାପିବା ସମ୍ପର୍କରେ ତଥ୍ୟ ସଂଗ୍ରହ ଓ ଏହାକୁ ରୋକିବାକୁ ତତ୍କାଳ ପଦକ୍ଷେପ ଗ୍ରହଣ ବ୍ୟବସ୍ଥା, ଲୋକଙ୍କୁ ରୋଗ ସମ୍ପର୍କରେ ସଚେତନ କରାଇବା, ଔଷଧପତ୍ର ଏବଂ ଚିକିତ୍ସା ଓ ବୈଷୟିକ କର୍ମଚାରୀଙ୍କ ମୁତୟନ ବ୍ୟବସ୍ଥା, ନମୁନା ସଂଗ୍ରହ କରି ରୋଗର କାରଣ ନିର୍ଦ୍ଧାରଣ ଆଦି ଏଥି ମଧ୍ୟରୁ ଅନ୍ୟତମ।**

ଜୈବିକ ବିପଦ ସୃଷ୍ଟି ହୋଇପାରେ ସେହି ଚିତ୍ର ତାହା ବୁଝାଇବାରେ ସହାୟକ ହେଲା। ୟୁନିକୋଡ୍‌ରେ ଯେଉଁ ୟୁ+୨୬୨୩ ସିମ୍ବଲ ବା ଚିହ୍ନ ବ୍ୟବହାର କରାଯାଇଛି ତାହାର ଅର୍ଥ ବାୟୋହାଜାର୍ଡ ବା ଏହା ଜୈବୀକ ବିପଦ ସୃଷ୍ଟି କରିପାରେ।




ଜୈବୀକ ବିପଦ, ପ୍ରାକୃତିକ ବିପତ୍ତି କିମ୍ବା ଜୈବୀକ ଲଢ଼େଇ ମଧ୍ୟ ହୋଇପାରେ। ଚରମ ପାଣିପାଗ ଜନିତ ପରିସ୍ଥିତି ଯାହା ପ୍ରାକୃତିକ କାରଣରୁ ଘଟେ ତାହା ପ୍ରାକୃତିକ ବିପର୍ଯ୍ୟୟ ଭାବେ ନାମିତ। ଏହା ବିଶ୍ୱର ସବୁ ଅଞ୍ଚଳରେ ସୃଷ୍ଟି ହୋଇଥାଏ। ଏହା ଅନେକ ସମୟରେ ବ୍ୟାପକ ଧନଜୀବନ ହାନି ଘଟାଏ। ଅପରପକ୍ଷରେ ବ୍ୟାକ୍ଟେରିଆ ଓ ଭାଇରସ ଦ୍ୱାରା ସୃଷ୍ଟ ବିପତ୍ତି ଗୋଟିଏ ଗୋଟିଏ ନିର୍ଦ୍ଦିଷ୍ଟ ଅଞ୍ଚଳରେ ବିପତ୍ତି ଆଣେ ଏବଂ ଏହାଦ୍ୱାରା ଅଧିକ ଜୀବନ ହାନି ଘଟିଥାଏ। ଜୈବିକ ବିପତ୍ତି କିପରି ଏକ ଇଲାକାରେ ସୃଷ୍ଟି ହୁଏ ଓ ଏହା କିପରି ମହାମାରୀର ରୂପ ନିଏ ତାହାର ସବିଶେଷ କାରଣ ନେଇ ବିଶେଷଜ୍ଞ ଏକମତ ନୁହଁନ୍ତି। ମହାମାରି ଭଳି ବିପତ୍ତିର ମୁକାବିଲା ପାଇଁ ଭାରତରେ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରଣାଳୟ ନୋଡାଲ (କେନ୍ଦ୍ରୀୟ) ଏଜେନ୍ସି ଭାବେ କାର୍ଯ୍ୟ କରେ। ଏହା ଉପରେ ନିଷ୍ପତ୍ତି ଗ୍ରହଣ, ପରାମର୍ଶ ପ୍ରଦାନ, ଜରୁରୀ ସ୍ୱାସ୍ଥ୍ୟ ସେବା ଯୋଗାଣ ଆଦି ଦାୟିତ୍ୱ ନ୍ୟସ୍ତ। ସମ୍ବିଧାନ ଅନୁସାରେ ସ୍ୱାସ୍ଥ୍ୟ ସେବା ରାଜ୍ୟ ସରକାରଙ୍କ ତାଲିକାଭୁକ୍ତ ବିଷୟ। ତେଣୁ ଜୈବିକ ବିପର୍ଯ୍ୟୟର ମୁକାବିଲା ଦାୟିତ୍ୱ ରାଜ୍ୟ ସରକାରଙ୍କ ଉପରେ ନ୍ୟସ୍ତ। ଏ କ୍ଷେତ୍ରରେ କେନ୍ଦ୍ର ସରକାର ଆବଶ୍ୟକ ସାହାଯ୍ୟ ସହଯୋଗ ଓ ଦିଗ୍‌ଦର୍ଶନ ଦେଇଥାନ୍ତି। ଜାତୀୟ ସଂକ୍ରାମକ ବ୍ୟାଧି ପ୍ରତିଷ୍ଠାନ (ଏନ୍‌ଆଇସିଡି) ସଂକ୍ରାମକ ବ୍ୟାଧିର କାରଣ ଅନୁଧ୍ୟାନକାରୀ ଶୀର୍ଷ କେନ୍ଦ୍ରୀୟ ସଂଗଠନ। ବ୍ୟାଧି ଅନୁଧ୍ୟାନ ଓ ଅନୁସଂଧାନ ପାଇଁ ଏନ୍‌ଆଇସିଡି, ଭାରତୀୟ ଚିକିତ୍ସା ଗବେଷଣା ପରିଷଦ ମିଳିତ ଭାବେ ଶୈକ୍ଷିକ / ତାଲିମ, ଗବେଷଣା ଓ ପରୀକ୍ଷାଗାର ଆଦିର ସହାୟତା ଯୋଗାଇ ଦିଅନ୍ତି।

ଜୈବିକ ଯୁଦ୍ଧ : ଏହା ମଧ୍ୟ ଜୀବାଣୁ ଯୁଦ୍ଧ ଭାବେ ପରିଚିତ। ଯୁଦ୍ଧରେ ଶତ୍ରୁପକ୍ଷର ଲୋକଶକ୍ତି, ପଶୁପକ୍ଷୀ, ବୃକ୍ଷଲତା ଆଦିକୁ ଜୀବାଣୁ ଦ୍ୱାରା ନଷ୍ଟ କରିବା ପାଇଁ ଜୀବାଣୁ, ଭୂତାଣୁ, ଫିମ୍ପି ଆଦିକୁ ଅସ୍ତ୍ର ରୂପେ ବ୍ୟବହାର କରାଯାଏ। ବିଭିନ୍ନ ପ୍ରକାର ବିଷାକ୍ତ ବ୍ୟାକ୍ଟେରିଆକୁ ଶତ୍ରୁ ପକ୍ଷ ଉପରେ ପ୍ରୟୋଗ କରି ଏକ ନିର୍ଦ୍ଦିଷ୍ଟ ଅଞ୍ଚଳରେ ଅଶେଷ କ୍ଷତି ସାଧନ କରାଯାଏ। ଏହା ରୋଗ ସୃଷ୍ଟି କରି ବ୍ୟାପକ ଜୀବନ ହାନି ଘଟାଇବା ସହ ଅନେକଙ୍କୁ ସାରା ଜୀବନ ପଙ୍ଗୁ କରିଦିଏ। ସେଥିପାଇଁ ନିର୍ଦ୍ଦିଷ୍ଟ ଭାବେ ଜୈବୀକ ଅସ୍ତ୍ର ତିଆରି କରାଯାଉଛି। ଏପରିକି ଏବେ ପୃଥିବୀରୁ ଧ୍ୱଂସ ହୋଇଯାଇଥିବା କେତେକ କ୍ଷତିକାରକ ଭୂତାଣୁ ବା ଜୀବାଣୁକୁ ପୁନଃ ସୃଷ୍ଟି କରାଯାଇ ଜୈବୀକ ଅସ୍ତ୍ରରେ ବ୍ୟବହାର କରାଯାଉଛି। ଆଉ ଏକ ବିପତ୍ତି ହେଉଛି କୀଟାଣୁ ଯୁଦ୍ଧ ବା ଇନସେକ୍ଟ ୱାରଫେୟାର। କେତେକ କ୍ଷତିକାରୀ କୀଟ ଯାହା ମଣିଷ ଓ ପରିବେଶର ଶତ୍ରୁ ସେମାନଙ୍କୁ ବ୍ୟବହାର କରି ଶତ୍ରୁ ପକ୍ଷର କ୍ଷତି ସାଧନ କରାଯାଉଛି। ଆଣବିକ ଓ ରାସାୟନିକ ଅସ୍ତ୍ରଶସ୍ତ୍ର ଭଳି ଜୈବୀକ ଅସ୍ତ୍ରଶସ୍ତ୍ର ଦ୍ୱାରା ଶତ୍ରୁ ପକ୍ଷର ବ୍ୟାପକ କ୍ଷତି ଘଟାଇବା ଏବେ ସହଜ ହୋଇଛି। କୀଟପତଙ୍ଗ ଓ ଜୀବଜନ୍ତୁଙ୍କ ଦ୍ୱାରା ସୃଷ୍ଟ ବିଷାକ୍ତ ଉପାଦାନ ଗଣସଂହାରକାରୀ ଅସ୍ତ୍ରଶସ୍ତ୍ରଠାରୁ କୌଣସି ଗୁଣରେ କମ୍ ନୁହେଁ।



ତେଣୁ ଏହାକୁ ବାୟୋ ଟେରରିଜିମ୍ ବା ଜୈବ ଆତଙ୍କ ବୋଲି କୁହାଯାଇଛି। ଜୈବୀକ ଲଢ଼େଇ ଜନିତ ବିପତ୍ତିର ମୁକାବିଲା କରିବା ପାଇଁ ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ଶୀର୍ଷ ସଂସ୍ଥା ଭାବେ କାର୍ଯ୍ୟ କରେ। ଏହି କାର୍ଯ୍ୟରେ ତାହାକୁ ସ୍ୱାସ୍ଥ୍ୟ ଓ ପରିବାର ମନ୍ତ୍ରଣାଳୟ ସହାୟତା ଯୋଗାଏ। ବିଭିନ୍ନ ଜୈବୀକ ବିପତ୍ତିର ମୁକାବିଲା ପାଇଁ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ବିଭିନ୍ନ ପଦକ୍ଷେପ ଗ୍ରହଣ କରିବା ସହ ବିଭିନ୍ନ ରାଷ୍ଟ୍ରଙ୍କୁ ନିୟମିତ ପରାମର୍ଶମାନ ଦେଇଥାଏ। ସେଥିମଧ୍ୟରେ ଜାତୀୟ ତଦାରଖ କାର୍ଯ୍ୟକ୍ରମ, ରୋଗବ୍ୟାପିବା ସମ୍ପର୍କରେ ତଥ୍ୟ ସଂଗ୍ରହ ଓ ଏହାକୁ ରୋକିବାକୁ ତତ୍କାଳ ପଦକ୍ଷେପ ଗ୍ରହଣ ବ୍ୟବସ୍ଥା, ଲୋକଙ୍କୁ ରୋଗ ସମ୍ପର୍କରେ ସଚେତନ କରାଇବା, ଔଷଧପତ୍ର ଏବଂ ଚିକିତ୍ସା ଓ ବୈଷୟିକ କର୍ମଚାରୀଙ୍କ ମୁତୟନ ବ୍ୟବସ୍ଥା, ନମୁନା ସଂଗ୍ରହ କରି ରୋଗର କାରଣ ନିର୍ଦ୍ଧାରଣ ଆଦି ଏଥି ମଧ୍ୟରୁ ଅନ୍ୟତମ। ଆମେରିକାର ଜାତୀୟ ରୋଗ ନିୟନ୍ତ୍ରଣ କେନ୍ଦ୍ର (ସିଡିସି) ବିଶ୍ୱ ପାଇଁ ଜୈବୀକ ବିପତ୍ତି ସୃଷ୍ଟି କରିପାରୁଥିବା ବ୍ୟାଧିର ଏକ ଶ୍ରେଣୀ ବିଭାଗ ପ୍ରସ୍ତୁତ କରିଛି। ଏହା ଚାରିଭାଗରେ ବିଭକ୍ତ। ସେସବୁ ବ୍ୟାଧିକୁ ତାହାର ଭୀଷଣତା ଦୃଷ୍ଟିରୁ କ୍ରମାନ୍ୱୟରେ ୧ ରୁ ୪ ଶ୍ରେଣୀରେ ରଖାଯାଇଛି ଯାହା ' ବିଏସ୍ଏଲ୍ ୧-୪' ନାମରେ ପରିଚିତ।

**ବିଏସ୍ଏଲ୍ - ୧** : ଏହା ବ୍ୟାକ୍ଟେରିଆ ଓ ଭାଇରସଆଦିକୁ ବୁଝାଏ। ଏହି ଭାଇରସ୍ ମଧ୍ୟରେ କ୍ୟାନି ହୋପାଟାଇଟିସ୍, ଏସଚେରିଚିଆ କୋଲି, ଭେରିସେଲା (ହାଡ଼ଫୁଟି) ଆଦି ଅନ୍ୟତମ। ଏସବୁ କ୍ଷେତ୍ରରେ କେତେକ ସର୍ବନିମ୍ନ ସତର୍କତା ଅବଲମ୍ବନ ଜରୁରୀ। ହାତରେ ଗ୍ଲୋଭ୍ସ ଲଗାଇବା ଏବଂ ମୁହଁରେ ସୁରକ୍ଷା ଆବରଣ ଦେବା ଉଚିତ। ତା' ନ ହେଲେ ରୋଗ ସଂକ୍ରମଣର ସମ୍ଭାବନା ଅଧିକ ହୋଇଥାଏ।

**ବିଏସ୍ଏଲ୍-୨ :** ମଣିଷ ଦେହରେ ସାଧାରଣ ରୋଗ ସୃଷ୍ଟି କରୁଥିବା ବ୍ୟାକ୍ଟେରିଆ ଓ ଭାଇରସ୍ ଏହି ଶ୍ରେଣୀର ଅନ୍ତର୍ଭୁକ୍ତ। ତେବେ ପରୀକ୍ଷାଗାରରେ କର୍ମଚାରୀମାନେ ଏହାଦ୍ୱାରା ସଂକ୍ରମିତ ହେବାର ଆଶଙ୍କା ଅଧିକ। ହେପାଟାଇଟିସ୍ ଏ.ବି.ସି., କେତେକ ପ୍ରକାର ଭୂତାଣୁ ଜନିତ ଜ୍ୱର, ମିଳିମିଳା, ଗାଲପାଟି, ଡେଙ୍ଗୁ, ସ୍ନାୟୁଦୁର୍ବଳକାରୀ ବ୍ୟାଧି, ଏଚ୍ଆଇଭି ଆଦି ରୋଗର ପରୀକ୍ଷା ନିରୀକ୍ଷା ବେଳେ ମାତ୍ରାଧିକ ସତର୍କତା ଲୋଡ଼ା।

**ବିଏସ୍ଏଲ-୩ :** ଏହା ମଣିଷ ଦେହରେ ମାରାତ୍ମକ ବ୍ୟାଧି ସୃଷ୍ଟି କରିଥାଏ ଏବଂ ଏଥିରେ ଆକ୍ରାନ୍ତ ବ୍ୟକ୍ତି ମୃତ୍ୟୁମୁଖରେ ପଡ଼ିବା ଆଶଙ୍କା ଅଧିକ। ଏହି ଶ୍ରେଣୀର ବ୍ୟାକ୍ଟେରିଆ, ଭୂତାଣୁ ଦ୍ୱାରା ଆନ୍ଥ୍ରାକ୍ସ, ଓ୍ୱେଷ୍ଟ ନାଇଲ ଭାଇରସ୍, ମସ୍ତିଷ୍କ ପ୍ରଦାହ, ସାରର୍ସ, ଯକ୍ଷ୍ମା, ପୀତଜ୍ୱର, ମ୍ୟାଲେରିଆ ଆଦି ସୃଷ୍ଟି କରିଥାନ୍ତି । ଏସବୁ କ୍ଷେତ୍ରରେ ସୁରକ୍ଷା ବ୍ୟବସ୍ଥା ଅତି ସୁଦୃଢ଼ କରାଯିବା ଆବଶ୍ୟକ। ବାୟୁଦ୍ୱାରା ମଧ୍ୟ ଏହି ଧରଣର କେତେକ ଜୀବାଣୁ, ଭୂତାଣୁଙ୍କର ସଂକ୍ରମଣ ହୋଇଥାଏ। ତେବେ ଏସବୁ ରୋଗର ପ୍ରତିଷେଧକ ପାଇଁ ଟିକା, ଇଞ୍ଜେକ୍ସନ ଓ ଚିକିତ୍ସା ବାହାରିଲାଣି।

**ବିଏସ୍ଏଲ୍ - ୪ :** ଏହି ଶ୍ରେଣୀର ଭାଇରସ୍ ସବୁଠୁ ବେଶୀ ବିପଜ୍ଜନକ ଏବଂ ମଣିଷର ଜୀବନନାଶକାରୀ। ଏବୋଲା, ସାରର୍ସ ଭାଇରସ, ଲାମା ଫିଭର ଭାଇରସ୍, ହାମରେଜ ବ୍ୟାଧି ସୃଷ୍ଟି କରୁଥିବା ଭାଇରସ ଅତି ବିପଜ୍ଜନକ। ଏମାନଙ୍କ ଦ୍ୱାରା ସଂକ୍ରମିତ ରୋଗୀ ପାଇଁ କୌଣସି ଔଷଧ କିମ୍ବା ଚିକିତ୍ସା ନାହିଁ। ବସନ୍ତ ଏହିଭଳି ଏକ ଭୂତାଣୁ ଜନିତ ବ୍ୟାଧି ହୋଇଥିଲେ ହେଁ ବିଶ୍ୱରୁ ଏହାକୁ ନିର୍ଶ୍ଚିହ୍ନ କରାଯାଇପାରିଛି ଓ ସେଥିପାଇଁ ଟିକା ବାହାରିଛି। କେବଳ ବସନ୍ତ ଛଡ଼ା ଏହି ଶ୍ରେଣୀର ଅନ୍ୟ କୌଣସି ରୋଗକୁ ଏଯାଏ ଆୟତ୍ତ କରିହୋଇନାହିଁ। ଏଣୁ ଉଭୟ ପରୀକ୍ଷାଗାର ଓ ବାହାରେ ଏହି ବ୍ୟାଧି ପ୍ରତି ଅତି ସତର୍କ ପଦକ୍ଷେପ ଗ୍ରହଣ କରିବା ଉଚିତ।

**ଆଇନ :** ଜାତୀୟ ସ୍ୱାସ୍ଥ୍ୟ ନୀତି ପ୍ରସ୍ତୁତିରେ ଅନେକ ଆଇନ ଓ ବିଧିବ୍ୟବସ୍ଥା ପ୍ରଣୟନ କରାଯାଇଛି। ରୋଗକୁ ନିୟନ୍ତ୍ରଣ କରିବା ପାଇଁ ସରକାର ନିମ୍ନଲିଖିତ ଆଇନଗୁଡ଼ିକୁ ପ୍ରୟୋଗ କରିପାରିବେ।

୧) ୧୯୭୪ର ଜଳ ପ୍ରଦୂଷଣ ଓ ନିୟନ୍ତ୍ରଣ ଆଇନ

୨) ୧୯୮୧ର ବାୟୁ ପ୍ରଦୂଷଣ ଓ ନିୟନ୍ତ୍ରଣ ଆଇନ

୩) ୧୯୮୬ର ପରିବେଶ ସୁରକ୍ଷା ଆଇନ

୪) ୨୦୦୫ର ବିପର୍ଯ୍ୟୟ ପରିଚାଳନା ଆଇନ

ବୃତ୍ତି ବା କର୍ମସ୍ଥଳରେ ଲୋକେ ଜୈବିକ ବିପଦ ଓ ସଂକ୍ରମଣର ସମ୍ମୁଖୀନ ହୋଇପାରନ୍ତି। ଏ କ୍ଷେତ୍ରରେ ନିମ୍ନଲିଖିତ ବର୍ଗଙ୍କ ପାଇଁ ବିପଦ ଆଶଙ୍କା ଅଧିକ। ସେମାନେ ହେଲେ

- ମେଡିକାଲ କର୍ମଚାରୀ, ସଫେଇ କର୍ମଚାରୀ, ପରୀକ୍ଷାଗାରର ଟେକ୍ନିସିଆନ୍।
- ସ୍ୱାସ୍ଥ୍ୟସେବାର କର୍ମଚାରୀ, ରକ୍ଷଣାବେକ୍ଷଣ ତଦାରଖକାରୀ
- ପରିବେଶ ତଦାରଖକାରୀ କର୍ମଚାରୀ ଓ ତରଳ ବର୍ଜ୍ୟ ଅପସାରଣକାରୀ ବ୍ୟକ୍ତି

– କୃଷି, ମତ୍ସ୍ୟ, ପଶୁସମ୍ପଦ ସେବାର କର୍ମଚାରୀ। ପଶୁ ପକ୍ଷୀଙ୍କ ଅବଶେଷ ବ୍ୟବହାର କରି ସାମଗ୍ରୀ ଉତ୍ପାଦନ କରୁଥିବା ସଂସ୍ଥାର କର୍ମଚାରୀ।

– କାଗଜ, ଲୁଗା, ଚମଡ଼ା ଶିଳ୍ପ, ପଶୁପକ୍ଷୀ ଲୋମରେ ପୋଷାକ ତିଆରି କରୁଥିବା ଉଦ୍ୟୋଗ ଆଦିର କର୍ମଚାରୀ।

– ଆବଦ୍ଧ ପରିବେଶରେ ଶୀତତାପ ନିୟନ୍ତ୍ରିତ ବ୍ୟବସ୍ଥା ମଧ୍ୟରେ ଚାଲୁଥିବା ହୋଟେଲ ଓ ପ୍ରେକ୍ଷାଳୟ ଓ ଅଫିସର କର୍ମଚାରୀ।

– ବିଭିନ୍ନ ପ୍ରକାର ପାତ୍ର ପ୍ରସ୍ତୁତ କରୁଥିବା କର୍ମଚାରୀ ବା ଶ୍ରମିକ।

– ଓଦା ଓ ସନ୍ତସନ୍ତିଆ ଅଞ୍ଚଳରେ କାମ କରୁଥିବା ଲୋକ।

ଏସବୁ ସ୍ଥାନରେ କୀଟାଣୁ ଓ ଅତି କ୍ଷୁଦ୍ର ବିଷାକ୍ତ ଜୈବୀକ ପଦାର୍ଥ ସୃଷ୍ଟି ହୋଇ ରୋଗର କାରଣ ପାଲଟିଥାନ୍ତି। ସଂକ୍ରମଣର ଉତ୍ସକୁ ସମୂଳେ ନଷ୍ଟ କରିଦେଲେ ଜୈବୀକ ବିପତ୍ତିର ଭୟ ଦୂର ହେବ। ଏଥିପାଇଁ ତିନିଟି ବିଷୟ ଉପରେ ନଜର ଦେବାକୁ ପଡ଼ିବ। ସେଥିମଧ୍ୟରୁ ପ୍ରଥମଟି ହେଲା ଇଞ୍ଜିନିୟରିଂ ବା ଯାନ୍ତ୍ରିକ ବ୍ୟବସ୍ଥା, ଦ୍ୱିତୀୟଟି ହେଲା ବ୍ୟକ୍ତିଗତ ପରିଚ୍ଛନ୍ନତା ଓ ଶେଷଟି ହେଲା ବ୍ୟକ୍ତିଗତ ସୁରକ୍ଷା। ଏହା ହେଲେ ସଂକ୍ରମଣର ଉତ୍ସ ନଷ୍ଟ ହେବ। ଏହାଛଡ଼ା ଆମକୁ ସୁରକ୍ଷା ପ୍ରଦାନକାରୀ ପୋଷାକ, ଚଷମା ଓ ମୁଖାବରଣ, ଗ୍ଲୋଭସ୍, ଜୋତା ଓ ଜୋତା ଖୋଳ, ଜୀବାଣୁ ମୁକ୍ତ (ଷ୍ଟେରେଲାଇଜଡ଼) ଉପକରଣ ଏବଂ ଶ୍ୱାସ ସୁରକ୍ଷାକାରୀ ଯନ୍ତ୍ରପାତି (ରେସ୍ପିରେଟର) ଆଦି ବ୍ୟବହାର କରିବାକୁ ହେବ। ଜୈବୀକ ବିପଦରୁ ସୁରକ୍ଷା ପାଇଁ ଆମେ ଯେଉଁସବୁ ଗ୍ଲୋଭସ୍, ମୁଖା, ପୋଷାକ ଓ ଅନ୍ୟାନ୍ୟ ସାମଗ୍ରୀ ବ୍ୟବହାର କରିଥାଉ ତାହାକୁ ଏଣେ ତେଣେ ନ'ପକାଇ ଗୋଟିଏ ସୁରକ୍ଷିତ ଥଳିରେ ପୂରାଇ ତାକୁ ଭଲଭାବେ ବାନ୍ଧିବା ସହ ତା'ଉପରେ ଜୈବୀକ ଆବର୍ଜନା ଲେଖି ନିର୍ଦ୍ଧାରିତ ସ୍ଥାନରେ ପକାଇ ଦେବା ଉଚିତ।

ଜୈବୀକ ସଂକ୍ରମଣର ଜରୁରୀ ଚିକିତ୍ସା ପାଇଁ ସ୍ୱତନ୍ତ୍ର କେନ୍ଦ୍ର ବା ୱାର୍ଡର ବ୍ୟବସ୍ଥା ସହ ଆବଶ୍ୟକ ଭିତ୍ତିଭୂମି ପ୍ରସ୍ତୁତ କରିବାକୁ ପଡ଼ିବ। ଏହାଛଡ଼ା ସୁଷମ ଓ ପୁଷ୍ଟିକର ଖାଦ୍ୟ ଖାଇବା ସହ ନିୟମିତ ପ୍ରତିଷେଧକ ଇଞ୍ଜେକସନ୍ ଓ ଟିକା ଆଦି ନେବାକୁ ହେବ। ବ୍ୟକ୍ତିଗତ ଓ ପାରିପାର୍ଶ୍ୱିକ ପରିଚ୍ଛନ୍ନତା ରକ୍ଷା ଉପରେ ଗୁରୁତ୍ୱ ଦେବା ସହିତ ଜନଗହଳିପୂର୍ଣ୍ଣ ସ୍ଥାନରୁ ଦୂରେଇ ରହିବା ସହ ଖୋଲା ଓ ଉତ୍ତମ ବାୟୁଚଳାଚଳ କରୁଥିବା ଯାଗାକୁ ଅଗ୍ରାଧିକାର ଦେବାକୁ ପଡ଼ିବ। ଏହାଛଡ଼ା ମାତ୍ରାଧିକ ଖରା କିମ୍ବା ଶୀତରୁ ନିଜକୁ ଦୂରେଇ ରଖିବାକୁ ହେବ।

**ଜୈବିକ ବିପର୍ଯ୍ୟୟର ନିରାକରଣ :** ଜୈବିକ ବିପର୍ଯ୍ୟୟର ମୁକାବିଲା ଓ ନିରାକରଣ ପାଇଁ ବ୍ୟକ୍ତିଗତ ଓ ସ୍ୱାସ୍ଥ୍ୟଗତ ପଦକ୍ଷେପ ବ୍ୟତୀତ ଦୀର୍ଘ ମିଆଦି ପଦକ୍ଷେପ ଲୋଡ଼ା। ସେଥି ପାଇଁ ପ୍ରାକ୍ ଟିକାଦାନ ଓ ନିରାକରଣ ବ୍ୟବସ୍ଥା ଏବଂ ମହାମାରୀ ବ୍ୟାପିବା ପରବର୍ତ୍ତୀ ସ୍ଥିତି ସମ୍ପର୍କରେ ଯଥେଷ୍ଟ ତଥ୍ୟ ସଂଗ୍ରହ କରି ତାହାକୁ ଅନୁଶୀଳନ କରିବାକୁ ପଡ଼ିବ। ଅନୁଶୀଳନର ଫଳାଫଳ ଭିତ୍ତିରେ ନିରାକରଣ ପଦକ୍ଷେପ ଚୂଡ଼ାନ୍ତ କରିବାକୁ ହେବ। ଏ କ୍ଷେତ୍ରରେ ଏକ ବିରାଟ ପର୍ଯ୍ୟବେକ୍ଷଣ ଓ ତଦାରଖ ବ୍ୟବସ୍ଥାର ଗୁରୁତ୍ୱ ରହିଛି। କେଉଁଠି ଉଦ୍ଦେଶ୍ୟମୂଳକ ଭାବେ ଜୈବିକ ବିପର୍ଯ୍ୟୟ ସୃଷ୍ଟି କରାଯାଉଛି କିମ୍ବା କରାଯିବାର ସମ୍ଭାବନା ଅଛି ତାହାର ତଥ୍ୟ ସଂଗ୍ରହ କରିବାକୁ ପଡ଼ିବ। ଏଥି ସହିତ ସୃଷ୍ଟ ବିପର୍ଯ୍ୟୟର ମୁକାବିଲା ପାଇଁ ଚିକିତ୍ସା, ଔଷଧ ଓ ସାହାଯ୍ୟ ବ୍ୟବସ୍ଥା ପାଇଁ ଆବଶ୍ୟକ ଭିତ୍ତିଭୂମି ତିଆରିକରିବାକୁ ହେବ। ପର୍ଯ୍ୟାପ୍ତ ପରିମାଣର ଲାବରେଟୋରୀ ଓ ଟେକନିସିଆନ୍ ପ୍ରସ୍ତୁତ କରିବାକୁ ପଡ଼ିବ। ଏଥିସହିତ ପରିବେଶ ପରିଚାଳନା, ସ୍ୱାସ୍ଥ୍ୟ ଓ ପରିଚ୍ଛନ୍ନତା ପରିଚାଳନା, ବ୍ୟାପକ ଜନ ସଚେତନତାକୁ ଗୁରୁତ୍ୱ ଦେବାକୁ ହେବ। ପାନୀୟଜଳର ସଂକ୍ରମଣକୁ ସବୁମନ୍ତେ ରୋକିବାକୁ ପଡ଼ିବ। ମଶାମାଛିଙ୍କ ଦ୍ୱାରା ବିଭିନ୍ନ ରୋଗ ବ୍ୟାପୀ ମହାମାରୀ ରୂପ ନେଉଥିବାରୁ ଏସବୁଙ୍କ ଦମନ ପାଇଁ ପରିବେଶ ଇଞ୍ଜିନିୟରିଂ ଦିଗଟିକୁ ସୁଦୃଢ଼ କରିବା ଏକାନ୍ତ ଜରୁରୀ। ମଶା ଧୂଆଁ ନିୟମିତ ପ୍ରୟୋଗ, ନାଳନର୍ଦ୍ଦମା ସଫା ଏବଂ ଆବର୍ଜନା ଓ ଅପରିଷ୍କାର ଜଳ ନିଷ୍କାସନ ଏ କ୍ଷେତ୍ରରେ ଅଗ୍ରାଧିକାର ଲୋଡ଼େ। ସେହିଭଳି ମୃତଦେହ ଓ ମଳମୂତ୍ର ଆଦିକୁ ଏଠିସେଠି ନ ପକାଇ ତାହାକୁ ନିରାପଦ ଦୂରତ୍ୱରେ ପକାଇ ନଷ୍ଟ କରିବାକୁ ପଡ଼ିବ।

ସର୍ବୋପରି ସମନ୍ୱିତ ବ୍ୟାଧି ତଦାରଖ ବ୍ୟବସ୍ଥା, ରୋଗ ନିୟନ୍ତ୍ରଣ ପଦକ୍ଷେପ, ଚିକିତ୍ସା ଓ ନିରାକରଣ ବ୍ୟବସ୍ଥା, ଔଷଧ ଓ ପ୍ରତିଷେଧକ ପ୍ରଦାନ, ଜୈବ ନିରାପତ୍ତା, ଭବନ ଓ ଦପ୍ତର ସୁରକ୍ଷା, କର୍ମଚାରୀଙ୍କୁ ତାଲିମ ଓ ପ୍ରଶିକ୍ଷଣ ଆଦିକୁ ଗୁରୁତ୍ୱ ଦେଇ ନୀତି ପ୍ରସ୍ତୁତ କରିବାକୁ ହେବ।

ଉପସଂହାରରେ ଏତିକି କୁହାଯାଇ ପାରେ ଯେ ଜୈବିକ ବିପତ୍ତି ମନୁଷ୍ୟ ପାଇଁ ପ୍ରାଣଘାତକ ହୋଇପାରେ। ତା'ଛଡ଼ା ଏହା ଲୋକଙ୍କ ସ୍ୱାସ୍ଥ୍ୟ ଓ ପ୍ରଦର୍ଶନକୁ ମଧ୍ୟ ପ୍ରଭାବିତ କରିପାରେ। ଆମର କାର୍ଯ୍ୟସ୍ଥଳୀର ପରିସରକୁ ଜୈବିକ ବିପଦରୁ ସୁରକ୍ଷିତ ରଖିବାକୁ ଆମକୁ ସତର୍କ ରହିବାକୁ ପଡ଼ିବ।



ପଦକ୍ଷେପ – ୧ : ହାତ ଓ ଆଙ୍ଗୁଳି ଭଲଭାବେ ଧୁଅନ୍ତୁ



ପଦକ୍ଷେପ – ୨ : ହାତର ପୃଷ୍ଠ ଦେଶକୁ ଭଲଭାବେ ସଫା କରନ୍ତୁ



ପଦକ୍ଷେପ – ୩ : ପାପୁଲିର ରେଖା, ଶିରାପ୍ରଶିରା ଓ ଆଙ୍ଗୁଳି ସନ୍ଧିକୁ ଭଲ କରି ସଫା କରନ୍ତୁ।



ପଦକ୍ଷେପ – ୪ : ବୁଢ଼ାଆଙ୍ଗୁଳି ସହିତ ସବୁ ନଖକୁ ପରିଷ୍କାର କରି ଧୁଅନ୍ତୁ



ପଦକ୍ଷେପ – ୫ : ଆଙ୍ଗୁଳିର ଅଗ୍ରଭାଗକୁ ସଫା କରନ୍ତୁ।



ପଦକ୍ଷେପ – ୬ : ମଣିବନ୍ଧ ବା କଚଟିକୁ ମଧ୍ୟ ପରିସ୍କାର କରନ୍ତୁ ।

ଲେଖକ ନୂଆଦିଲ୍ଲୀସ୍ଥିତ ଏସିକ୍ ଦନ୍ତ କଲେଜ ଓ ହସ୍‌ପିଟାଲର ଜୈବରସାୟନ ବିଭାଗ ମୁଖ୍ୟ।

# ରାସାୟନିକ ଦୁର୍ଘଟଣା: କାରଣ, ନିରାକରଣ ଓ ପରବର୍ତ୍ତୀ ପରିଚାଳନା

ଏମ୍. ସୁରିୟାନାରାୟନନ୍

ଭାରତୀୟ ରସାୟନ ଶିଳ୍ପ ଗତ ୫ ବର୍ଷ ମଧ୍ୟରେ ଏହାର ଦକ୍ଷତା ଓ ପ୍ରଦର୍ଶନ ମାଧ୍ୟମରେ ଦେଶର ମୋଟ୍ ଘରୋଇ ଉତ୍ପାଦରେ ୨.୧୧ ପ୍ରତିଶତ ଯୋଗ କରିବା ସହ ପ୍ରତ୍ୟକ୍ଷ ବିଦେଶୀ ପୁଞ୍ଜିନିବେଶ ମାଧ୍ୟମରେ ୧୦.୪୯ ବିଲିୟନ୍ ଡଲାର ଯୋଗଦାନ କରିଆସିଛି। ୨୦୨୦ ସୁଦ୍ଧା ଭାରତୀୟ ରସାୟନ ଶିଳ୍ପ ବାର୍ଷିକ ୧୧% ହିସାବରେ ୧୫୪ ବିଲିୟନ୍ ଡଲାର୍ ବୃଦ୍ଧି କରିବ ବୋଲି ଆକଳନ କରାଯାଇଛି। ତେବେ ବଡ ବଡ ରାସାୟନିକ ଦୁର୍ବିପାକ ରାସାୟନିକ ଶିଳ୍ପର ଉତ୍ଥାନରେ ବାଧକ ହେଉଛି ଯାହାକି ଏଡାଇ ଦିଆଯାଇପାରିବ। ଶିଳ୍ପ ପ୍ରତିଷ୍ଠାନ କାର୍ଯ୍ୟକ୍ଷମ ଥିବା ସମୟର ଯେକୌଣସି ପର୍ଯ୍ୟାୟ ଯେପରିକି ଏହାର ସ୍ଥାପନ, ସଂରକ୍ଷଣ, ଉତ୍ପାଦନ, ରକ୍ଷଣାବେକ୍ଷଣ, ନିଷ୍କାସନ, ପରିବହନ ଆଦି କ୍ଷେତ୍ରରେ ରାସାୟନିକ ଦୁର୍ବିପାକ ଘଟିପାରେ। ବିପଦପୂର୍ଣ୍ଣ ରାସାୟନିକ ପଦାର୍ଥର ପ୍ରଦୂଷଣ ଯୋଗୁଁ ଅଗ୍ନିକାଣ୍ଡ, ବିସ୍ଫୋରଣ, ବିଷାକ୍ତ ପଦାର୍ଥ ନିର୍ଗମନ ବା ଏ ସମସ୍ତ ପ୍ରକାର ଦୁର୍ଘଟଣା ଏକସଙ୍ଗେ ଘଟିପାରେ। ଜନସଂଖ୍ୟାର ଘନତା ବୃଦ୍ଧି ପାଇବା ସହ ଶିଳ୍ପ ପ୍ରତିଷ୍ଠାନ ନିକଟରେ ବହୁ ଘରୋଇ ଆବାସସ୍ଥଳୀ ଗଢିଉଠୁଛି ତେଣୁ ରାସାୟନିକ ଶିଳ୍ପ ପ୍ରତିଷ୍ଠାନ ନିକଟରେ ଏକ ବଡ ଦୁର୍ଘଟଣା ଧନଜୀବନ ଓ ପରିବେଶ ପ୍ରତି ବିପଦ ସୃଷ୍ଟି କରିପାରେ। ଅଗ୍ନିକାଣ୍ଡ ଓ ବିସ୍ଫୋରଣ ପରି ବିପଦପୂର୍ଣ୍ଣ ଦୁର୍ଘଟଣା ବ୍ୟତୀତ ବିଷାକ୍ତ ରାସାୟନିକ ପଦାର୍ଥର ନିର୍ଗମନ ଅପୂରଣୀୟ କ୍ଷତି ଘଟାଇପାରେ ଯାହାକି ଜନମାନସ ଓ ପରିବେଶର ବହୁବର୍ଷ ପର୍ଯ୍ୟନ୍ତ କ୍ଷତି ଘଟାଇଚାଲିବ।

ବିଦେଶ ତୁଳନାରେ ଭାରତରେ ଶିଳ୍ପକ୍ଷେତ୍ରରେ ସବୁଠାରୁ ବଡ ତୃଟି ହେଲା ଏଠାରେ ଦୁର୍ଘଟଣା ତଦନ୍ତକାରୀ ସଂସ୍ଥା ନାହାନ୍ତି। ରାସାୟନିକ ଦୁର୍ଘଟଣାଜନିତ ଡାଟାବେସ୍ ମଧ୍ୟ ନାହିଁ ଯେଉଁଥିରୁ ପୂର୍ବରୁ ଘଟିଯାଇଥିବା ଦୁର୍ଘଟଣାଗୁଡିକର ମୂଳକାରଣ ଜାଣିପାରିବା ସହ ସେଥିରୁ ଶିକ୍ଷାଲାଭ କରି ଆଗକୁ କିଭଳି ଦୁର୍ଘଟଣା ନଘଟିବ ସେଥିପାଇଁ ପଦକ୍ଷେପ ନିଆଯାଇ ପାରିବ। ରାସାୟନିକ ଦୁର୍ଘଟଣା ସାଧାରଣତଃ କେତେକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପର ବିଫଳତା ଯୋଗୁଁ ଘଟିଥାଏ। ତେଣୁ କେଉଁ କାରଣ ଯୋଗୁଁ ଏହା ଘଟିଲା ଓ କେଉଁ କାରଣ ଏଥିପାଇଁ ଦାୟୀ ନୁହେଁ ଏହା ଜାଣିବା ବେଶ୍ ଗୁରୁତ୍ୱପୂର୍ଣ୍ଣ।

ଜଙ୍ଗଲ ଓ ପରିବେଶ ମନ୍ତ୍ରଣାଳୟ ରାସାୟନିକ ଦୁର୍ବିପାକ ପରିଚାଳନା କରିବା ପାଇଁ ଏହାର ନୋଡାଲ୍ ମନ୍ତ୍ରଣାଳୟ ଭାବେ କାର୍ଯ୍ୟ କରିଥାଏ ଏବଂ ଜାତୀୟ ବିପର୍ଯ୍ୟୟ ପରିଚାଳନା ସଂସ୍ଥା ଗାଇଡ୍‌ଲାଇନ୍ ପ୍ରସ୍ତୁତ କରି ବିଭିନ୍ନ

> ବିଦେଶ ତୁଳନାରେ ଭାରତରେ ଶିଳ୍ପକ୍ଷେତ୍ରରେ ସବୁଠାରୁ ବଡ ତୃଟି ହେଲା ଏଠାରେ ଦୁର୍ଘଟଣା ତଦନ୍ତକାରୀ ସଂସ୍ଥା ନାହାନ୍ତି। ଏବଂ କେବଳ ରାସାୟନିକ ଦୁର୍ଘଟଣା ଜନିତ ଡାଟାବେସ୍ ମଧ୍ୟ ନାହିଁ ଯେଉଁଥିରୁ ପୂର୍ବରୁ ଘଟିଯାଇଥିବା ଦୁର୍ଘଟଣାଗୁଡିକର ମୂଳକାରଣ ଜାଣିପାରିବା ସହ ସେଥିରୁ ଶିକ୍ଷାଲାଭ କରି ଆଗକୁ କିଭଳି ଦୁର୍ଘଟଣା ନଘଟିବ ସେଥିପାଇଁ ପଦକ୍ଷେପ ନିଆଯାଇ ପାରିବ। ରାସାୟନିକ ଦୁର୍ଘଟଣା ସାଧାରଣତଃ କେତେକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପର ବିଫଳତା ଯୋଗୁଁ ଘଟିଥାଏ। ତେଣୁ କେଉଁ କାରଣ ଯୋଗୁଁ ଏହା ଘଟିଲା ଓ କେଉଁ କାରଣ ଏଥିପାଇଁ ଦାୟୀ ନୁହେଁ ଏହା ଜାଣିବା ବେଶ୍ ଗୁରୁତ୍ୱପୂର୍ଣ୍ଣ।

ମନ୍ତ୍ରଣାଳୟ, ବିଭାଗ ଓ ରାଜ୍ୟର ବିଭିନ୍ନ ସଂସ୍ଥାଗୁଡିକୁ ବିପର୍ଯ୍ୟୟ ପରିଚାଳନା ସଂପର୍କିତ ଯୋଜନା ପ୍ରସ୍ତୁତ କରିବା ପାଇଁ ନିର୍ଦ୍ଦେଶ ଦେଇଥାଆନ୍ତି। ୧୯୮୪ ମସିହାର ଭୋପାଳ ଗ୍ୟାସ୍ ଦୁର୍ଘଟଣା ପରେ ସରକାର ଶିଳ୍ପ ପ୍ରତିଷ୍ଠାନଗୁଡିକର ସୁରକ୍ଷା ବ୍ୟବସ୍ଥା କ୍ଷେତ୍ରରେ ଦୃଷ୍ଟାନ୍ତମୂଳକ ପଦକ୍ଷେପ ନେଇଛନ୍ତି। ଶିଳ୍ପ ପ୍ରତିଷ୍ଠାନଗୁଡିକ ପ୍ରତିକ୍ରିୟାଶୀଳ ସୁରକ୍ଷା ବ୍ୟବସ୍ଥା ବଦଳରେ ସକ୍ରିୟ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରୁଛନ୍ତି। ଏହି ନିବନ୍ଧଟିର ଉଦ୍ଦେଶ୍ୟ ହେଲା ପାଠକମାନଙ୍କୁ ରାସାୟନିକ ଦୁର୍ଘଟଣା ପାଇଁ ଦାୟୀ କାରଣ, ଏହାକୁ କିପରି ଏଡାଇ ଦିଆଯାଇପାରିବ ଏବଂ ଯଦି କୌଣସି ରାସାୟନିକ ଦୁର୍ଘଟଣା ଘଟେ ତେବେ କି କି ପଦକ୍ଷେପ ନିଆଯିବା ଉଚିତ୍ ସେ ସମ୍ପର୍କରେ ଅବଗତ କରାଇବା।

**ଦୁର୍ଘଟଣାର କାରଣ:** ଶିଳ୍ପ ପ୍ରତିଷ୍ଠାନଗୁଡିକ ବହୁଦିନ ଧରି କାର୍ଯ୍ୟକରିବା ଏବଂ ଭାରତୀୟ ରସାୟନ ଶିଳ୍ପରେ ଅତ୍ୟାଧୁନିକ ଜ୍ଞାନକୌଶଳ ସହ ତାଳ ଦେବା ଭଳି କୌଣସି ପଦକ୍ଷେପ ଗ୍ରହଣ ନକରିବା ଯୋଗୁଁ ରାସାୟନିକ ଦୁର୍ଘଟଣା ବଢିଚାଲିଛି। ଅଗ୍ନିକାଣ୍ଡ, ବିସ୍ଫୋରଣ, ବିଷାକ୍ତ ପଦାର୍ଥ ନିର୍ଗମନ ଏବଂ ଏସବୁ ପ୍ରକାର ଦୁର୍ଘଟଣା ପରିବହନ, ସଂରକ୍ଷଣ ଏବଂ କାର୍ଯ୍ୟକ୍ଷମ ହେବା ସମୟରେ ବିଭିନ୍ନ କାରଣରୁ ଘଟିପାରେ। ନିର୍ଦ୍ଧାରିତ ତାପମାତ୍ରା ଓ ଚାପରେ ତାରତମ୍ୟ, ଅସାମଞ୍ଜସ୍ୟ ଥିବା ବସ୍ତୁର ମିଶ୍ରଣ, ରିଆକ୍ଟର ଗୁଡିକର ଆକସ୍ମିକ ବିସ୍ଫୋରଣ, ସଂରକ୍ଷଣ ପାତ୍ର, ପାଇପ୍ ଲାଇନ୍, ଲିକ୍, ହାର୍ଡୱେୟାର ବ୍ୟବସ୍ଥାର ଅଚଳାବସ୍ଥା, ନିଅଣ୍ଟିଆ ମିଶ୍ରଣ, ରିଆକ୍ଟର୍ ଭେଣ୍ଟ୍‌ଗୁଡିକର ଭୁଲ୍



ନିର୍ମାଣଶୈଳୀ, ବିପଦର ସଠିକ୍ ସମୀକ୍ଷା ନକରିବା ଆଦି କାରଣ ଯୋଗୁଁ ମଧ୍ୟ ରାସାୟନିକ ଦୁର୍ଘଟଣା ଘଟିଥାଏ। ରାସାୟନିକ ଉଦ୍ୟୋଗଗୁଡିକରେ ଜୈବିକ ଦ୍ରବଣଗୁଡିକ ଅଗ୍ନିକାଣ୍ଡ ଓ ବିସ୍ଫୋରଣ ଘଟାଇବାର ପ୍ରମୁଖ ଉତ୍ସ ହୋଇଥାଏ। ଅଗ୍ନିକାଣ୍ଡ ଓ ବିସ୍ଫୋରଣ ମଧ୍ୟରେ ତଫାତ୍ ହେଉଛି ଏଥିରୁ ବାହାରୁଥିବା ଶକ୍ତି। ଅଗ୍ନିକାଣ୍ଡରେ କମ୍ ପରିମାଣର ଶକ୍ତି ନିର୍ଗତ ହେଉଥିବାବେଳେ ବିସ୍ଫୋରଣ ସମୟରେ ଅଧିକ ପରିମାଣର ଶକ୍ତି ନିର୍ଗତ ହୋଇଥାଏ ଏବଂ ଏହା ମାଇକ୍ରୋସେକେଣ୍ଡ ମଧ୍ୟରେ ନିର୍ଗତ ହୋଇଥାଏ। ବିସ୍ଫୋରଣ ଯୋଗୁଁ ଅଗ୍ନିକାଣ୍ଡ ଘଟିପାରେ ବା ଅଗ୍ନିକାଣ୍ଡ ଯୋଗୁଁ ମଧ୍ୟ ବିସ୍ଫୋରଣ ଘଟିପାରେ। ଦହନୀୟ ଗ୍ୟାସ୍ ବା ତରଳ ପଦାର୍ଥଗୁଡିକ ସଠିକ୍ ଭାବେ ସଂରକ୍ଷଣ ହୋଇନପାରିଲେ ଏହା ବାୟୁରେ ବିଚ୍ଛୁରିତ ହୋଇଥାଏ ଏବଂ ଏହା ଅଗ୍ନି ସଂଯୋଗର ସଂସ୍ପର୍ଶରେ ଆସିଲେ ବିସ୍ଫୋରିତ ହୋଇଥାଏ। ତେଣୁ ଏହା ଉତ୍ସଠାରୁ ଦୂର ଅନ୍ୟ ସ୍ଥାନରେ ମଧ୍ୟ ବିସ୍ଫୋରଣ ଘଟାଇଥାଏ ଏବଂ ଏହାକୁ 'ଅନ୍‌କନ୍‌ଫାଇନଡ୍ ଭେପର୍ କ୍ଲାଉଡ୍ ଏକ୍ସପ୍ଲୋଜନ୍' କୁହାଯାଏ। କଠିନ ରାସାୟନିକ ଧୂଳିକଣା ଦହନକାରୀ ପଦାର୍ଥର ସଂସ୍ପର୍ଶରେ ଆସିଲେ ଡଷ୍ଟ୍ ବିସ୍ଫୋରଣ କରିଥାଏ ଏବଂ ଏହା ମଧ୍ୟ ପ୍ରଚୁର ଶକ୍ତିଶାଳୀ ହୋଇଥାଏ। ସାଧାରଣତଃ ଅଗ୍ନିକାଣ୍ଡ ଓ ବିସ୍ଫୋରଣ ବାୟୁମଣ୍ଡଳରେ ବିଷାକ୍ତ ଗ୍ୟାସ୍ ନିର୍ଗତ କରିଥାଏ। ଦହନ ନିରୋଧି ଗ୍ୟାସ୍, ତରଳ ପଦାର୍ଥ ଓ ଧୂଳିକଣାର ବ୍ୟବହାର ପରିବେଶରେ ବିଷାକ୍ତ ଗ୍ୟାସ୍‌ର ମାତ୍ରାକୁ ହ୍ରାସ କରିବାରେ ସହାୟକ ହୋଇପାରେ।

ଉଦ୍ୟୋଗଗୁଡିକ ଦ୍ୱାରା ନିର୍ଦ୍ଧାରିତ ମାନକ ପରିଚାଳନା ପ୍ରକ୍ରିୟାକୁ ଠିକ୍ ଭାବେ କାର୍ଯ୍ୟକାରି ନକରିବା ଯୋଗୁଁ ଶିଳ୍ପପ୍ରତିଷ୍ଠାନଗୁଡିକରେ ବହୁ ଦୁର୍ଘଟଣା ମନୁଷ୍ୟଗତ ତୃଟି ଯୋଗୁଁ ଘଟିଥାଏ। ପାଇପର୍ ଆଲଫା ଦୁର୍ଘଟଣା ମନୁଷ୍ୟଗତ ତ୍ରୁଟି ଯୋଗୁଁ ଘଟିଥିବା ରାସାୟନିକ ଦୁର୍ଘଟଣାର ଜ୍ୱଳନ୍ତ ଉଦାହରଣ। ପାଇପର୍ ଆଲ୍‌ଫା ଦୁର୍ଘଟଣାରେ ଜଣେ ଶ୍ରମିକ ମରାମତି



ପୂର୍ବତନ ଅଧ୍ୟକ୍ଷ, ଇସ୍ରୋ

ହେଉଥିବା ଏକ ପମ୍ପର ସେଫ୍‌ଟି ଭାଲ୍‌ବ୍‌କୁ ସଠିକ୍ ସ୍ଥାନରେ ନରଖି ଏହାକୁ କାର୍ଯ୍ୟକ୍ଷମ କରିଦେବା ଦ୍ୱାରା ଗ୍ୟାସ୍ ଲିକ୍ ହୋଇ ବିସ୍ଫୋରଣ ଘଟିଥିଲା।

ରାସାୟନିକ ଉଦ୍ୟୋଗଗୁଡିକରେ ତ୍ରୁଟିପୂର୍ଣ୍ଣ ଡିଜାଇନିଂ, ପୂର୍ବସୂଚନା ପ୍ରାପ୍ତ କରିବାରେ ଏସ୍‌ଓପିର ଅନୁପସ୍ଥିତି, ବିଭିନ୍ନ ବିଭାଗ ମଧ୍ୟରେ ସମନ୍ୱୟର ଅଭାବ ଯୋଗୁଁ ମଧ୍ୟ ରାସାୟନିକ ଦୁର୍ଘଟଣାମାନ ଘଟିଥାଏ। ବନ୍ୟା ଓ ଭୂମିକମ୍ପ ପରି ପ୍ରାକୃତିକ ବିପର୍ଯ୍ୟୟ ଯୋଗୁଁ ମଧ୍ୟ ରାସାୟନିକ ଉଦ୍ୟୋଗଗୁଡିକରେ ପ୍ରମୁଖ ଦୂର୍ଘଟଣାମାନ ଘଟିଥାଏ। ଏଥିସହ ଆତଙ୍କବାଦୀ କାର୍ଯ୍ୟକଳାପ ଓ ବିଭିନ୍ନ ଷଡଯନ୍ତ୍ର ରାସାୟନିକ ଉଦ୍ୟୋଗ ପ୍ରତି ବିପଦ ସୃଷ୍ଟି କରିଥାନ୍ତି।

ରାସାୟନିକ ଦୁର୍ଘଟଣାର ଅନ୍ୟ ଏକ ସାଧାରଣ କାରଣ ହେଲା ଯନ୍ତ୍ରପାତି ଗୁଡିକର ସଠିକ୍ ମରାମତି ଅଭାବ। ନିୟମିତ ସମୟ ବ୍ୟବଧାନରେ ଯନ୍ତ୍ରପାତି ପ୍ରସ୍ତୁତକାରୀ କମ୍ପାନୀର ବ୍ୟବହାର ନିୟମ ଅନୁସାରେ ଯନ୍ତ୍ରପାତିର ରକ୍ଷଣାବେକ୍ଷଣ କରାଯାଇ ଏହା ଠିକ୍‌ଭାବେ କାର୍ଯ୍ୟ କରୁଛି କି ନାହିଁ ତଦାରଖ କରିବା ଆବଶ୍ୟକ। ଯେତେବେଳେ କୌଣସି ଯନ୍ତ୍ରପାତିର ଠିକ୍ ଭାବେ ରକ୍ଷଣାବେକ୍ଷଣ କରାଯାଇନଥାଏ ଏହା କୌଣସି ସମୟରେ କାର୍ଯ୍ୟ ବନ୍ଦ୍ କରିଦେଇପାରେ ବା ଦୁର୍ଘଟଣା ଘଟାଇପାରେ। ଯନ୍ତ୍ରପାତିର ସଠିକ୍ ମରାମତି ଅଭାବ ଯୋଗୁଁ ଫ୍ଲିକ୍ସବରୋ ଦୁର୍ଘଟଣାରେ ୨୮ଜଣ ଲୋକଙ୍କ ଜୀବନହାନୀ ଓ ବହୁଲୋକ ଆହତ ହେବା ଘଟଣା ଏହାର ଏକ ଜ୍ୱଳନ୍ତ ଉଦାହରଣ।

ବିପଦପୂର୍ଣ୍ଣ ରାସାୟନିକ ପଦାର୍ଥ ପରିବହନ ସମୟରେ ଘଟୁଥିବା ଦୁର୍ଘଟଣାକୁ ପ୍ରଶମିତ କରିବା ପାଇଁ ଜରୁରୀକାଳୀନ ସୁରକ୍ଷାକାରୀ ଦଳର ଅଭାବ ଯୋଗୁଁ ଭାରତର ବିଭିନ୍ନ ସ୍ଥାନରେ ପ୍ରମୁଖ ଦୁର୍ଘଟଣାମାନ ଘଟିଯାଉଛି। ବିପଦପୂର୍ଣ୍ଣ ବର୍ଜ୍ୟବସ୍ତୁ ପରିଚାଳନା ଓ ଏହାର ସଠିକ୍ ବ୍ୟବସ୍ଥା ପ୍ରତି ସ୍ୱତନ୍ତ୍ର ଧ୍ୟାନ ଦିଆଯିବା ଆବଶ୍ୟକ କାରଣ ସଠିକ୍ ବର୍ଜ୍ୟବସ୍ତୁ ପରିଚାଳନା ହୋଇନପାରିଲେ ଏହା ଅଗ୍ନିକାଣ୍ଡ, ବିସ୍ଫୋରଣ ଓ ବିଷାକ୍ତ ଗ୍ୟାସ୍ ନିର୍ଗମନ ପରି ଦୁର୍ଘଟଣା ଘଟାଇ ପରିବେଶ ପ୍ରତି ବିପଦ ପହଂଚାଇଥାଏ।



**ନିରାକରଣ ଓ ପରବର୍ତ୍ତୀ ପଦକ୍ଷେପ**

୧. ଶିଳ୍ପସଂସ୍ଥାଗୁଡିକର ଭୂମିକା

ରାସାୟନିକ ଦୁର୍ଘଟଣା କ୍ଷେତ୍ରରେ ପ୍ରତିକ୍ରିୟାଶୀଳ ପଦକ୍ଷେପ ଅପେକ୍ଷା ସକ୍ରିୟ ପଦକ୍ଷେପ ଗ୍ରହଣ କରାଯିବା ଆବଶ୍ୟକ। ଏନେଇ ନିମ୍ନଲିଖିତ ସମସ୍ତ ଅଂଶୀଦାରମାନଙ୍କର ଭୂମିକା ଓ ଦାୟିତ୍ୱ ରହିଛି।

(କ)ବିଭିନ୍ନ ବିପଦପୂର୍ଣ୍ଣ କାର୍ଯ୍ୟକ୍ରମ ଗୁଡିକୁ ଚିହ୍ନଟ କରିବା

- ଶିଳ୍ପସଂସ୍ଥାଗୁଡିକର ପରିଚାଳନା ନେଇ ନିରାପତ୍ତା ସମ୍ପର୍କରେ ଉତ୍ତମ ଜ୍ଞାନ ଦୁର୍ଘଟଣାକୁ ଏଡାଇବା ସହ ଏହାକୁ ନିୟନ୍ତ୍ରଣରେ ରଖିବାରେ ସହାୟକ ହୋଇଥାଏ।
- ଦୈନନ୍ଦିନ କାର୍ଯ୍ୟକ୍ରମରେ ସୃଷ୍ଟି ହେଉଥିବା ବିପଦ ଓ କ୍ଷୟକ୍ଷତିର ଆକଳନ କରିବା ପାଇଁ ଏକ ଦକ୍ଷ ଜ୍ଞାନୀ ଓ ପାରଦର୍ଶୀ ବ୍ୟକ୍ତିଙ୍କର ଦଳ ଗଠନ କରାଯିବା ଆବଶ୍ୟକ। ଉପଯୁକ୍ତ ବିପଦ ଚିହ୍ନଟ ଯନ୍ତ୍ର ଯେପରିକି ଚେକ୍‌ଲିଷ୍ଟ୍ ଆନାଲିସିସ୍, ସେଫ୍‌ଟି ଅଡିଟ୍, ଏଚ୍‌ଏଜେଡ୍‌ଓପି,ଏଫ୍‌ଟିଏ/ଇଟିଏ, ଏଫ୍‌ଏମ୍‌ଇଏ ଏବଂ ଏଲ୍‌ଓପିଏ ବିପଦ ହ୍ରାସ କରିବାରେ ସାହାଯ୍ୟ କରିଥାଏ।
- ଉପରୋକ୍ତ ଗବେଷଣାରୁ ଜଣାଯାଏ ଯେ ସୁରକ୍ଷା ଯେପରିକି ବିପଦପୂର୍ଣ୍ଣ କାର୍ଯ୍ୟକୁ ବାଦ୍ ଦେବା, ସୁରକ୍ଷିତ ରାସାୟନିକ ପଦାର୍ଥ ବ୍ୟବହାର, ବିପଦ ଘଟାଉଥିବା କାର୍ଯ୍ୟ ନକରିବା ଏବଂ ଇଂଜିନିୟରିଂ ସହାୟତା ଯୋଗାଇ ଦେବା ରାସାୟନିକ ଦୁର୍ଘଟଣାକୁ କମ୍ କରିଦେଇପାରେ।

(ଖ) **ଶିଳ୍ପସଂସ୍ଥା ଓ ଯନ୍ତ୍ରପାତିର ରକ୍ଷଣାବେକ୍ଷଣ:**

- ଉଚିତ୍ ସମୟ ବ୍ୟବଧାନରେ ସମସ୍ତ

ଯନ୍ତ୍ରପାତି ଓ ମେସିନ୍ ଗୁଡିକର ରକ୍ଷଣାବେକ୍ଷଣ କରାଯିବା ଆବଶ୍ୟକ।

● ଶିଳ୍ପସଂସ୍ଥାଗୁଡିକର ନିରାପତ୍ତା ଓ ସ୍ୱାସ୍ଥ୍ୟ ଯାଂଚ୍ କରାଯିବା ଆବଶ୍ୟକ। ଏହାଦ୍ୱାରା ଶିଳ୍ପସଂସ୍ଥା ସୁରକ୍ଷିତ ଓ ଏଠାରେ ବ୍ୟବହାର କରାଯାଉଥିବା ସମସ୍ତ ଯନ୍ତ୍ରପାତି ସଠିକ୍‌ଭାବେ ବ୍ୟବହାର କରାଯାଉଛି ବୋଲି ଜଣାପଡିଥାଏ।

(ଗ) ଗ୍ୟାସ୍/ବାଷ୍ପ ଚିହ୍ନଟ ପ୍ରକ୍ରିୟା ସ୍ଥାପନା

● କ୍ଷୁଦ୍ରାତିକ୍ଷୁଦ୍ର ସ୍ଥାନରୁ ଗ୍ୟାସ୍ ବା ବାଷ୍ପ ନିର୍ଗମ ହେଲେ ଏହାକୁ ଆଲାର୍ମ ସହ ଚିହ୍ନଟ ପ୍ରକ୍ରିୟା ସ୍ଥାପନ କରିବା ଦ୍ୱାରା ଗ୍ୟାସ୍ ନିର୍ଗମନ ହେବାର ଅତି କମ୍ ସମୟ ମଧ୍ୟରେ ଏହାକୁ ରୋକିବା ନେଇ ପଦକ୍ଷେପ ଗ୍ରହଣ କରାଯାଇପାରିବ।

(ଘ) ପ୍ରଚଳିତ ନୀତିନିୟମ ମାନିବା

● ନିରନ୍ତର ଓ ବିପଦମୁକ୍ତ ପ୍ରକ୍ରିୟା ନିମନ୍ତେ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ବିଭିନ୍ନ ନୀତିନିୟମକୁ ପାଳନ କରିବା ଆବଶ୍ୟକ।

(ଙ) ମାନବ ସମ୍ବଳ ପରିଚାଳନାର ବିକାଶ

● ମାନବ ସମ୍ବଳ ପରିଚାଳନା ବେଶ୍ ଜଟିଳ ଏବଂ ଏହା ଉପରେ ସର୍ବଦା ନଜର ରଖାଯିବା ସହ ମାନବ ବ୍ୟବହାର ଆଧାରିତ ପରିଚାଳିତ ସୁରକ୍ଷା କାର୍ଯ୍ୟକ୍ରମ କାର୍ଯ୍ୟକାରୀ ହେବା ଆବଶ୍ୟକ।

● ଶିଳ୍ପସଂସ୍ଥାଗୁଡିକ ଦ୍ୱାରା ଏକ ଉତ୍ତମ ମାନବ ସମ୍ବଳ ପରିଚାଳନା ଗଠନ କରାଯିବା ଆବଶ୍ୟକ। ଏଥିରେ ବଡ ବଡ ଅଧିକାରୀମାନଙ୍କୁ ସାମିଲ୍ କରି ରାସାୟନିକ ଉଦ୍ୟୋଗରେ ସୁରକ୍ଷା ବ୍ୟବସ୍ଥାକୁ ଉନ୍ନତ କରାଯିବା ଆବଶ୍ୟକ।

● ଶିଳ୍ପସଂସ୍ଥାର ଉଚ୍ଚ ପଦାଧିକାରୀ ଓ ସାଧାରଣ କର୍ମଚାରୀଙ୍କ ମଧ୍ୟରେ ସମନ୍ୱୟ ରଖିପାରିବା ଭଳି ପରିବେଶ ସୃଷ୍ଟି କରାଯିବା ଆବଶ୍ୟକ। ଏହାଦ୍ୱାରା କର୍ମଚାରୀମାନେ କୌଣସି ଦୁର୍ଘଟଣା ସମ୍ପର୍କରେ ତତ୍‌କ୍ଷଣାତ୍ ଉଚ୍ଚ ପଦାଧିକାରୀମାନଙ୍କୁ ଅବଗତ କରାଇପାରିବେ।

(ଚ) ଜରୁରୀକାଳୀନ ପ୍ରସ୍ତୁତି

● ଶିଳ୍ପସଂସ୍ଥାଗୁଡିକର ଏକ ଭଲ ଜରୁରୀକାଳୀନ ସହାୟତା ଦଳ ଥିବା ଆବଶ୍ୟକ ଯାହାକି ଦୁର୍ଘଟଣା ଏଡାଇବା ପାଇଁ ଦ୍ରୁତଗତିରେ କାର୍ଯ୍ୟ କରିପାରିବେ।

● ବିଭିନ୍ନ ସମୟରେ ବାରମ୍ବାର ମକ୍ ଡ୍ରିଲ୍‌ର ଆୟୋଜନ କରାଯିବା ଆବଶ୍ୟକ ଯାହାଫଳରେ ଶ୍ରମିକମାନେ ଜରୁରୀକାଳୀନ ପରିସ୍ଥିତିରେ କାର୍ଯ୍ୟ କରିବା ପାଇଁ ଜ୍ଞାନ ସଂଗ୍ରହ କରିପାରିବେ।

**୨. ସରକାରଙ୍କ ଭୂମିକା**

(କ) ଦୁର୍ଘଟଣା ତଦନ୍ତକାରୀ ପରିଷଦ ଓ ରାସାୟନିକ ଦୁର୍ଘଟଣା ଡାଟାବେସ୍ ପ୍ରସ୍ତୁତ କରିବା: ରାସାୟନିକ ଦୁର୍ଘଟଣା ସମ୍ପର୍କରେ ତଦନ୍ତ କରିବା ଓ ସେସବୁ ଦୁର୍ଘଟଣାରୁ ମିଳୁଥିବା ଶିକ୍ଷାକୁ ପର୍ଯ୍ୟବେକ୍ଷିତ କରି ପ୍ରସ୍ତୁତ ଗାଇଡ୍‌ଲାଇନ୍ ଦ୍ୱାରା ଆଗକୁ କିପରି ଏଭଳି ଦୁର୍ଘଟଣାକୁ ଏଡାଇ ଦିଆଯାଇପାରିବ ସେନେଇ ଆମେରିକାର କେମିକାଲ୍ ସେଫ୍‌ଟି ବୋର୍ଡ ଭଳି ଭାରତରେ ଏକ ଦୁର୍ଘଟଣା ତଦନ୍ତକାରୀ ପରିଷଦ ଗଠନ କରାଯିବା ଆବଶ୍ୟକ। ସେହିଭଳି ଦୁର୍ଘଟଣା ରିପୋର୍ଟିଂ ସିଷ୍ଟମ୍ ଓ କେବଳ ରାସାୟନିକ ଦୁର୍ଘଟଣା ଡାଟାବେସ୍ ପ୍ରସ୍ତୁତ କରିବା ପାଇଁ ମଧ୍ୟ ପଦକ୍ଷେପ ନିଆଯିବା ଆବଶ୍ୟକ। ଏକ ଅନଲାଇନ୍ ପୋର୍ଟାଲ୍ ସ୍ଥାପନ ହେଲେ ଶିଳ୍ପସଂସ୍ଥା ଗୁଡିକ ସେମାନଙ୍କ ବିଭିନ୍ନ ସମସ୍ୟା ସମ୍ପର୍କରେ ବିଶ୍ୱସ୍ତରୀୟ ବିଶେଷଜ୍ଞ ମାନଙ୍କ ସହ ଆଲୋଚନା କରିପାରିବେ ଏବଂ ଏହା କୌଣସି ଯୋଜନା କାର୍ଯ୍ୟକ୍ଷମ ସମୟରେ କୌଣସି ଦୁର୍ଘଟଣାକୁ ଏଡାଇଦେବା ପାଇଁ ସାହାଯ୍ୟ କରିବ।

(ଖ) ସଚେତନତା କ୍ୟାମ୍ପେନ୍:

ରାସାୟନିକ ଦୁର୍ଘଟଣା ଯୋଗୁଁ ଘଟୁଥିବା ବିଭିନ୍ନ ବିପଦ ସମ୍ପର୍କରେ ସରକାର ଉଭୟ ଶିଳ୍ପସଂସ୍ଥାରେ କାର୍ଯ୍ୟରତ ଶ୍ରମିକ ଓ ସାଧାରଣ ଲୋକଙ୍କୁ ସଚେତନ କରାଇବା ଆବଶ୍ୟକ। ବିପଦ ସଂପର୍କରେ ଶ୍ରମିକମାନଙ୍କର ଜ୍ଞାନ ଥିଲେ ସେମାନେ କୌଣସି ବିପଦପୂର୍ଣ୍ଣ କାର୍ଯ୍ୟ କରିବାରୁ ନିବୃତ୍ତ ରହିବେ ଏବଂ ଦୁର୍ଘଟଣାକୁ କିଭଳି ଆୟତ୍ତ କରିହେବ ସେଥିପାଇଁ ପ୍ରୟାସ କରିବେ।

(ଗ) ଗବେଷଣା ଓ ବିକାଶ:

ନୂତନ ପ୍ରଯୁକ୍ତିବିଦ୍ୟା ସମ୍ପର୍କିତ ଗବେଷଣା ଓ ବିକାଶ ମାଧ୍ୟମରେ ରାସାୟନିକ ଶିଳ୍ପରୁ ବାହାରୁଥିବା ପଦାର୍ଥର ବିଷାକ୍ତ ଗୁଣକୁ କମାଇବା ପାଇଁ ସରକାର ପଦକ୍ଷେପ ନେବା ଆବଶ୍ୟକ। ଗବେଷଣା ଦ୍ୱାରା କମ୍ ବିଷାକ୍ତଗୁଣ ଥିବା ପଦାର୍ଥ ଉତ୍ପାଦନ ପାଇଁ ନୂତନ ପ୍ରକ୍ରିୟା ସୃଷ୍ଟି କରାଯିବା ଆବଶ୍ୟକ ଫଳରେ କୌଣସି ଦୁର୍ଘଟଣା ଯୋଗୁଁ ହେଉଥିବା ପ୍ରତିକୂଳ ପ୍ରଭାବକୁ ହ୍ରାସ କରାଯାଇପାରିବ।

(ଘ) ଶିଳ୍ପସଂସ୍ଥା ବାହାରେ ଜରୁରୀକାଳୀନ ଯୋଜନା:

ଶିଳ୍ପସଂସ୍ଥା ବାହାରେ ଜରୁରୀକାଳୀନ ଯୋଜନାର ଉଦ୍ଦେଶ୍ୟ ହେଲା କୌଣସି ଦୁର୍ଘଟଣା ସମୟରେ ଏହାର ପ୍ରତିକୂଳ ପ୍ରଭାବ ଯେପରି ଜନସାଧାରଣ, ପରିବେଶ ଓ ଜନବସତି ଉପରେ କମ୍

ମାତ୍ରାରେ ପଡିବ ସେନେଇ ସ୍ଥାନୀୟ ପ୍ରଶାସନ ତ୍ୱରିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା। ଏହି ଯୋଜନାଗୁଡିକ ସଠିକ୍ ନୀତିନିୟମରେ ହେବା ଆବଶ୍ୟକ। ବିପଦ ଓ ଏହାର ପରିଣାମ ସମ୍ପର୍କରେ ଜନସଚେତନତା ସୃଷ୍ଟି କରିବା ନିତାନ୍ତ ଆବଶ୍ୟକ କାରଣ ବିପର୍ଯ୍ୟୟ ପରବର୍ତ୍ତୀ ଦୁର୍ଘଟଣା ଏଡାଇବା ଓ ପୁନଃସ୍ଥିତି ଫେରାଇଆଣିବା କ୍ଷେତ୍ରରେ ଏହା ସାହାଯ୍ୟ କରିବ।



(ଙ) ବିପଦପୂର୍ଣ୍ଣ ରାସାୟନିକ ପଦାର୍ଥର ପରିବହନ: ବିପଦପୂର୍ଣ୍ଣ ରାସାୟନିକ ପଦାର୍ଥର ପରିବହନ ସମୟରେ ଘଟୁଥିବା ଦୁର୍ଘଟଣାକୁ ଏଡାଇବା ପାଇଁ ସମୟୋଚିତ ଜରୁରୀକାଳୀନ ସହାୟତା ଉପଲବ୍ଧ ହେବା ଆବଶ୍ୟକ। ଏହାଦ୍ୱାରା ଏଥିରେ ଜଡିତଥିବା ବ୍ୟକ୍ତିମାନଙ୍କୁ ରକ୍ଷା କରାଯାଇପାରିବ। ନିକଟ ଅତୀତରେ ଇଣ୍ଡିଆନ୍ କେମିକାଲ୍ କାଉନ୍ସିଲ୍ (ଆଇସିସି) "ନାଇସର୍‌ଗ୍ଲୋବ୍" (ନାଇସର୍‌ଗ୍ଲୋବ୍.ଇନ୍) ନାମକ ଏକ କାର୍ଯ୍ୟକ୍ରମ ଆରମ୍ଭ କରିଛି ଯାହା ଟ୍ରକ୍‌ଗୁଡିକର ବାହାରିବାସ୍ଥାନଠାରୁ ଗନ୍ତବ୍ୟସ୍ଥଳ ପର୍ଯ୍ୟନ୍ତ ଜିପିଆରଏସ୍ ମାଧ୍ୟମରେ ଟ୍ରାକ୍ କରିପାରିବ। ନାଇସର୍‌ଗ୍ଲୋବ୍ କାର୍ଯ୍ୟସ୍ଥଳୀଟି ଜରୁରୀକାଳୀନ ସହାୟତା ପ୍ରଦାନକାରୀ ମାନଙ୍କ ସହ ସଂଯୋଗ କରାଯାଇଛି। ରାସାୟନିକ ଶିଳ୍ପଗୁଡିକ ସେମାନଙ୍କ ବିପଦପୂର୍ଣ୍ଣ ପଦାର୍ଥ ପରିବହନ ସମୟରେ ଆଇସିସିର ଏହି ପଦକ୍ଷେପ ସହ ସଂଯୁକ୍ତ ହେବାକୁ ପରାମର୍ଶ ଦିଆଯାଉଛି।

**୩. ଜନସାଧାରଣଙ୍କ ଭୂମିକା**

● ରାସାୟନିକ ଦୁର୍ଘଟଣା ସମ୍ପର୍କରେ ଲୋକଙ୍କ ମଧ୍ୟରେ ସଚେତନତା ଦୁର୍ଘଟଣା ପରବର୍ତ୍ତି ସ୍ଥିତିକୁ ଆୟତ୍ତ କରିବାରେ ସାହାଯ୍ୟ କରିବ।

● କୌଣସି ଦୁର୍ଘଟଣା ଘଟିଗଲେ ସାଧାରଣ ଲୋକଙ୍କୁ ଏକାଠି କରିବା ପାଇଁ ଏକ ମ୍ୟୁଚୁଆଲ୍ ଏଡ୍ ଗ୍ରୁପ୍ ଗଠନ କରିବା ଆବଶ୍ୟକ ଏବଂ ସେମାନଙ୍କୁ ରାସାୟନିକ ପଦାର୍ଥ ନିର୍ଗମନ ହେଲେ ସେନେଇ କି ପଦକ୍ଷେପ ନିଆଯିବ ସେ ସମ୍ପର୍କରେ ତାଲିମ୍ ଓ ସଚେତନତା ପ୍ରଦାନ କରାଯିବା ଆବଶ୍ୟକ।

**ଶେଷକଥା:** ରାସାୟନିକ ଉଦ୍ୟୋଗରେ ଦୁର୍ବିପାକ କ୍ୱଚିତ୍ ଘଟିଥାଏ ମାତ୍ର ଅସାବଧାନତା ଓ ଦୁର୍ଭାଗ୍ୟ ଯୋଗୁଁ ସହଜରେ ବିଧ୍ୱଂସୀ ପରିଣାମ ଭୋଗିବାକୁ ପଡିପାରେ। ଏକ ବଡ ଦୁର୍ଘଟଣା ଘଟିଗଲେ ଧନଜୀବନ ହାନୀ, ପରିବେଶ ପ୍ରତି ବିପଦ, ବୃକ୍ଷଲତା ଓ ପାରିପାର୍ଶ୍ୱିକ କୋଠାବାଡି ଧ୍ୱଂସ ସହ ଶିଳ୍ପ ପ୍ରତିଷ୍ଠାନର ସୁନାମରେ ଯେଉଁ ଆଂଚ୍ ଆସିଥାଏ ତାହା ଅପୂରଣୀୟ। ରାସାୟନିକ ଦୁର୍ଘଟଣାର ପ୍ରଭାବ ବହୁ ପିଢୀ ପର୍ଯ୍ୟନ୍ତ ପଡିଥାଏ ଯାହାକି ଭରଣା କରାଯାଇପାରିବ ନାହିଁ ଏବଂ ଏଥିରେ ପ୍ରଭାବିତ ହେଉଥିବା ଲୋକଙ୍କ କଷ୍ଟକୁ କଳ୍ପନା କରାଯାଇ ନପାରେ।

ଲେଖକ, କେମିକାଲ ଇଂଜିନିୟରିଂ ବିଭାଗ, ଜାତୀୟ ଚମଡା ଗବେଷଣା ପ୍ରତିଷ୍ଠାନ, ଆଦ୍ୟାରଠାରେ କାର୍ଯ୍ୟରତ।

## ଆଦିବାସୀ ଜୀବିକା ନିର୍ବାହ ରାଷ୍ଟ୍ରୀୟ ସାଧାନ କେନ୍ଦ୍ର – "ବନଜୀବନ"

ଆଦିବାସୀ ତଥା ଜନଜାତି ସମୁଦାୟର ଜୀବିକା ନିର୍ବାହ କ୍ଷେତ୍ରରେ ରହିଥିବା ସମସ୍ୟା ଚିହ୍ନଟ କରିବାକୁ ପ୍ରଥମ ପର୍ଯ୍ୟାୟରେ ଓଡ଼ିଶା ସମେତ ଦେଶର ୬ଟି ରାଜ୍ୟରେ ରାଷ୍ଟ୍ରୀୟ ସାଧନ କେନ୍ଦ୍ର 'ବନଜୀବନ'ର ଶୁଭାରମ୍ଭ କରାଯିବ । ଆଦିବାସୀ ସମୁଦାୟର ମାନବ ବିକାଶ ସୂଚକାଙ୍କ ସର୍ବନିମ୍ନ ସ୍ତରରେ ଥିବା ବଛାବଛା ଜିଲ୍ଲାରେ ଏହା କାର୍ଯ୍ୟକାରୀ ହେବ। କେନ୍ଦ୍ର ଆଦିବାସୀ ବ୍ୟାପାର ମନ୍ତ୍ରଣାଳୟ, ଜାତିସଂଘ ବିକାଶ କାର୍ଯ୍ୟକ୍ରମ (ୟୁଏନଡିପି) ଏବଂ ରାଷ୍ଟ୍ରୀୟ ଅନୁସୂଚିତ ଜନଜାତି ଅର୍ଥ ଓ ଉନ୍ନୟନ ନିଗମ (NSTFDC)ର ସହଯୋଗରେ 'ବନଜୀବନ' କେନ୍ଦ୍ରର ଶୁଭାରମ୍ଭ କରାଯିବ । ପ୍ରଥମ ପର୍ଯ୍ୟାୟରେ 'ବନଜୀବନ' କେନ୍ଦ୍ର ଓଡ଼ିଶା, ଆସାମ, ଗୁଜୁରାଟ, ମଧ୍ୟପ୍ରଦେଶ, ରାଜସ୍ଥାନ ଏବଂ ତେଲେଙ୍ଗାନାରେ ଶୁଭାରମ୍ଭ କରାଯିବ । ଦ୍ୱିତୀୟ ପର୍ଯ୍ୟାୟରେ ଏହି କେନ୍ଦ୍ର ଅରୁଣାଚଳ ପ୍ରଦେଶ, ଛତିଶଗଡ, ଝାଡଖଣ୍ଡ, ମହାରାଷ୍ଟ୍ର, ମେଘାଳୟ ଏବଂ ତ୍ରିପୁରାରେ ଖୋଲାଯିବ। ଏହି କାର୍ଯ୍ୟକ୍ରମ ଅନ୍ତର୍ଗତ ସ୍ଥାନୀୟ ଆଦିବାସୀ ସମୁଦାୟ ପାଖରେ ଉପଲବ୍ଧ ଦକ୍ଷତା ଏବଂ ସଂଶୋଧନ ଆଧାରରେ ସେମାନଙ୍କ ପାଇଁ ଉଦ୍ୟୋଗ ବିକାଶ ଉପରେ ଧ୍ୟାନ ଦିଆଯିବ । ଏହି ଉଦ୍ଦେଶ୍ୟ ସାଧନ ପାଇଁ ବିଭିନ୍ନ ସରକାରୀ କାର୍ଯ୍ୟକ୍ରମଗୁଡିକ ଲାଗି ଆବଂଟିତ ଅର୍ଥର ସଠିକ ଉପଯୋଗ ଉପରେ ମଧ୍ୟ ସୂଚନା ପ୍ରଦାନ କରାଯିବ । ଏହି ରାଷ୍ଟ୍ରୀୟ ସାଧନ କେନ୍ଦ୍ର ଆଦିବାସୀମାନଙ୍କ ମଧ୍ୟରେ ଉଦ୍ୟୋଗ କୌଶଳକୁ ପ୍ରୋତ୍ସାହିତ କରିବାର ବିଭିନ୍ନ ଦିଗ ଉପରେ ଧ୍ୟାନ ଦେବ ଯାହାଦ୍ୱାରା ଜନଜାତି ସମୁହ ମଧ୍ୟରେ ଉଦ୍ୟୋଗୀ ହେବା ପାଇଁ ଉତ୍ସାହ ବୃଦ୍ଧି ପାଇବ।

# ଅନ୍ତର୍ଜାତୀୟ ସ୍ତରରେ ଦୁର୍ବିପାକ କ୍ଷୟକ୍ଷତି ପରିଚାଳନା

କମଲ୍ କିଶୋର

ଗତ ଦୁଇ ଦଶନ୍ଧି ମଧ୍ୟରେ ଏହା ଜଣାପଡିଛି ଯେ ଦୁର୍ବିପାକ ଯୋଗୁଁ ଦେଶର ନିରନ୍ତର ବିକାଶ ବାଧାପ୍ରାପ୍ତ ହେଉଛି। ନିମ୍ନଲିଖିତ ପରିସଂଖ୍ୟାନ ରୁଏହା ସ୍ପଷ୍ଟ ହୋଇପାରିବ।

ଗତ ୨୦ ବର୍ଷ ମଧ୍ୟରେ ୧.୩୫ ମିଲିୟନ୍ ବ୍ୟକ୍ତି ପ୍ରାକୃତିକ ଦୁର୍ବିପାକ ଯୋଗୁଁ ମୃତ୍ୟୁମୁଖରେ ପଡିଛନ୍ତି, ସେମାନଙ୍କ ମଧ୍ୟରୁ ଅର୍ଦ୍ଧାଧିକ କେବଳ ଭୂମିକମ୍ପରେ ମୃତ୍ୟୁବରଣ କରିଥିବାବେଳେ ଅବଶିଷ୍ଟ ବ୍ୟକ୍ତି ପାଣିପାଗ ଓ ଜଳବାୟୁ ଜନିତ ବିପର୍ଯ୍ୟୟ ଯୋଗୁଁ ମୃତ୍ୟୁବରଣ କରିଛନ୍ତି। ତେବେ ନିମ୍ନ ଓ ମଧ୍ୟମ ଆୟକାରୀ ରାଷ୍ଟ୍ରଗୁଡିକରେ ଏହି ମୃତ୍ୟୁସଂଖ୍ୟା ସର୍ବାଧିକ ବୋଲି ଜଣାପଡିଛି। ଦୁର୍ବିପାକ ଯୋଗୁଁ ନିମ୍ନ ଆୟକାରୀ ରାଷ୍ଟ୍ରଗୁଡିକରେ ସର୍ବାଧିକ ମୃତ୍ୟୁ ଘଟିଛି।

ଦୁର୍ବିପାକର ପ୍ରଭାବରୁ ସବୁଠାରୁ ଉନ୍ନତ ରାଷ୍ଟ୍ର ମଧ୍ୟ ବାଦ୍ ପଡିନାହିଁ। ୨୦୧୧ ମସିହାରେ ଜାପାନରେ ହୋଇଥିବା ଟ୍ରିପଲ୍ ନ୍ୟୁକ୍ଲିୟର୍, ଭୂମିକମ୍ପ ଏବଂ ସୁନାମି, ୨୦୦୫ରେ ନ୍ୟୁ ଅରଲିନସ୍‌ରେ ହୋଇଥିବା ଘୂର୍ଣ୍ଣିଝଡ କ୍ୟାଟ୍‌ରିନା, ଏବଂ ୨୦୦୩ରେ ୟୁରୋପରେ ଗ୍ରୀଷ୍ମପ୍ରବାହ ଯୋଗୁଁ ୭୦ ହଜାର ଲୋକଙ୍କ ମୃତ୍ୟୁ ଏହିସବୁ ଘଟଣାକୁ ମନେପକାଇ ଦେଇଥାଏ। ଦୁର୍ବିପାକ ଦେଶର ଅର୍ଥନୈତିକ ବୋଝ ବଢାଇଦେଇଥାଏ ବିଶେଷକରି ଯେଉଁ ଦେଶଗୁଡିକ ଏହାକୁ ବହନ କରିବାକୁ ସକ୍ଷମ ହୋଇନଥାନ୍ତି। ଗତ ଦୁଇଦଶନ୍ଧି ମଧ୍ୟରେ ଘଟିଯାଇଥିବା ଦୁର୍ବିପାକ ବହୁ ନିମ୍ନ ଓ ମଧ୍ୟମ ଆୟକାରୀ ରାଷ୍ଟ୍ରଗୁଡିକର ନିରନ୍ତର ବିକାଶ ପ୍ରକ୍ରିୟାରେ ବ୍ୟାଘାତ ସୃଷ୍ଟି କରିଛି।

**ଦୁର୍ବିପାକ କ୍ଷୟକ୍ଷତିର ବଦଳୁଥିବା ରୂପ:** ବିଶ୍ୱ ବର୍ତ୍ତମାନ ଜଳବାୟୁ ପରିବର୍ତ୍ତନର ଭୟାବହତାର ସମ୍ମୁଖିନ ହେଉଛି। ଏଥିପାଇଁ ଦୁର୍ବିପାକର ମାତ୍ରା ବଢିଚାଲିଛି। ଗତ ୫୦ ବର୍ଷ ମଧ୍ୟରେ ଘଟିଯାଇଥିବା ଦୁର୍ବିପାକ ସମ୍ପର୍କିତ ତଥ୍ୟ ଚିତ୍ର ୧ରେ ଦିଆଗଲା।

ପ୍ରଦତ୍ତ ଚିତ୍ର-୧ରେ ତିନିଟି ପ୍ରମୁଖ ଦୁର୍ବିପାକ ଭୂମିକମ୍ପ, ବନ୍ୟା ଓ ବାତ୍ୟା ଯୋଗୁଁ ଘଟିଯାଇଥିବା ବିପର୍ଯ୍ୟୟ ସମ୍ପର୍କରେ ତଥ୍ୟ ପ୍ରଦାନ କରାଯାଇଛି। ଏହି ଗ୍ରାଫ୍‌ରୁ ଏହା ଜଣାପଡୁଛି ଯେ ଗତ ୫୦ ବର୍ଷ ମଧ୍ୟରେ (୧୯୬୬-୨୦୧୫) ଭୂମିକମ୍ପ ଯୋଗୁଁ ଘଟୁଥିବା ବିପର୍ଯ୍ୟୟ ପ୍ରାୟତଃ ସ୍ଥିର ରହିଥିବା ବେଳେ ବନ୍ୟା ଓ ବାତ୍ୟାଜନିତ ଦୁର୍ବିପାକ ବଢି ବଢି ଚାଲିଛି। ଏହାର ବିଭିନ୍ନ କାରଣ ଥାଇପାରେ। ଅତ୍ୟଧିକ ଜଳବାୟୁ ପରିବର୍ତ୍ତନଠାରୁ ଆରମ୍ଭ କରି ପରିବେଶ ଅସନ୍ତୁଳନ ଏବଂ ବାତ୍ୟା ଓ ବନ୍ୟାପ୍ରବଣ ଅଂଚଳରେ ଅଧିକ ଲୋକ ରହୁଥିବା ଆଦି ବିଭିନ୍ନ କାରଣ ଯୋଗୁଁ ଏଭଳି ଘଟୁଥାଇପାରେ। (ଉଦାହରଣ:

**୨୦୦୫ରୁ ୨୦୧୫ ମସିହା ପର୍ଯ୍ୟନ୍ତ ଦୁର୍ବିପାକ କ୍ଷୟକ୍ଷତି ହ୍ରାସ କରିବା ପାଇଁ ନିଆଯାଇଥିବା ବିଶ୍ୱସ୍ତରୀୟ ପଦକ୍ଷେପ ହ୍ୟୋଗୋ ଫ୍ରେମ୍‌ୱର୍କ ଫର୍ ଆକ୍ସନ୍ ଦ୍ୱାରା ପରିଚାଳିତ ହେଉଥିଲା। ମାତ୍ର ୨୦୧୫ରେ ବିଶ୍ୱ ସମୁଦାୟ ଜାପାନ୍‌ର ସେନ୍‌ଡାଇଠାରେ ଦୁର୍ବିପାକ କ୍ଷୟକ୍ଷତି ହ୍ରାସ କରିବା ଉପରେ ଅନୁଷ୍ଠିତ ବିଶ୍ୱ ଆଲୋଚନାଚକ୍ରରେ ଏକାଠି ହୋଇ ୨୦୧୫-୨୦୩୦ ମସିହା ପାଇଁ ସେନ୍‌ଡାଇ ଫ୍ରେମ୍‌ୱର୍କ ଫର ଡିଜାଷ୍ଟର ରିସ୍କ ରିଡକ୍ସନ୍ (ଏସ୍‌ଏଫ୍‌ଡି ଆରଆର୍) ଅନୁସାରେ କାର୍ଯ୍ୟ କରିବାକୁ ଏକମତ ହୋଇଛନ୍ତି।**




**ଚିତ୍ର ୧: ୧୯୬୬-୨୦୧୫ ମଧ୍ୟରେ ବିଶ୍ୱବ୍ୟାପୀ ଘଟିଯାଇଥିବା ବିଭିନ୍ନ ଦୁର୍ବିପାକ।**

ସମାନ ପରିମାଣର ବୃଷ୍ଟିପାତରେ ର୍ବତ୍ତମାନ ଅଧିକ ବନ୍ୟା ହେଉଛି)

ଚିତ୍ର ୨ରେ ୧୯୬୬-୨୦୧୫ ଗତ ୫୦ ବର୍ଷ ମଧ୍ୟରେ ସମସ୍ତ ପ୍ରକାର ପ୍ରାକୃତିକ ଦୁର୍ବିପାକ ଯୋଗୁଁ ଘଟିଯାଇଥିବା ମୃତ୍ୟୁସଂଖ୍ୟା ଦର୍ଶାଯାଇଛି। ଏହି ଗ୍ରାଫ୍‌ରୁ ଜଣାପଡୁଛି ଯେ କିଛି ବର୍ଷ ବ୍ୟବଧାନରେ ବଡ ବଡ ଦୁର୍ବିପାକ ଘଟି ମୃତ୍ୟୁସଂଖ୍ୟା ଅଧିକ




**ଚିତ୍ର ୨: ୧୯୬୬-୨୦୧୫ ମଧ୍ୟରେ ପ୍ରାକୃତିକ ଦୁର୍ବିପାକ ଯୋଗୁଁ ବିଶ୍ୱବ୍ୟାପୀ ଘଟିଯାଇଥିବା ଜୀବନହାନୀ।**




**ଚିତ୍ର ୩: ପ୍ରାକୃତିକ ଦୁର୍ବିପାକ ଯୋଗୁଁ ବିଶ୍ୱବ୍ୟାପୀ ଘଟିଥିବା ସମୁଦାୟ ଅର୍ଥନୈତିକ କ୍ଷତି ।**

ବଢୁଛି । ତେବେ ଏହି ସଂଖ୍ୟା ୧୯୭୦ ଓ ୧୯୮୦ ଦଶକ ତୁଳନାରେ (୧୯୭୦, ୧୯୭୬, ୧୯୮୧) ଗତ ୨୦ ବର୍ଷ ମଧ୍ୟରେ (୨୦୦୪,୨୦୦୮,୨୦୧୦) କମ୍ ରହିଛି । ବର୍ତ୍ତମାନର ବଢୁଥିବା ଜନସଂଖ୍ୟା ସହ ଯଦି ଏହି ଦୁର୍ବିପାକ ଜନିତ ମୃତ୍ୟୁସଂଖ୍ୟାର ତୁଳନା କରାଯାଏ ତେବେ ଏହା ହ୍ରାସପାଉଛି ବୋଲି ଧରାଯିବ । ଏହା ଆଗୁଆ ସତର୍କତା ବ୍ୟବସ୍ଥା, ଉନ୍ନତ ଯୋଗାଯୋଗ ଏବଂ ଉତ୍ତରଦାୟୀ ସରକାରଙ୍କ ଯୋଗୁଁ ସମ୍ଭବ ହୋଇପାରିଛି । ତେବେ ଏହା ଆତ୍ମସନ୍ତୋଷ ଲାଭ କରିବାର କାରଣ ହୋଇନପାରେ । ଏହି ଗ୍ରାଫ୍‌ରେ ଗତ ୨୦ ବର୍ଷ ମଧ୍ୟରେ ୨୦୦୪ରେ ଭାରତ ମହାସାଗରରେ ଘଟିଯାଇଥିବା ସୁନାମି, ୨୦୦୮ରେ ମ୍ୟାନ୍‌ମାରରେ ଘଟିଯାଇଥିବା ବାତ୍ୟା ନର୍‌ଗିସ୍, ଏବଂ ୨୦୧୦ ହାଇତି ଭୂମିକମ୍ପକୁ ସବୁଠାରୁ ବଡ ଦୁର୍ବିପାକ ଭାବେ ଦର୍ଶାଯାଇଛି, ଯେଉଁଥିରେ ପ୍ରତିଟି ଦୁର୍ବିପାକରେ ଏକଲକ୍ଷରୁ ଅଧିକ ଲୋକ ମୃତ୍ୟୁବରଣ କରିଛନ୍ତି । ଏହି ଘଟଣାଗୁଡିକ ଦର୍ଶାଉଛି ଯେ ଏକବିଂଶ ଶତାବ୍ଦୀରେ ମଧ୍ୟ ବିଭିନ୍ନ ସମୟ ବ୍ୟବଧାନରେ ଘଟୁଥିବା ଶକ୍ତିଶାଳୀ ବିପର୍ଯ୍ୟୟ ବା 'ଲୋ ଫ୍ରିକ୍ୱେନସି, ହାଇ ଇମ୍ପାକ୍ଟ ଇଭେଣ୍ଟ'

**ବକ୍ସ ୧ : ନିରନ୍ତର ବିକାଶ ଲକ୍ଷ୍ୟରେ ଦୁର୍ବିପାକ କ୍ଷୟକ୍ଷତି ହ୍ରାସ ଯୋଜନା**

**ଲକ୍ଷ୍ୟ ୧ : ସମସ୍ତ କ୍ଷେତ୍ରରେ ଦାରିଦ୍ର୍ୟ ଲୋପ କରିବା**

ଯୋଜନା ୧.୫: ଗରିବମାନଙ୍କ ମାନସିକ ଅବସ୍ଥାରେ ପରିବର୍ତ୍ତନ ଆଣିବା ଏବଂ ଅତ୍ୟଧିକ ଦାରିଦ୍ର୍ୟ ଲୋପ କରିବା ପାଇଁ ଦୁର୍ବିପାକ କ୍ଷୟକ୍ଷତି ହ୍ରାସ କରିବାକୁ ମୂଳ ବିକାଶ ଯୋଜନାରେ ଅନ୍ତର୍ଭୁକ୍ତ କରାଇବା

**ଲକ୍ଷ୍ୟ ୨ : କ୍ଷୁଧା ନିବାରଣ, ଖାଦ୍ୟ ସୁରକ୍ଷା ହାସଲ କରିବା, ପୋଷକ ତତ୍ତ୍ୱ ବଢାଇବା ଏବଂ ନିରନ୍ତର କୃଷିକୁ ପ୍ରୋତ୍ସାହନ**

ଯୋଜନା ୨.୪: ଦୁର୍ବିପାକ କ୍ଷୟକ୍ଷତି ହ୍ରାସ କରିବା ପାଇଁ ଉନ୍ନତ କାର୍ଯ୍ୟକ୍ରମଗୁଡିକୁ ସହାୟତା ଦେବା ଏବଂ ଜୀବିକା, ଖାଦ୍ୟ ଉତ୍ପାଦନ ଓ ଇକୋସିଷ୍ଟମ୍‌କୁ ପ୍ରୋତ୍ସାହିତ କରିବା ପାଇଁ କୃଷି କ୍ଷେତ୍ରର ବିଭିନ୍ନ ଯୋଜନା ଓ ନିବେଶଗୁଡିକ ଜଳବାୟୁ ଅନୁସାରେ ପରିବର୍ତ୍ତନ କରିବା

**ଲକ୍ଷ୍ୟ ୩: ସୁସ୍ଥ ଜୀବନ ସୁନିଶ୍ଚିତ କରିବା ଏବଂ ସବୁ ବୟସରେ ନୀରୋଗ ରହିବାକୁ ପ୍ରୋତ୍ସାହିତ କରିବା**

ଯୋଜନା ୩ ଘ: ଜାତୀୟ ଓ ବିଶ୍ୱସ୍ତରୀୟ ସ୍ୱାସ୍ଥ୍ୟ ସମସ୍ୟା ଆଶଙ୍କା ଏଡାଇବା ପାଇଁ ପୂର୍ବ ସୂଚନା ବ୍ୟବସ୍ଥାକୁ ସୁଦୃଢ଼ କରିବା ଯାହା ସୁସ୍ଥ ଜୀବନ ବିତାଇବା ପାଇଁ ପ୍ରୋତ୍ସାହିତ କରିବ।

**ଲକ୍ଷ୍ୟ ୪ : ଅନ୍ତର୍ଭୁକ୍ତିକରଣ ଓ ଯଥାର୍ଥ ଗୁଣାତ୍ମକ ଶିକ୍ଷା ସୁନିଶ୍ଚିତ କରିବା ଏବଂ ସମସ୍ତଙ୍କ ପାଇଁ ଜୀବନବ୍ୟାପୀ ଶିକ୍ଷା ସୁଯୋଗ ଉପଲବ୍ଧ କରାଇବା**

ଯୋଜନା ୪.୭: ଶିକ୍ଷାଭିତ୍ତିକ ସୁବିଧା ସୁଯୋଗ ତିଆରି କରିବା ଓ ଏହାକୁ ଉତ୍କୃଷ୍ଟ କରାଇବା ଏବଂ ନିରନ୍ତର ବିକାଶ ପାଇଁ ଶିକ୍ଷାକୁ ପ୍ରୋତ୍ସାହିତ କରିବା ଏବଂ ଶିକ୍ଷା କ୍ଷେତ୍ରରେ ପାରଦର୍ଶିତା ବୃଦ୍ଧି ପାଇଁ ଅବଦାନ ଦେବା।

**ଲକ୍ଷ୍ୟ ୬: ସମସ୍ତଙ୍କ ପାଇଁ ନିରନ୍ତର ଜଳ ଉପଲବ୍ଧ କରାଇବା ଏବଂ ସ୍ୱଚ୍ଛତା ସୁନିଶ୍ଚିତ କରିବା**

ଯୋଜନା ୬.୬: ଜଳ ସମ୍ପର୍କିତ ଇକୋସିଷ୍ଟମର ସଂରକ୍ଷଣ ଓ ପୁନଃରୁଦ୍ଧାର ଦ୍ୱାରା ଜଳ ସମ୍ପର୍କିତ ବିପର୍ଯ୍ୟୟରୁ ରକ୍ଷା ମିଳିପାରିବ।

**ଲକ୍ଷ୍ୟ ୯ : ନମନୀୟ ଭିତ୍ତିଭୂମୀ ନିର୍ମାଣ କରିବା, ଅନ୍ତର୍ଭୁକ୍ତିକରଣ ଓ ନିରନ୍ତର ଶିଳ୍ପାୟନକୁ ପ୍ରୋତ୍ସାହନ ଏବଂ ନୂତନ ଉଦ୍ଭାବନକୁ ସୁଯୋଗ ଦେବା**

ଯୋଜନା ୯.୧ ଗୁଣାତ୍ମକ ଓ ଭରସାଯୋଗ୍ୟ ଭିତ୍ତିଭୂମୀ ବିକଶିତ କରାଇବା । ବିକାଶର ଅର୍ଥ ନୁହେଁ କେବଳ ବର୍ତ୍ତମାନର ଭିତ୍ତିଭୂମୀର ରକ୍ଷଣାବେକ୍ଷଣ କରିବା ବରଂ ଆଗକୁ ନିର୍ମାଣ ହେବାକୁ ଥିବା ଭିତ୍ତିଭୂମିର ମଧ୍ୟ ସୁରକ୍ଷା କରିବା।

**ଲକ୍ଷ୍ୟ ୧୧ : ସହର ଓ ଜନବସତି ଥିବା ସ୍ଥାନଗୁଡିକୁ ସୁରକ୍ଷିତ ନମନୀୟ ଓ ଦୀର୍ଘମିଆଦି କରିବା**

ଏହି ଲକ୍ଷ୍ୟ ମଧ୍ୟରେ ଥିବା ଯୋଜନା ଗୁଡିକରେ (୧୧.୧, ୧୧.୩, ୧୧.୪,୧୧.୫,୧୧ଖ ଓ ୧୧ଗ) ସହରାଂଚଳ ବସ୍ତିର ବିକାଶ, ସହରାଂଚଳ ପ୍ଲାନିଂ, ଦୁର୍ବିପାକ ଯୋଗୁଁ ସାମାଜିକ ଓ ଅର୍ଥନୈତିକ ପ୍ରଭାବ ହ୍ରାସ କରାଇବା, ସହରାଂଚଳ ଗରିବମାନଙ୍କୁ ସୁରକ୍ଷା ପ୍ରଦାନ କରିବା, ସେନ୍‌ଡାଇ ଫ୍ରେମ୍‌ଓ୍ୱର୍କ ଅନୁସାରେ ସହରାଂଚଳ ପଲିସିଗୁଡିକ କାର୍ଯ୍ୟକାରି କରିବା, ସ୍ଥାୟୀ ସହରାଂଚଳ ଭିତ୍ତିଭୂମୀ ଆଦି ନିର୍ମାଣ କରି ବିଶ୍ୱବ୍ୟାପୀ ସହରୀ ସଭ୍ୟତା ବଢାଇବା ଉପରେ ଗୁରୁତ୍ୱ ଦିଆଯାଇଛି।

**ଲକ୍ଷ୍ୟ ୧୩: ଜଳବାୟୁ ପରିବର୍ତ୍ତନ ଓ ଏହାର ପ୍ରଭାବକୁ ଦମନ କରିବା ପାଇଁ ତୁରନ୍ତ ପଦକ୍ଷେପ ନେବା**

ଏହି ଯୋଜନାରେ ଦକ୍ଷତା ବୃଦ୍ଧି, ଦକ୍ଷତା ନିର୍ମାଣ ଏବଂ ଜଳବାୟୁ ପରିବର୍ତ୍ତନ ନେଇ ଯୋଜନା ପ୍ରସ୍ତୁତ କରିବା, ଜଳବାୟୁ ପରିବର୍ତ୍ତନ ନେଇ ସଚେତନତା ସୃଷ୍ଟି କରିବା ଏବଂ ପୂର୍ବ ସୂଚନା (ଯୋଜନା ୧୩.୧ ରୁ ୧୩.୩ ଏବଂ ୧୩ କ ଓ ୧୩ ଖ) ଆଦି ଉପରେ ଗୁରୁତ୍ୱ ଦିଆଯାଇଛି।

**ଲକ୍ଷ୍ୟ ୧୪: ନିରନ୍ତର ବିକାଶ ପାଇଁ ସାଗର ମହାସାଗର ଓ ସାମୁଦ୍ରିକ ଉତ୍ସଗୁଡିକର ସଂରକ୍ଷଣ ଓ ଉପଯୁକ୍ତ ବ୍ୟବହାର**

ଯୋଜନା ୧୪.୨: ସମୁଦ୍ର ତଟ, ସାମୁଦ୍ରିକ ଇକୋସିଷ୍ଟମର ବିକାଶ ଓ ସଂରକ୍ଷଣ ଏବଂ ନିରନ୍ତର ପରିଚାଳନା ଦୁର୍ବିପାକ ଆଶଙ୍କାକୁ ହ୍ରାସ କରିବା ସହ ସୁସ୍ଥ ସାମୁଦ୍ରିକ ଓ ତଟବର୍ତ୍ତୀ ଇକୋସିଷ୍ଟମର ସୁରକ୍ଷା ପାଇଁ କାର୍ଯ୍ୟକରିବ।

**ଲକ୍ଷ୍ୟ ୧୫: ସ୍ଥଳଭାଗ ଇକୋସିଷ୍ଟମର ନିରନ୍ତର ବ୍ୟବହାର ପାଇଁ ସୁରକ୍ଷା, ପୁନଃସ୍ଥାପନ ଓ ପ୍ରୋତ୍ସାହିତ କରିବା, ଜଙ୍ଗଲର ବ୍ୟବହାର, ମରୁଭୂମିରେ ପରିଣତ ହେବାକୁ ପ୍ରତିହତ କରିବା, ଭୂମି ଅବକ୍ଷୟ ରୋକିବା ଓ ପୁନଃସ୍ଥାପନ କରିବା ଏବଂ ଜୈବ ବିବିଧତା ଅବକ୍ଷୟକୁ ରୋକିବା**

ଯୋଜନା ୧୫.୧ ରୁ ୧୫.୪ ଏବଂ ୧୫.୯: ଜଙ୍ଗଲ ପୁନଃନବୀକରଣ କରିବା, ଭୂମି ଅବକ୍ଷୟ ଓ ମରୁଭୂମିରେ ପରିଣତ ହେବାକୁ ରୋକିବା, ପର୍ବତ ଇକୋସିଷ୍ଟମ ଓ ଏହାର ଜୈବ ବିବିଧତାକୁ ସଂରକ୍ଷଣ କରିବା, ଜାତୀୟ ଓ ସ୍ଥାନୀୟ ଯୋଜନାରେ ଇକୋସିଷ୍ଟମ ଓ ଜୈବ ବିବିଧତାକୁ ସାମିଲ କରିବା, ଦାରିଦ୍ର୍ୟ ହ୍ରାସ କରିବା କାର୍ଯ୍ୟକ୍ରମ, ନମନୀୟ ଭିତ୍ତିଭୂମି ନିର୍ମାଣ ଆଦି ସାମିଲ କରାଯାଇଛି। ଏହି ଯୋଜନାଗୁଡିକ ସେନଡାଇ ଫ୍ରେମ୍‌ଓ୍ୱର୍କର ପରିବେଶଗତ ଦିଗ ନେଇ କରାଯାଇଥିବା ଯୋଜନା ଓ ବିଶ୍ଳେଷଣକୁ ଦୃଷ୍ଟିରେ ରଖି ପ୍ରସ୍ତୁତ କରାଯାଇଛି।

ଯୋଗୁଁ ବହୁସଂଖ୍ୟକ ଧନଜୀବନ ହାନୀ ହୋଇପାରେ। ସରକାର ଏଭଳି ବଡ ବଡ ଦୁର୍ବିପାକ ଆଶଙ୍କାକୁ ହ୍ରାସ କରିବା ତଥା ଦୁର୍ବିପାକଜନିତ ଘଟଣା ପ୍ରତି ସତର୍କ ରହିବା ଆବଶ୍ୟକ।

ଚିତ୍ର ୩ରେ ପ୍ରାକୃତିକ ଦୁର୍ବିପାକ ଯୋଗୁଁ ଘଟୁଥିବା ବିପର୍ଯ୍ୟୟରେ ବିଶ୍ୱବ୍ୟାପୀ ହେଉଥିବା ଅର୍ଥନୈତିକ କ୍ଷତି ସମ୍ପର୍କରେ ଦର୍ଶାଯାଇଛି। ଏହି ଗ୍ରାଫ୍‌ଟି ସିଆର୍‌ଇଡି-ଇଏମ୍‌ଡିଏଟିର ତଥ୍ୟ ଅନୁସାରେ ପ୍ରସ୍ତୁତ କରାଯାଇଛି। ଚିତ୍ର ୩ ରେ ଦର୍ଶାଯାଇଛି ଯେ ବିଶ୍ୱବ୍ୟାପୀ ଅର୍ଥନୈତିକ କ୍ଷତି ବଢି ବଢି ଚାଲିଛି। ପ୍ରାକୃତିକ ଦୁର୍ବିପାକ ଘଟୁଥିବା ସ୍ଥାନଗୁଡିକରେ ଅଧିକ ପୁଞ୍ଜି ଓ ଅର୍ଥନୈତିକ କାରବାର ଘଟୁଥିବା ଜଣାଯାଏ। ଚିତ୍ର ୨ ବା ଜୀବନହାନୀ ଗ୍ରାଫ୍ ସହ ଏହାକୁ ତୁଳନା କଲେ ଜଣାଯାଏ ଯେ ଦୁର୍ବିପାକ ସମୟରେ ଜୀବନହାନୀ ରୋକିବାରେ ବିଶ୍ୱ ଉନ୍ନତି କରୁଥିବାବେଳେ ଅର୍ଥନୈତିକ କ୍ଷତି ଓ ଜୀବିକା ନଷ୍ଟ ହ୍ରାସ କରିବାରେ ସେତେଟା ସଫଳ ହୋଇନାହିଁ।

**ଦୁର୍ବିପାକ କ୍ଷୟକ୍ଷତି ପରିଚାଳନାର ଭବିଷ୍ୟତ:** ୨୦୦୫ରୁ ୨୦୧୫ ମସିହା ପର୍ଯ୍ୟନ୍ତ ଦୁର୍ବିପାକ କ୍ଷୟକ୍ଷତି ହ୍ରାସ କରିବା ପାଇଁ ନିଆଯାଇଥିବା ବିଶ୍ୱସ୍ତରୀୟ ପଦକ୍ଷେପ ହ୍ୟୋଗୋ ଫ୍ରେମ୍‌ୱର୍କ ଫର୍ ଆକ୍ସନ୍ ଦ୍ୱାରା ପରିଚାଳିତ ହେଉଥିଲା। ମାତ୍ର ୨୦୧୫ରେ ବିଶ୍ୱ ସମୁଦାୟ ଜାପାନ୍‌ର ସେନ୍‌ଡାଇଠାରେ ଦୁର୍ବିପାକ କ୍ଷୟକ୍ଷତି ହ୍ରାସ କରିବା ଉପରେ ଅନୁଷ୍ଠିତ ବିଶ୍ୱ ଆଲୋଚନାଚକ୍ରରେ ଏକାଠି ହୋଇ ୨୦୧୫-୨୦୩୦ ମସିହା ପାଇଁ ସେନ୍‌ଡାଇ ଫ୍ରେମ୍‌ୱର୍କ ଫର ଡିଜାଷ୍ଟର ରିସ୍କ ରିଡକ୍ସନ୍ (ଏସ୍‌ଏଫ୍‌ଡିଆରଆର୍) ଅନୁସାରେ କାର୍ଯ୍ୟ କରିବାକୁ ଏକମତ ହୋଇଛନ୍ତି। ସେନ୍‌ଡାଇ ଫ୍ରେମ୍‌ୱର୍କ ଫର୍ ଡିଜାଷ୍ଟର୍ ରିସ୍କ୍ ରିଡକ୍ସନ୍ କେତେକ ବିଶ୍ୱସ୍ତରୀୟ ଧାରା ଦ୍ୱାରା ସୂଚିତ ହୋଇଛି। ଏହି ଫ୍ରେମ୍‌ୱର୍କ ମୃତ୍ୟୁସଂଖ୍ୟା ହ୍ରାସ କରାଇବା, ଦୁର୍ବିପାକ ଦ୍ୱାରା ପ୍ରଭାବିତଙ୍କ ସଂଖ୍ୟା କମ୍ କରିବା, ଅର୍ଥନୈତିକ କ୍ଷତି ରୋକିବା ଏବଂ ଭିତ୍ତିଭୂମି କ୍ଷୟକ୍ଷତି ହ୍ରାସ କରିବା ଉପରେ ଗୁରୁତ୍ୱ ଦେଉଛି। ଏହା ବିଭିନ୍ନ ଯୋଜନା ଓ କୌଶଳ ଦ୍ୱାରା ଦୁର୍ବିପାକ କ୍ଷୟକ୍ଷତି ରୋକିବା, ଅନ୍ତର୍ଜାତୀୟ ସହଯୋଗ ଓ ପ୍ରାକ୍ ସୂଚନା ଉପରେ ମଧ୍ୟ ଗୁରୁତ୍ୱ ଦେବାକୁ ଲକ୍ଷ୍ୟଧାର୍ଯ୍ୟ କରିଛି।

ସେନ୍‌ଡାଇ ଫ୍ରେମ୍‌ୱର୍କ ଫର୍ ଡିଜାଷ୍ଟର୍ ରିସ୍କ୍ ରିଡକ୍ସନ୍ ସହ ୨୦୧୫ ମସିହାରେ ଗ୍ରହଣ କରାଯାଇଥିବା ଅନ୍ୟ ଅନ୍ତର୍ଜାତୀୟ ପଲିସି ଫ୍ରେମ୍‌ୱର୍କ ମଧ୍ୟ ଦୁର୍ବିପାକ କ୍ଷୟକ୍ଷତି ହ୍ରାସ କରିବା ଉପରେ ଗୁରୁତ୍ୱ ଦେଉଛି। ୧୭ଟି ନିରନ୍ତର ବିକାଶ ଲକ୍ଷ୍ୟ ମଧ୍ୟରୁ ୧୦ଟିରେ ଦୁର୍ବିପାକ କ୍ଷୟକ୍ଷତି ପରିଚାଳନା ନେଇ ଲକ୍ଷ୍ୟଧାର୍ଯ୍ୟ କରାଯାଇଛି। ନିରନ୍ତର ବିକାଶ ଲକ୍ଷ୍ୟରେ ସାମିଲ୍ କରାଯାଇଥିବା ଦୁର୍ବିପାକ କ୍ଷୟକ୍ଷତି ହ୍ରାସ କରିବା ନେଇ ଅନ୍ତର୍ଭୁକ୍ତ କରାଯାଇଥିବା ବିଭିନ୍ନ ଯୋଜନା ସମ୍ପର୍କରେ ବିଶେଷ ବିବରଣୀ ବକ୍ସ ୧ ରେ ଦିଆଗଲା। ଏଥିରୁ ଏହା ସ୍ପଷ୍ଟ ଯେ ଅନ୍ତର୍ଜାତୀୟ ପଲିସି କ୍ଷେତ୍ରରେ ଦୁର୍ବିପାକ କ୍ଷୟକ୍ଷତି ହ୍ରାସ କରିବା ବିପଦ ପରିଚାଳନା ଯୋଜନାର ଏକ ପ୍ରମୁଖ ବିକାଶିତ ରଣନୀତି ଭାବେ ପରିଗଣିତ ହେଉଛି। ଆମେ ବର୍ତ୍ତମାନ ବିପର୍ଯ୍ୟୟ ପରିଚାଳନା ପରିବର୍ତ୍ତେ ବିପର୍ଯ୍ୟୟ ଆଶଙ୍କା ପରିଚାଳନା ଉପରେ ଗୁରୁତ୍ୱ ଦେବା ଆବଶ୍ୟକ। ଆମେ ଏଭଳି ବିକାଶମୂଳକ କାର୍ଯ୍ୟକ୍ରମ ହାତକୁ ନେବା ଆବଶ୍ୟକ ଯାହାଦ୍ୱାରା ଦୁର୍ବିପାକ ଆଶଙ୍କା ହ୍ରାସ କରଯାଇପାରିବ।

ଲେଖକ ଜାତୀୟ ବିପର୍ଯ୍ୟୟ ପରିଚାଳନା ସଂସ୍ଥାର ଜଣେ ସଦସ୍ୟ।

## ପ୍ରାକୃତିକ ବାଷ୍ପର ବ୍ୟବହାର ବୃଦ୍ଧି ଉପରେ ପେଟ୍ରୋଲିୟମ୍ ମନ୍ତ୍ରୀଙ୍କ ଗୁରୁତ୍ୱ

ଆନ୍ତରାଷ୍ଟ୍ରୀୟ ହାର ତୁଳନାରେ ଭାରତର ପ୍ରାଥମିକ ଶକ୍ତି ବାସ୍କେଟ୍‌ରେ ଗ୍ୟାସ୍‌ର ଅନୁପାତ ପାଖାପାଖି ୬.୫ ପ୍ରତିଶତ ଏବଂ ପ୍ରାଥମିକ ଶକ୍ତି ବାସ୍କେଟ୍‌ରେ ଗ୍ୟାସର ବର୍ତ୍ତମାନର ଏହି ସ୍ତରକୁ ୧୫ ପ୍ରତିଶତ ପର୍ଯ୍ୟନ୍ତ ବୃଦ୍ଧି କରିବାର ଲକ୍ଷ୍ୟ ରଖାଯାଇଛି ବୋଲି କେନ୍ଦ୍ର ପେଟ୍ରୋଲିୟମ୍ ଏବଂ ପ୍ରାକୃତିକ ବାଷ୍ପ ମନ୍ତ୍ରୀ ଶ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଛନ୍ତି। ଗତ ଡିସେମ୍ବର ୬ ତାରିଖ ଦିନ ନୂଆଦିଲ୍ଲୀଠାରେ ପଞ୍ଚମ ଆଇ.ଇ.ଏଫ୍-ଆଇ.ଜି.ୟୁର ତିନି ଦିବସୀୟ ପେଟ୍ରୋଟେକ୍-୨୦୧୬ର ସମାନ୍ତରାଳ କାର୍ଯ୍ୟକ୍ରମ ଭାବେ ମନ୍ତ୍ରୀସ୍ତରୀୟ ଫୋରମ୍‌କୁ ଉଦ୍‌ଘାଟନ କରି ଶ୍ରୀ ପ୍ରଧାନ ଏହା କହିଛନ୍ତି। ମନ୍ତ୍ରୀ ଶ୍ରୀ ପ୍ରଧାନ କହିଥିଲେ ଯେ, ଏହି ବୈଠକର ବିଷୟବସ୍ତୁ "ବିକାଶପାଇଁ ଗ୍ୟାସ୍ : ଆର୍ଥିକ ସମୃଦ୍ଧି ଏବଂ ଜୀବନ ସ୍ତରରେ ସଂସ୍କାର" ରଖାଯାଇଛି। ଭାରତରେ ଏ ଦିଗରେ ଅନେକଗୁଡ଼ିଏ ପଦକ୍ଷେପ ନିଆଯାଇଛି। ସେ କହିଥିଲେ ଯେ, ଆଗାମୀ ଦିନରେ ପ୍ରାକୃତିକ ବାଷ୍ପ ବ୍ୟବହାର ପାଖାପାଖି ୫୦ ବି.ଏମ୍.ସି.ରୁ ୨୦୦ ବି.ଏମ୍.ସି.ରୁ ଅଧିକ ବୃଦ୍ଧି ହେବ। ଗ୍ୟାସ୍ ଆଧାରିତ ଅର୍ଥ ବ୍ୟବସ୍ଥାପାଇଁ ଘରୋଇ ଉତ୍ପାଦନ ସହ ଆମଦାନୀ, ପର୍ଯ୍ୟାପ୍ତ ପୁଞ୍ଜି ନିବେଶ, ଏଲ୍.ଏନ୍.ଜି. ଆମଦାନୀ ଟର୍ମିନାଲ୍ ଏବଂ ସହରଗୁଡ଼ିକରେ ଗ୍ୟାସ୍ ବିତରଣର ଆନୁଷଙ୍ଗିକ ବ୍ୟବସ୍ଥା ତଥା ଅନୁଦାନ ଭାବେ ଆର୍ଥିକ ସହାୟତା ଜରିଆରେ ପ୍ରାକୃତିକ ବାଷ୍ପର ପର୍ଯ୍ୟାପ୍ତ ଆବଶ୍ୟକତା ରହିଛି। ଶ୍ରୀ ପ୍ରଧାନ ଏହି କ୍ଷେତ୍ରରେ ସରକାରଙ୍କଦ୍ୱାରା ନିଆଯାଇଥିବା ପଦକ୍ଷେପଗୁଡ଼ିକ ଉପରେ ଆଲୋକପାତ କରିଥିଲେ। ସେ କହିଥିଲେ ଯେ, ଶକ୍ତି ବାସ୍କେଟ୍‌ରେ ପ୍ରାକୃତିକ ବାଷ୍ପର ୧୫ ପ୍ରତିଶତ ଭାଗିଦାରୀ ଆମ ଅର୍ଥବ୍ୟବସ୍ଥାରେ ଆନୁଷଙ୍ଗିକ ଆବଶ୍ୟକତାକୁ ପୂରା କରିବାପାଇଁ ଏହାର ଅନୁରୂପ ଭିତ୍ତିଭୂମିର ଆବଶ୍ୟକତା ହେବ ଏବଂ ସରକାର ଏଥିପାଇଁ ସମ୍ପୂର୍ଣ୍ଣ ଭାବେ ପ୍ରସ୍ତୁତ ଅଛନ୍ତି।

# ବିପର୍ଯ୍ୟୟ ପରିଚାଳନାରେ ଗଣମାଧ୍ୟମ ଉପଯୋଗ

ଡକ୍ଟର ପ୍ରଦୀପ ମହାପାତ୍ର

ମାନବ ସଭ୍ୟତାରେ ବିପର୍ଯ୍ୟୟ ପରିଚାଳନାଗତ ଦକ୍ଷତା ସମୟକ୍ରମେ ଅଧିକରୁଅଧିକ ଫଳପ୍ରସୂ ହୋଇଚାଲି ଥିବାବେଳେ ଏଭଳି ପ୍ରକ୍ରିୟା ବିନ୍ୟାସରେ ଗଣମାଧ୍ୟମ ଉପଯୋଗ କ୍ରମଶଃ ପ୍ରଭାବଶାଳୀ ହୋଇ ଚାଲିଥିବା ଲକ୍ଷ୍ୟ କରାଯାଇପାରେ । ଗୋଷ୍ଠୀଗତ ଜୀବନର ପରିପ୍ରକାଶ ମାନବ ସଭ୍ୟତା ଉନ୍ମେଷର ମୂଳଉତ୍ସ । ବିପର୍ଯ୍ୟୟ ମୁକାବିଲା ନିମନ୍ତେ ମୂଳରୁ ଯୋଗାଯୋଗକୁ ହିଁ ମୁଖ୍ୟ ଆୟୁଧରୂପେ ଚିହ୍ନଟ କରାଯାଇଥିବା ଅନୁମାନ କରାଯାଇପାରେ । ଉଦାହରଣରେ ମନୁଷ୍ୟ ଯେତେବେଳେ ହିଂସ୍ର ଜନ୍ତୁ ଆକ୍ରମଣର ସୂଚନା ପାଉଥିଲା ସଙ୍ଗେ ସଙ୍ଗେ ସଖା-ସହୋଦରଙ୍କୁ ସତର୍କ କରାଇଦେବା ନିମନ୍ତେ ଉଦ୍ୟମ କରୁଥିଲା । ଭାଷାର ଅଭାବରେ ଚିତ୍କାର କିମ୍ବା ଭାବଭଙ୍ଗୀ ଏଭଳି ପରିସ୍ଥିତିରେ ଯୋଗାଯୋଗର ମାଧ୍ୟମ ପାଲଟୁଥିଲା । ଦୀର୍ଘ କାଳଧରି ବିପର୍ଯ୍ୟୟ ପରିଚାଳନା ତଥା ସେଥିରେ ଯୋଗାଯୋଗର ଭୂମିକା ପ୍ରାୟତଃ ଅବହେଳିତ ଅବସ୍ଥାରେ ପଡିରହିଥିଲା। ଅଷ୍ଟାଦଶ ଶତାବ୍ଦୀରେ ଶିଳ୍ପବିପ୍ଳବ ପରବର୍ତ୍ତୀ ସମୟରେ ବିପର୍ଯ୍ୟୟ ପରିଚାଳନାଲାଗି ଯାନ୍ତ୍ରିକ କଳାକୌଶଳ ଉଦ୍ଭାବନ ସାଙ୍ଗକୁ ଯୋଗାଯୋଗ ମାଧ୍ୟମରେ ବିବିଧ ବିକାଶ ଏକ ଯୁଗାନ୍ତକାରୀ ପରିବର୍ତ୍ତନ ସୂତ୍ରପାତରେ ସହାୟତା କରିଥିଲା । ଏକବିଂଶ ଶତାବ୍ଦୀର ଦ୍ୱିତୀୟ ଦଶକ ବେଳକୁ ବିପର୍ଯ୍ୟୟ ଉପଶମ ଲାଗି ବହୁମୁଖୀ ସୁବିଧାସୁଯୋଗ ଉପଲବ୍ଧ ଥିବାବେଳେ ଅତି ଉନ୍ନତ ଯୋଗାଯୋଗ ମାଧ୍ୟମ ଉପଯୋଗ ଲାଗି ପ୍ରଶସ୍ତ କ୍ଷେତ୍ର ସୃଷ୍ଟି ହୋଇଛି । ଫଳତଃ ବିପର୍ଯ୍ୟୟ ଗୁଡ଼ିକରେ ଧନଜୀବନ କ୍ଷୟକ୍ଷତିରେ ସଙ୍କୋଚନ ସମ୍ଭବପର ହୋଇପାରୁଛି।

ଉଭୟ ପ୍ରାକୃତିକ ଓ ମନୁଷ୍ୟକୃତ ବିପର୍ଯ୍ୟୟ ପରିଚାଳନାଗତ ସଫଳତା ଲାଗି ବୈଷୟିକ ଦକ୍ଷତା ହିଁ ମୁଖ୍ୟ ଭୂମିକା ଗ୍ରହଣ କରିଥାଏ । ଗଣମାଧ୍ୟମର ଉପଯୋଗ ଗୌଣ ମାତ୍ର। ଉଦାହରଣ ସ୍ୱରୂପ ପ୍ରାକୃତିକ ବାତ୍ୟା ବା ଭୂମିକମ୍ପର ପୂର୍ବାନୁମାନ ସମ୍ଭବପର ହୋଇପାରିଲେ ହିଁ ଗଣମାଧ୍ୟମ ଉପଯୋଗରେ ସେହି ତଥ୍ୟ ଜନସାଧାରଣଙ୍କ ନିକଟରେ ପହଞ୍ଚାଇ ଦିଆଯାଇପାରେ । ସେହିପରି ମନୁଷ୍ୟକୃତ ବିପର୍ଯ୍ୟୟ ଅଗ୍ନିକାଣ୍ଡ କ୍ଷେତ୍ରରେ ଘଟଣା ସମ୍ପର୍କରେ ସମସ୍ତଙ୍କୁ ତୁରନ୍ତ ଅବଗତ କରାଇଦିଆଯାଇ ପାରିଲେ ମଧ୍ୟ ଅଗ୍ନିପାତକୁ ମୁକାବିଲା କରିବାଲାଗି ସାଜସରଞ୍ଜାମ ଓ କୁଶଳୀ ଶ୍ରମିକଙ୍କ ଅଭାବରେ ପ୍ରଶମନ ସମ୍ଭବପର ହୋଇପାରିନଥାଏ ।

ଏହି ପରିପ୍ରେକ୍ଷୀରେ ନିକଟ ଅତୀତରେ ଆମ ଓଡ଼ିଶାରେ ବିପର୍ଯ୍ୟୟ ପରିଚାଳନା କ୍ଷେତ୍ରରେ ଦକ୍ଷତା ଓ ଗଣମାଧ୍ୟମ ଉପଯୋଗ ପ୍ରସଙ୍ଗ ବିଚାରକୁ ନିଆଯାଇପାରେ ।

**ଓଡ଼ିଶାରେ ବିପର୍ଯ୍ୟୟ ପରିଚାଳନା ଓ ସେଥିରେ ଗଣମାଧ୍ୟମ ଉପଯୋଗ ସମ୍ପର୍କରେ ଆଲୋଚନା କଲାବେଳେ ୧୮୬୫-୬୬ ମସିହାରେ ସଂଘଟିତ ନଅଙ୍କ ଦୁର୍ଭିକ୍ଷର ଉଦାହରଣ ବିଚାର ପରିସରକୁ ଆସିଥାଏ । ୧୮୬୫ରେ ବ୍ରିଟିଶ ଶାସନାଧୀନ ପ୍ରାକୃତିକ ଓଡ଼ିଶାରେ ଅନାବୃଷ୍ଟି ଦେଖା ଦେଇଥିଲା । ଅକ୍ଟୋବର ମାସ ସୁଦ୍ଧା ବର୍ଷା ନହେବାରୁ କ୍ରମଶଃ ଧାନ, ଚାଉଳ କାରବାର ବନ୍ଦ ହୋଇଯାଇଥିଲା । ବଜାରରେ ଏହି ପରିସ୍ଥିତି ଉପୁଜିଥିବାବେଳେ ଦୁର୍ଭିକ୍ଷର ମୁକାବିଲା କରିବା ପାଇଁ ସରକାର ପ୍ରସ୍ତୁତ ହେବା ବଦଳରେ ସେ ସମୟର ଓଡ଼ିଶାର କମିଶନର ରେଭେନ୍ସା ଓଡ଼ିଶାରେ ଦୁର୍ଭିକ୍ଷର କୌଣସି ଆଭାସ ନାହିଁ ବୋଲି ଉପରିସ୍ଥ ବଙ୍ଗ ସରକାରଙ୍କ ଜଣାଇଦେଇ ଚୁପ୍‌ଚାପ ବସିପଡିଥିଲେ ।**

୧୯୯୯ ମସିହା ଅକ୍ଟୋବର ମାସରେ ଦକ୍ଷିଣ ଓଡ଼ିଶା ଓ ଉତ୍ତର ଓଡ଼ିଶାରେ ସଂଘଟିତ ଦୁଇଗୋଟି ମହାବାତ୍ୟା ଅବସରରେ ପାଣିପାଗ ପୂର୍ବାନୁମାନ ଦିଗରେ ଆମେ ପଛୁଆ ରହିଥିଲେ । ଦକ୍ଷିଣ ଓଡ଼ିଶାରେ ମହାବାତ୍ୟା ପହଞ୍ଚିବାର ମାତ୍ର କିଛି ଘଣ୍ଟା ପୂର୍ବରୁ ପାଣିପାଗ ସୂଚନା ମିଳିଥିଲା । ଫଳରେ କୌଣସି ପୂର୍ବ-ପ୍ରସ୍ତୁତି ସମ୍ଭବପର ହୋଇପାରିନଥିଲା । କିନ୍ତୁ ୨୦୧୨ ମସିହା ଅକ୍ଟୋବର ମାସରେ ଅନ୍ୟଏକ ମହାବାତ୍ୟା ଫାଇଲିନ୍ ସମ୍ପର୍କରେ ସପ୍ତାହକ ପୂର୍ବରୁ ପାଣିପାଗ ସୂଚନା ମିଳିପାରିଥିଲା । ପାଣିପାଗ ପୂର୍ବାନୁମାନ କ୍ଷେତ୍ରରେ ବୈଷୟିକ ଉନ୍ନୟନ ଲାଗି ତତ୍‌ପୂର୍ବ ପଞ୍ଚବାର୍ଷିକ ଯୋଜନା କାଳରେ ପ୍ରାୟ ତିନିଶହ କୋଟି ଟଙ୍କା ବିନିଯୋଗ ଫଳରେ ଅତ୍ୟାଧୁନିକ ବୈଜ୍ଞାନିକ ଉପକରଣମାନ ସଂଯୋଜନା ଓ କାର୍ଯ୍ୟକାରିତା ହେତୁ ସୁଦୂର ଥାଇଲ୍ୟାଣ୍ଡରେ ଭାରତ ମହାସାଗରରେ ସୃଷ୍ଟ ଘୂର୍ଣ୍ଣିଝଡ଼ର ଗତିବିଧିର ଧାରା ବିବରଣୀ ସଂଗୃହୀତ ହୋଇପାରିବା ଫଳରେ ହିଁ ତାହା ଗଣମାଧ୍ୟମ ଉପଯୋଗରେ ପ୍ରସାରିତ ହୋଇପାରିଥିଲା । ସେହିପରି ୧୯୯୯ ମହାବାତ୍ୟା ବେଳକୁ ବିପର୍ଯ୍ୟୟ ମୁକାବିଲା ନିମନ୍ତେ ସରକାରୀସ୍ତରରେ ବ୍ୟାପକ ବନ୍ଦୋବସ୍ତ ନଥିବା ସ୍ଥଳେ ୨୦୧୨ ଫାଇଲିନ୍ ବେଳକୁ ପ୍ରଶାସନିକ ପ୍ରସ୍ତୁତି ମହାବାତ୍ୟା ମୁକାବିଲା ଲାଗି ସହାୟକ ହୋଇଥିଲା । ୧୯୯୯ ମହାବାତ୍ୟାରେ ଦଶହଜାର ପ୍ରାଣହାନୀ ହୋଇଥିବାବେଳେ ୨୦୧୨ ଫାଇଲିନ୍ ମହାବାତ୍ୟାରେ ମାତ୍ର ୧୫ ଗୋଟି ପ୍ରାଣହାନୀ ଘଟିଥିଲା । ୧୯୯୯ ଓ ୨୦୧୨ ମସିହାର ତୁଳନାତ୍ମକ ଗଣମାଧ୍ୟମ ସ୍ଥିତି ସମ୍ପର୍କରେ ବିଚାର କଲାବେଳେ ବିଶେଷ କିଛି ତଫାତ ପାଇହୁଏନା । ୧୯୯୯ ବେଳକୁ ଓଡ଼ିଶାରେ ସମ୍ବାଦପତ୍ର, ରେଡ଼ିଓ ଓ ଟେଲିଭିଜନ ସାଙ୍ଗକୁ ଇଣ୍ଟରନେଟର ଉପସ୍ଥିତି ରହିଥିଲା । କିନ୍ତୁ ପୂର୍ବାନୁମାନ ଅଭାବରୁ ତାହା ସମ୍ଭାବ୍ୟ ଉପଦ୍ରୁତ ଅଞ୍ଚଳର ଜନସାଧାରଣଙ୍କ ମଧ୍ୟରେ ପ୍ରସାରିତ ହୋଇପାରିନଥିଲା । ୨୦୧୨ ବେଳକୁ ଓଡ଼ିଶାରେ ସମ୍ବାଦପତ୍ର, ରେଡ଼ିଓ ଓ ଟେଲିଭିଜନ ସାଙ୍ଗକୁ ଇଣ୍ଟରନେଟର ଉପସ୍ଥିତି ସାମାନ୍ୟ ବଢ଼ିଥିଲେ ହେଁ ସପ୍ତାହ ପୂର୍ବରୁ ପୂର୍ବାନୁମାନ, ସରକାରୀସ୍ତରରେ ନୀତି ନିର୍ଦ୍ଧାରଣ ଓ ସମ୍ବଳ ସୃଷ୍ଟି ସମ୍ଭାବ୍ୟ ଉପଦ୍ରୁତ ଅଞ୍ଚଳରୁ ବ୍ୟାପକ ଧନଜୀବନ ଅପସାରଣ ସଙ୍ଗେ ପୂର୍ବପ୍ରସ୍ତୁତି ଫାଇଲିନ୍‌ର ସଫଳ ମୁକାବିଲା ଲାଗି ଅନୁକୂଳ ପରିବେଶ ସୃଷ୍ଟିରେ ସମର୍ଥ ହୋଇପାରିଥିଲା ।

ଓଡ଼ିଶାରେ ବିପର୍ଯ୍ୟୟ ପରିଚାଳନା ଓ ସେଥିରେ ଗଣମାଧ୍ୟମ ଉପଯୋଗ ସମ୍ପର୍କରେ ଆଲୋଚନା କଲାବେଳେ ୧୮୬୫-୬୬ ମସିହାରେ ସଂଘଟିତ ନଅଙ୍କ ଦୁର୍ଭିକ୍ଷର ଉଦାହରଣ ବିଚାର ପରିସରକୁ ଆସିଥାଏ । ୧୮୬୫ରେ ବ୍ରିଟିଶ ଶାସନାଧୀନ ପ୍ରାକୃତିକ ଓଡ଼ିଶାରେ ଅନାବୃଷ୍ଟି ଦେଖା ଦେଇଥିଲା । ଅକ୍ଟୋବର ମାସ ସୁଦ୍ଧା ବର୍ଷା ନହେବାରୁ କ୍ରମଶଃ ଧାନ, ଚାଉଳ କାରବାର ବନ୍ଦ ହୋଇଯାଇ ଥିଲା । ବଜାରରେ ଏହି ପରିସ୍ଥିତି ଉପୁଜିଥିବାବେଳେ ଦୁର୍ଭିକ୍ଷର ମୁକାବିଲା କରିବା ପାଇଁ ସରକାର ପ୍ରସ୍ତୁତ ହେବା ବଦଳରେ ସେ ସମୟର ଓଡ଼ିଶାର କମିଶନର ରେଭେନ୍ସା ଓଡ଼ିଶାରେ ଦୁର୍ଭିକ୍ଷର କୌଣସି ଆଭାସ ନାହିଁ ବୋଲି ଉପରିସ୍ଥ ବଙ୍ଗସରକାରଙ୍କୁ ଜଣାଇଦେଇ ଚୁପ୍‌ଚାପ ବସିପଡିଥିଲେ । ୧୮୬୫ ଅକ୍ଟୋବରରୁ ୧୮୬୬ ମେ ମାସ ପର୍ଯ୍ୟନ୍ତ ଓଡ଼ିଶାର ଦୁର୍ଭିକ୍ଷଜନିତ ପରିସ୍ଥିତି ଇଂଲିଶ ସମ୍ବାଦପତ୍ର ଦି ଷ୍ଟେଟସମ୍ୟାନ୍‌ରେ ପ୍ରକାଶିତ ହେବାପରେ ସରକାରଙ୍କ ପକ୍ଷରୁ ତତ୍ପରତା ପ୍ରକାଶ ପାଇଥିଲା । ତେବେ ରାଜ୍ୟ ବାହାରୁ ଚାଉଳ ଆମଦାନୀ ପାଇଁ ବନ୍ଦୋବସ୍ତ ହେବାବେଳେ ବର୍ଷାଋତୁ ଚାଲି ଆସିଥିଲା । ଏକପକ୍ଷରେ ବନ୍ୟା ଓ ଅପରପକ୍ଷରେ ଗମନାଗମନ ପଥର ଅଭାବ ହେତୁ ଆମଦାନୀ କାର୍ଯ୍ୟ ସମ୍ଭବପର ହୋଇପାରିନଥିଲା । ମେ' ମାସ ଶେଷ ଭାଗରୁ ଅକ୍ଟୋବର ମାସ ପର୍ଯ୍ୟନ୍ତ ଦୁର୍ଭିକ୍ଷହେତୁ ଓଡ଼ିଶାର ଏକ ଚତୁର୍ଥାଂଶ ଲୋକଙ୍କ ଜୀବନହାନୀ ଘଟିଥିଲା । ସେତେବେଳ ପର୍ଯ୍ୟନ୍ତ ଓଡ଼ିଶାରେ ଆଧୁନିକ ଗଣମାଧ୍ୟମର ପ୍ରାଥମିକ ସ୍ତର ମୁଦ୍ରିତ ସମ୍ବାଦପତ୍ର ପ୍ରକାଶିତ ହୋଇପାରି ନଥିଲା । ତେଣୁ ଅନାବୃଷ୍ଟି ଓ ତତ୍‌ଜନିତ ଦୁର୍ଭିକ୍ଷ ସମ୍ପର୍କିତ ଚିତ୍ର ସମାଜରେ ଉଦ୍‌ଭାସିତ ହେବାର ଅବକାଶ ସୃଷ୍ଟି ହୋଇପାରିନଥିଲା । ୧୮୬୬ ମସିହା ଅଗଷ୍ଟ ମାସରେ ସାପ୍ତାହିକ ଓଡ଼ିଆ ସମ୍ବାଦପତ୍ର ଉତ୍କଳ ଦୀପିକାର ଆବିର୍ଭାବ ଘଟିଥିଲା । ପ୍ରକାଶନ ମୂଳରୁ ଦୁର୍ଭିକ୍ଷର କ୍ଷୟକ୍ଷତି ସମ୍ପର୍କରେ ଏହି ସମ୍ବାଦ ପତ୍ରରେ ଅନବରତ ସମ୍ବାଦ ପ୍ରକାଶନ କରାଯାଇଥିଲା । ଆଲୋଚକମାନଙ୍କ ମତରେ ଅନ୍ତତଃ ୮ମାସ ପୂର୍ବରୁ ଏହି ସମ୍ବାଦପତ୍ର ଜନ୍ମଲାଭ କରିଥିଲେ ଦୁର୍ଭିକ୍ଷ ପ୍ରଶମନରେ ବହୁତ କାମ କରିପାରିଥାଆନ୍ତା । ବିକଶିତ ଗଣମାଧ୍ୟମ ବ୍ୟବସ୍ଥା ଅଭାବରେ ଅନାବୃଷ୍ଟି ଭଳି ଏକ ପ୍ରାକୃତିକ ବିପର୍ଯ୍ୟୟ କିପରି ଦୁର୍ଭିକ୍ଷ ଭଳି ଏକ ମନୁଷ୍ୟକୃତ ବିପର୍ଯ୍ୟୟରେ ପରିଣତ

ହୋଇପାରେ ତାହା ନଅଙ୍କ ଦୁର୍ଭିକ୍ଷର ଇତିହାସ ଅଧ୍ୟୟନରୁ ଜାଣିବାକୁ ମିଳେ।

ଭାରତରେ ପ୍ରାକୃତିକ ବିପର୍ଯ୍ୟୟର ପ୍ରାବଲ୍ୟ ଦେଖିବାକୁ ମିଳିଥାଏ । ଏଠାକାର ୫୭% ସ୍ଥଳଭାଗ ଭୂମିକମ୍ପ, ୮% ବାତ୍ୟା, ୬୮% ଅନାବୃଷ୍ଟି ଓ ୧୨% ବନ୍ୟା ପ୍ରପୀଡିତ ଅଞ୍ଚଳ ରୂପେ ପରିଚିତ । ଓଡ଼ିଶାରେ ମହାବାତ୍ୟା ଅନ୍ୟତମ ମୁଖ୍ୟ ପ୍ରାକୃତିକ ବିପର୍ଯ୍ୟୟ। ୨୨୨ ଘଣ୍ଟା ପ୍ରତି କିଲୋମିଟର ବେଗରେ ବାୟୁପ୍ରବାହକୁ ମହାବାତ୍ୟାର ଆଖ୍ୟା ଦିଆଯାଇଥାଏ । ଉପକୂଳ ଓଡ଼ିଶାରେ ଏହାର ପ୍ରାଦୁର୍ଭାବ ଲଗାତରଭାବେ ଧନଜୀବନ ନଷ୍ଟର କାରଣ ପାଲଟିଯାଏ । ନିକଟ ଅତୀତରେ ୨୦୧୩ର ଫାଇଲିନ ଓ ୧୯୯୯ର ମହାବାତ୍ୟା ପୂର୍ବରୁ ୧୯୯୬, ୧୯୯୦, ୧୯୭୭, ୧୯୭୧, ୧୯୬୭, ୧୯୪୨, ୧୮୮୫, ୧୮୬୪, ୧୮୩୧ ଓ ୧୭୩୭ ମସିହାରେ ମହାବାତ୍ୟାମାନ ଓଡ଼ିଶାରେ ଧନଜୀବନ ଧ୍ୱସ୍ତବିଧ୍ୱସ୍ତ କରିଦେଇଥିବା ତଥ୍ୟ ମିଳିଥାଏ । ମହାବାତ୍ୟା ଭଳି ପ୍ରାକୃତିକ ବିପର୍ଯ୍ୟୟ ପରିଚାଳନା କ୍ଷେତ୍ରରେ କ୍ରମୋନ୍ନତି ଅଧ୍ୟୟନ ବିପର୍ଯ୍ୟୟ ପରିଚାଳନାଗତ ଦକ୍ଷତା ସମ୍ପର୍କିତ ମାନକ ନିର୍ଦ୍ଧାରଣ କରିଥାଏ ।

ବିପର୍ଯ୍ୟୟ ପରିଚାଳନାରେ ଚାରିଗୋଟି ସୋପାନ ଚିହ୍ନଟ କରାଯାଇଥାଏ । ଯଥା- ବିପର୍ଯ୍ୟୟ ପ୍ରଶମନ, ପୂର୍ବପ୍ରସ୍ତୁତି, ମୁକାବିଲା ଓ ପୁନରୁଦ୍ଧାର । ପ୍ରତ୍ୟେକଟି ପର୍ଯ୍ୟାୟରେ ସୂଚନା ଆଦାନପ୍ରଦାନ ବା ଯୋଗାଯୋଗର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଥାଏ ।

ବିପର୍ଯ୍ୟୟ ପରିଚାଳନାରେ ପ୍ରଶମନ ପ୍ରାଥମିକ ପଦକ୍ଷେପ । ପ୍ରାକୃତିକ ବିପର୍ଯ୍ୟୟ ପରିଚାଳନା ନିମନ୍ତେ ଚିଠା ନୀତି ନିୟମ ପ୍ରଣୟନ, ସାମ୍ଭାବ୍ୟ କ୍ଷୟକ୍ଷତି ଆକଳନ, ପ୍ରତିଷେଧମୂଳକ ସ୍ୱାସ୍ଥ୍ୟସେବା ଇତ୍ୟାଦି ସରକାରୀସ୍ତରରେ ପ୍ରଯୋଜନା କରାଯାଇଥାଏ । ଏହି ପର୍ଯ୍ୟାୟରେ ଗଣଶିକ୍ଷା ଓ ସୂଚନା ପ୍ରଦାନ ନିମନ୍ତେ ଗଣମାଧ୍ୟମ ଉପଯୋଗ ହୋଇଥାଏ । ଚିଠା ନୀତିନିୟମ ପ୍ରଣୟନ ପରେ ସର୍ବସାଧାରଣରେ ପ୍ରଚାର ଫଳରେ ହିଁ ସେ ସମ୍ପର୍କରେ ଜନସଚେତନତା ସୃଷ୍ଟିର ପଥ ଉନ୍ମୁକ୍ତ ହୋଇଥାଏ । ପ୍ରାକୃତିକ ବିପର୍ଯ୍ୟୟଜନିତ ସ୍ୱାସ୍ଥ୍ୟ ସମସ୍ୟା ସମ୍ପର୍କରେ ମଧ୍ୟ ଆଗୁଆ ସୂଚନା ଜନସାଧାରଣଙ୍କୁ ପ୍ରତିଷେଧମୂଳକ ପଦକ୍ଷେପ ଗ୍ରହଣ କରିବା ପାଇଁ ପ୍ରୋତ୍ସାହିତ କରିଥାଏ । ସେହପରି ସମ୍ଭାବ୍ୟ କ୍ଷୟକ୍ଷତିର ଆଗୁଆ ଆକଳନ ସମାଜର ବିଭିନ୍ନ ସ୍ତରରେ ପ୍ରତିରୋଧ ରଣନୀତି ସୃଷ୍ଟିରେ ସହାୟକ ହୋଇଥାଏ ।

ଦ୍ୱିତୀୟତଃ ଜରୁରୀକାଳୀନ ପରିସ୍ଥିତିର ମୁକାବିଲା କରିବା ନିମନ୍ତେ ପୂର୍ବପ୍ରସ୍ତୁତିକୁ ପ୍ରାଧାନ୍ୟ ଦିଆଯାଇଥାଏ। କୌଣସି ବିପଦକୁ ସାମ୍ନା କିରବା ନିମନ୍ତେ ସୁବିସ୍ତୃତ ରୂପରେଖ ପ୍ରସ୍ତୁତି, ଆବଶ୍ୟକସ୍ଥଳେ ତାଲିମ ଓ ଅଭ୍ୟାସ, ବିପଦ ସୂଚନା ଓ ଜରୁରୀ ଚେତାବନୀ ବ୍ୟବସ୍ଥା, ଜନଧନ ଅପସାରଣ, ସହାୟତା ତାଲିକା ପ୍ରସ୍ତୁତି ଓ ବିଭିନ୍ନ ସହାୟକ ସଂସ୍ଥାମାନଙ୍କ ମଧ୍ୟରେ ସମନ୍ୱୟ ସ୍ଥାପନ ବିପର୍ଯ୍ୟୟ ପୂର୍ବପ୍ରସ୍ତୁତିର ଅଂଶବିଶେଷ । ଏହି ସମସ୍ତ କ୍ଷେତ୍ରରେ ସମାଜର ବିଭିନ୍ନ ବର୍ଗର ପ୍ରତିନିଧି ସାମିଲ ହେଉଥିବା ତଥା ସମଗ୍ର ଜନସାଧାରଣଙ୍କ ନିମନ୍ତେ ପ୍ରଯୁଜ୍ୟ ଥିବା ହେତୁ ଗଣମାଧ୍ୟମ ଉପଯୋଗରେ ସମସ୍ତ ପ୍ରସ୍ତୁତିର ବିସ୍ତୃତ ବିବରଣୀ ପ୍ରସାରଣ ଆବଶ୍ୟକ କରିଥାଏ।

ତୃତୀୟତଃ ବିପର୍ଯ୍ୟୟ ମୁକାବିଲା ଅବସରରେ ବିପର୍ଯ୍ୟୟ ଇଲାକାରେ ତୁରନ୍ତ ସାହାଯ୍ୟ ଯୋଗାଇଦେବା, ପ୍ରାଥମିକ ସ୍ୱାସ୍ଥ୍ୟସେବା ବ୍ୟବସ୍ଥା କରିବା ତଥା ବିପର୍ଯ୍ୟୟ କ୍ଷୟକ୍ଷତି ସମ୍ପର୍କରେ ପ୍ରତିବେଶୀଙ୍କୁ ଅବଗତ କରାଇ ସାହାଯ୍ୟ ଓ ସହଯୋଗ ନିୟନ୍ତ୍ରଣ କରିବାରେ ଗଣମାଧ୍ୟମ ଉପଯୋଗ କରାଯାଇଥାଏ । ଏକପକ୍ଷରେ ଉପଦ୍ରୁତ ଅଞ୍ଚଳର ସ୍ଥିତାବସ୍ଥା ସମ୍ପର୍କରେ ବାହ୍ୟ ଜଗତକୁ ଅବଗତ କରାଇବା ସଙ୍ଗେ ସଙ୍ଗେ ଅନ୍ତଃ-ଉପଦ୍ରୁତ ଅଞ୍ଚଳରେ ଆବଶ୍ୟକମତେ ଉଦ୍ଧାର କାର୍ଯ୍ୟରେ ନିୟୋଜିତ ଅଂଶଗ୍ରହଣ କାରୀଙ୍କ ମଧ୍ୟରେ ସମନ୍ୱୟ ସ୍ଥାପନରେ ଗଣମାଧ୍ୟମ ପ୍ରସାରଣ ସହାୟକ ହୋଇଥାଏ ।

ଚତୁର୍ଥତଃ ବିପର୍ଯ୍ୟୟର ପୁନରୁଦ୍ଧାର ପ୍ରକ୍ରିୟାରେ ମଧ୍ୟ ଗଣମାଧ୍ୟମର ବ୍ୟାପକ ଉପଯୋଗ ଆବଶ୍ୟକ ପଡିଥାଏ । ଏହି ପର୍ଯ୍ୟାୟରେ ପୁନଃ ନିର୍ମାଣ ଓ ଆକ୍ରାନ୍ତ ଜନସାଧାରଣଙ୍କୁ ପ୍ରବୋଧନା ଓ ଉପଦ୍ରୁତ ଅଞ୍ଚଳରେ କ୍ଷୟକ୍ଷତି ଆକଳନ କାର୍ଯ୍ୟକ୍ରମ ଅନ୍ତର୍ଭୁକ୍ତ । ପୁନଃନିର୍ମାଣର ଅଗ୍ରଗତି ଓ କ୍ଷୟକ୍ଷତି ସମ୍ପର୍କୀୟ ବିବରଣୀ ଗଣମାଧ୍ୟମରେ ପ୍ରସାର ଫଳରେ ସରକାରୀ ଓ ବେସରକାରୀ ସ୍ତରରେ ଆବଶ୍ୟକୀୟ ସାଧନ ସଂଗ୍ରହ ଓ ପରିଚାଳନାରେ ଉପଯୋଗୀ ହୋଇଥାଏ ।

ବନ୍ୟା, ବାତ୍ୟା, ଗ୍ରୀଷ୍ମପ୍ରବାହ ଓ ଭୂମିକମ୍ପ ଭଳି ପ୍ରାକୃତିକ ବିପର୍ଯ୍ୟୟ ପରିଚାଳନା ଲାଗି ବିଶ୍ୱବ୍ୟାପୀ ଆନ୍ତର୍ଜାତିକ, ଜାତୀୟ ଓ ଆଞ୍ଚଳିକ ସ୍ତରରେ ଉଭୟ ସରକାରୀ ଓ ବେସରକାରୀ ପୃଷ୍ଠପୋଷକତାରେ

ନୀତି ନିର୍ଦ୍ଧାରଣ, ସମ୍ବଳ ସଂଗ୍ରହ ଓ କର୍ମୀ ପଞ୍ଜୀକରଣ ଦିଗରେ ବିଧିବଦ୍ଧ କାର୍ଯ୍ୟକ୍ରମମାନ ଗ୍ରହଣ କରାଯାଉଛି । ସେହିପରି ଅଗ୍ନିକାଣ୍ଡ, ଯାନବାହନ ଦୁର୍ଘଟଣା ଓ ଯୁଦ୍ଧଭଳି ମନୁଷ୍ୟକୃତ ବିପର୍ଯ୍ୟୟର ମୁକାବିଲା କରିବା ଲାଗି ମଧ୍ୟ ନିୟମିତଭାବେ ସାଂଗଠନିକ ପ୍ରକ୍ରିୟା ଚାଲୁ ରହିଛି । ସମସାମୟିକ ସାମାଜିକ ବ୍ୟବସ୍ଥାରେ ଉଭୟ ପ୍ରାକୃତିକ ଓ ମନୁଷ୍ୟକୃତ ବିପର୍ଯ୍ୟୟ ସମ୍ପର୍କରେ ତତ୍କ୍ଷଣାତ୍ ସୂଚନା ପ୍ରସାରଣକୁ ଅଗ୍ରାଧିକାର ଦିଆଯାଇ ଥାଏ। ପାରମ୍ପରିକ ଗଣମାଧ୍ୟମ ସାଙ୍ଗକୁ ମୋବାଇଲ ଫୋନ୍, ଇଣ୍ଟରନେଟ୍ ଓ ସାମାଜିକ ଗଣମାଧ୍ୟମର ବହୁଳ ଉପସ୍ଥିତି ଆଧୁନିକ ଯୋଗାଯୋଗ ବ୍ୟବସ୍ଥାକୁ ସମୃଦ୍ଧ କରିପାରିଛି । କ୍ଷଣିକ ମଧ୍ୟରେ ଏକରୁ ଅନେକ ଓ ତତ୍ ସଙ୍ଗେ ସଙ୍ଗେ ଆଞ୍ଚଳିକ, ଜାତୀୟ ତଥା ଆନ୍ତର୍ଜାତିକସ୍ତରରେ ସୂଚନା ପ୍ରସାରଣ ନିମନ୍ତେ ସାଧନ ଜନସାଧାରଣଙ୍କ ହାତପାଆନ୍ତାରେ ଉପଲବ୍ଧ ହୋଇ ପାରିଛି । ବିପର୍ଯ୍ୟୟଜନିତ ସୂଚନା ପ୍ରସାରଣ ନିମନ୍ତେ ବହୁମୁଖୀ ଯୋଗାଯୋଗ ମାଧ୍ୟମ ଉପଯୋଗର ସୁବିଧା ସୁଯୋଗ ବିପର୍ଯ୍ୟୟ ପରିଚାଳନାରେ କେତେଗୋଟି ଗୁରୁତ୍ୱପୂର୍ଣ୍ଣ କ୍ଷେତ୍ରରେ ସହାୟତା ପ୍ରଦାନ କରିଥାଏ ।

ପ୍ରଥମତଃ ବିପର୍ଯ୍ୟୟ ପ୍ରଶମନ ସ୍ତରରେ ସମ୍ଭାବ୍ୟ ଉପଦ୍ରୁତ ଅଞ୍ଚଳରେ ଯଥାସାଧ୍ୟ କ୍ଷୟକ୍ଷତି ରୋକିବା ଦିଗରେ ଗଣମାଧ୍ୟମ ପ୍ରସାରଣ ସଫଳକାମୀ ହୋଇ ପାରିଥାଏ। ଦ୍ୱିତୀୟତଃ ମୂଳ ବିପର୍ଯ୍ୟୟ ସହ ଅତିରିକ୍ତ ବିପଦଗୁଡ଼ିକ ସମ୍ପର୍କରେ ଜନସାଧାରଣଙ୍କୁ ଅବଗତ କରାଇ ଦେଇପାରେ । ତୃତୀୟତଃ ବିପର୍ଯ୍ୟୟର ମୁକାବିଲା କରିବା ନିମନ୍ତେ ଜନସାଧାରଣଙ୍କୁ ପ୍ରୋତ୍ସାହିତ କରି ପ୍ରତିରୋଧ ଓ ଉଦ୍ଧାର କାର୍ଯ୍ୟରେ ଦକ୍ଷତା ବୃଦ୍ଧି ଲାଗି ଅନୁକୂଳ ପରିବେଶ ସୃଷ୍ଟି କରିପାରେ । ଚତୁର୍ଥତଃ ବିପର୍ଯ୍ୟୟ ପୀଡ଼ିତ ଓ ଉଦ୍ଧାରକାରୀଙ୍କ ମଧ୍ୟରେ ଯୋଗସୂତ୍ର ସ୍ଥାପନରେ ସହାୟକ ହୋଇପାରେ । ପଞ୍ଚମତଃ ଏକ ବିସ୍ତୀର୍ଣ୍ଣ ଅଞ୍ଚଳ ବିପର୍ଯ୍ୟୟ ପୀଡ଼ିତ ହେବା ଅବସରରେ ବିଭିନ୍ନ ଅଞ୍ଚଳରେ ବସବାସ କରୁଥିବା ଜନସାଧାରଣଙ୍କ ମଧ୍ୟରେ ସୂଚନା ଆଦାନ ପ୍ରଦାନ ନିମନ୍ତେ ଯୋଗଯୋଗ ବ୍ୟବସ୍ଥା ସୃଷ୍ଟି କରିପାରେ । ଷଷ୍ଠତଃ ଉପଦ୍ରୁତ ଅଞ୍ଚଳ ସହ ବାହାର ଦୁନିଆକୁ ଯୋଡ଼ିଥାଏ । ତେବେ ସପ୍ତମତଃ ବିପର୍ଯ୍ୟୟ ସମ୍ପର୍କରେ ଅସତ୍ୟ, ଅତିରଞ୍ଜିତ ଓ ଅବାସ୍ତବ ସମ୍ବାଦ ପ୍ରସାରଣ ଫଳରେ ଉଦ୍ଧାରକାର୍ଯ୍ୟ ଓ ପୁର୍ନବାସ କ୍ଷେତ୍ରରେ ଅହେତୁକ ସମସ୍ୟାମାନ ସୃଷ୍ଟି ହେବାର ଆଶଙ୍କା ମଧ୍ୟ ରହିଥାଏ ।

ବିପର୍ଯ୍ୟୟ ଗଣମାଧ୍ୟମରେ ବିଷୟବିନ୍ୟାସ ନିମନ୍ତେ ସର୍ବାଧିକ ଗୁରୁତ୍ୱ ବହନ କରିଥାଏ । କାରଣ ଉଭୟ ପ୍ରାକୃତିକ ଓ ମନୁଷ୍ୟକୃତ ବିପର୍ଯ୍ୟୟ ସମ୍ବାଦର ମୂଳଭିତ୍ତି ତଥା ପାଠକ, ଶ୍ରୋତା ଓ ଦର୍ଶକଙ୍କ ପ୍ରଥମ ପସନ୍ଦ । ସଭ୍ୟତାର ପରିପ୍ରକାଶ କାଳରୁ ସୃଷ୍ଟ ଏହି ମାନବୀୟ ରୁଚି ସଭ୍ୟତାର ଅଭିବୃଦ୍ଧିର ସମତାଳରେ ବୃଦ୍ଧିପ୍ରାପ୍ତ ହୋଇଚାଲିଛି । ଅନ୍ୟର ସୁଖଦୁଃଖରେ ଭାଗୀହେବା ମନୁଷ୍ୟର ସହଜାତ ପ୍ରବୃତ୍ତି । ତେଣୁ ଏହିଭଳି ପ୍ରବୃତ୍ତିର ଚରିତାର୍ଥ ନିମନ୍ତେ ଗଣମାଧ୍ୟମ ସମସ୍ତ ବିପର୍ଯ୍ୟୟ ସମ୍ବାଦ ପ୍ରସାରଣକୁ ପ୍ରାଥମିକତା ଦେବା ଅବଶ୍ୟମ୍ଭାବୀ । ଅପରପକ୍ଷରେ

**ଭାରତରେ ପ୍ରାକୃତିକ ବିପର୍ଯ୍ୟୟର ପ୍ରାବଲ୍ୟ ଦେଖିବାକୁ ମିଳିଥାଏ । ଏଠାକାର ୫୭% ସ୍ଥଳଭାଗ ଭୂମିକମ୍ପ, ୮% ବାତ୍ୟା, ୬୮% ଅନାବୃଷ୍ଟି ଓ ୧୨% ବନ୍ୟା ପ୍ରପୀଡ଼ିତ ଅଞ୍ଚଳ ରୂପେ ପରିଚିତ।**

ବିପର୍ଯ୍ୟୟଜନିତ ପୂର୍ବସୂଚନା ବିପର୍ଯ୍ୟୟ ପ୍ରଶମନ ଓ ବିପର୍ଯ୍ୟୟର ସୂଚନା , ଉଦ୍ଧାର ତଥା ପୁର୍ନବାସ କ୍ଷେତ୍ରରେ ସହାୟକ ହେଉଥିବାହେତୁ ଗଣମାଧ୍ୟମର ଏହି ସାମାଜିକ ଦାୟବଦ୍ଧତା ସମୟକ୍ରମେ ପରିପୃଷ୍ଟ ହେବା ସ୍ୱାଭାବିକ । ତେବେ ସମାନ୍ତରାଳ ଭାବେ ଯେକୌଣସି ବିପର୍ଯ୍ୟୟ ସମ୍ପର୍କିତ ଅସତ୍ୟ, ଅତିରିଞ୍ଜିତ ଓ ଅବାସ୍ତବ ସମ୍ବାଦ ପ୍ରସାର ଲାଗି ଗଣମାଧ୍ୟମର ଉପଯୋଗ ମଧ୍ୟ ବିଶୃଙ୍ଖଳା ସୃଷ୍ଟିର କାରଣ ପାଲଟିଥାଏ। ଇଣ୍ଟରନେଟ ସଂଯୋଗ ଓ ମୋବାଇଲ ଫୋନ୍ ସାନ୍ଦ୍ରତା ବୃଦ୍ଧି ତଥା ସାମାଜିକ ଗଣମାଧ୍ୟମର ପ୍ରସାର ଅନ୍ୟାନ୍ୟ କ୍ଷେତ୍ର ଭଳି ବିପର୍ଯ୍ୟୟ ପରିଚାଳନାରେ ମଧ୍ୟ ବିଭ୍ରାଟ ସୃଷ୍ଟି ଲାଗି ପରିବେଶ ଗଢ଼ି ତୋଳିବାର ବିପଦ ରହିଛି । କାରଣ ଗଣମାଧ୍ୟମ ତାଲିମପ୍ରାପ୍ତ ତଥା ଦାୟିତ୍ୱ ସମ୍ପନ୍ନ ବୃତ୍ତିଧାରୀ ସାମ୍ବାଦିକଙ୍କ ଦ୍ୱାରା ପରିଚାଳିତ ହେଉଥିବାବେଳେ ସାମାଜିକ ଗଣମାଧ୍ୟମରେ ସେଭଳି ଆଙ୍କୁଶ ନଥାଏ । ସମକାଳରେ ସାମାଜିକ ଗଣମାଧ୍ୟମ ପାରମ୍ପରିକ ଗଣମାଧ୍ୟମର ଅଂଶବିଶେଷ ପାଲଟୁ ଥିବା ଅବସରରେ ଏଭଳି ଆଶଙ୍କା ଗଣମାଧ୍ୟମ ନିମନ୍ତେ ନୂତନ ଆହ୍ୱାନ ସୃଷ୍ଟି କରିଛି ।

ଲେଖକ, ପ୍ରାକ୍ତନ ସାମ୍ବାଦିକତା ବିଭାଗ ମୁଖ୍ୟ, ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ।

# ବିକାଶ ଓ ବିପର୍ଯ୍ୟୟ ଭୟ ହ୍ରାସ

## ପ୍ରଫେସର ସନ୍ତୋଷ କୁମାର

ପରିବର୍ତ୍ତନ ହିଁ ଏକମାତ୍ର ନିୟମିତ ପ୍ରକ୍ରିୟା। ଆମ ଚତୁଃପାର୍ଶ୍ୱରେ ଥିବା ଜିନିଷ ବଦଳୁଛି ଏବଂ ଏହା ଫଳରେ ନୂତନ ଆଶା ଓ ଆହ୍ୱାନ ସୃଷ୍ଟି ହେଉଛି। ସାରା ପୃଥିବୀର ପରିବେଶ, ଆର୍ଥିକ, ସାମାଜିକ ଓ ରାଜନୈତିକ ପରିସ୍ଥିତି ୧୯୮୦ ଓ ୯୦ ଦଶକରେ ଯାହା ଥିଲା ଏବେ ତାହା ନାହିଁ। ପ୍ରଯୁକ୍ତି ଓ ପ୍ରାକୃତିକ ପରିବେଶ ମଧ୍ୟ ବିକାଶ ସଂକ୍ରାନ୍ତ ବିଚାର ଆଲୋଚନାକୁ ପ୍ରଭାବିତ କରିଛି।

ବର୍ଷ ୨୦୧୫ରେ ଏହି ପ୍ରକ୍ରିୟା ଗୁରୁତ୍ୱ ଲାଭ କରିଛି ଏବଂ ଏହି ବର୍ଷରେ ତିନିଟି ପ୍ରମୁଖ ଆନ୍ତର୍ଜାତିକ ଚୁକ୍ତି ସ୍ୱାକ୍ଷରିତ ହୋଇଛି। ନିରନ୍ତର ବିକାଶ ଲକ୍ଷ୍ୟ (ଏସ୍‌ଡିଜି), ଜଳବାୟୁ ପରିବର୍ତ୍ତନର ମୁକାବିଲା ପାଇଁ ପ୍ୟାରିସ୍ ଚୁକ୍ତି (କପ୍-୨୧) ଏବଂ ପ୍ରାକୃତିକ ବିପର୍ଯ୍ୟୟ ଭୟ ହ୍ରାସ ସଂକ୍ରାନ୍ତ ସେଣ୍ଡାଇ ଚୁକ୍ତି ଏହି ତିନିଟି ଆନ୍ତର୍ଜାତିକ ଚୁକ୍ତି ବିଶ୍ୱର ବିକାଶ ଓ ନିରାପତ୍ତା ପ୍ରତି ଯଥେଷ୍ଟ ଗୁରୁତ୍ୱ ବହନ କରେ। ଏସବୁ ଚୁକ୍ତିରେ ଯେଉଁ ସବୁ ଲକ୍ଷ୍ୟ ନିହିତ ତାହାକୁ ପାଳନ କରିବା ପାଇଁ ବିଶ୍ୱ ସମୁଦାୟ ଅଙ୍ଗୀକାରବଦ୍ଧ। ଏହି ତିନିଟି ଚୁକ୍ତିର ଅନେକ ଲକ୍ଷ୍ୟ ଓ ଉଦ୍ଦେଶ୍ୟ ସମାନ ଏବଂ ତାହା ମାନବସମାଜ ଓ ପୃଥିବୀର ସୁରକ୍ଷା ପ୍ରତି ଅଭିପ୍ରେତ।

ବିପର୍ଯ୍ୟୟ ଜନିତ କ୍ଷୟକ୍ଷତି ଅଧ୍ୟୟନରୁ ଜଣାପଡ଼ିଛି ଆମକୁ ନିରନ୍ତର ବିକାଶ ଲକ୍ଷ୍ୟ ହାସଲ କରିବାକୁ ହେଲେ ବିପର୍ଯ୍ୟୟ ଜନିତ କ୍ଷତିକୁ ଅଗ୍ରାଧିକାର ଭିତ୍ତିରେ ରୋକିବାକୁ ପଡ଼ିବ। ଏଥି ସହିତ ବିପର୍ଯ୍ୟୟ ଯେପରି ବିକାଶରେ ବାଧକ ନହୁଏ ସେଥିପାଇଁ ନିଶ୍ଚିତ ବ୍ୟବସ୍ଥା କରିବାକୁ ହେବ। ତେଣୁ ଜଳବାୟୁ ପରିବର୍ତ୍ତନ ଭଳି ଚରମ ସମସ୍ୟା ବହୁଳ ପ୍ରସଙ୍ଗଗୁଡ଼ିକୁ ଗୁରୁତ୍ୱ ଦେଇ ଉପଯୁକ୍ତ ପଦକ୍ଷେପ ଗ୍ରହଣ କରିବାକୁ ପଡ଼ିବ। ଜଳବାୟୁ ପରିବର୍ତ୍ତନ ସହ ପ୍ରାକୃତିକ ବିପର୍ଯ୍ୟୟର ନିବିଡ଼ ସମ୍ପର୍କ ରହିଛି। ତେଣୁ ଏଭଳି ପ୍ରସଙ୍ଗରେ ଯେଉଁ ସମାଧାନ ସୂତ୍ର ଆମକୁ ବାହାର କରିବାକୁ ପଡ଼ିବ ତାହା ପରସ୍ପର ସହ ସଂଯୁକ୍ତ ଏବଂ ସମନ୍ୱିତ ହେବା ଆବଶ୍ୟକ।

**ବିପର୍ଯ୍ୟୟ ଓ ନିରନ୍ତର ବିକାଶ ଲକ୍ଷ୍ୟ :** ବିକାଶର ବିଭିନ୍ନ କ୍ଷେତ୍ରରେ ବିପର୍ଯ୍ୟୟ ଭୟ ହ୍ରାସର ଆବଶ୍ୟକତା ରହିଛି। ବିକାଶର ଯେଉଁ ୧୭ଟି ଲକ୍ଷ୍ୟ ରହିଛି ସେଥିମଧ୍ୟରୁ ୧୦ଟିରେ ବିପର୍ଯ୍ୟୟ ହ୍ରାସର ଗୁରୁତ୍ୱ ଉପଲବ୍ଧ। ଏହି ୧୦ଟି ଲକ୍ଷ୍ୟର ୨୫ଟି କ୍ଷେତ୍ରରେ ବିପର୍ଯ୍ୟୟ ହ୍ରାସ ଓ ତାହାର ମୁକାବିଲା ପ୍ରସଙ୍ଗ ଜଡ଼ିତ। ତେଣୁ ବିପର୍ଯ୍ୟୟ ଭୟ ଦୂର ଓ ଏହାର ସଫଳ ମୁକାବିଲା ବିକାଶ ଖସଡ଼ାର ମୂଳ ସୂତ୍ର ହୋଇଛି କହିଲେ ଅତ୍ୟୁକ୍ତି ହେବ ନାହିଁ।

ଉତ୍କଟ ଦାରିଦ୍ର୍ୟର ଅବସାନ କ୍ଷେତ୍ରରେ ସ୍ଥିତିସ୍ଥାପକ ବିପର୍ଯ୍ୟୟ

**ଦୁର୍ବିପାକ ଯୋଗୁଁ ଦେଶର ସାମାଜିକ-ଆର୍ଥିକ ବିକାଶ ଲକ୍ଷ୍ୟ ବ୍ୟାହତ ହେଉଛି। କୃଷି, ଆବାସ, ସ୍ୱାସ୍ଥ୍ୟ, ଶିକ୍ଷା, ଭିତ୍ତିଭୂମି ଆଦି କ୍ଷେତ୍ରର ପ୍ରଭୃତି କ୍ଷତି ଘଟୁଛି। ଦେଖାଯାଉଛି ଯେ ଅସମତୁଲ ବିକାଶ କାରଣରୁ ପ୍ରାକୃତିକ ବିପର୍ଯ୍ୟୟ ଅଧିକରୁ ଅଧିକ ଘଟୁଛି ଓ ଏହାର ପ୍ରଭାବ ବେଶୀ ଅନୁଭୂତ ହେଉଛି। ଏହାଦ୍ୱାରା ଗରିବ ଓ ଦୁର୍ବଳ ଶ୍ରେଣୀର ଲୋକେ ବେଶୀ ପ୍ରଭାବିତ ହେଉଛନ୍ତି। ତେଣୁ ବିପର୍ଯ୍ୟୟର ମାତ୍ରାକୁ ରୋକିବା ସହ ଏହାର ପ୍ରଭାବ ହ୍ରାସ ତଥା ଲୋକଙ୍କ ଧନଜୀବନକୁ ସୁରକ୍ଷିତ କରିବାକୁ ହେଲେ ଆମକୁ ଆବଶ୍ୟକ ଭିତ୍ତିଭୂମି ନିର୍ମାଣ କରିବାକୁ ପଡ଼ିବ।**

ମୁକାବିଲା ବ୍ୟବସ୍ଥା ଗ୍ରହଣ କରିବା ଏକାନ୍ତ ଅପରିହାର୍ଯ୍ୟ। ତା'ନହେଲେ ବିପର୍ଯ୍ୟୟ ସର୍ବଦା ସାମାଜିକ ଓ ଆର୍ଥିକ ସ୍ଥିରତାକୁ ବିପଦାପନ୍ନ କରି ରଖିବ ଏବଂ ବିକାଶ ବ୍ୟାହତ ହେବ। ଏକ ଅସୁରକ୍ଷିତ ଓ ବିପଦପୂର୍ଣ୍ଣ ସ୍ଥିତି ସୃଷ୍ଟି କରିବାରେ ଦାରିଦ୍ର୍ୟର ଭୂମିକା ଅଧିକ। ତେଣୁ ଦାରିଦ୍ର୍ୟର ମୁକାବିଲା କରିପାରିଲେ ବିଭିନ୍ନ ବିପଦର ଆଶଙ୍କା ହ୍ରାସ ପାଇବ ଓ ବିକାଶ ପ୍ରକ୍ରିୟା ତ୍ୱରାନ୍ୱିତ ହେବ। ଅନୁଭୂତିରୁ ଜଣାପଡ଼ିଛି ଯେ ଉଭୟ ବିକଶୀତ ଓ ବିକାଶଶୀଳ ରାଷ୍ଟ୍ରରେ ବିପର୍ଯ୍ୟୟ କାରଣରୁ କଠୋର ପରିଶ୍ରମ ଲବ୍ଧ ସୁଫଳ ନଷ୍ଟ ହେଉଛି। ଫଳରେ ଦରିଦ୍ର ଓ ଅତି ଦୁର୍ବଳ ବର୍ଗର ଲୋକଙ୍କ ସ୍ଥିତି ଅଧିକରୁ ଅଧିକ ଖରାପ ହେଉଛି। ୨୦୩୦ ସୁଦ୍ଧା ବିଶ୍ୱର ପ୍ରାୟ ୩୨୫ ନିୟୁତ ଲୋକ ଜଳବାୟୁ ପରିବର୍ତ୍ତନ ଓ ପ୍ରାକୃତିକ ବିପର୍ଯ୍ୟୟ ଯୋଗୁଁ ପ୍ରଭାବିତ ହେବେ ବୋଲି ହିସାବ କରାଯାଇଛି। ସବୁଠୁ ଅଧିକ ପ୍ରଭାବିତ ହେବାକୁ ଥିବା ଦେଶଗୁଡ଼ିକ ମଧ୍ୟରେ ଆଫ୍ରିକାର ସାହାରା ସଂଲଗ୍ନ ଏବଂ ଦକ୍ଷିଣ ଏସୀୟ ରାଷ୍ଟ୍ର ସମୂହ ରହିବେ। ଫଳରେ ଏସବୁ ଦେଶର ଦରିଦ୍ର ଓ ଦୁର୍ବଳବର୍ଗର ଲୋକଙ୍କ ଅବସ୍ଥା ଅତି ଶୋଚନୀୟ ହୋଇପଡ଼ିବ। ସେ ଦୃଷ୍ଟିରୁ ପ୍ରାକୃତିକ ବିପର୍ଯ୍ୟୟର ମୁକାବିଲା କରିପାରୁଥିବା ବିକାଶ ବ୍ୟବସ୍ଥା ନିର୍ମାଣ କରିବା ଅପରିହାର୍ଯ୍ୟ ହୋଇପଡ଼ିଛି। ଏହା ଫଳରେ ଲୋକେ ବିପର୍ଯ୍ୟୟର ସମ୍ମୁଖୀନ ହେଲେ ମଧ୍ୟ କ୍ଷୟକ୍ଷତି ଯଥେଷ୍ଟ ହ୍ରାସ ପାଇବ ଏବଂ ପୁଣି ପ୍ରଭାବିତ ଲୋକ ଅଳ୍ପ ଦିନ ପରେ ମୁଣ୍ଡ ଟେକିବାକୁ ସମର୍ଥ ହେବେ। ଦରିଦ୍ର ଓ ଦୁର୍ବଳ ବର୍ଗଙ୍କ ଅବସ୍ଥା ଅନ୍ତତଃ ପକ୍ଷେ ଅଧିକ ଖରାପ ହେବ ନାହିଁ।

ନେପାଳର ଗୁର୍ଖା ଭୂମିକମ୍ପ ଅନୁଧ୍ୟାନରୁ ଜଣାପଡ଼ିଛି ଯେ ସେଠାରେ ଯେଉଁ କ୍ଷୟକ୍ଷତି ଘଟିଛି ତାହାର ପ୍ରଭାବ ସୁଦୂର ପ୍ରସାରୀ। ଏହି ଦରିଦ୍ରଅଞ୍ଚଳରେ ଯେଉଁ ବ୍ୟାପକ କ୍ଷୟକ୍ଷତି ଘଟିଛି ତାହା ଫଳରେ ସେ ଦେଶର ଆଉ ସାତଲକ୍ଷ ଲୋକ ଉତ୍କଟ ଦାରିଦ୍ର୍ୟ ମଧ୍ୟକୁ ଠେଲି ହୋଇଯିବେ। ଫଳରେ ଭୂକମ୍ପ କ୍ଷୟକ୍ଷତି ପରିମାଣ ୭୦୦କୋଟି ଡଲାର ଅଧିକ ବଢ଼ିବ। ନେପାଳର ଗୁର୍ଖା ଅଞ୍ଚଳରେ ଛ'ଟି ଜିଲ୍ଲା ରହିଛି। ହିସାବ ଅନୁସାରେ ଏହି ଦରିଦ୍ର ଅଧ୍ୟୁସିତ ଇଲାକାରେ ମୁଣ୍ଡପିଛା ଭୂମିକମ୍ପ ଜନିତ କ୍ଷତି ନେପାଳି ମୁଦ୍ରାରେ ଏକଲକ୍ଷ ୩୦ ହଜାର ଟଙ୍କା।

ଦୁର୍ବିପାକ ଯୋଗୁଁ ଦେଶର ସାମାଜିକ-ଆର୍ଥିକ ବିକାଶ ଲକ୍ଷ୍ୟ ବ୍ୟାହତ ହେଉଛି। କୃଷି, ଆବାସ, ସ୍ୱାସ୍ଥ୍ୟ, ଶିକ୍ଷା, ଭିତ୍ତିଭୂମି ଆଦି କ୍ଷେତ୍ରର ପ୍ରଭୃତି କ୍ଷତି ଘଟୁଛି। ଦେଖାଯାଉଛି ଯେ ଅସମତୁଲ ବିକାଶ କାରଣରୁ ପ୍ରାକୃତିକ ବିପର୍ଯ୍ୟୟ ଅଧିକରୁ ଅଧିକ ଘଟୁଛି ଓ ଏହାର ପ୍ରଭାବ ବେଶୀ ଅନୁଭୂତ ହେଉଛି। ଏହାଦ୍ୱାରା ଗରିବ ଓ ଦୁର୍ବଳ ଶ୍ରେଣୀର ଲୋକେ ବେଶୀ ପ୍ରଭାବିତ ହେଉଛନ୍ତି। ତେଣୁ ବିପର୍ଯ୍ୟୟର ମାତ୍ରାକୁ ରୋକିବା ସହ ଏହାର ପ୍ରଭାବ ହ୍ରାସ ତଥା ଲୋକଙ୍କ ଧନଜୀବନକୁ ସୁରକ୍ଷିତ କରିବାକୁ ହେଲେ ଆମକୁ ଆବଶ୍ୟକ ଭିତ୍ତିଭୂମି ନିର୍ମାଣ କରିବାକୁ ପଡ଼ିବ। ଏହା ସହିତ ବିପଦଥିବା ବର୍ଗଙ୍କୁ ସୁରକ୍ଷିତ କରିବାକୁ ହେବ। ସେଥିପାଇଁ ଆବଶ୍ୟକ ନୀତି ଜାତୀୟ ସ୍ତରରେ ପ୍ରସ୍ତୁତ ହେବାର ଆବଶ୍ୟକତା ରହିଛି।

ଜାତିସଂଘର ନୀତି ଢାଞ୍ଚାରେ ଭାରତ ସରକାର ୨୦୦୫ରେ ବିପର୍ଯ୍ୟୟ ପରିଚାଳନା ନୀତି ପ୍ରସ୍ତୁତ କରିଛନ୍ତି। ଏଥିରେ ବିପର୍ଯ୍ୟୟ ସଂଜ୍ଞା ନିମ୍ନମତେ ନିର୍ଦ୍ଧାରଣ କରାଯାଇଛି।

"ବିପର୍ଯ୍ୟୟ ହେଉଛି ତାହା ଯାହା ଏକ ସମାଜ ଓ ସମୁଦାୟର ଜୀବନଯାତ୍ରାକୁ ଗୁରୁତର ଭାବେ ପ୍ରଭାବିତ କରିବା ସହ ଧନ, ଜୀବନ, ସମ୍ପତ୍ତି ଓ ପରିବେଶର ଅଶେଷ କ୍ଷତି ସାଧନ କରିଥାଏ। ଏହି କ୍ଷୟକ୍ଷତିର ମାତ୍ରା ଏତେ ଅଧିକ ହୋଇଥାଏ ଯେ ତାହାକୁ ନିଜ ସାମର୍ଥ୍ୟ ଓ ସମ୍ବଳରେ ଭରଣା କରି ମଣିଷ ସ୍ୱାଭାବିକ ଅବସ୍ଥାକୁ ଆସିବା ସହଜ ହୁଏନା। ଉପଯୁକ୍ତ ଯୋଜନା, ପ୍ରସ୍ତୁତି ଓ କ୍ଷୟକ୍ଷତି ହ୍ରାସକାରୀ ପଦକ୍ଷେପ ଦ୍ୱାରା ପ୍ରାକୃତିକ ବିପର୍ଯ୍ୟୟର ସଫଳ ମୁକାବିଲା କରାଯାଇପାରିବ।"

ବିଭିନ୍ନ ସମ୍ପୃକ୍ତ ପକ୍ଷ ବିପର୍ଯ୍ୟୟ ପରିଚାଳନା ଅର୍ଥ ଭିନ୍ନ ଭିନ୍ନ ଭାବେ ବୁଝନ୍ତି। ଯେଉଁମାନେ ଏହାର ଜବାବ ଦିଅନ୍ତି ସେମାନଙ୍କ ପାଇଁ ଏହା ମୁକାବିଲା ମୂଳକ ପରିଚାଳନା। ଯେଉଁମାନେ ରିଲିଫ, ସାହାଯ୍ୟ ଓ ଉଦ୍ଧାର କାର୍ଯ୍ୟ କରନ୍ତି ସେମାନଙ୍କ ପାଇଁ ଏହା ମାନବିକ ସଂକଟର ପରିଚାଳନା। ମାତ୍ର ଏହି ଦୁଇଟିଯାକ ବିପର୍ଯ୍ୟୟ ପରବର୍ତ୍ତୀ ପରିଚାଳନା ବା ପଦକ୍ଷେପ। ପ୍ରାକ୍ ବିପର୍ଯ୍ୟୟ ପ୍ରସ୍ତୁତି ଓ ପଦକ୍ଷେପ ଯାହା ବିଶେଷ ଗୁରୁତ୍ୱପୂର୍ଣ୍ଣ ତାହାକୁ ନିଶ୍ଚିତ କରାଯାଇପାରିଲେ କ୍ଷୟକ୍ଷତି ଓ ଜୀବନହାନି ଆଦିକୁ ଉଲ୍ଲେଖନୀୟ ଭାବେ ହ୍ରାସ କରାଯାଇପାରେ ଏବଂ ବିପର୍ଯ୍ୟୟର ପ୍ରଭାବ ସୀମିତ ହୁଏ। ତେଣୁ ଏବେ ପ୍ରାକ୍ ପ୍ରସ୍ତୁତି ଓ ପରିଚାଳନା ବିପର୍ଯ୍ୟୟ ପରିଚାଳନାରେ ଅଗ୍ରାଧିକାର ପାଉଛି। ଏହା ବିପର୍ଯ୍ୟୟ ପରବର୍ତ୍ତୀ ସ୍ଥିତି ଓ ସମସ୍ୟାକୁ ଯଥେଷ୍ଟ ସୀମିତ କରୁଥିବାରୁ ବିଶ୍ୱବ୍ୟାପୀ ପ୍ରାକ୍ ପ୍ରସ୍ତୁତି ଓ ପରିଚାଳନାକୁ ଅଗ୍ରାଧିକାର

ଦିଆଯାଉଛି । ଭାରତରେ ବିପର୍ଯ୍ୟୟ ପୂର୍ବ ପ୍ରସ୍ତୁତି ଅଗ୍ରାଧିକାର ପାଉଥିଲେ ହେଁ ପରବର୍ତ୍ତୀ ପରିଚାଳନାକୁ ମଧ୍ୟ ଗୁରୁତ୍ୱ ପ୍ରଦାନ କରାଯାଉଛି । ଏହାଦ୍ୱାରା ଯଥା ସମ୍ଭବ କ୍ଷୟକ୍ଷତି ଲାଘବ କରି ଅବସ୍ଥାକୁ ନିୟନ୍ତ୍ରଣରେ ରଖିବାର ଲକ୍ଷ୍ୟ ନିହିତ । ସେଥିପାଇଁ ନୀତି, ଆଇନ, ଆନୁଷ୍ଠାନିକ ବ୍ୟବସ୍ଥା ଓ କାର୍ଯ୍ୟକ୍ରମମାନ ପ୍ରସ୍ତୁତ ହୋଇଛି । ଭାରତ ସରକାର ଗତ ୧୫ ବର୍ଷ ଧରି ନିଜର ବିପର୍ଯ୍ୟୟ ପରିଚାଳନା ନୀତିକୁ ନିୟମିତ ବ୍ୟବଧାନରେ ପରିବର୍ତ୍ତନ କରୁଛନ୍ତି । ଏଥିରେ ଅଭିଜ୍ଞତାକୁ ଉପଯୋଗ କରାଯାଉଛି ।

୨୦୧୫ରେ ବିପର୍ଯ୍ୟୟ ପରିଚାଳନା ସଂକ୍ରାନ୍ତ ଆନ୍ତର୍ଜାତିକ ଚୁକ୍ତି (ସେଣ୍ଡାଇ ରାଜିନାମା) ସ୍ୱାକ୍ଷରିତ ହେବା ପରେ ଭାରତ ୨୦୧୬ ନଭେମ୍ବରରେ ନୂଆଦିଲ୍ଲୀଠାରେ ଏ ସଂକ୍ରାନ୍ତ ପ୍ରଥମ ଏସୀୟ ସମ୍ମିଳନୀ ଆୟୋଜନ କରିଥିଲା । ଏଥିରେ ବିପର୍ଯ୍ୟୟ କ୍ଷୟକ୍ଷତି ହ୍ରାସ ପାଇଁ ସମଗ୍ର ଏସିଆ ପ୍ରଶାନ୍ତ କ୍ଷେତ୍ର ନିମନ୍ତେ ଭାରତ ଏକ କାର୍ଯ୍ୟକ୍ରମ ପ୍ରସ୍ତୁତ କରିଛି । ପ୍ରଧାନମନ୍ତ୍ରୀଙ୍କ ଦ୍ୱାରା ଉଦ୍‌ଘାଟିତ ଏହି ସମ୍ମିଳନୀରେ ଏକ ୧୦ସୂତ୍ରୀ କାର୍ଯ୍ୟକ୍ରମ ଅନୁମୋଦିତ ହୋଇଛି । ସେହି କାର୍ଯ୍ୟକ୍ରମକୁ କାର୍ଯ୍ୟକାରୀ କଲେ ବିପର୍ଯ୍ୟୟର ପ୍ରଭାବକୁ ସୀମିତ କରାଯାଇପାରିବ ଏବଂ କ୍ଷୟକ୍ଷତି ହ୍ରାସ ଘଟିବ । ଏହା ପୂର୍ବରୁ ୨୦୧୫ ମାର୍ଚ୍ଚରେ ଜାପାନର ଏକ କ୍ଷୁଦ୍ର ସହର ସେଣ୍ଡାଇରେ ଜାତିସଂଘ ମାର୍ଫତରେ ଏକ ବୈଠକ ଅନୁଷ୍ଠିତ ହୋଇ ସମଗ୍ର ବିଶ୍ୱ ପାଇଁ ବିପର୍ଯ୍ୟୟ ପ୍ରଶମନର ଏକ ଖସଡ଼ା ଅନୁମୋଦିତ ହୋଇଥିଲା । ପରେ ମିଳିତ ଜାତିସଂଘର ଭାରତ ସମେତ ୧୮୫ଟି ରାଷ୍ଟ୍ର ଏହାକୁ ଅନୁମୋଦନ କରିଥିଲେ । ଏହି ଚୁକ୍ତିକୁ କାର୍ଯ୍ୟକାରୀ କରି ୨୦୩୦ ସୁଦ୍ଧା ସମଗ୍ର ବିଶ୍ୱର ବିପର୍ଯ୍ୟୟ କ୍ଷୟକ୍ଷତିକୁ ଉଲ୍ଲେଖନୀୟ ଭାବେ ହ୍ରାସ କରିବାର ଲକ୍ଷ୍ୟ ରଖାଯାଇଛି ।

ବିପର୍ଯ୍ୟୟର ମୁକାବିଲା ଏକ ବଡ଼ ଆହ୍ୱାନ ଏବଂ ଏହାର ଗୁରୁତ୍ୱ ବିପଦ କାଳରେ ସ୍ପଷ୍ଟ ଜଣାପଡ଼େ । ଅପରପକ୍ଷରେ ବିପର୍ଯ୍ୟୟର ମୁକାବିଲା ପାଇଁ ପ୍ରାକ୍ ପ୍ରସ୍ତୁତି ଏକ ବିରାଟ ଆହ୍ୱାନ ହୋଇଥିଲେ ହେଁ ଏହା ସହଜରେ ଦୃଶ୍ୟମାନ ହୁଏ ନାହିଁ କିମ୍ବା ଜଣାପଡ଼େନି । ଅନେକ ସମୟରେ ବିଭିନ୍ନ କାରଣରୁ ଏ ସଂକ୍ରାନ୍ତ ପ୍ରସ୍ତୁତି ମଧ୍ୟ ଠିକଣା ଭାବେ ହୁଏନାହିଁ । ଆନ୍ତର୍ଜାତିକ ସ୍ତରରେ ବିଭିନ୍ନ ଚୁକ୍ତି ଓ ଘୋଷଣାନାମା ସତ୍ତ୍ୱେ ବିପର୍ଯ୍ୟୟ ମୁକାବିଲାର ପ୍ରାକ୍ ପ୍ରସ୍ତୁତି ଓ ପରିଚାଳନା କ୍ଷେତ୍ରରେ ଅନେକ କିଛି ବାକି ରହିଛି । ଏହା ସତ୍ତ୍ୱେ ବିଶ୍ୱ ସମୁଦାୟ ତାହାର ଦୀର୍ଘ ଅନୁଭୂତିରୁ ଜାଣିପାରିଛି ଏବଂ ଏହା ମଧ୍ୟ ପ୍ରମାଣିତ ହୋଇଛି ଯେ ଆବଶ୍ୟକ ଉତ୍ତମ ପ୍ରାକ୍ ପ୍ରସ୍ତୁତି ଓ ଠିକଣା ପଦକ୍ଷେପ ଯୋଗୁଁ ବିପର୍ଯ୍ୟୟ ଜନିତ ଧନଜୀବନ ହାନି ଯଥେଷ୍ଟ ହ୍ରାସ ପାଇଛି । ଭାରତର ମଧ୍ୟ ଏଭଳି ଅନୁଭୂତି ରହିଛି । ୧୯୯୯ର ମହାବାତ୍ୟାରେ ଓଡ଼ିଶାରେ ୧୩ ହଜାର ଲୋକଙ୍କ ମୃତ୍ୟୁ ଘଟିବା ସହ ଅଶେଷ କ୍ଷତି ଘଟିଥିଲା । ମାତ୍ର ୨୦୧୩ର ଫାଇଲିନ୍ ମହାବାତ୍ୟାର କ୍ଷୟକ୍ଷତି ୧୯୯୯ ତୁଳନାରେ ଯଥେଷ୍ଟ କମ୍ ଥିଲା । ଫାଇଲିନ୍ ଯୋଗୁଁ ମୃତ୍ୟୁ ସଂଖ୍ୟା ମାତ୍ର ୨୨ରେ ସୀମିତ ଥିଲା । ଯଦିଓ କ୍ଷୟକ୍ଷତି ବହୁତ ହୋଇଥିଲା । ପ୍ରାକ୍ ପ୍ରସ୍ତୁତି ଓ ପରିଚାଳନା ଯୋଗୁଁ ଏକ ବଡ଼ ପ୍ରାକୃତିକ ବିପର୍ଯ୍ୟୟରେ ମୃତ୍ୟୁ ସଂଖ୍ୟା କେତେ ସୀମିତ ହୋଇପାରିବ ଭାରତ ତାହାର ଉଦାହରଣ ବିଶ୍ୱ ଆଗରେ ଉପସ୍ଥାପିତ କଲା । ହୁଦ୍‌ହୁଦ୍ ମହାବାତ୍ୟାରେ ମଧ୍ୟ ଏହି ସଫଳତାର ପୁନରାବୃତ୍ତି ଘଟିଲା । ନିକଟରେ ତାମିଲନାଡୁର ଓ୍ୱର୍ଦ୍ଧା ବାତ୍ୟାର କ୍ଷତି ମଧ୍ୟ ସୀମିତ ଥିଲା । ଏଥିରୁ ସ୍ପଷ୍ଟ ପ୍ରମାଣିତ ଯେ ଯଥେଷ୍ଟ ପ୍ରାକ୍ ପ୍ରସ୍ତୁତି ଓ ପରିଚାଳନା, ଆଗୁଆ ସାହାଯ୍ୟ ଓ ଅପସାରଣ, ଭିତ୍ତିଭୂମି ନିର୍ମାଣ ଏବଂ ଦ୍ୱରିତ କାର୍ଯ୍ୟାନୁଷ୍ଠାନ ଦ୍ୱାରା ବିପର୍ଯ୍ୟୟର କ୍ଷୟକ୍ଷତିକୁ ଯଥେଷ୍ଟ ରୋକାଯାଇ ପାରିବ ।

**ବିପର୍ଯ୍ୟୟ ଭୟହ୍ରାସକୁ ଗୁରୁତ୍ୱ :** ବିପର୍ଯ୍ୟୟ ଜନିତ ଭୟକୁ ହ୍ରାସ କରିବା ସହ ଏହାର ପ୍ରଶମନ କାର୍ଯ୍ୟକୁ ଗୁରୁତ୍ୱଦେଇ ବିକାଶ ପ୍ରକ୍ରିୟାର ଅଂଶ ବିଶେଷ କରିବାକୁ ହେବ । ବିପର୍ଯ୍ୟୟ ପରିଚାଚଳନାରେ ଆଗକୁ ଏକ ସ୍ଥିତିସ୍ଥାପକ ଭବିଷ୍ୟତ ନିର୍ମାଣ କରିବାକୁ ହେଲେ ଅତୀତ ଓ ଅନୁଭୂତିରୁ ଅନେକ କିଛି ଶିଖିବାକୁ ପଡ଼ିବ । ସେଥିପାଇଁ ବିଭିନ୍ନ ରାଷ୍ଟ୍ର ମଧ୍ୟରେ ଜ୍ଞାନ ଓ କୌଶଳ ଆଦାନପ୍ରଦାନ ଜରୁରୀ । ଏହାଛଡ଼ା କେନ୍ଦ୍ରୀୟ ଓ ପ୍ରାଦେଶିକ ସରକାରର ପ୍ରଶାସନିକ ସ୍ତରରେ ସମନ୍ୱୟ, ସହଯୋଗର ଭୂମିକା ଗୁରୁତ୍ୱପୂର୍ଣ୍ଣ । ପ୍ରାକୃତିକ ବିପର୍ଯ୍ୟୟ ପ୍ରବଣ ଅଞ୍ଚଳରେ ବିପର୍ଯ୍ୟୟ ପ୍ରତିରୋଧୀ ଭବନ, ରାସ୍ତାଘାଟ, ଭିତ୍ତିଭୂମି ନିର୍ମାଣ ଓ ଅନ୍ୟାନ୍ୟ ସ୍ଥାୟୀ ସୁବିଧା ସୁଯୋଗ ଯୋଗାଣ ପାଇଁ ଆଇନଗତ ବ୍ୟବସ୍ଥା ରହିବା ଦରକାର । ଯୋଜନାର ଯଥାର୍ଥ ରୂପାୟନ ସବୁଠୁ ଗୁରୁତ୍ୱପୂର୍ଣ୍ଣ । ବିଜ୍ଞାନ ଓ ପ୍ରଯୁକ୍ତିର ସହାୟତା ନେଇ ଏହି ସୁରକ୍ଷା ବ୍ୟବସ୍ଥାକୁ ଦୃଢ଼ତର କରିବାକୁ ପଡ଼ିବ । ଭାରତରେ ଏମିତି ଅନେକ ସଫଳ କାହାଣୀ ରହିଛି । ୧୯୫୬ରେ ଗୁଜରାଟର ଅନ୍‌ଜାର ସହର ଭୂମିକମ୍ପ

ଯୋଗୁଁ ବିଶେଷଭାବେ କ୍ଷତିଗ୍ରସ୍ତ ହେବା ପରେ ସେଠା ସରକାର ସେ ସହରକୁ ଏକ ବିପଦମୁକ୍ତ ସ୍ଥାନରେ ପୁନଃସ୍ଥାପନ କରିବାରେ ସଫଳ ହୋଇଥିଲେ। ୨୦୦୧ ଭୁଜ ଭୂମିକମ୍ପର ବିଭୀଷିକା ପରେ ଗୁଜରାଟ ସରକାର ଭୂକମ୍ପ ପ୍ରତିରୋଧୀ ଭବନ ନିର୍ମାଣକୁ କେବଳ ଅଗ୍ରାଧିକାର ଦେଲେନି ଏହାକୁ ଆବାସନୀତିର ଏକ ମୁଖ୍ୟ ଅଂଶ କରିଥିଲେ। ଗୁଜରାଟ ସରକାରଙ୍କ ଏହି ସୁଦୃଢ଼ ପୁନଃ ନିର୍ମାଣ କାର୍ଯ୍ୟକ୍ରମକୁ ଜାତିସଂଘ ପୁରସ୍କାର ମିଳିଥିଲା।

ଜାତିସଂଘର ଏକ ତଥ୍ୟ ଅନୁସାରେ ଏବେ ଯେଉଁ ମାନବିକ ସହାୟତା ଯୋଗାଇ ଦିଆଯାଉଛି ସେଥିରେ ୧୦୦ ଡଲାର ମଧ୍ୟରୁ ମାତ୍ର ୪ ଡଲାର ବିପଦ ବା ବିପର୍ଯ୍ୟୟ ହ୍ରାସ କାର୍ଯ୍ୟକ୍ରମରେ ବିନିଯୋଗ ହେଉଛି। ବିଶ୍ୱରୁ ଦାରିଦ୍ର୍ୟ ଦୂରକରିବାକୁ ହେଲେ ଭବିଷ୍ୟତରେ ଆମକୁ ବିପର୍ଯ୍ୟୟ ପ୍ରଶମନ ଓ ପ୍ରସ୍ତୁତି ପାଇଁ ବିପୁଳ ଅର୍ଥ ବ୍ୟୟ କରିବାକୁ ପଡ଼ିବ।

**ସେଣ୍ଡାଇ ଚୁକ୍ତି :** ବିପର୍ଯ୍ୟୟ ପରିଚାଳନା ଓ ମୁକାବିଲା ପାଇଁ ଆନ୍ତର୍ଜାତିକ ସ୍ତରରେ ଯେଉଁ ହାୟୋଗୋ ଚୁକ୍ତି ସ୍ୱାକ୍ଷରିତ ହୋଇଥିଲା ତାହାର କାର୍ଯ୍ୟକାଳ ଥିଲା ୨୦୦୫ରୁ ୨୦୧୫। ଏହି ମିଆଦ ପୂରଣ ହେବା ପରେ ତା'ସ୍ଥାନରେ ନବସ୍ୱାକ୍ଷରିତ ସେଣ୍ଡାଇ ଚୁକ୍ତି କାର୍ଯ୍ୟକାରୀ ହୋଇଛି। ୨୦୩୦ ସୁଦ୍ଧା ବିଶ୍ୱକୁ ବିପର୍ଯ୍ୟୟ ପ୍ରଶମନ ଓ ପରିଚାଳନା କ୍ଷେତ୍ରରେ ସମର୍ଥ କରିବାକୁ ଏହା ଉଦ୍ଦିଷ୍ଟ। ବିପର୍ଯ୍ୟୟର ମୁକାବିଲା, ଏହାର ପରିଚାଳନା, ପରବର୍ତ୍ତୀ ପଦକ୍ଷେପ, କ୍ଷୟକ୍ଷତି ହ୍ରାସ ଆଦି ସମ୍ପର୍କରେ ବିଭିନ୍ନ ସମୟରେ ଆନ୍ତର୍ଜାତିକ ସ୍ତରରେ ଉଦ୍ୟମ ହେଉଛି। ଏଥିପାଇଁ ଚୁକ୍ତି ସ୍ୱାକ୍ଷରିତ ହେଉଛି ଏବଂ ନୀତି ପ୍ରଣୟନ କରାଯାଉଛି। ରାଜ୍ୟ ଓ ଅନ୍ୟାନ୍ୟ ସଂପୃକ୍ତ ପକ୍ଷ ବିପର୍ଯ୍ୟୟ ପରିଚାଳନା ସଂକ୍ରାନ୍ତ ଯେଉଁସବୁ ପଦକ୍ଷେପ ନେଇଛନ୍ତି ତାହାକୁ ଜାରି ରଖି ଅଧିକ ମଜବୁତ୍ କରିବାକୁ ସେଣ୍ଡାଇ ଚୁକ୍ତିରେ ଗୁରୁତ୍ୱ ଦିଆଯାଇଛି। କେବଳ ବିପର୍ଯ୍ୟୟ ପରିଚାଳନା ନୁହେଁ, ବିପର୍ଯ୍ୟୟ ଜନିତ ଭୟ ବା ବିପତ୍ତିକୁ ଟାଳିବା ବା ସମ୍ଭାବ୍ୟ କ୍ଷୟକ୍ଷତିକୁ ଯଥାସମ୍ଭବ ହ୍ରାସ କରିବାକୁ ଏହା ଅଗ୍ରାଧିକାର ଦେଇଛି। ଏହି ଚୁକ୍ତି ବିପର୍ଯ୍ୟୟ ଭୟ ହ୍ରାସ ପାଇଁ ଆନ୍ତର୍ଜାତିକ ସ୍ତରରେ ସାତଟି ଲକ୍ଷ୍ୟ ସ୍ଥିର କରିଛି। ତା'ଛଡ଼ା ନୂଆ ବିପର୍ଯ୍ୟୟର ପ୍ରତିରୋଧ, ପ୍ରବର୍ତ୍ତମାନ ବିପଦର ପ୍ରକୋପ ହ୍ରାସ ଏବଂ ପରିସ୍ଥିତିର ମୁକାବିଲା କରି ପୁଣି ମୁଣ୍ଡ ଟେକିବା ଉପରେ ଏହା ଗୁରୁତ୍ୱ ଦେଇଛି। ଏସବୁ କାମ କିପରି ହେବ ସେଥିପାଇଁ ଚୁକ୍ତିରେ ସ୍ପଷ୍ଟ ନିର୍ଦ୍ଦେଶାବଳୀ ରହିଥିବାବେଳେ, ମନୁଷ୍ୟକୃତ ଓ ପ୍ରାକୃତିକ ବିପର୍ଯ୍ୟୟ ସଂକ୍ରାନ୍ତ ପରିଚାଳନା ଓ ପ୍ରସ୍ତୁତି ନୀତି ସ୍ପଷ୍ଟ ହୋଇଛି। ବିପର୍ଯ୍ୟୟ ପ୍ରସ୍ତୁତି ଓ ପରିଚାଳନା ମୁଖ୍ୟତଃ ରାଜ୍ୟ ସରକାରଙ୍କ ଦାୟିତ୍ୱ ହୋଇଥିବାବେଳେ ଏ କ୍ଷେତ୍ରରେ କେନ୍ଦ୍ରର ସାହାଯ୍ୟ ସହଯୋଗ ଓ ଦିଗଦର୍ଶନ ନିର୍ଦ୍ଦେଶାବଳୀ ରହିଛି। ମୋଟାମୋଟି ଭାବେ ବିଭିନ୍ନ ପ୍ରକାର ବିପର୍ଯ୍ୟୟ, ତାହାର ସଂଜ୍ଞା, ବିପର୍ଯ୍ୟୟ ଜନିତ ଭୟକୁ ଦୂର କରିବାର ପ୍ରୟାସ, ପ୍ରସ୍ତୁତି, ପରିଚାଳନା, ମୁକାବିଲା, ଥଇଥାନ, ପୁନଃନିର୍ମାଣ, ପାଣିଯୋଗାଣ, ରିଲିଫ ଆଦି ବିଷୟକୁ ସେଣ୍ଡାଇ ଚୁକ୍ତି ସ୍ପଷ୍ଟ କରିଦେଇଛି।

ଭାରତର ନୂଆ ବିପର୍ଯ୍ୟୟ ପରିଚାଳନା ଯୋଜନାରେ ଦକ୍ଷତା ବିକାଶ, ଆବଶ୍ୟକ ଭିତ୍ତିଭୂମି ନିର୍ମାଣ, ଆର୍ଥିକ ଓ ଅନ୍ୟାନ୍ୟ ସହାୟତା ବ୍ୟବସ୍ଥା, ପ୍ରସ୍ତୁତି, ସାହାଯ୍ୟ ଓ ଉଦ୍ଧାର, ଥଇଥାନ, ଚିକିତ୍ସା ଓ ରିଲିଫ, ପ୍ରଯୁକ୍ତିର ବିନିଯୋଗ, ଆଗୁଆ ସୂଚନା ଏବଂ ଜନସହଯୋଗ ଅଗ୍ରାଧିକାର ପାଇଛି।

**ଉପସଂହାର :** ବିପର୍ଯ୍ୟୟ ପରିଚାଳନା ଓ ପ୍ରସ୍ତୁତି ଆଦି ପାଇଁ ସମ୍ବଳ ହୀନ ରାଷ୍ଟ୍ରରେ ଆବଶ୍ୟକ ଅର୍ଥ ଯୋଗାଣ କରିବା ଅତି କଷ୍ଟକର ବ୍ୟାପାର। ତଥାପି ଦେଶର ବିକାଶ ଯୋଜନାରେ ଏହାକୁ ସାମିଲ କରି ଏଥି ପାଇଁ ଆବଶ୍ୟକ ଅର୍ଥ ବରାଦ କରିବାକୁ ପଡ଼ିବ। ବିପର୍ଯ୍ୟୟ ନିୟନ୍ତ୍ରଣ ବା ହ୍ରାସ ପାଇଁ ଭିତ୍ତିଭୂମି ନିର୍ମାଣରେ ଅର୍ଥ ବ୍ୟୟ ଏକ ବୁଦ୍ଧିମାନର କାର୍ଯ୍ୟ। ଏହା ପ୍ରଗତିକୁ ତ୍ୱରାନ୍ୱିତ କରିବା ସହ ଆର୍ଥିକ ବିକାଶର ଧାରାକୁ ପ୍ରୋତ୍ସାହିତ କରିବାରେ ନିର୍ଣ୍ଣାୟକ ଭୂମିକା ଗ୍ରହଣ କରିଥାଏ। ସବୁ ବିପର୍ଯ୍ୟୟ ପ୍ରବଣ ଅଞ୍ଚଳ ଓ କ୍ଷେତ୍ରକୁ ଚିହ୍ନଟ କରି ସ୍ୱତନ୍ତ୍ର ଯୋଜନା, କାର୍ଯ୍ୟକ୍ରମ ହାତକୁ ନେବାକୁ ପଡ଼ିବ। ନିରାକରଣ ପଦକ୍ଷେପରେ ଲୋକଙ୍କୁ ଅଧିକରୁ ଅଧିକ ସାମିଲ କରି ସେମାନଙ୍କ ଆବଶ୍ୟକତା ଅନୁସାରେ କାର୍ଯ୍ୟ କରାଯିବା ଉଚିତ। ଏହି ପ୍ରୟାସରେ ସରକାର ସମ୍ପୃକ୍ତ ପକ୍ଷଙ୍କୁ ପ୍ରୋତ୍ସାହିତ କରିବା ସହ ଘରୋଇ ଉଦ୍ୟୋଗ, ନାଗରିକ ସମାଜ, ବୈଜ୍ଞାନିକ, ବିଶେଷଜ୍ଞ, ମହିଳା, ନେତୃସ୍ଥାନୀୟ ବ୍ୟକ୍ତି, ଶିକ୍ଷାବିତ୍ ଓ ବିଶିଷ୍ଟ ବ୍ୟକ୍ତିବିଶେଷଙ୍କୁ ସାମିଲ କରି ସେମାନଙ୍କ ସହଯୋଗ ନେବାର ଆବଶ୍ୟକତା ରହିଛି। ଏହି ପ୍ରକ୍ରିୟା ଯେତେ ସହଯୋଗ ଭିତ୍ତିକ ଏବଂ ଦୃଢ଼ ହେବ ବିପର୍ଯ୍ୟୟ ଜନିତ କ୍ଷୟକ୍ଷତି ସେତେ କମ୍ ହୋଇପାରିବ। ଫଳରେ ନିରନ୍ତର ବିକାଶ ଲକ୍ଷ୍ୟ ହାସଲ ପ୍ରକ୍ରିୟା ସହଜ ହେବ।

ଲେଖକ ଜାତୀୟ ବିପର୍ଯ୍ୟୟ ପରିଚାଳନା ପ୍ରତିଷ୍ଠାନର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ।

# ଦୁର୍ବିପାକ ପରିଚାଳନାରେ ଫଳପ୍ରଦ ଯୋଗାଯୋଗର ଭୂମିକା

ସି. କେ. ନାୟକ

> **ଦୁର୍ବିପାକ ପରିଚାଳନାର ୪ଟି ପର୍ଯ୍ୟାୟ ଯଥା ପ୍ରଶମନ, ପ୍ରସ୍ତୁତି, ପ୍ରତିକ୍ରିୟା, ପୁନର୍ବସତି କ୍ଷେତ୍ରରେ ଯୋଗାଯୋଗ ପ୍ରଯୁକ୍ତି ବିଦ୍ୟାର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ମାତ୍ର ପ୍ରତିକ୍ରିୟା ଓ ପୁନର୍ବସତି ପର୍ଯ୍ୟାୟରେ ଏବେ ମଧ୍ୟ ପାରମ୍ପରିକ ଯୋଗାଯୋଗ ମାଧ୍ୟମର ବ୍ୟବହାର କରାଯାଉଛି। ଗତ ଦୁଇ ଦଶନ୍ଧି ମଧ୍ୟରେ ବାହାରିଥିବା ନୂତନ ଯୋଗାଯୋଗ ଓ ସୂଚନା ପ୍ରଯୁକ୍ତି ବିଦ୍ୟା ବିଭିନ୍ନ ଯୋଗାଯୋଗ ବ୍ୟବସ୍ଥାର ସମାହାରରେ ଏହି ନୂତନ ସମ୍ଭାବନା ସୃଷ୍ଟି କରିପାରିଛି। ଇଣ୍ଟରନେଟ୍, ମୋବାଇଲ୍ ଫୋନ୍, ଫାକ୍ସ, ଇ-ମେଲ୍, ରେଡିଓ ଏବଂ ଟେଲିଭିଜନ୍ ପରି ବିଭିନ୍ନ ଯୋଗାଯୋଗ ବ୍ୟବସ୍ଥାର ବହୁଳଭାବେ ବ୍ୟବହାର କରାଯାଉଛି। ଫଳରେ ଦୁର୍ବିପାକ ପ୍ରଶମନ ଓ ପ୍ରତିରୋଧ କରିବା ପାଇଁ ଯୋଗାଯୋଗ ପ୍ରଯୁକ୍ତିବିଦ୍ୟାର ବ୍ୟବହାର ବଢୁଛି।**

ଜଳବାୟୁ ପରିବର୍ତ୍ତନ ଓ ବିଶ୍ୱବ୍ୟାପୀ ବଢୁଥିବା ସାମାଜିକ ସଂଘର୍ଷ ଆଦି ବିଭିନ୍ନ କାରଣରୁ ବର୍ତ୍ତମାନ ସମୟରେ ପ୍ରାକୃତିକ ବା ମନୁଷ୍ୟକୃତ ଦୁର୍ବିପାକ ସଂଖ୍ୟା ବଢି ଚାଲିଛି। ଏଥିସହ ଦୁର୍ବିପାକ ପରିଚାଳନା ମଧ୍ୟ ବୃଦ୍ଧି ପାଇଛି। ଦୁର୍ବିପାକ ପରିଚାଳନା ବୃଦ୍ଧି ପାଉଥିବାରୁ ଯୋଗାଯୋଗର ଭୂମିକା ଓ ଗୁରୁତ୍ୱ ମଧ୍ୟ ବୃଦ୍ଧି ପାଇଛି।

ବର୍ତ୍ତମାନର ବ୍ରେକିଙ୍ଗ ନ୍ୟୁଜ୍ ଓ ମୁଖ୍ୟଖବର ତିଆରି ଯୁଗରେ ଜରୁରୀକାଳୀନ ସମୟରେ ଯୋଗାଯୋଗକାରୀର ଭୂମିକା ନିର୍ବାହ କରୁଥିବା ସାମ୍ବାଦିକମାନେ ବହୁ ସମୟରେ ଦୁର୍ବିପାକ ପରିଚାଳନା କରୁଥିବା ଅଧିକାରୀଙ୍କ ସହ ମୁହାଁମୁହିଁ ହୋଇଥାଆନ୍ତି। ଯଦିଓ ଦୁର୍ବିପାକରେ ପ୍ରଭାବିତ ହୋଇଥିବା ଲୋକଙ୍କୁ ସାହାଯ୍ୟ କରିବା ଉଭୟଙ୍କ ଉଦ୍ଦେଶ୍ୟ। ଫଳରେ ଉତ୍ତମ ସମନ୍ୱୟ ଅଭାବରୁ ଏହି ତିନି ଅଂଶୀଦାର ଦୁର୍ବିପାକ ପରିଚାଳନା ଅଧିକାରୀ, ପ୍ରଭାବିତ ଲୋକ ଓ ସାମ୍ବାଦିକ କ୍ଷତିଗ୍ରସ୍ତ ହୋଇଥାଆନ୍ତି।

ପ୍ରଭାବିତମାନଙ୍କୁ ତାଲିମ୍ ପ୍ରଦାନ୍ କରିବା ଭଳି କୌଣସି କାର୍ଯ୍ୟ ନାହିଁ। ତେବେ ସେମାନଙ୍କୁ ବହୁ ସଂଖ୍ୟାରେ ସଚେତନ କରାଯିବା ଆବଶ୍ୟକ। ପରିଚାଳନା ଅଧିକାରୀମାନଙ୍କୁ ମଧ୍ୟ ତାଲିମ୍ ଦେବାର ଆବଶ୍ୟକତା ନାହିଁ କାରଣ ସେମାନେ ଆଗରୁ ତାଲିମ୍ ପାଇସାରିଥାଆନ୍ତି। ମାତ୍ର ଦୁର୍ବିପାକ ସମ୍ପର୍କିତ ଖବର ସଂଗ୍ରହ କରିବାକୁ ଯାଉଥିବା ସାମ୍ବାଦିକମାନଙ୍କୁ ତାଲିମ୍ ଦେବା ଆବଶ୍ୟକ। ସେମାନେ ସେହିସ୍ଥାନରେ କିଭଳି ପହଂଚିବେ ଏବଂ କି କି ସତର୍କତାମୂଳକ ପଦକ୍ଷେପ ନେବେ ସେନେଇ ସେମାନଙ୍କୁ ସୂଚନା ଦିଆଯିବା ଆବଶ୍ୟକ। ସାମ୍ବାଦିକମାନେ କିଭଳି ପ୍ରଭାବିତ ଲୋକ ଓ ପରିଚାଳନା ଅଧିକାରୀଙ୍କୁ କୌଣସି ବ୍ୟାଘାତ ନଘଟାଇ ଖବର ସଂଗ୍ରହ କରିପାରିବେ ସେନେଇ ତାଲିମ୍ ପାଇବା ଆବଶ୍ୟକ। ଦୁର୍ବିପାକ ଘଟିବା ସମୟ ଓ ଏହାର ତୁରନ୍ତ ପରବର୍ତ୍ତୀ ସମୟରେ ଯୋଗାଯୋଗ ରକ୍ଷାକରିବା, ପୁନରୁଦ୍ଧାର ଓ ଉତ୍ତରଦାୟିତ୍ୱର ମୁଖ୍ୟ ଉପାଦାନ। ଏହା ପ୍ରଭାବିତ ଲୋକ, ପରିବାର ଓ ସମାଜ ସହ ସୋମନଙ୍କୁ ସାହାଯ୍ୟ କରିବାକୁ ଥିବା ଲୋକ, ସହାୟତା କାର୍ଯ୍ୟକ୍ରମ ଓ ଅନ୍ୟ ପରିଜନଙ୍କ ସହ ଯୋଗସୂତ୍ର ରକ୍ଷା କରିବାରେ ସହାୟକ ହୋଇଥାଏ। ଭରସାଯୋଗ୍ୟ ଓ ସହଜସାଧ୍ୟ ଯୋଗାଯୋଗ ଓ ସୂଚନା ବ୍ୟବସ୍ଥା ମଧ୍ୟ ସମାଜରେ ସ୍ଥିରତା ଆଣିବାରେ ସହାୟକ ହୋଇଥାଏ।

'ଯୋଗାଯୋଗ' ଶବ୍ଦଟିର ମନୁଷ୍ୟ ଜୀବନର ସବୁ ସ୍ତରରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ଜଣେ ବ୍ୟକ୍ତି ସମାଜ, ଦେଶ ଓ ବିଶ୍ୱର ଅଂଶ ଅଟେ ଏବଂ ଏମାନଙ୍କୁ ଛାଡି ନିର୍ବାସିତ ହୋଇ

ରହିପାରିବ ନାହିଁ। ସାଧାରଣ ପରିସ୍ଥିତିରେ ମନୁଷ୍ୟ ନିଜ ସାଥି ମନୁଷ୍ୟଙ୍କ ସହ ଭାବ ଆଦାନପ୍ରଦାନ କରିଥାଆନ୍ତି ଏବଂ କୌଣସି ଦୁର୍ବିପାକ ସମୟରେ ଅଧିକ ଭାବ ଆଦାନ ପ୍ରଦାନ କରିବାକୁ ଚାହିଁଥାଆନ୍ତି।

ଯୋଗାଯୋଗର ଦୁଇଟି ଦିଗ ରହିଛି। ପ୍ରଥମଟି ହେଉଛି ବସ୍ତୁଗତ। ଯେଉଁଥିରେ ଉନ୍ନତ ଜ୍ଞାନକୌଶଳ ମାଧ୍ୟମରେ ବିଭିନ୍ନ ଯନ୍ତ୍ରର ବ୍ୟବହାର କରାଯାଇଥାଏ। ଆଧୁନିକ ପ୍ରଯୁକ୍ତିବିଦ୍ୟା ଓ ସାଟେଲାଇଟ୍ ଦ୍ୱାରା ଆମେ ଟେଲିଭିଜନ୍ କାର୍ଯ୍ୟକ୍ରମଗୁଡିକୁ ବିଶ୍ୱବ୍ୟାପୀ ପ୍ରସାରଣ କରିପାରୁଛୁ। ସାଟେଲାଇଟ୍ ଫୋନ୍ ଓ ଇଣ୍ଟରନେଟ୍ ତତ୍କ୍ଷଣାତ୍ ଯୋଗାଯୋଗ କ୍ଷେତ୍ରରେ ବିଶ୍ୱବ୍ୟାପୀ ନୂଆ ସଂଯୋଗ ସୃଷ୍ଟି କରିଛି। ତେଣୁ ଯୋଗାଯୋଗ କ୍ଷେତ୍ରରେ ହାଇଟେକ୍ ଜ୍ଞାନକୌଶଳର ଅଭାବ ନାହିଁ। ଗଣମାଧ୍ୟମ (ଛାପା ଓ ବୈଦ୍ୟୁତିକ) ଯୋଗାଯୋଗର ଭରସାଯୋଗ୍ୟ ଓ ପ୍ରଭାବଶାଳୀ ମାଧ୍ୟମ ଭାବେ କାର୍ଯ୍ୟ କରିଥାଏ। ଅନ୍ୟ ଦିଗଟି ଯାହା ମଧ୍ୟ ବହୁ ଗୁରୁତ୍ୱପୂର୍ଣ୍ଣ ତାହା ହେଲା ତଥ୍ୟଭିତ୍ତିକ। ବାର୍ତ୍ତା ପ୍ରେରଣ କରୁଥିବା ବ୍ୟକ୍ତିର ବାର୍ତ୍ତାରେ ନିହିତ ଥିବା ଅର୍ଥକୁ ବାର୍ତ୍ତା ଗ୍ରହଣ କରୁଥିବା ଲୋକ ବୁଝିପାରିବା ଆବଶ୍ୟକ ଏବଂ ସେ ଏହି ସୂଚନା ନେଇ ଅନୁରୂପ ଢଙ୍ଗରେ ନିଜର ପ୍ରତିକ୍ରିୟା ଦେବା ଆବଶ୍ୟକ। ବାର୍ତ୍ତା ପ୍ରେରଣ କରୁଥିବା ବ୍ୟକ୍ତିର ବାର୍ତ୍ତା ଗ୍ରହଣ କରୁଥିବା ବ୍ୟକ୍ତିର ଦକ୍ଷତା ସମ୍ପର୍କରେ ଜ୍ଞାନ ଥିବା ଆବଶ୍ୟକ ଏବଂ ସେହି ଅନୁସାରେ ବାର୍ତ୍ତା ପ୍ରେରଣ କରିବା ଆବଶ୍ୟକ। ତେଣୁ ବାର୍ତ୍ତାଟି ପ୍ରେରଣ କରିବା ସମୟରେ ଏହା ସ୍ୱଷ୍ଟ ଓ ତଥ୍ୟଭିତ୍ତିକ ହେବା ଆବଶ୍ୟକ। ଏହାର ତଥ୍ୟ ନିର୍ଦ୍ଦିଷ୍ଟ, ଦରକାର ଅନୁଯାୟୀ ଓ ସଂକ୍ଷିପ୍ତ ହେବା ସହ ସହଜ ବୋଧଗମ୍ୟ ଓ ସ୍ୱଷ୍ଟ ଭାଷାରେ ଲେଖାଯିବା ଆବଶ୍ୟକ। ଆଧୁନିକ ଅର୍ଥରେ 'ଯୋଗାଯୋଗ' ଏହାର ପାରମ୍ପରିକ ଅର୍ଥ ସୂଚନାର ପ୍ରସାରଣକୁ ବୁଝାଇବା ସହ ସୂଚନାର ମାନ, ଏହାର ତଥ୍ୟ, ସଂକ୍ଷିପ୍ତତା ଏବଂ ବୋଧଗମ୍ୟତାକୁ ସାମିଲ୍ କରିଛି।

ଦୁର୍ବିପାକ ପରିଚାଳନାର ୪ଟି ପର୍ଯ୍ୟାୟ ଯଥା ପ୍ରଶମନ, ପ୍ରସ୍ତୁତି, ପ୍ରତିକ୍ରିୟା, ପୁନର୍ବସତି କ୍ଷେତ୍ରରେ ଯୋଗାଯୋଗ ପ୍ରଯୁକ୍ତି ବିଦ୍ୟାର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ମାତ୍ର ପ୍ରତିକ୍ରିୟା ଓ ପୁନର୍ବସତି ପର୍ଯ୍ୟାୟରେ ଏବେ ମଧ୍ୟ ପାରମ୍ପରିକ ଯୋଗାଯୋଗ ମାଧ୍ୟମର ବ୍ୟବହାର କରାଯାଉଛି। ଗତ ଦୁଇ ଦଶନ୍ଧି ମଧ୍ୟରେ ବାହାରିଥିବା ନୂତନ ଯୋଗାଯୋଗ ଓ ସୂଚନା ପ୍ରଯୁକ୍ତି ବିଦ୍ୟା ବିଭିନ୍ନ ଯୋଗାଯୋଗ ବ୍ୟବସ୍ଥାର ସମାହାରରେ ଏହି ନୂତନ ସମ୍ଭାବନା ସୃଷ୍ଟି କରିପାରିଛି। ଇଣ୍ଟରନେଟ୍, ମୋବାଇଲ୍ ଫୋନ୍, ଫାକ୍ସ, ଇ-ମେଲ୍, ରେଡିଓ ଏବଂ ଟେଲିଭିଜନ୍ ପରି ବିଭିନ୍ନ ଯୋଗାଯୋଗ ବ୍ୟବସ୍ଥାର ବହୁଳଭାବେ ବ୍ୟବହାର କରାଯାଉଛି। ଫଳରେ ଦୁର୍ବିପାକ ପ୍ରଶମନ ଓ ପ୍ରତିରୋଧ କରିବା ପାଇଁ ଯୋଗାଯୋଗ ପ୍ରଯୁକ୍ତିବିଦ୍ୟାର ବ୍ୟବହାର ବଢୁଛି। ବିପଦ ଓ ଜରୁରୀକାଳୀନ ସମୟ ଯାହାକି ସାଧାରଣତଃ ବିଶୃଙ୍ଖଳିତ ହୋଇଥାଏ ସେହି ସମୟରେ ବିପର୍ଯ୍ୟୟ ପରିଚାଳନାର ସମସ୍ତ ପର୍ଯ୍ୟାୟରେ ଯୋଗାଯୋଗ ସମାଜ ଓ ପରିବେଶର କ୍ଷୟକ୍ଷତି ରୋକିଥାଏ। ଦୁର୍ବିପାକ ଆସିବା ପୂର୍ବରୁ ଏହାର ବିପଦ ସଂପର୍କରେ ଟେଲି କମ୍ୟୁନିକେସନ୍ ମାଧ୍ୟମରେ ସୂଚନା ପ୍ରେରଣ କରାଯିବା ଆବଶ୍ୟକ। ଏହାଦ୍ୱାରା ଲୋକମାନେ ଏହି ଦୁର୍ବିପାକ ପ୍ରଭାବରୁ ରକ୍ଷା ପାଇବା ପାଇଁ ଦରକାରି ପଦକ୍ଷେପ ନେଇପାରିବେ। ରିମୋଟ୍ ସେନ୍ସିଂ ଓ ଗ୍ଲୋବାଲ୍ ପୋଜିସନିଂ ସିଷ୍ଟମ୍ (ଜିପିଏସ୍) ପରି ଅନ୍ୟ ଟେଲି କମ୍ୟୁନିକେସନ୍ ବ୍ୟବସ୍ଥାଗୁଡିକରେ ମଧ୍ୟ ଆସୁଥିବା ବିପର୍ଯ୍ୟୟର ସ୍ଥିତି ଜାଣିବା, ଅଧିକାରୀମାନଙ୍କୁ ସତର୍କ କରିବାରେ ବ୍ୟବହାର କରାଯିବା ଆବଶ୍ୟକ। ଦୁର୍ବିପାକ ସମ୍ପର୍କରେ ଖବର ସଂଗ୍ରହ କରୁଥିବା ସାମ୍ବାଦିକମାନଙ୍କୁ ଏସବୁ ନୂତନ ଯନ୍ତ୍ର ବ୍ୟବହାର ସମ୍ପର୍କରେ ତାଲିମ୍ ଦିଆଯିବା ଆବଶ୍ୟକ।

ସମସ୍ତଙ୍କ ମଧ୍ୟରେ ନିବିଡ ତାଳମେଳ ରହିବା ଅପରିହାର୍ଯ୍ୟ। ଦୁର୍ବିପାକ ସମୟରେ ଦୁର୍ଘଟଣାସ୍ଥଳରେ ପହଂଚି ଏ ସମ୍ପର୍କିତ ଖବର ସଂଗ୍ରହ କରିବାଠାରୁ ଆରମ୍ଭ କରି ବ୍ୟବଚ୍ଛେଦ ପର୍ଯ୍ୟନ୍ତ ସମସ୍ତ ଖବର ସଂଗ୍ରହ କରି ସାମ୍ବାଦିକମାନେ ଏହି ସମୟରେ ଯୋଗାଯୋଗକାରୀର ଭୂମିକା ନିର୍ବାହ କରିଥାନ୍ତି। ତେବେ ସେମାନେ ସମସ୍ତ ବିପଦ ସମ୍ପର୍କରେ ଜ୍ଞାନ ରଖିବା ଆବଶ୍ୟକ ଏବଂ କେଉଁ ପର୍ଯ୍ୟନ୍ତ ସେମାନେ ଯାଇପାରିବେ ଓ କେଉଁ ପର୍ଯ୍ୟନ୍ତ ଯାଇପାରିବେ ନାହିଁ ସେ ସମ୍ପର୍କରେ ମଧ୍ୟ ଜାଣିବା ଆବଶ୍ୟକ। ଜଣେ ଦୁର୍ବିପାକ ପରିଚାଳନା ଅଧିକାରୀ ଗୋଟିଏ ଭଙ୍ଗାଘରେ ପ୍ରବେଶ କରିପାରିବେ କାରଣ ସେ ନିଜକୁ ରକ୍ଷା କରିବା ସହ ସେଠାରେ ଫଶିରହିଥିବା ଆହତଙ୍କୁ ମଧ୍ୟ ଉଦ୍ଧାର କରିବା ସମ୍ପର୍କିତ ତାଲିମ୍ ହାସଲ କରିଛନ୍ତି। ମାତ୍ର ଜଣେ ରିପୋର୍ଟର ବା କ୍ୟାମେରାମ୍ୟାନ୍ ତାଙ୍କୁ ଅନୁସରଣ କରିବା ଉଚିତ୍ ନୁହେଁ କାରଣ ଅନ୍ୟ

କିଛି ଦୁର୍ଘଟଣା ଘଟିଲେ ସେମାନେ ନିଜକୁ ମଧ୍ୟ ରକ୍ଷା କରିପାରିବେ ନାହିଁ। ସାମ୍ବାଦିକ ଓ ଦୁର୍ବିପାକ ପରିଚାଳନା ଅଧିକାରୀ ବିପଦପୂର୍ଣ୍ଣ ସ୍ଥାନଗୁଡ଼ିକୁ ଚିହ୍ନଟ କରି ସେହି ଅନୁସାରେ କାର୍ଯ୍ୟ କରିବା ଆବଶ୍ୟକ। ସାମ୍ବାଦିକମାନେ ସେମାନଙ୍କ ଯୋଗାଯୋଗ ମାଧ୍ୟମ ଯନ୍ତ୍ର ଯଥା ମୋବାଇଲ୍ ଫୋନ୍ ଓ କମ୍ପ୍ୟୁଟର୍ ଗୁଡ଼ିକର ଯତ୍ନ ନେବା ଆବଶ୍ୟକ। କାରଣ ଏଗୁଡ଼ିକରେ ବହୁ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ଥିବାରୁ ଏଗୁଡ଼ିକ ପ୍ରତି ଆକ୍ରମଣ ହେବାର ଆଶଙ୍କା ରହିଛି। ଏହିସବୁ ତଥ୍ୟ ହଜିଗଲେ ଗୋଟିଏ ସମ୍ବାଦ ଏହାର ଦିଗ ହରାଇପାରେ ବା ନିଜ ଜୀବନ କିମ୍ବା ତଥ୍ୟ ପ୍ରଦାନକାରୀର ଜୀବନ ପ୍ରତି ମଧ୍ୟ ବିପଦ ପହଂଚାଇପାରେ।

ଯେଉଁ ସୂଚନା ଗୁରୁତ୍ୱପୂର୍ଣ୍ଣ ସେଗୁଡ଼ିକୁ ରଖିବା ଆବଶ୍ୟକ। ଅଫିସ୍ ବା ହୋଟେଲ୍ ରୁମ୍‌ରେ ରହୁଥିଲେ ସେସବୁ ସ୍ଥାନ ଛାଡ଼ିବା ପୂର୍ବରୁ କମ୍ପ୍ୟୁଟରକୁ ବନ୍ଦ୍ କରିଦେବା ଆବଶ୍ୟକ। ଜଣେ କମ୍ପ୍ୟୁଟର ହିଷ୍ଟ୍ରି, ରିସାଇକେଲ୍ ବିନ୍ ଓ ପାସୱାର୍ଡ ସଫା କରିବା ଓ ବଦଳାଇବା ଆବଶ୍ୟକ। ଓ୍ୟାରଲେସ୍ ନେଟ୍‌ୱର୍କଗୁଡ଼ିକ ସୁରକ୍ଷିତ କି ନୁହେଁ ଓ ଏଥିରେ ପାସ୍‌ୱାର୍ଡ ଦିଆଯାଇଛି କି ନାହିଁ ଯାଂଚ୍ କରିଦେବା ଆବଶ୍ୟକ। ସାଟେଲାଇଟ୍ ଫୋନ୍, ମୋବାଇଲ୍ ଫୋନ୍ ଓ ରେଡ଼ିଓଗୁଡ଼ିକ ବନ୍ଦ୍ ଥିବା ସମୟରେ ମଧ୍ୟ ଏହା କେଉଁଠି ଅଛି ଜାଣିହେବ। ତେଣୁ ଅଜଣା ସ୍ଥାନରେ ଏହାର ବ୍ୟବହାର କମ୍ କରିବା ସହିତ ବ୍ୟବହାର ହେଉନଥିବା ସମୟରେ ଏଥିରୁ ବ୍ୟାଟେରି କାଢ଼ିଦେବା ଆବଶ୍ୟକ। ମୋବାଇଲ୍ ଫୋନ୍‌ଗୁଡ଼ିକରେ ପାସ୍‌ୱାର୍ଡ ଦିଆଯିବା ସହ ଏଥିରେ ଅଟୋଲକ୍ ସୁବିଧା ଅନ୍ କରିବା ଆବଶ୍ୟକ। ଏହାଦ୍ୱାରା ହ୍ୟାକର୍‌ମାନେ ଫୋନଗୁଡ଼ିକୁ ବ୍ୟବହାର କରିପାରିବେ ନାହିଁ।

ବନ୍ୟା ଓ ମହାବାତ୍ୟା ସମୟରେ ଯୋଗାଯୋଗ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିଥିଲା। ଯେତେବେଳେ ସମସ୍ତ ଟେଲିଫୋନ୍ ଲାଇନ୍ ବିଚ୍ଛିନ୍ନ ହୋଇଯାଇଥିଲା ଓ ମୋବାଇଲ୍ ଟାୱାରଗୁଡ଼ିକ ଧରାଶାୟୀ ହୋଇ ଯାଇଥିଲା , ଆନ୍ଧ୍ରପ୍ରଦେଶ ସରକାର ଆଧୁନିକ ପ୍ରଯୁକ୍ତିବିଦ୍ୟାର ଫୋନ୍ ବ୍ୟବହାର କରିଥିଲେ ଯାହା ବେଶ୍ ଉପଯୋଗୀ ହୋଇପାରିଥିଲା। ଓଡ଼ିଶା ଉପକୂଳରେ ହୋଇଥିବା ଫାଇଲିନ୍ ବାତ୍ୟାରେ ମଧ୍ୟ ଆଧୁନିକ ଯୋଗାଯୋଗ ମାଧ୍ୟମର ବ୍ୟବହାର କରାଯାଇଥିଲା। ଆଗୁଆ ସତର୍କତା ସୂଚନା ପ୍ରଦାନକାରୀ ଯନ୍ତ୍ରର ବ୍ୟବହାର ଦ୍ୱାରା ପ୍ରଭାବିତ ହେବାକୁ ଥିବା ସ୍ଥାନକୁ ଖାଲି କରି ହଜାର ହଜାର ଲୋକଙ୍କୁ ସୁରକ୍ଷିତ ସ୍ଥାନକୁ ନିଆଯାଇଥିଲା।

ଲେଖକ ଜଣେ ବରିଷ୍ଠ ସାମ୍ବାଦିକ।

## ନଗଦମୁକ୍ତ କାରବାର ଉପରେ କେନ୍ଦ୍ର ସରକାରଙ୍କ ଗୁରୁତ୍ୱ

ବିମୁଦ୍ରୀକରଣ ପରିପ୍ରେକ୍ଷୀରେ ଓଡ଼ିଶାରେ ଇ-ୱାଲେଟ୍ ଏବଂ ପି.ଓ.ଏସ୍. ମେସିନ୍ ମାଧ୍ୟମରେ ଦୈନିକ କିଣାବିକା ତଥା କାରବାର କରାଯିବା ଉପରେ ଗୁରୁତ୍ୱ ଦିଆଯାଇଛି। ରାଜ୍ୟର ଅଗ୍ରଣୀ ବ୍ୟାଙ୍କ୍‌ର ହିସାବରେ ଭାରତୀୟ ଷ୍ଟେଟ୍ ବ୍ୟାଙ୍କ୍ ନଗଦମୁକ୍ତ କାରବାରକୁ ବ୍ୟାପକ କରିବା ଦିଗରେ ପ୍ରମୁଖ ଭୂମିକା ଗ୍ରହଣ କରିବାକୁ କେନ୍ଦ୍ର ପେଟ୍ରୋଲିୟମ୍ ଓ ପ୍ରାକୃତିକ ବାଷ୍ପ ମନ୍ତ୍ରୀ ଶ୍ରୀ ଧର୍ମେନ୍ଦ୍ର ପ୍ରଧାନ ଗୁରୁତ୍ୱାରୋପ କରିଛନ୍ତି। ଗତ ୨୬.୧୧.୨୦୧୬ ଦିନ ଭୁବନେଶ୍ୱରସ୍ଥିତ ଭାରତୀୟ ଷ୍ଟେଟ୍ ବ୍ୟାଙ୍କ୍‌ର ଆଞ୍ଚଳିକ କାର୍ଯ୍ୟାଳୟଠାରେ ବିମୁଦ୍ରୀକରଣ ପରବର୍ତ୍ତୀ ପରିସ୍ଥିତି ଏବଂ କେନ୍ଦ୍ରୀୟ ସଂସ୍ଥାମାନଙ୍କ ଭୂମିକା ସମ୍ପର୍କରେ ସମୀକ୍ଷା କରିବା ଅବସରରେ କେନ୍ଦ୍ର ପେଟ୍ରୋଲିୟମ୍ ମନ୍ତ୍ରୀ ଏହା କହିଛନ୍ତି। ସେ କହିଛନ୍ତି ଯେ, ଓଡ଼ିଶାରେ ଏବେ କେନ୍ଦ୍ର ସୂଚନା ଓ ପ୍ରଯୁକ୍ତିବିଦ୍ୟା ମନ୍ତ୍ରଣାଳୟର କମନ୍ ସର୍ଭିସ ସେଣ୍ଟର (ସି.ଏସ୍.ସି.) ପଞ୍ଚାୟତ ସ୍ତରରେ କାର୍ଯ୍ୟ କରୁଛି ଏବଂ ଏହାର ୬୯୧୬ଟି କେନ୍ଦ୍ର ରହିଛି। ସି.ଏସ୍.ସି. ଏବଂ ନେହେରୁ ଯୁବ କେନ୍ଦ୍ରର ସ୍ୱେଚ୍ଛାସେବୀମାନଙ୍କ ଜରିଆରେ ଇ-ୱାଲେଟ୍ ଏବଂ ବି.ଓ.ଏସ୍. ମେସିନ୍ ବ୍ୟବହାର ସମ୍ପର୍କରେ ବ୍ୟାପକ ସେଚେତନତା ସୃଷ୍ଟି କରିବାକୁ ସେ ଭାରତୀୟ ଷ୍ଟେଟ୍ ବ୍ୟାଙ୍କ୍ ଏବଂ ଓଡ଼ିଶାରେ କାର୍ଯ୍ୟ କରୁଥିବା ଅନ୍ୟାନ୍ୟ ରାଷ୍ଟ୍ରାୟତ ବ୍ୟାଙ୍କ୍‌ମାନଙ୍କୁ ଆହ୍ୱାନ ଦେଇଥିଲେ। ଏକ ନଗଦମୁକ୍ତ ବ୍ୟବସ୍ଥା ଆରମ୍ଭ କରିବା ଦିଗରେ ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦି ବିମୁଦ୍ରୀକରଣ ଜରିଆରେ ଯେଉଁ ପଦକ୍ଷେପ ନେଇଛନ୍ତି, ତାହା ସବୁ ରାଷ୍ଟ୍ରାୟତ୍ତ ସଂସ୍ଥା ଏବଂ ଏଜେନ୍ସି ତଥା ବିଭାଗମାନଙ୍କର ସମନ୍ୱୟ ଓ ସହଯୋଗ ମାଧ୍ୟମରେ ସଫଳ ହୋଇପାରିବ। ତେବେ ପ୍ରଥମ ପଦକ୍ଷେପସ୍ୱରୂପ ଭାରତୀୟ ରେଳବାଇ ଏବଂ ଷ୍ଟେଟ୍ ବ୍ୟାଙ୍କ୍ ମିଳିତ ଉଦ୍ୟମରେ ଭୁବନେଶ୍ୱର ରେଳ ଷ୍ଟେସନ୍‌ରେ ଡିଜିଟାଲ୍ ଅନ୍ତର୍ଭୁକ୍ତୀକରଣ ଓ ସାକ୍ଷରତା କେନ୍ଦ୍ର ଖୋଲିବାକୁ କେନ୍ଦ୍ରମନ୍ତ୍ରୀ ଶ୍ରୀ ପ୍ରଧାନ ପରାମର୍ଷ ଦେଇଥିଲେ। ଭାରତୀୟ ଷ୍ଟେଟ୍ ବ୍ୟାଙ୍କ୍ ସାମ୍ପ୍ରତିକ ପରିସ୍ଥିତିରେ ତା'ର ନିଜସ୍ୱ ଇ-ୱାଲେଟ୍ ଓ ପି.ଓ.ଏସ୍. ମେସିନ୍‌ର ବ୍ୟାପକ ପ୍ରଚଳନ ଦିଗରେ ଉଦ୍ୟମ କରିବାକୁ ସେ କହିଥିଲେ। ସଙ୍ଗଠିତ କ୍ଷେତ୍ର ଅପେକ୍ଷା ଅସଙ୍ଗଠିତ କ୍ଷେତ୍ରରେ କାର୍ଯ୍ୟରତ ଶ୍ରମିକ ଓ ଠିକା କର୍ମଚାରୀମାନଙ୍କୁ ନଗଦ ଆକାରରେ ପାରିଶ୍ରମିକ ଦେବା ପ୍ରଧାକୁ ବନ୍ଦ୍ କରି ବ୍ୟାଙ୍କ୍ ମାଧ୍ୟମରେ ଦେୟ ପୈଠ ବ୍ୟବସ୍ଥା କାର୍ଯ୍ୟକାରୀ କରିବାକୁ କେନ୍ଦ୍ର ପେଟ୍ରୋଲିୟମ୍ ମନ୍ତ୍ରୀ ସବୁ କେନ୍ଦ୍ରୀୟ ବିଭାଗ ଓ ରାଷ୍ଟ୍ରାୟତ ସଂସ୍ଥାକୁ ପରାମର୍ଶ ଦେଇଥିଲେ। ସେହିପରି ରାଜ୍ୟରେ ଡାକ ବିଭାଗର ବ୍ୟାପକ ନେଟ୍‌ୱାର୍କ ରହିଥିବାରୁ ସବୁ ଡାକ ଘରକୁ ଆର୍ଥିକ ସମ୍ପୃକ୍ତିକରଣ ଓ ହିଜିଟାଲ୍ ସାକ୍ଷରତା ତଥା ନଗଦମୁକ୍ତ କାରବାରର ପେଣ୍ଟସ୍ଥଳୀ ରୂପେ ପରିଣତ କରିବାକୁ ସେ ଆହ୍ୱାନ ଦେଇଥିଲେ।

# ବିମୁଦ୍ରୀକରଣ ଦେଶରେ ଇ-କାରବାରକୁ ପ୍ରୋତ୍ସାହିତ କରିବ - ଅରୁଣ ଜେଟଲୀ

ବିମୁଦ୍ରୀକରଣ ନିଷ୍ପତି ଭବିଷ୍ୟତରେ ଭାରତର ଅର୍ଥବ୍ୟବସ୍ଥାକୁ ମଜବୁତ୍ କରିବ । ଏହାଦ୍ୱାରା ଦେଶରେ ଇଲେକ୍ଟ୍ରୋନିକ ତଥା ଡିଜିଟାଲ ନଗଦ ଦେଣନେଣ ସମ୍ଭବ ହୋଇପାରିବ । ବିନା ଟଙ୍କା ପଇସାରେ ସାଧାରଣ ଲୋକେ ମଧ୍ୟ ଇ-କାରବାର ମାଧ୍ୟମରେ ଦୈନନ୍ଦିନ ଖର୍ଚ୍ଚ ତୁଲାଇପାରିବେ । ଏପରିକି ଅସଂଗଠିତ କ୍ଷେତ୍ରର ଶ୍ରମିକ କର୍ମଚାରୀମାନଙ୍କ ପାଉଣା ବ୍ୟବସ୍ଥା ମଧ୍ୟ ସ୍ୱଚ୍ଛ, ସଠିକ୍ ଓ ପାରଦର୍ଶୀ ହୋଇପାରିବ । ୦୧.୧୨.୨୦୧୬ ରେ ଭୁବନେଶ୍ୱରଠାରେ ମେକ୍-ଇନ୍-ଇଣ୍ଡିଆ ଅନ୍ତର୍ଗତ ମେକ୍-ଇନ୍-ଓଡିଶା କନକ୍ଲେଭ କାର୍ଯ୍ୟକ୍ରମରେ ଉଦ୍‌ବୋଧନ ଦେଇ କେନ୍ଦ୍ର ଅର୍ଥ ଓ ଔଦ୍ୟୋଗିକ ବ୍ୟାପାର ମନ୍ତ୍ରୀ ଶ୍ରୀ ଅରୁଣ ଜେଟଲୀ ଏହା କହିଛନ୍ତି । ଏହି ଅବସରରେ ଶ୍ରୀ ଜେଟଲୀ ଧାମରା-ପାରାଦୀପ କରିଡର ମାଷ୍ଟର ପ୍ଲାନ୍ କୁ ଉନ୍ମୋଚନ କରିଥିଲେ ।

ଶ୍ରୀ ଜେଟଲୀ କହିଥିଲେ ଯେ, ବିମୁଦ୍ରୀକରଣ ପଦକ୍ଷେପ କଳାଧନ ଓ ଭ୍ରଷ୍ଟାଚାରକୁ ରୋକିପାରିବ । ଅପରପକ୍ଷରେ ବସ୍ତୁ ଓ ସେବା କର (GST) ଟିକସ ନେଟୱାର୍କକୁ ପରିବ୍ୟାପ୍ତ କରିବ ଏବଂ ପ୍ରଚଳିତ ଅପ୍ରତ୍ୟକ୍ଷ ଟିକସ ବ୍ୟବସ୍ଥାରେ ଥିବା ଅନେକ ତୃଟି ବିଚ୍ୟୁତିକୁ ସୁଧାରିବ । ଟିକସ ଫାଙ୍କିକୁ ମଧ୍ୟ ରୋକିବ । ବର୍ତମାନର ବ୍ୟବସ୍ଥାରେ ତୃଟି ବିଚ୍ୟୁତିର ଫାଇଦା ଉଠାଇ ଅନେକ ବେପାର-ବଣିଜ ପ୍ରତିଷ୍ଠାନ ଓ ବେପାରୀ ଟିକସ ଫାଙ୍କୁଥିବା ବେଳେ ବସ୍ତୁ ଓ ସେବା କର ତଥା ଇ-କାରବାର ଲାଗୁ ହେଲେ ଏହା ଆଉ ହୋଇପାରିବ ନାହିଁ । ଏହାଛଡା ଜିଏସଟି ବ୍ୟବସ୍ଥା ଆମର ଅର୍ଥନୀତିକୁ ଆହୁରି ମଜବୁତ୍ କରିବ ଏବଂ ବିଶ୍ୱରେ ଆମର ଆର୍ଥିକ ପ୍ରଦର୍ଶନ ଅଧିକ ବଳବାନ ହେବ ।

ଅର୍ଥମନ୍ତ୍ରୀ କହିଥିଲେ ଯେ, ଓଡିଶାର ଉନ୍ନତି ପାଇଁ କେନ୍ଦ୍ର ସରକାର ରାଜ୍ୟ ସରକାରଙ୍କ ସହ କାନ୍ଧକୁ କାନ୍ଧ ମିଳାଇ ଚାଲିବାକୁ ଚାହାନ୍ତି । ରାଜ୍ୟ ସରକାର ଯେଉଁ ଭିଜନ-୨୦୨୫ ପ୍ରସ୍ତୁତ କରିଛନ୍ତି ତାହାକୁ ଫଳପ୍ରସୂ କରିବା ଦିଗରେ କେନ୍ଦ୍ର ସମସ୍ତ ସହଯୋଗ କରିବ । କେନ୍ଦ୍ର ସରକାର ଓଡିଶା ତଥା ପୂର୍ବ-ଭାରତର ଆର୍ଥିକ ବିକାଶ ଗତିବିଧିକୁ ସଂସ୍କାର ମାଧ୍ୟମରେ ଆହୁରି ତ୍ୱରାନ୍ୱିତ କରିବାକୁ ଲକ୍ଷ୍ୟ ରଖିଛନ୍ତି । ଓଡିଶାର ବିକାଶ ହେଲେ ଦେଶର ବିକାଶକୁ ବଳ ମିଳିବ । ତେବେ ରାଜ୍ୟର ବିକାଶ କ୍ଷେତ୍ରରେ ମଧ୍ୟ କେତେକ ଚାଲେଞ୍ଜ ରହିଛି ଏବଂ କେତେକ ସୁବିଧା ମଧ୍ୟ ରହିଛି । ଏଣୁ ବର୍ତମାନର ଚାଲେଞ୍ଜକୁ ସୁବିଧା ବା ଅନୁକୂଳ ବାତାବରଣରେ ପରିବର୍ତନ କରିବା ଲାଗି ରାଜ୍ୟ ସରକାର ସଂସ୍କାର ଓ ପରିବର୍ତନ ଉପରେ ଅଧିକ ଧ୍ୟାନ ଦେବାକୁ ପଡିବ ।

ସେ କହିଥିଲେ ଯେ, ଅର୍ଥ ଆୟୋଗଙ୍କ ସୁପାରିଶ ଅନୁସାରେ ରାଜ୍ୟକୁ ପୂର୍ବାପେକ୍ଷା ଅଧିକ ଆର୍ଥିକ ଅନୁଦାନ ରାଶି ଉପଲବ୍ଧ ହେଉଛି । ରାଜ୍ୟରେ ସାମର୍ଥ୍ୟବାନ ଓ ଦକ୍ଷ ମାନବ ସମ୍ବଳ ମଧ୍ୟ ରହିଛି । ଏସବୁର ସଦୁପଯୋଗ କରାଯିବା ଆବଶ୍ୟକ । ଶ୍ରୀ ଜେଟଲୀ କହିଥିଲେ ଯେ, ବିଶ୍ୱରେ ମାନ୍ଦାବସ୍ଥା ଯୋଗୁଁ ଖଣିଜ କ୍ଷେତ୍ର ଉପରେ କୁ-ପ୍ରଭାବ ପଡିଥିଲା । ତେବେ ବର୍ତମାନ ଏହି ପରିସ୍ଥିତିରେ ଉନ୍ନତି ଘଟିଛି । ଓଡିଶାରେ ମଧ୍ୟ ଖଣିଜ କ୍ଷେତ୍ର ଏବଂ ଖଣିଜ ଆଧାରିତ ଶିଳ୍ପର ବିକାଶ ପାଇଁ ପ୍ରଭୂତ ଓ ପ୍ରକୃଷ୍ଟ କ୍ଷେତ୍ର ରହିଛି ।

ବସ୍ତୁ ଓ ସେବା କର ବ୍ୟବସ୍ଥା ପ୍ରଣୟନ କ୍ଷେତ୍ରରେ ଓଡିଶାର ଭୂମିକାକୁ ପ୍ରଶଂସା କରି କେନ୍ଦ୍ର ଅର୍ଥମନ୍ତ୍ରୀ କହିଥିଲେ ଯେ, ଆମେ ବିଶ୍ୱର ଆର୍ଥିକ ଦୃଶ୍ୟପଟ ଏବଂ ପରିସ୍ଥିତିକୁ କିଭଳି ଦୃଷ୍ଟିରେ ଦେଖିବା ଏବଂ ଏହାର ସାମନା କରିବା - ତାହା ହେଉଛି ବଡ ପ୍ରସଂଗ । ତେବେ ରାଜ୍ୟମାନଙ୍କର ସହଯୋଗରେ ଅନେକ କିଛି ଆର୍ଥିକ ସଫଳତା ହାସଲ କରାଯାଇପାରିବ ବୋଲି ଶ୍ରୀ ଜେଟଲୀ ସୂଚନା ଦେଇଥିଲେ ।

ଏହି କନକ୍ଲେଭରେ ମୁଖ୍ୟମନ୍ତ୍ରୀ ଶ୍ରୀ ନବୀନ ପଟ୍ଟନାୟକ, କେନ୍ଦ୍ର ପେଟ୍ରୋଲିୟମ ମନ୍ତ୍ରୀ ଶ୍ରୀ ଧର୍ମେନ୍ଦ୍ର ପ୍ରଧାନ, ଉଦ୍ୟୋଗ ଜଗତର ନେତୃମଣ୍ଡଳୀ ଏବଂ ଅନେକ ପୁଞ୍ଜିନିବେଶକାରୀ ଅଂଶଗ୍ରହଣ କରିଥିଲେ ।

# ଆପଣ ଜାଣନ୍ତି କି ?

## ମିଳିତ ଜାତିସଂଘ ଦୁର୍ବିପାକ ବିବରଣୀ ଓ ସମନ୍ୱୟ ସଂସ୍ଥା (ୟୁଏନ୍‌ଡିଏସି)

ଅକସ୍ମାତ୍ ଜରୁରୀକାଳୀନ ପରିସ୍ଥିତିର ମୁକାବିଲା କରିବା ନିମନ୍ତେ ଅନ୍ତର୍ଜାତୀୟ ଜରୁରୀକାଳୀନ ପ୍ରତିକ୍ରିୟା ବ୍ୟବସ୍ଥାର ଏକ ବିଭାଗ ଭାବେ ମିଳିତ ଜାତିସଂଘ ଦୁର୍ବିପାକ ବିବରଣୀ ଓ ସମନ୍ୱୟ ସଂସ୍ଥା (ୟୁଏନ୍‌ଡିଏସି) କାର୍ଯ୍ୟ କରୁଛି। ବିଶ୍ୱର ଯେକୌଣସି ସ୍ଥାନରେ ଦୁର୍ବିପାକ ପ୍ରଭାବିତ ଅଂଚଳର ସରକାରଙ୍କ ଅନୁରୋଧ କ୍ରମେ ମାନବିକତା ବ୍ୟାପାର ସମ୍ବନ୍ଧୀୟ ସମନ୍ୱୟ କାର୍ଯ୍ୟାଳୟ (ଓସିଏଚ୍ଏ) ସମ୍ପୃକ୍ତ ଦେଶକୁ ୧୨ରୁ ୪୮ ଘଣ୍ଟା ମଧ୍ୟରେ ଏକ ୟୁଏନ୍‌ଡିଏସି ଦଳ ପଠାଇଥାଏ। ଅକସ୍ମାତ୍ ଦୁର୍ଘଟଣା ଘଟିଲେ ୟୁଏନ୍‌ଡିଏସି ଦଳ କ୍ଷୟକ୍ଷତି, ଆକଳନ ଓ ଦୁର୍ଘଟଣାରେ ସମନ୍ୱୟ ଓ ସୂଚନା ବିତରଣ ଆଦି ବିଭିନ୍ନ ସେବା ଯୋଗାଇ ଦେଇଥାଏ।

ଆଂଚଳିକ, ଜାତୀୟ ଓ ଅନ୍ତର୍ଜାତୀୟ ସ୍ତରରେ ସମନ୍ୱୟ ରକ୍ଷା କରି ତ୍ୱରିତ ପଦକ୍ଷେପ ନେବା ଉଦ୍ଦେଶ୍ୟରେ ୧୯୯୩ ମସିହାରେ ୟୁଏନ୍‌ଡିଏସି ଗଠନ କରାଯାଇଥିଲା। ଦୁର୍ବିପାକ ସମୟରେ ଅନ୍ତର୍ଜାତୀୟ ସହାୟତା ପରିଚାଳନା କରିବା ପାଇଁ ମିଳିତ ଜାତିସଂଘ ଏକ ଅନ୍-ସାଇଟ୍ ଅପରେସନ୍ସ୍ କୋଅର୍ଡିନେସନ୍ ସେଣ୍ଟର୍ (ଓଏସ୍ଓସିସି) ମଧ୍ୟ ସ୍ଥାପନ କରିଛି। ୟୁଏନ୍‌ଡିଏସିରେ ୭୦ରୁ ଊର୍ଦ୍ଧ୍ୱ ସଭ୍ୟ ଓ ଦେଶ ସହିତ ଓସିଏଚ୍ଏ କର୍ମଚାରୀ ଏବଂ ମିଳିତ ଜାତିସଂଘ ଏଜେନ୍ସି ସହିତ ୧୬ଟି ଅନ୍ତର୍ଜାତୀୟ ଓ ଆଂଚଳିକ ସଂସ୍ଥା ଅନ୍ତର୍ଭୁକ୍ତ ଅଛନ୍ତି। ଏଥିସହ ଓସିଏଚ୍ଏ ଏକ କ୍ଲଷ୍ଟର ନିର୍ମାଣ କରିଛି ଯେଉଁଥିରେ ଅଣ-ମିଳିତ ଜାତିସଂଘ ଏଜେନ୍ସି ଯେପରିକି ଏନ୍‌ଜିଓମାନେ ସମନ୍ୱୟ ଭିତ୍ତିରେ ମାନବିକ ସହାୟତା ଯୋଗାଇ ଦେଇପାରିବେ। ଏଥିରେ ୧୧ଟି ବିଭିନ୍ନ ପ୍ରକାର କ୍ଲଷ୍ଟର ରହିଛି ଏବଂ ପ୍ରତି କ୍ଲଷ୍ଟର ଏକ ନିର୍ଦ୍ଦିଷ୍ଟ ବିଭାଗ ଉପରେ ଦୃଷ୍ଟି ନିବଦ୍ଧ କରି କାର୍ଯ୍ୟ କରିଥାଏ। ପ୍ରତି କ୍ଲଷ୍ଟର ଗୋଟିଏ ବା ଦୁଇଟି ମିଳିତ ଜାତିସଂଘ ସଂସ୍ଥା ବା ଏଜେନ୍ସି ଦ୍ୱାରା ପରିଚାଳିତ ହୋଇଥାଏ। ଉଭୟ ୟୁଏନ୍‌ଡିଏସି ଦଳ ଓ ଓସିଏଚ୍ଏ କ୍ଲଷ୍ଟର ସେମାନଙ୍କ ଉଦ୍ୟମରେ ସମନ୍ୱୟ ରକ୍ଷା କରି ମିଳିତ ଜାତିସଂଘ ରେସିଡେଣ୍ଟକୋଅର୍ଡିନେଟର ଓ ମିଳିତ ଜାତିସଂଘ ହ୍ୟୁମାନିଟାରିଆନ୍ କୋଅର୍ଡିନେଟରଙ୍କ ସହ ଦୁର୍ବିପାକ ପ୍ରଭାବିତ ଦେଶ ସମ୍ପର୍କରେ ଆଲୋଚନା କରିଥାଆନ୍ତି।

ଅଧିକାଂଶ କ୍ଲଷ୍ଟର ଦୁର୍ବିପାକ ପରବର୍ତ୍ତୀ ସମୟରେ କାର୍ଯ୍ୟ କରିଥାନ୍ତି। ତେବେ ମିଳିତ ଜାତିସଂଘ ବିକାଶ କାର୍ଯ୍ୟକ୍ରମ ପୁନଃଥଇଥାନ ନେଇ କାର୍ଯ୍ୟ କରିବା ପାଇଁ ଏକ ଶୀଘ୍ର ଉଦ୍ଧାରକାରୀ କ୍ଲଷ୍ଟର ନିର୍ମାଣ କରିଛନ୍ତି, ଯାହା ଥଇଥାନ ସମ୍ପର୍କିତ ଦୀର୍ଘସୂତ୍ରୀ ଯୋଜନା ଉପରେ କାର୍ଯ୍ୟ କରିବ। ଏହି କ୍ଲଷ୍ଟର ମାଧ୍ୟମରେ ୟୁଏନ୍‌ଡିପି ବିକାଶ କାର୍ଯ୍ୟକ୍ରମ ସହ ମାନବିକତା ଉଦ୍ୟମକୁ ସାମିଲ୍ କରିଛି। ଏହି କ୍ଲଷ୍ଟରର ଲକ୍ଷ୍ୟ ହେଲା ମାନବିକତା ସମ୍ପର୍କିତ କାର୍ଯ୍ୟକ୍ରମକୁ ନିରନ୍ତର ବିକାଶରେ ପରିଣତ କରିବା ସହ ଦୀର୍ଘସ୍ଥାୟୀ ଭିତ୍ତିଭୂମୀ ନିର୍ମାଣ କରିବା।

# ବିକାଶର ରୋଡ୍‌ମ୍ୟାପ୍

## ଯୁବବର୍ଗଙ୍କ ମଧ୍ୟରେ ମୋବାଇଲ୍ ଓ ଡିଜିଟାଲ୍ ବ୍ୟାଙ୍କିଙ୍ଗ ସେବା କ୍ୟାମ୍ପେନ୍

ଅନ୍‌ଲାଇନ୍ ବ୍ୟାଙ୍କିଙ୍ଗ୍ ସୁବିଧାକୁ ପ୍ରୋତ୍ସାହିତ କରିବା ଏବଂ କ୍ୟାସ୍‌ଲେସ୍ ଟ୍ରାନ୍‌ଜାକ୍‌ସନ୍ ବା ଟଙ୍କାବିହୀନ କାରବାର ସମ୍ପର୍କରେ ଯୁବବର୍ଗ ଲୋକଙ୍କୁ ସଚେତନ କରାଇବା ଉଦ୍ଦେଶ୍ୟରେ କ୍ରୀଡା ଓ ଯୁବବ୍ୟାପାର ମନ୍ତ୍ରଣାଳୟ ପକ୍ଷରୁ ଯୁବବର୍ଗଙ୍କ ନିମନ୍ତେ ମୋବାଇଲ୍ ଓ ଡିଜିଟାଲ୍ ବ୍ୟାଙ୍କିଙ୍ଗ୍ ସେବା କ୍ୟାମ୍ପେନ୍ ନୂଆଦିଲ୍ଲୀଠାରେ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମ 'ୟୁଥ୍ ଫର୍ ଡିଜିଟାଲ୍ ପୈସା' ନେହରୁ ଯୁବ କେନ୍ଦ୍ର ସଂଗଠନ ଦ୍ୱାରା ଆୟୋଜିତ ହୋଇଥିଲା। କେବଳ ଦିଲ୍ଲୀ ନୁହେଁ ଏହାର ଆଖପାଖ ଅଂଚଳର ଛଅଶହରୁ ଅଧିକ ଯୁବକଯୁବତୀ ଏହି କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ। ନେହରୁ ଯୁବ କେନ୍ଦ୍ର ସଂଗଠନର ଏକ ସ୍ୱତନ୍ତ୍ର ଦଳ କାର୍ଯ୍ୟକ୍ରମ ଆୟୋଜନ ସ୍ଥଳରେ ହିଁ ବିଭିନ୍ନ ପରୀକ୍ଷା ଓ ସାକ୍ଷାତକାର କରାଇ ସେଠାରେ ଉପସ୍ଥିତ ଯୁବକଯୁବତୀଙ୍କ ମଧ୍ୟରୁ ଶହେ ଜଣ ପ୍ରତିଭାବାନ୍ ଯୁବକଯୁବତୀଙ୍କୁ ଚୟନ କରିଥିଲେ। ଏହି ଶହେ ଜଣ ମନ୍ତ୍ରଣାଳୟର ନେହରୁ ଯୁବ କେନ୍ଦ୍ର ସଂଗଠନ ସହ ଏକ ମାସ ପାଇଁ କାର୍ଯ୍ୟ କରିବେ ଏବଂ ଏହି ସମୟ ମଧ୍ୟରେ ସେମାନେ ଶହେଟି ପରିବାରକୁ ଡିଜିଟାଲ ବ୍ୟାଙ୍କିଙ୍ଗ ସମ୍ପର୍କରେ ଶିକ୍ଷିତ ବା ସଚେତନ କରାଇବା ପାଇଁ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି। ଏଥିପାଇଁ ସେମାନଙ୍କୁ ୧୦ ହଜାର ଟଙ୍କାର ପାରିଶ୍ରମିକ ମଧ୍ୟ ମିଳିବ।

### New Rates for Subscription of Journals

| S.No | Name of the Journal | Subscription Price Per Copy Rs | Subscription Price for 1 Year Rs | Subscription Price for 2 Years Rs | Subscription Price for 3 Years Rs | Subscription Price for Special Issue Rs |
|---|---|---|---|---|---|---|
| 1 | Yojana * | 22 | 230 | 430 | 610 | 30 |
| 2 | Kurukshetra * | 22 | 230 | 430 | 610 | 30 |
| 3 | Ajkal * | 22 | 230 | 430 | 610 | 30 |
| 4 | Bal Bharti * | 15 | 160 | 300 | 420 | 20 |
| 5 | Employment News # | 12 | 530 | 1000 | 1400 | NA |

* The prices of Journals are being revised from April 2016 issue onwards
\# The price of Employment News is being revised from 6th February 2016 issue onwards

YOJANA (Odia) : Monthly January 2017 RNI No. 57203/93
ISSN 0971-8346
Total Number of Pages (56)

# କେନ୍ଦ୍ରୀୟ ତଥା ରାଜ୍ୟ ସିଭିଲ ସର୍ଭିସ ଆଶାୟୀ ପ୍ରତିଯୋଗୀମାନଙ୍କୁ ଏକ ଆହ୍ୱାନ

ସମ୍ମାନଜନକ ସିଭିଲ ସର୍ଭିସ ଓ ଅନ୍ୟାନ୍ୟ ନିଯୁକ୍ତି ସଂକ୍ରାନ୍ତ ପ୍ରତିଯୋଗିତାମୂଳକ ପରୀକ୍ଷା ପାଇଁ ନିଜ ନିଜକୁ ଉପଯୁକ୍ତ ପ୍ରତିଯୋଗୀ ରୂପେ ଗଢ଼ିତୋଳନ୍ତୁ ।

## ଯୋଜନା ପଢନ୍ତୁ ଏବଂ ଜ୍ଞାନ ପରିସର ପରିବ୍ୟାପ୍ତ କରନ୍ତୁ ।

ଯୋଜନା, ଦେଶର ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟକ୍ରମ ପ୍ରତି ସମର୍ପିତ, ଜାତୀୟ ତଥା ସାଂପ୍ରତିକ ଜ୍ୱଳନ୍ତ ସମସ୍ୟାବଳୀ, ଅର୍ଥନୈତିକ ଓ ସାମାଜିକ ବିକାଶ, କୃଷି, ଶିଳ୍ପ, ବାଣିଜ୍ୟ, ପରିବହନ, ଯୋଗାଯୋଗ, ଖାଉଟୀସୁରକ୍ଷା, ପରିବେଶ ସଂରକ୍ଷଣ, ପଞ୍ଚାୟତିରାଜ ଏବଂ ଗ୍ରାମ୍ୟ ଉନ୍ନୟନ ବିଷୟ ସାଙ୍ଗକୁ ସାଂସ୍କୃତିକ ତଥା ମହିଳା, ଯୁବ ଓ ଶିଶୁ ବିକାଶ ଇତ୍ୟାଦି ବିଷୟରେ ସୁପ୍ରତିଷ୍ଠିତ ଗବେଷକ ତଥା ବିଶେଷଜ୍ଞମାନଙ୍କ ଦ୍ୱାରା ଲିଖିତ ବିଶ୍ଳେଷଣାତ୍ମକ ପ୍ରବନ୍ଧମାନ ପ୍ରକାଶ କରିଥାଏ । ଯୋଜନା ନିୟମିତ ପଠନ ଦ୍ୱାରା ବିଭିନ୍ନ ପ୍ରତିଯୋଗିତାମୂଳକ ପରୀକ୍ଷାର୍ଥୀ, ମହାବିଦ୍ୟାଳୟ ତଥା ବିଶ୍ୱବିଦ୍ୟାଳୟର ଛାତ୍ରଛାତ୍ରୀ, ଅଧ୍ୟାପକ, ଗବେଷକ, ବୁଦ୍ଧିଜୀବୀ ତଥା ଜ୍ଞାନପିପାସୁ ସାଧାରଣ ପାଠକ ପାଠିକା ଉପକୃତ ହେଉଛନ୍ତି ।

**ଆପଣ ମଧ୍ୟ କାହିଁକି ଉପକୃତ ହେବେ ନାହିଁ ?**

ଯୋଜନାର ଗ୍ରାହକ ହୁଅନ୍ତୁ ଏବଂ ନିଯୁକ୍ତି କ୍ଷେତ୍ର ଲାଗି ନିଜକୁ ଉପଯୁକ୍ତ ପ୍ରତିଯୋଗୀ ରୂପେ ଗଢି ତୋଳନ୍ତୁ ।

## ଓଡିଶାରେ ଯୋଜନା ପତ୍ରିକାର ମୁଖ୍ୟ ଏଜେଣ୍ଟ

* ଅକ୍ଷୟ କୁମାର ନାୟକ, ବସଷ୍ଟାଣ୍ଡ ବୁକ୍ ଷ୍ଟଲ, ଭୁବନେଶ୍ୱର -୯ * ମାଧବ ବୁକ୍ ଷ୍ଟୋର, ବାଦାମବାଡି, କଟକ -୯ * ମୂର୍ତ୍ତି ନ୍ୟୁଜ୍ ଏଜେନସୀ, ଓଲ୍ଡ ବସ୍ ଷ୍ଟାଣ୍ଡ, ବ୍ରହ୍ମପୁର, ଗଞ୍ଜାମ * ଶିବ ଶକ୍ତି, ପୁସ୍ତକାଳୟ ସେକ୍ଟର-୨, ବସ୍‌ଷ୍ଟାଣ୍ଡ, ରାଉରକେଲା । *ଗାୟତ୍ରୀ ଭଣ୍ଡାର, ବସନ୍ତ ବିହାର, ଯୁବଲୀଟାଉନ, ଭାପୁର-ଶଙ୍କରପୁର ରୋଡ, ଢେଙ୍କାନାଳ ଏବଂ ସମସ୍ତ Employment News ବିକ୍ରେତା ।

## "ଯୋଜନା"ର ଗ୍ରାହକ ଦେୟ

* ପ୍ରତି ଖଣ୍ଡ -୨୨/-ଟଙ୍କା, ବାର୍ଷିକ -୨୩୦/-ଟଙ୍କା, ଦ୍ୱିବାର୍ଷିକ -୪୩୦/- ଟଙ୍କା, ତ୍ରୈବାର୍ଷିକ -୬୧୦/-ଟଙ୍କା, ବିଶେଷାଙ୍କ - ୩୦/- ଟଙ୍କା

## ଗ୍ରାହକ ଦେୟ ପଠାଇବା ଠିକଣା :

**Advertisement & Circulation Manager, YOJANA**
**Publications Division, Min. of I & B,**
**Soochna Bhawan, Room 48-53, CGO Complex, Lodi Road, New Delhi - 110003**
**The subscription may be sent through IPO/MO or Bank Draft in favour of the**
**"Director, Publications Division, Ministry of Information & Broadcasting, New Delhi**

Printed and Published by Dr. (Ms) Sadhana Rout, Director General & Head on behalf of Publications Division, Ministry of I & B, Govt. of India, Published from Soochna Bhavan, CGO Complex, Lodhi Road, New Delhi-110003 and Printed at : Print-Tech Offset Pvt. Ltd., Plot No. F66/1 & F66/2, Chandaka Industrial Area, Bhubaneswar - 24
Editor : Dr. Girish Chandra Dash